# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୭/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, July 7/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୨୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଲୁକ୍‌କୁ ନେଇ ଚର୍ଚ୍ଚା**
'ପୋନ୍ନିୟିନ ସେଲବାନ' ଚଳଚ୍ଚିତ୍ରର ପୋଷ୍ଟରରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଲୁକ୍ ନେଇ ଫିଲ୍ମ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଜୋର୍ ଧରିଛି। ୧୦

୧୪ **ଧାୱନ ଅଧିନାୟକ**
ୱେଷ୍ଟଇଣ୍ଡିଜ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଦିନିକିଆ କ୍ରିକେଟ ସିରିଜ ପାଇଁ ଶିଖର ଧାୱନ ଭାରତୀୟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି।



# ମାଟ୍ରିକ ପାସ୍‌ହାର ୯୦.୫୫%



ମାଟ୍ରିକ ପରୀକ୍ଷାଫଳ ପ୍ରକାଶ ପରେ ଖୁସି ମନାଉଛନ୍ତି ଭୁବନେଶ୍ୱର ୟୁନିଟ୍-୩ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ।

- ଏ-୧ ଗ୍ରେଡ୍ ପାଇଲେ ୮,୧୧୯ ପିଲା
- ଜଗତ୍‌ସିଂହପୁରରେ ସର୍ବାଧିକ ୯୬.୩୬% ରେଜଲ୍ଟ
- ଛାତ୍ରୀଙ୍କ ପାସ୍ ହାର ୯୨.୩୭%, ଛାତ୍ରଙ୍କ ୮୮.୭୭%
- ତିନୋଟି ସ୍କୁଲରେ ଫଳ ଶୂନ
- ୧୧ରୁ ରିଚେକିଂ ଆବେଦନ

**ଭୁବନେଶ୍ୱର (ବ୍ୟୁରୋ)/ କଟକ ଅଫିସ, ୬।୭**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ପାସ୍ ହାର ୯୦.୫୫ ପ୍ରତିଶତ ରହିଛି। ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କଟକ ସ୍ଥିତ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବେ ଫଳାଫଳ ଘୋଷଣା କରିଥିଲେ। ଚଳିତ ବର୍ଷ ୫ଲକ୍ଷ ୬୮ହଜାର ୮୧୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୫ଲକ୍ଷ ୧୭ ହଜାର ୮୪୭ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୮,୬୯୯ ଛାତ୍ରୀଛାତ୍ର ଫେଲ୍ ହୋଇଛନ୍ତି। ୪୫,୦୯୧ ପିଲା ଏଥର ପରୀକ୍ଷା ଦେଇ ନାହାନ୍ତି। ସେପଟେ ଏଥର ବି ଝିଅମାନେ ପୁଅଙ୍କୁ ପଛରେ ପକାଇଛନ୍ତି। ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨,୬୦,୯୭୦ ଜଣ ଛାତ୍ରୀ ଥିବାବେଳେ ୨,୫୬,୮୭୭ ଜଣ ଛାତ୍ର ରହିଛନ୍ତି। ଛାତ୍ରୀଙ୍କ ପାସ୍ ହାର ୯୨.୩୭ ପ୍ରତିଶତ ଥିବା ବେଳେ ଛାତ୍ରଙ୍କ ପାସ୍ ହାର ୮୮.୭୭ ପ୍ରତିଶତ ରହିଛି। ତେବେ ୧,୧୭୦ଟି ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ☞ପୃଷ୍ଠା-୪

# ଦେଢ଼ବର୍ଷରେ ୧୩ ଥର ବୃଦ୍ଧି

## ପୁଣି ୫୦ଟଙ୍କା ବଢ଼ିଲା ଘରୋଇ ଏଲ୍‌ପିଜି ଗ୍ୟାସ୍ ମୂଲ୍ୟ

**ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ଏବଂ ବେକାରି ହାର ବୃଦ୍ଧି ଭଳି ପ୍ରମୁଖ ସମସ୍ୟାର ସମାଧାନ କରିବାରେ କେନ୍ଦ୍ର ସରକାର ବିଫଳ ହୋଇଚାଲିଛନ୍ତି। କିନ୍ତୁ ନିୟମିତ ବ୍ୟବଧାନରେ ୧୪.୨ କେ.ଜି.ର ଘରୋଇ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ (ଏଲ୍‌ପିଜି) ସିଲିଣ୍ଡର ପିଛା ମୂଲ୍ୟ ବଢ଼ାଇ ଚାଲିଛନ୍ତି। ଫଳରେ ଦରବୃଦ୍ଧି ଜନିତ ଘୋର ଦୁର୍ଦ୍ଦଶାରେ ଘାଣ୍ଟି ହେଉଥିବା ଜନସାଧାରଣଙ୍କ ଉପରେ ଲଦି ହୋଇଯାଇଛି ଅତିରିକ୍ତ ବୋଝ। ଏହା ଉପଭୋକ୍ତାଙ୍କ ଉପରେ କେନ୍ଦ୍ର ସରକାରଙ୍କ ଯୋଜନାବଦ୍ଧ ମହଙ୍ଗା ମାଡ଼ ବୋଲି ଅନେକେ କ୍ଷୋଭ ପ୍ରକାଶ କରି କହୁଛନ୍ତି। କାରଣ ୨୦୨୧ରୁ ଅଦ୍ୟାବଧି ଦେଢ଼ବର୍ଷ ମଧ୍ୟରେ ୧୩ ଥର ମୂଲ୍ୟବୃଦ୍ଧି ଘଟିଲାଣି।**

**ଭୁବନେଶ୍ୱର,୬।୭(ବ୍ୟୁରୋ)**

ଶେଷ ଥର ପାଇଁ ଗତ ମେ ୭ ତାରିଖରେ ୧୪.୨ କେ.ଜି. ଘରୋଇ ଏଲ୍‌ପିଜି ସିଲିଣ୍ଡର ଉପରେ ୫୦ ଟଙ୍କା ବୃଦ୍ଧି ପାଇଥିଲା। ୨ ମାସ ପରେ ପୁଣି ବୁଧବାର ଏହି ସିଲିଣ୍ଡର ୫୦ ଟଙ୍କା ବୃଦ୍ଧି ପାଇଛି। ଏହି ଦରବୃଦ୍ଧି ଫଳରେ ଭୁବନେଶ୍ୱରରେ ୧୪.୨ କି.ଗ୍ରା ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୧୦୨୯ ଟଙ୍କାରୁ ୧୦୭୯ ଟଙ୍କାରେ ପହଞ୍ଚିଛି। ସେହିପରି ମାଲକାନଗିରିରେ ୧୦୮୨.୫୦ ଟଙ୍କା ଏବଂ କାଳିମେଳାରେ ଅତିରିକ୍ତ ୨୦ ଟଙ୍କା ଅଧିକ ପରିବହନ ଖର୍ଚ୍ଚ ନିଆଯାଉଛି। ଅପରପକ୍ଷରେ ୫ କି.ଗ୍ରା. ଘରୋଇ ସିଲିଣ୍ଡର ଉପରେ ୧୮ ଟଙ୍କା ବଢ଼ିଥିବାବେଳେ ୧୯ କି.ଗ୍ରା. ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ପିଛା ମୂଲ୍ୟ ୮.୫୦ ଟଙ୍କା କମିଛି। ଏହାଦ୍ୱାରା ୫ କି.ଗ୍ରା. ଘରୋଇ ସିଲିଣ୍ଡରର ମୂଲ୍ୟ ୩୯୭ ଟଙ୍କା ହୋଇଥିବାବେଳେ ୧୯ କି.ଗ୍ରା.ସିଲିଣ୍ଡରର ମୂଲ୍ୟ ୨୧୬୦.୫୦ ଟଙ୍କା ହୋଇଛି। ଚଳିତବର୍ଷ ୪ ଥର ଏବଂ ଗତ ମେ ମାସଠାରୁ ଅଦ୍ୟାବଧି ୩ ଥର ଘରୋଇ ଏଲ୍‌ପିଜି ମୂଲ୍ୟବୃଦ୍ଧି ଘଟିଲାଣି। ସେହିଭଳି ନୂଆଦିଲ୍ଲୀରେ ୧୪.୨ କି.ଗ୍ରା. ଏଲ୍‌ପିଜି ସିଲିଣ୍ଡର ଉପରେ ୫୦ ଟଙ୍କା ବୃଦ୍ଧି ପାଇ ୧୦୫୩ ଟଙ୍କାରେ ବିକ୍ରି କରାଯାଉଛି। ☞ପୃଷ୍ଠା-୪



> ଏଲ୍‌ପିଜି ଦର ବୃଦ୍ଧି ଭାଜପା ନେତୃତ୍ୱାଧୀନ ସରକାରଙ୍କ ଜନବିରୋଧୀ ନିଷ୍ପତ୍ତି। କେନ୍ଦ୍ର ମୁଦ୍ରାସ୍ଫୀତି ଜରିଆରେ ଲୋକଙ୍କ ବଜେଟ ଉପରେ ବୁଲ୍‌ଡୋର ଚଢ଼ାଉଛି। ସରକାର କେବଳ ହେଡ୍‌ଲାଇନ୍ସ ମ୍ୟାନେଜ୍ କରୁଛନ୍ତି। କିନ୍ତୁ ଅର୍ଥନୀତିର ପରିଚାଳନା କରିପାରୁ ନାହାନ୍ତି।
>
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**









## କେନ୍ଦ୍ରମନ୍ତ୍ରୀ ନକ୍‌ଭି, ଆର୍‌ସିପି ସିଂ ଇସ୍ତଫା ଦେଲେ

**ନୂଆଦିଲ୍ଲୀ,୬।୭**

ରାଜ୍ୟ ସଭାରେ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଅବ୍ବାସ ନକ୍‌ଭି ଏବଂ ରାମଚନ୍ଦ୍ର ପ୍ରସାଦ ସିଂଙ୍କ କାର୍ଯ୍ୟକାଳ ଶେଷ ହେବାର ଦିନକ ପୂର୍ବରୁ ବୁଧବାର ଉଭୟେ କ୍ୟାବିନେଟ୍‌ରୁ ଇସ୍ତଫା ଦେଇଛନ୍ତି। ଦୁହେଁ ନିଜ ନିଜ ଇସ୍ତଫାପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପଠାଇ ଦେଇଛନ୍ତି। ଦେଶ ପ୍ରତି ନକ୍‌ଭି ଏବଂ ଆର୍‌ସିପି ସିଂଙ୍କ ☞ପୃଷ୍ଠା-୪

## ତହସିଲଦାର, ଅତିରିକ୍ତ ତହସିଲଦାର ନିଲମ୍ବିତ

**ମୃତବ୍ୟକ୍ତିଙ୍କ ନାଁରେ ଜମି ବିକ୍ରି ମାମଲା**

**ବଲାଙ୍ଗୀର ଅଫିସ, ୬।୭**

ଜଣେ ମୃତବ୍ୟକ୍ତିଙ୍କ ନାଁରେ ଜମି ହଡ଼ପ ମାମଲାରେ ରାଜ୍ୟ ସରକାର ବୁଧବାର ବଲାଙ୍ଗୀର ତହସିଲଦାର ମଘବନ ବାଗ ଏବଂ ଅତିରିକ୍ତ ତହସିଲଦାର ହରେକୃଷ୍ଣ ରାଉତଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ଅନ୍ୟପକ୍ଷେ ବଲାଙ୍ଗୀର ସଦର ଥାନା ପୋଲିସ ଏହି ମାମଲାରେ ବଲାଙ୍ଗୀର ତହସିଲ ଅଫିସ୍‌ର ରେକର୍ଡ ☞ପୃଷ୍ଠା-୪

## ଟଙ୍କା ଭର୍ତ୍ତି ଏଟିଏମ୍ ଗାଡ଼ି ନେଇ ଡ୍ରାଇଭର ଫେରାର

**ଖଡ଼ିଆଳ,୬।୭(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ଷ୍ଟେଟ ବ୍ୟାଙ୍କ ଶାଖାରୁ ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବାକୁ ଯାଉଥିବା ଟଙ୍କା ଭର୍ତ୍ତି ଏଟିଏମ୍ ଗାଡ଼ିକୁ ନେଇ ଡ୍ରାଇଭର ଫେରାର ହୋଇଛନ୍ତି। ଗାଡ଼ିରେ ୫୭ ଲକ୍ଷ ୧୨ ହଜାର ଟଙ୍କା ରହିଥିବା ବ୍ୟାଙ୍କ ପକ୍ଷରୁ ସୂଚନା ମିଳିଛି। ଏ ନେଇ ଖଡ଼ିଆଳ ଥାନାରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଆମେରିକା ଗଣତନ୍ତ୍ର ସଙ୍କଟରେ





ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମା ବୁଧବାର ୮୭ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଟୁଇଟ୍ କରିବା ସହ ଫୋନ୍ କରି ତାଙ୍କ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଛନ୍ତି। ତିବ୍ବତ ନାଗରିକମାନେ ବିଶ୍ୱବ୍ୟାପୀ ଏହି ଶାନ୍ତି ନୋବେଲ ବିଜେତାଙ୍କ ଜନ୍ମଦିନ ପାଳିଛନ୍ତି। ଦଲାଇ ଲାମା ଦଶନ୍ଧି ଧରି ଚାଇନାର ଅଗଣତାନ୍ତ୍ରିକ, ଧର୍ମ ବିରୋଧୀ, ଅମାନବୀୟ କାର୍ଯ୍ୟକଳାପକୁ ସର୍ବସମ୍ମୁଖକୁ ଆଣିବା ସହ ଅହିଂସା ଓ ଶାନ୍ତିପୂର୍ଣ୍ଣ ଢଙ୍ଗରେ ବିରୋଧ ଜାରି ରଖିଛନ୍ତି।

## ସଂକ୍ଷେପରେ

### ରୁଷିଆ ମିଶାଇଲ ମାଡ଼ରେ ବ୍ରାଜିଲ ମଡେଲଙ୍କ ମୃତ୍ୟୁ

**କିଭ୍, ୬।୭:** ବ୍ରାଜିଲର ଜଣେ ମଡେଲ ଥାଲିଟୋ ଡୋ ଭାଲ୍ଲେ ସ୍ୱେଚ୍ଛାକୃତ ଭାବେ ଯୁକ୍ରେନ୍ ସୈନ୍ୟଙ୍କ ସହ ରୁଷିଆ ବିରୋଧରେ ଲଢୁଥିବାବେଳେ ମସ୍କୋ ମିଶାଇଲ ମାଡ଼ରେ ତାଙ୍କ ମୃତ୍ୟୁ ଘଟିଛି। ସେ ଖର୍କିଭର ଏକ ବଙ୍କରରେ ଥିବାବେଳେ ରୁଷୀୟ ସୈନ୍ୟ ମିଶାଇଲ ଆକ୍ରମଣ କରିଥିଲେ। ଏହି ୩୯ ବର୍ଷୀୟା ସ୍ନାଇପର ପୂର୍ବରୁ ଇରାକ୍‌ରେ ଇସ୍‌ଲାମିକ୍ ଷ୍ଟେଟ୍ ବିରୋଧରେ ଯୁଦ୍ଧ ଲଢ଼ିଥିଲେ। ଇରାକ୍‌ର କୁର୍ଦ୍ଦିସ୍ତାନରେ ସଶସ୍ତ୍ର ସୈନ୍ୟଙ୍କଠାରୁ ସେ ଯୁଦ୍ଧ ତାଲିମ ନେଇଥିଲେ। ସେହିପରି ଆଉ ଜଣେ ବ୍ରାଜିଲ ଫାଇଟର ଡୋଗଲାସ୍ ବୁରିଗୋଙ୍କ ମଧ୍ୟ କ୍ଷେପଣାସ୍ତ୍ର ମାଡ଼ରେ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ପୂର୍ବ ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣ ଜାରି ରଖିଛି। ଲୁହାନ୍‌ସ୍କ ପରେ ଏବେ ଡୋନେସ୍କକୁ ଦଖଲ କରିବାକୁ ମସ୍କୋ ଲକ୍ଷ୍ୟ ରଖିଛି।



### ମୁସଲମାନ ଧର୍ମଗୁରୁଙ୍କୁ ହତ୍ୟା



**ମୁମ୍ବାଇ, ୬।୭:** ମହାରାଷ୍ଟ୍ରର ନାଶିକ୍‌ରେ ମଙ୍ଗଳବାର ଜଣେ ମୁସଲମାନ ଧର୍ମଗୁରୁ ଖ୍ୱାଜା ସୟଦ୍ ଚିସ୍ତିଙ୍କୁ ଗୁଳିକରି ହତ୍ୟା କରାଯାଇଛି। ଆଫଗାନିସ୍ତାନର ଏହି ଧର୍ମଗୁରୁ ସୁଫି ବାବା ନାମରେ ପରିଚିତ ଥିଲେ। ହତ୍ୟାକାରୀ ସୁଫି ବାବାଙ୍କ ମୁଣ୍ଡକୁ ଗୁଳି କରି ତାଙ୍କରି ଏକ କାର୍‌ରେ ଫେରାର ହୋଇଯାଇଛନ୍ତି। ତାଙ୍କ ଡ୍ରାଇଭର ମୁଖ୍ୟ ଅଭିଯୁକ୍ତ ହୋଇଥିବା କୁହାଯାଉଛି। ସନ୍ଦିଗ୍ଧଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରୁଛି। ସୟଦ୍ ଚିସ୍ତି ନାଶିକ୍‌ର ୟୋଲା ସହରରେ କିଛି ବର୍ଷ ହେଲା ରହୁଥିଲେ। ହତ୍ୟାକାଣ୍ଡ ପଛର ପ୍ରକୃତ କାରଣ ଜଣାପଡିନାହିଁ। ଆଫଗାନିସ୍ତାନ ନାଗରିକ ହୋଇଥିବାରୁ ସେ ଭାରତରେ ଜାଗା କିଣିପାରି ନ ଥିଲେ। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ଏକ ଜମି ରଖିବାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି।

### ସ୍ପାଇସ୍‌ଜେଟ୍‌କୁ କାରଣ ଦର୍ଶାଅ ନୋଟିସ୍

**ନୂଆଦିଲ୍ଲୀ, ୬।୭:** ସ୍ପାଇସ୍‌ଜେଟ ବିମାନରେ ଲଗାତର ୧୮ ଦିନ ମଧ୍ୟରେ ଯାନ୍ତ୍ରିକ ତ୍ରୁଟି ନେଇ ୮ଟି ଘଟଣା ସାମ୍ନାକୁ ଆସିବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବୁଧବାର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ବିମାନରେ ସୁରକ୍ଷା ନିୟନ୍ତ୍ରଣ ବ୍ୟବସ୍ଥା ସୁଚାରୁଭାବେ ପାଳନ କରାଯାଉ ନ ଥିବା ଡିଜିସିଏ କହିଛି। ଘଟଣା ନେଇ ସ୍ପାଇସ୍‌ଜେଟ୍ ପରିଚାଳନା ନିର୍ଦ୍ଦେଶକ ଅଜୟ୍ ସିଂ ନିଜକୁ ଦାୟୀ କରିବା ସହ ଏୟାରଲାଇନ୍ସରେ ଶତପ୍ରତିଶତ ସୁରକ୍ଷା ବ୍ୟବସ୍ଥା ଥିବା ସେ କହିଛନ୍ତି।



ଶ୍ରୀନଗରରେ ଜଣେ କଶ୍ମୀର ପକ୍ଷୀ ଧରାଳୀ ନିଜ ଛାତ ଉପରେ ପାରାଗୁଡ଼ିକୁ ଖାଇବାକୁ ଦେଉଛନ୍ତି।

## ଆଜି ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କ ବାହାଘର



ଡା. ଗୁରପ୍ରୀତ କୌର



ଭଗୱନ୍ତ ସିଂ ମାନ୍

**ଚଣ୍ଡିଗଡ଼, ୬।୭:** ପଞ୍ଜାବ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି)ନେତା ଭଗୱନ୍ତ ସିଂ ମାନ୍ (୪୮) ଦ୍ୱିତୀୟଥର ପାଇଁ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ପଞ୍ଜାବର ଡା. ଗୁରପ୍ରୀତ କୌରଙ୍କୁ ସେ ଗୁରୁବାର ବିବାହ କରିବେ। ଚଣ୍ଡିଗଡ଼ରେ ହେବାକୁ ଥିବା ମାଙ୍ଗଳିକ କାର୍ଯ୍ୟରେ ଉଭୟଙ୍କ ପରିବାର ଓ ସମ୍ପର୍କୀୟ ଯୋଗଦେବେ। ଏ ନେଇ ବହୁ ରାଜନୈତିକ ଦଳର ନେତା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ସାମିଲ ହେବେ। ଗୁରପ୍ରୀତ ଭଗୱନ୍ତ ସିଂହ ମାନ୍‌ଙ୍କ ଭଉଣୀଙ୍କର ଜଣେ ଭଲ ବନ୍ଧୁ। ଉଭୟଙ୍କ ପରିବାର ମଧ୍ୟରେ ପୂର୍ବରୁ ଭଲ ସମ୍ପର୍କ ରହିଛି। ମା' ଓ ଭଉଣୀଙ୍କ ବୁଝାଶୁଝା ପରେ ମାନ୍ ଏହି ବାହାଘର ପାଇଁ ରାଜି ହୋଇଥିବା କୁହାଯାଉଛି। ମାନ୍ ଓ ଗୁରପ୍ରୀତଙ୍କୁ ଅନେକ ସମୟରେ ବହୁସ୍ଥାନରେ ଏକାଠି ଦେଖାଯାଇଥିବାବେଳେ ଦୁହିଁଙ୍କ ସମ୍ପର୍କକୁ ନେଇ ଚର୍ଚ୍ଚା ମଧ୍ୟ ହେଉଥିଲା। ସୂଚନାଯୋଗ୍ୟ ମାନ୍‌ଙ୍କର ଏହା ଦ୍ୱିତୀୟ ବିବାହ। ୨୦୧୫ରେ ପ୍ରଥମ ସ୍ତ୍ରୀ ଇନ୍ଦରଜିତ କୌରଙ୍କୁ ମାନ୍ ଛାଡ଼ପତ୍ର ଦେଇଥିଲେ। ସେମାନଙ୍କର ଦୁଇଟି ସନ୍ତାନ ଅଛନ୍ତି। ମାନ୍‌ଙ୍କଠାରୁ ଅଲଗା ହେବାପରେ ଇନ୍ଦରଜିତ ପୁଅ ଝିଅଙ୍କ ସହ ଆମେରିକାରେ ରହୁଛନ୍ତି। ମାନ୍ ହାସ୍ୟାଭିନେତାରୁ ରାଜନେତା ପାଲଟିବା ପରେ ପରିବାରକୁ ସମୟ ଦେଇ ନ ପାରିବାରୁ ବିବାହ ବିଚ୍ଛେଦ ହୋଇଥିଲା ବୋଲି ମାନ୍ ପୂର୍ବରୁ କହିଥିଲେ। ତେବେ ୨୦୨୨ ମାର୍ଚ୍ଚ୧୬ରେ ପଞ୍ଜାବର ଖଟକର କଲନୀ ଗ୍ରାମରେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ଉକ୍ତ ଉତ୍ସବରେ ମାନ୍‌ଙ୍କ ଝିଅ ସୀରତ (୨୧) ଏବଂ ପୁଅ (୧୭) ଦିଲ୍‌ଶାନଙ୍କୁ ଦେଖିବାକୁ ମିଳିଥିଲା।

# ବଢ଼ିଲା ବୋରିସ୍‌ଙ୍କ ସଙ୍କଟ

**ଲଣ୍ଡନ, ୬।୭**



ଋଷି ସୁନକ



ସାଜିଦ୍ ଜାଭିଦ୍



ୱିଲ୍ କୁଇନ୍ସ



ଲଉରା ଟ୍ରୋଟ୍

ବ୍ରିଟେନ ଅର୍ଥମନ୍ତ୍ରୀ ଋଷି ସୁନକ ଓ ସ୍ୱାସ୍ଥ୍ୟମନ୍ତ୍ରୀ ସାଜିଦ୍ ଜାଭିଦ୍‌ଙ୍କ ପରେ ଆଉ ଦୁଇଜଣ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ଶିଶୁ ଓ ପରିବାର ମନ୍ତ୍ରୀ ୱିଲ୍ କୁଇନ୍ସ ଏବଂ ପରିବହନ କନିଷ୍ଠ ମନ୍ତ୍ରୀ ଲଉରା ଟ୍ରୋଟ୍। କଞ୍ଜରଭେଟିଭ୍ ପାର୍ଟିର ଏହି ୪ ହାଇପ୍ରୋଫାଇଲ ମନ୍ତ୍ରୀ ନିଜ ପଦ ଛାଡ଼ିବା ପରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ଲକ୍‌ଡାଉନ୍ ପାର୍ଟିକୁ ନେଇ ନିକଟରେ ଅନାସ୍ଥା ଭୋଟର ସମ୍ମୁଖୀନ ହୋଇଥିବା ବୋରିସ୍ ବୁଧବାର ହାଉସ୍ ଅଫ୍ କମନ୍ସରେ ପୁଣି ଥରେ ହଟହଟା ହୋଇଛନ୍ତି।

ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର. ନାରାୟଣମୂର୍ତ୍ତିଙ୍କ ଜ୍ୱାଇଁ ତଥା ଭାରତୀୟ ବଂଶୋଦ୍ଭବ ଋଷି ସୁନକ ଏବଂ ପାକିସ୍ତାନ ମୂଳର ସାଜିଦ୍ ଜାଭିଦ୍ ମଙ୍ଗଳବାର ବୋରିସ୍‌ଙ୍କ କ୍ୟାବିନେଟରୁ ଇସ୍ତଫା ଦେଇ ତାଙ୍କ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ଉଠାଇଥିଲେ। ପ୍ରଧାନମନ୍ତ୍ରୀ କେବଳ ବ୍ରିଟେନବାସୀଙ୍କ ଆସ୍ଥା ହରାଇଛନ୍ତି ତାହା ନୁହେଁ, ବରଂ କ୍ୟାବିନେଟ ସହଯୋଗୀମାନେ ମଧ୍ୟ ତାଙ୍କ ଉପରେ ଆଉ ଭରସା କରିପାରୁ ନାହାନ୍ତି ବୋଲି ଉଭୟେ କହିଥିଲେ। ଏହାର ୨୪ ଘଣ୍ଟା ନ ବିତୁଣୁ ୱିଲ୍ କୁଇନ୍ସ ଏବଂ ଲଉରା ଟ୍ରୋଟ୍‌ଙ୍କ ଇସ୍ତଫା ବୋରିସ୍‌ଙ୍କ ସଙ୍କଟ ବଢ଼ାଇଛି। ଏଥିସହ ୫୮ ବର୍ଷୀୟ ବୋରିସ୍‌ଙ୍କୁ ହଟାଇ ତାଙ୍କ ସ୍ଥାନରେ ଟୋରି ପାର୍ଟିର ନୂଆ ନେତା ଚୟନ ପାଇଁ ଦାବି ଉଠିଲାଣି। ଶାସକ ଦଳର ନୂଆ ନେତା ବାଛିବାର ତାତ୍ପର୍ଯ୍ୟ ହେଉଛି, ବୋରିସ୍‌ଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ହଟାଇବା। କରୋନା ମହାମାରୀ ସମୟରେ ସରକାରୀ ଲକ୍‌ଡାଉନ ଜାରି କରାଯାଇଥିବାବେଳେ ଖୋଦ୍ ପ୍ରଧାନମନ୍ତ୍ରୀ ଏହାକୁ ଏକାଧିକ ଥର ଉଲ୍ଲଂଘନ କରିଥିଲେ। ସେତେବେଳେ ବି ତାଙ୍କ ଇସ୍ତଫା ଦାବି ଜୋର ଧରିଥିଲା। କିନ୍ତୁ ସେ ଇସ୍ତଫା ନ ଦେଇ ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାକୁ ପସନ୍ଦ କରିଥିଲେ। ତାଙ୍କ ଦଳର ୪୧ % ଏମ୍‌ପି ବୋରିସ୍‌ଙ୍କ ନେତୃତ୍ୱ ବିରୋଧରେ ଭୋଟ ଦେଇଥିଲେ। ଖୁବ କମ୍ ବ୍ୟବଧାନରେ ବୋରିସ୍ ବର୍ତ୍ତିଯାଇଥିଲେ ହେଁ ଏବେ ଆଉ ଏକ ବିବାଦୀୟ ଘଟଣା ତାଙ୍କ ପ୍ରଧାନମନ୍ତ୍ରୀ ପଦ ଛଡ଼ାଇନେବା ଭଳି ସ୍ଥିତି ଉପୁଜାଇଛି।

ଇତିମଧ୍ୟରେ ଇରାକ୍ ଜନ୍ମିତ ନଧିମ ଜହାୱି(୫୫)ଙ୍କୁ ନୂଆ ଅର୍ଥମନ୍ତ୍ରୀ ନିଯୁକ୍ତ କରାଯାଇଛି। ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ତାଙ୍କ ନିଯୁକ୍ତି ଉପରେ ମୋହର ମାରିଥିବା ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ କୁହାଯାଇଛି। ସେହିପରି ବୋରିସ୍‌ଙ୍କ ଆଉଜଣେ ବିଶ୍ୱସ୍ତ ମାଇକେଲ ଡୋନେଲାନ୍‌ଙ୍କୁ ଜହାୱିଙ୍କ ସ୍ଥାନରେ ଶିକ୍ଷାମନ୍ତ୍ରୀ କରାଯାଇଛି।



ହାଉସ୍ ଅଫ୍ କମନ୍ସରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍‌ଙ୍କୁ ଘେରି ରହିଛନ୍ତି କଞ୍ଜରଭେଟିଭ୍ ପାର୍ଟି ଏମ୍‌ପି।

### ସେକ୍ସ ସ୍କାଣ୍ଡାଲକୁ ନେଇ ଝଡ଼



କ୍ରିଶ୍ ପିଞ୍ଚର

ଦେଶ ଚଳାଇବାରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ସାମର୍ଥ୍ୟ ଉପରେ ଉଠିଛି ପ୍ରଶ୍ନ। ଏହି ପ୍ରଶ୍ନ କୌଣସି ବିରୋଧୀ ଏମ୍‌ପି ନୁହଁନ୍ତି ବରଂ ତାଙ୍କ କଞ୍ଜରଭେଟିଭ୍ ପାର୍ଟିର ଆଇନପ୍ରଣେତାମାନେ ଉଠାଇଛନ୍ତି। ୪ ମନ୍ତ୍ରୀ ନିଜ ପଦରୁ ଇସ୍ତଫା ଦେବା ପଛରେ ଏକ 'ସେକ୍ସ ସ୍କାଣ୍ଡାଲ'କୁ କାରଣ ରୂପେ ଦର୍ଶାଯାଉଛି। ଜୁନ୍ ୩୦ରେ 'ଦ ସନ୍'ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ କ୍ଷମତାସୀନ କଞ୍ଜରଭେଟିଭ୍ ପାର୍ଟିର ଏମ୍‌ପି କ୍ରିଶ୍ ପିଞ୍ଚର ଲଣ୍ଡନର ଏକ ପ୍ରାଇଭେଟ କ୍ଲବ୍‌ରେ ୨ ଜଣ ପୁରୁଷଙ୍କୁ ଆପତ୍ତିଜନକ ଭାବେ ସ୍ପର୍ଶ କରିଥିଲେ। ବୋରିସ୍ ଜନ୍‌ସନ୍ ଗତ ଫେବୃୟାରୀରେ ପିଞ୍ଚରଙ୍କୁ ପାର୍ଟିର ଡେପୁଟି ଚିଫ୍ ହୁଇପ୍ ନିଯୁକ୍ତ କରିଥିଲେ। ଖବରକାଗଜରେ ତାଙ୍କ ଯୌନ କେଲେଙ୍କାରୀ ପ୍ରଘଟ ହେବା ପରେ ପିଞ୍ଚରଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ସେ ନିଶାସକ୍ତ ଅବସ୍ଥାରେ ଏପରି କରିଥିବା ବିବାଦ ଉଠିବାରୁ ପିଞ୍ଚର ଭୁଲ୍ ସ୍ୱୀକାର କରିଥିଲେ। କିନ୍ତୁ ଏହାର କିଛି ଦିନ ଭିତରେ ବ୍ରିଟେନ ଗଣମାଧ୍ୟମରେ ସମାନ ଅଭିଯୋଗ ସମ୍ବଳିତ ଏକାଧିକ ରିପୋର୍ଟ ପୁଣି ପ୍ରକାଶ ପାଇଥିଲା। ପିଞ୍ଚରଙ୍କ ଯୌନ ଉତ୍ପୀଡ଼ନର ଶିକାର ହୋଇଥିବା ଅନ୍ୟୂନ ୬ ଜଣ ବ୍ୟକ୍ତିଙ୍କ ମାମଲା ସାମ୍ନାକୁ ଆସିଥିଲା। ଫଳରେ ପିଞ୍ଚରଙ୍କୁ ଦଳରୁ ନିଲମ୍ବନ କରାଯାଇଥିଲା। ସେ କ୍ଷମା ମାଗିବା ସହ ତଦନ୍ତରେ ପୂର୍ଣ୍ଣ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଦେଖିବାକୁ ଗଲେ ଏହି ମାମଲାରେ ବୋରିସ୍ ପ୍ରତ୍ୟକ୍ଷ ଭାବେ ଜଡ଼ିତ ନୁହନ୍ତି। କିନ୍ତୁ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଡାଉନିଂ ଷ୍ଟ୍ରିଟ୍‌ର ଯେପରି ଆଭିମୁଖ୍ୟ ରହିବା କଥା ତାହା ଦେଖିବାକୁ ମିଳି ନ ଥିଲା। ଏଥିଯୋଗୁ ଯୌନ କେଲେଙ୍କାରୀରେ ସମ୍ପୃକ୍ତ ଏମ୍‌ପିଙ୍କ ପ୍ରତି ପ୍ରଧାନମନ୍ତ୍ରୀଙ୍କ କୋହଳ ମନୋଭାବ ତାଙ୍କୁ ବିବାଦ ଭିତରକୁ ଟାଣିନେଇଛି।

### ପିଟି ଉଷା, ଇଲାଇୟାରାଜା ରାଜ୍ୟ ସଭାକୁ ମନୋନୀତ



**ନୂଆଦିଲ୍ଲୀ, ୬।୭**

କିମ୍ବଦନ୍ତୀ ଆଥ୍‌ଲେଟ୍ ପି. ଟି. ଉଷା ଏବଂ ସଙ୍ଗୀତ ଉସ୍ତାଦ ଇଲାଇୟାରାଜା ବୁଧବାର ରାଜ୍ୟ ସଭାକୁ ମନୋନୀତ ହୋଇଛନ୍ତି। ଧର୍ମସ୍ଥଳ ମନ୍ଦିର ପ୍ରଶାସକ ତଥା ମାନବ ହିତୈଷି ବୀରେନ୍ଦ୍ର ହେଗଡେ ଏବଂ ବିଶିଷ୍ଟ ସ୍କ୍ରିନ୍ ଲେଖକ ଭି. ବିଜୟେନ୍ଦ୍ର ପ୍ରସାଦଙ୍କୁ ମଧ୍ୟ ପାର୍ଲାମେଣ୍ଟର ଉଚ୍ଚସଦନକୁ ପଠାଯିବା ପାଇଁ ମନୋନୀତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରତ୍ୟେକ ଭାରତୀୟଙ୍କ ପାଇଁ ପି. ଟି. ଉଷା ଏକ ପ୍ରେରଣା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଇଲାଇୟାରାଜାଙ୍କ ସୃଜନଶୀଳ ପ୍ରତିଭା ପିଢ଼ି ପରେ ପିଢ଼ିକୁ ଆକର୍ଷିତ କରିଛି। ତାଙ୍କ କାର୍ଯ୍ୟ ଅନେକ ଭାବନାକୁ ସୁନ୍ଦର ଭାବେ ପ୍ରତିଫଳିତ କରେ ବୋଲି ମୋଦି ଟୁଇଟ୍ କରିଛନ୍ତି।

### ସଲମାନଙ୍କ ଓକିଲଙ୍କୁ ହତ୍ୟା ଧମକ

**ମୁମ୍ବାଇ, ୬।୭:** ଅଭିନେତା ସଲମାନ ଖାନ୍‌ଙ୍କ ଓକିଲ ହସ୍ତିମାଲ ସାରସ୍ୱତଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ପକ୍ଷରୁ ହତ୍ୟା ଧମକ ମିଳିଛି। ସୋମବାର ଏକ ବେନାମି ଚିଠି ହସ୍ତିମାଲଙ୍କ ଚାମ୍ବର ବାହାରେ ମିଳିଥିଲା। ପଞ୍ଜାବୀ ସିଙ୍ଗର ମୁସେୱାଲାଙ୍କ ପରି ତୁମର ଅବସ୍ଥା ହେବ। ଶତ୍ରୁର ବନ୍ଧୁ ଆମ ଶତ୍ରୁ। ଆମେ କାହାରିକୁ ଛାଡ଼ିବୁ ନାହିଁ ବୋଲି ଉକ୍ତ ଚିଠିରେ ଲେଖାଥିବା ଖବର ପ୍ରକାଶ ପାଇଛି। ପୋଲିସ ତଦନ୍ତ ଚଳାଇ ଥିବାବେଳେ ହସ୍ତିମାଲଙ୍କ ସୁରକ୍ଷା ବଢ଼ାଇ ଦିଆଯାଇଛି।

# କାଳୀ ବିବାଦ: ଅଡୁଆରେ ମହୁଆ

**କୋଲକାତା, ୬।୭**



ଭାରତୀୟ ଫିଲ୍ମ ନିର୍ଦ୍ଦେଶିକା ଲୀନା ମାନିମେକଲାଇ କାନାଡାରେ ପ୍ରଦର୍ଶିତ କରିଥିବା ଏକ ଫିଚର ମୁଭି 'କାଳୀ' ପୋଷ୍ଟରକୁ ନେଇ ଏବେ ବିବାଦ ତେଜିବାରେ ଲାଗିଛି। ହିନ୍ଦୁ ଦେବୀ କାଳୀଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇଥିବା ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ରାଙ୍କ ପାଇଁ ଅଡୁଆ ବଢ଼ିଛି। କାଳୀ ଜଣେ ମାଂସଖିଆ ଏବଂ ମଦ ଗ୍ରହଣ କରୁଥିବା ଦେବୀ ବୋଲି ମହୁଆ ଏକ ଜାତୀୟ ଗଣମାଧ୍ୟମ କାର୍ଯ୍ୟକ୍ରମରେ କହିବା ପରେ ତାଙ୍କୁ ଗିରଫ ପାଇଁ ଦାବି ହୋଇଛି। ମହୁଆ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବା ଅଭିଯୋଗରେ ମଧ୍ୟପ୍ରଦେଶର ଭୋପାଳରେ ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଏଥିସହ ପଶ୍ଚିମବଙ୍ଗ ଭାଜପା ନେତା ରାଜଶ୍ରୀ ଲାହିରି ଓ ଅନ୍ୟ ଜଣେ ନେତାଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ ମହୁଆଙ୍କ ବିରୋଧରେ ଆଉ ଦୁଇଟି ମାମଲା ହୋଇଛି। ୧୦ ଦିନ ମଧ୍ୟରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ପଶ୍ଚିମବଙ୍ଗ ଭାଜପା ସଭାପତି ସୁକାନ୍ତ ମଜୁମଦାର କହିଛନ୍ତି। ମହୁଆଙ୍କ ମନ୍ତବ୍ୟ ହିନ୍ଦୁଙ୍କ ଭାବାବେଗକୁ ଆଘାତ ଦେଇଛି। କୌଣସି ମୂଲ୍ୟରେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଛନ୍ତି।

ମହୁଆଙ୍କ ବିରୋଧରେ କେବଳ ପଶ୍ଚିମବଙ୍ଗରେ ଶତାଧିକ ମାମଲା ରୁଜୁ ହୋଇଥିବା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି। ପ୍ରଫେଟ୍ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ପାଇଁ ଭାଜପାରୁ ନିଲମ୍ବିତ ହୋଇଥିବା ନୂପୁର ଶର୍ମାଙ୍କୁ ଗିରଫ ପାଇଁ ଟିଏମ୍‌ସି ଜୋରଦାର ଦାବି ଉଠାଉଥିବାବେଳେ ଏବେ ନିଜ ଦଳର ଏହି ନେତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେଇ ଦୋହରା ନୀତିର ପରିଚୟ ଦେଉଛି ବୋଲି ଭାଜପା ବିଧାୟକ ଶୁଭେନ୍ଦୁ ଟିଏମ୍‌ସିକୁ ସମାଲୋଚନା କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ଉପରେ ସ୍ପଷ୍ଟୀକରଣ ରଖନ୍ତୁ ବୋଲି ଭାଜପା ନେତା ରତିନ୍ଦ୍ର ବୋଷ ଦାବି କରିଛନ୍ତି।

### ପ୍ରଦର୍ଶନୀ ହଟାଇଲା କାନାଡା ମ୍ୟୁଜିୟମ୍

**ଟରଣ୍ଟୋ, ୬।୭**

କାନାଡା ମ୍ୟୁଜିୟମରେ ପ୍ରଦର୍ଶିତ ଲୀନା ମାନିମେକଲାଇଙ୍କ 'କାଳୀ' ଫିଲ୍ମ ପୋଷ୍ଟରରେ ଜଣେ ମହିଳା କାଳୀଙ୍କ ବେଶରେ ସିଗାରେଟ୍ ଟାଣୁଥିବା ଫଟୋକୁ ନେଇ ବିରୋଧ ଜାରି ରହିଛି। ତୀବ୍ର ସମାଲୋଚନା ପରେ ଟରଣ୍ଟୋରେ ଥିବା ଆଗା ଖାନ୍ ମ୍ୟୁଜିୟମ୍ ଫିଲ୍ମ ପ୍ରେଜେଣ୍ଟେଶନକୁ ହଟାଇଛି। ଏଥିସହ ହିନ୍ଦୁ ଏବଂ ଅନ୍ୟ ସମ୍ପ୍ରଦାୟ ଲୋକଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିବା କହି ସଂଗ୍ରହାଳୟ ପକ୍ଷରୁ କ୍ଷମା ପ୍ରାର୍ଥନା କରାଯାଇଛି। ଏହାପୂର୍ବରୁ ବିବାଦୀୟ 'କାଳୀ' ପୋଷ୍ଟରକୁ ଆଗା ଖାନ୍ ମ୍ୟୁଜିୟମ୍‌ରୁ ହଟାଇବା ପାଇଁ କାନାଡାରେ ଥିବା ଭାରତୀୟ ଉଚ୍ଚାୟୁକ୍ତ ଅଟାୱା କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ।

### ସତକୁ ସାହାରା ଦରକାର ନାହିଁ



ଟିଏମ୍‌ସି ଟୁଇଟର ହ୍ୟାଣ୍ଡେଲକୁ ଅନ୍‌ଫଲୋ କଲେ ମହୁଆ

ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ରାଙ୍କ ବିରୋଧରେ ଭାଜପା ପକ୍ଷରୁ ବିଭିନ୍ନ ଥାନାରେ ମାମଲା ରୁଜୁ ପରେ ସେ ପ୍ରତିକ୍ରିୟା ରଖିଛନ୍ତି। ଏକ ଟୁଇଟରେ ମହୁଆ ଲେଖିଛନ୍ତି, 'ବ୍ରିଙ୍ଗ୍ ଇଟ୍ ଅନ୍ ବିଜେପି! ମୁଁ ଜଣେ କାଳୀ ଭକ୍ତ। ମୁଁ କାହାରିକୁ ଭୟ କରେ ନାହିଁ। ତୁମ ଅଜ୍ଞାନତା, ଗୁଣ୍ଡା, ପୋଲିସ ଏପରି କି ସମାଲୋଚନାକୁ ମୋର ଡର ନାହିଁ। ସତକୁ କାହାର ସାହାରା ଦରକାର ପଡ଼େନି' ବୋଲି ସେ ଏଥିରେ ଲେଖିଛନ୍ତି। ଅନ୍ୟପକ୍ଷରେ ମହୁଆଙ୍କ ମନ୍ତବ୍ୟକୁ ଟିଏମ୍‌ସି ନିନ୍ଦା କରିବା ସହ ଦଳ ତାହାକୁ କୌଣସିମତେ ସମର୍ଥନ କରେ ନାହିଁ ବୋଲି କହିଛି। ଫଳରେ ମହୁଆ ବୁଧବାର ଦଳର ଅଫିସିଆଲ ଟୁଇଟର ହ୍ୟାଣ୍ଡେଲକୁ ଅନ୍‌ଫଲୋ କରିଦେଇଛନ୍ତି। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଟୁଇଟର ହ୍ୟାଣ୍ଡେଲ ଏବଂ ମମତା ବାନାର୍ଜୀଙ୍କୁ ସେ ଏହି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଫଲୋ କରୁଛନ୍ତି। ବିବାଦ ଉପରେ ମହୁଆ ଆଉ ଏକ ଟୁଇଟ୍ କରି କହିଛନ୍ତି, ସଂଘୀମାନେ(ଆର୍‌ଏସ୍‌ଏସ୍ ସଦସ୍ୟ) ମିଛ କହିଦେଲେ ଭଲ ହିନ୍ଦୁ ହୋଇପାରିବ ନାହିଁ। କୌଣସି ଫିଲ୍ମ ପୋଷ୍ଟରକୁ ସେ ସମର୍ଥନ କରିନାହାନ୍ତି କି ସିଗାରେଟ୍ ଟାଣିବା ସମ୍ପର୍କରେ କିଛି ମନ୍ତବ୍ୟ ଦେଇନାହାନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ଜୁଲାଇ, ୨୦୨୨

### ରବି ସେଠୀ ପୁରୀ ଜିଲା କଂଗ୍ରେସର ନୂଆ ସଭାପତି

ଭୁବନେଶ୍ୱର,(ବ୍ୟୁରୋ): କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବାକୁ ପିସିସି ସଭାପତି ଶରତ ପଟ୍ଟନାୟକ କେତେଜଣ ନେତାଙ୍କ ହାତରେ ପୁରୀ ଜିଲା ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ରବିନ୍ଦ୍ର କୁମାର ସେଠୀଙ୍କୁ ପୁରୀ ଜିଲା କଂଗ୍ରେସ କମିଟି ମଧ୍ୟବର୍ତ୍ତୀକାଳୀନ ସଭାପତି ଭାବେ ନିଯୁକ୍ତ କରିଛନ୍ତି। ସେହିପରି ଲଲାଟେନ୍ଦୁ ଦାଶ ଏବଂ ସୁଜିତ ମହାପାତ୍ରଙ୍କୁ ମଧ୍ୟବର୍ତ୍ତୀକାଳୀନ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦେଇଛନ୍ତି। ଉକ୍ତ ନେତୃବୃନ୍ଦ ପୁରୀ ଜିଲା କଂଗ୍ରେସ କମିଟିର ସ୍ଥାୟୀ ସଭାପତି ନିଯୁକ୍ତି ପର୍ଯ୍ୟନ୍ତ ଏହି ଦାୟିତ୍ୱ ସମ୍ଭାଳିବେ ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।



# ସଂଖ୍ୟାଲଘୁଙ୍କୁ ପ୍ରାର୍ଥୀ କରିପାରେ ଏନ୍‌ଡିଏ

## ଉପରାଷ୍ଟ୍ରପତି ନିର୍ବାଚନ

ନୂଆଦିଲ୍ଲୀ,୬।୭

ଉପରାଷ୍ଟ୍ରପତି ନିର୍ବାଚନକୁ ମାସେ ବାକି ଥିବାବେଳେ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଅବ୍ବାସ ନକ୍‌ଭି ବୁଧବାର ନିଜ ପଦ ଛାଡ଼ିଛନ୍ତି। ତାଙ୍କ ସହ ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ରାଜ୍ୟ ସଭା ସଦସ୍ୟ ତଥା ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରୁ ଇସ୍ତଫା ଦେଇଛନ୍ତି। ଏହି ଇସ୍ତଫା ପରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପକ୍ଷରୁ ଭାଜପା ନେତା ନକ୍‌ଭିଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

ପାର୍ଲାମେଣ୍ଟର ଉଭୟ ଗୃହରେ ଭାଜପାର ମୋଟ ୩୯୫ ସଦସ୍ୟ ଅଛନ୍ତି। ତେବେ କେନ୍ଦ୍ରମନ୍ତ୍ରୀ ମୁକ୍ତାର ଅବ୍ବାସ ନକ୍‌ଭିଙ୍କ ରାଜ୍ୟ ସଭା କାର୍ଯ୍ୟକାଳ ଶେଷ ହେବା ପରେ ସଂସଦରେ ଗୈରିକ ଦଳର ମୁସଲମାନ ସଦସ୍ୟଙ୍କ ସଂଖ୍ୟା ଶୂନରେ ପହଞ୍ଚିଛି। ଭାଜପା ସଂଖ୍ୟାଲଘୁ ସମୁଦାୟକୁ ପାର୍ଲାମେଣ୍ଟରେ ଉପଯୁକ୍ତ ପ୍ରତିନିଧିତ୍ୱ ଦେଉନାହିଁ ବୋଲି ବିରୋଧୀ ସମାଲୋଚନା କରୁଥିବାବେଳେ ମୋଦି ସରକାର ନକ୍‌ଭିଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିପାରନ୍ତି। ଉପରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଭାଜପା ପାଖରେ ପର୍ଯ୍ୟାପ୍ତ ସଂଖ୍ୟାବଳ ଥିବାରୁ ଦଳ ଦ୍ରୌପଦୀ ମୁର୍ମୁଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ କରାଇବା ଭଳି ବିସ୍ମୟକର ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚମକାଇ ଦେଇପାରନ୍ତି। ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ପରେ ନକ୍‌ଭି ଭାଜପା ମୁଖ୍ୟାଳୟକୁ ଯାଇ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସାକ୍ଷାତ୍ କରିଛନ୍ତି। ଦେଶରେ ଶୋଡ଼ଷ ଉପରାଷ୍ଟ୍ରପତି ନିର୍ବାଚନକୁ ମାସେ ବାକି ଥିବାବେଳେ ଏହି ପଦବୀ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନକ୍‌ଭିଙ୍କୁ ପ୍ରାର୍ଥୀ କରିପାରେ ବୋଲି କୁହାଯାଉଛି। କାରଣ ନିକଟରେ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ରାଜସ୍ଥାନରୁ ଭାଜପାର ଅନେକ ନେତା ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବାବେଳେ ଦଳ ନକ୍‌ଭିଙ୍କୁ ପୁନର୍ବାର ଟିକେଟ ଦେଇ ନ ଥିଲା। ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭାଜପା ପକ୍ଷରୁ ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚାରେ ଥିବା ଅନ୍ୟ ୨ ମୁସଲମାନ ନେତା ହେଲେ କେରଳ ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ନଜ୍‌ମା ହେପ୍‌ତୁଲ୍ଲା। ସେହିପରି ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପ୍‌ଟେନ୍ ଅମରିନ୍ଦର ସିଂଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ଶିଖ୍ ସମୁଦାୟର ଅମରିନ୍ଦର ହେଉଛନ୍ତି ଉପରାଷ୍ଟ୍ରପତି ପ୍ରାର୍ଥୀ ଦୌଡ଼ରେ ଥିବା ଚତୁର୍ଥ ନେତା, ଯିଏକି ଶାସକ ଦଳର ନୁହଁନ୍ତି, ବରଂ ଭାଜପାର ସହଯୋଗୀ ପଞ୍ଜାବ ଲୋକ କଂଗ୍ରେସର ଅଧ୍ୟକ୍ଷ। ଅମରିନ୍ଦର ଅସ୍ତ୍ରୋପଚାର ସାରି ବିଦେଶରୁ ଫେରିବା ପରେ ଭାଜପାରେ ତାଙ୍କ ଦଳର ବିଲୟ ଘଟିପାରେ।

ବର୍ତ୍ତମାନର ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୦ରେ ଶେଷ ହେବ। ନୂଆ ଉପରାଷ୍ଟ୍ରପତି ୧୧ ତାରିଖରେ ଶପଥ ନେବେ। ତେଣୁ ଆସନ୍ତା ଅଗଷ୍ଟ ୬ରେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ସାମ୍ବିଧାନିକ ପଦ ଲାଗି ନିର୍ବାଚନ କରାଯିବା ନେଇ ମଙ୍ଗଳବାର ଭାରତର ନିର୍ବାଚନ କମିଶନ ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁସାରେ ଉପରାଷ୍ଟ୍ରପତି ପଦ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ହେଉଛି ଜୁଲାଇ ୧୯। ଏହାର ଦିନକ ପରେ ଅର୍ଥାତ୍ ୨୦ ତାରିଖରେ ନାମାଙ୍କନପତ୍ର ଯାଞ୍ଚ କରାଯିବ। ୨୨ ତାରିଖ ହେଉଛି ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ଦିନ।




# ମାଟ୍ରିକରେ ଫାଷ୍ଟ ଡିଭିଜନ ପାଇଲେ ଫୁଲବାଣୀ ବିଧାୟକ

ଫୁଲବାଣୀ ଅଫିସ, ୬।୭

## ସଫଳତା ଡ୍ରପଆଉଟ ପିଲାଙ୍କୁ ପ୍ରେରଣା ଦେବ: ଅଙ୍ଗଦ



ବିଧାୟକ ଅଙ୍ଗଦ କହଁର।

କନ୍ଧମାଳ ଜିଲା ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମାଟ୍ରିକ୍ ପାସ୍ କରିଛନ୍ତି। ୫୮ ବର୍ଷରେ ସେ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧୀନରେ ମାଟ୍ରିକ ପରୀକ୍ଷା ଦେଇ ଫାଷ୍ଟ ଡିଭିଜନ ପାଇଛନ୍ତି। ବିଧାୟକ କହଁର ବି-୧ ଗ୍ରେଡ଼ ପାଇଛନ୍ତି। ମୋଟ ୫୦୦ ମାର୍କରୁ ୩୬୪ ମାର୍କ ରଖି ଏହି ସଫଳତା ହାସଲ କରିଛନ୍ତି। ଯାହାକି ମୋଟ ମାର୍କର ୭୨.୮ ପ୍ରତିଶତ। ତାଙ୍କର ଏହି ସଫଳତା ବିଶେଷ କରି ଡ୍ରପ ଆଉଟ ପିଲାଙ୍କ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ବିଧାୟକ କହିଛନ୍ତି। କେବଳ ନିଜ ସଫଳତା ପାଇଁ ନୁହେଁ, ମୋ ସହ ପରୀକ୍ଷା ଦେଇଥିବା ଜଣେ ବନ୍ଧୁ ତଥା ଲୁଇସିଂ ସରପଞ୍ଚ ସୁଦର୍ଶନ କହଁର ମଧ୍ୟ ୪୯ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଥିବାରୁ ଅଧିକ ଖୁସି ଲାଗୁଛି। ଏହା ଆମ ପାଇଁ ଗର୍ବର ବିଷୟ ବୋଲି ବିଧାୟକ କହଁର ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

ବିଧାୟକ ଆହୁରି କହିଛନ୍ତି ଯେ, ମନରେ ପାଠ ପଢ଼ିବାର ଇଚ୍ଛା ଥିଲେ ବୟସ କେବେ ବାଧକ ସାଜିବନି। ଆମେ ବଣପାହାଡ ଘେରା ଅଞ୍ଚଳରେ ରହୁଥିଲୁ। ଛାତ୍ର ଜୀବନରେ କମ୍ ପାଠ ପଢ଼ିଥିଲୁ। ବିଧାୟକ ହେବା ପରେ ଏହି ବୟସରେ ପାଠ ପଢ଼ି ମାଟ୍ରିକ ପରୀକ୍ଷା ଦେବି ବୋଲି ନିଷ୍ପତ୍ତି ନେଇଥିଲି। ସାଙ୍ଗ ସୁଦର୍ଶନ ବି ପରୀକ୍ଷା ଦେବାକୁ ରାଜି ହେଲେ। ପାଠ ପଢ଼ିବା ବଡ ମଣିଷ ହେବା ଶୁଣିଥିଲୁ। ତାହାକୁ କାମରେ ଦେଖାଇବା ପାଇଁ ଚେଷ୍ଟା କରି ସଫଳ ହେଲୁ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନେକ ପିଲା ଅଧାରୁ ପାଠ ଛାଡି ଦେଉଛନ୍ତି। ଏହି ବୟସରେ ଆମର ପଢ଼ିବା ଏବଂ ପରୀକ୍ଷା ଦେଇ ସଫଳ ହେବା ସେମାନଙ୍କୁ ନିଶ୍ଚିତ ଉତ୍ସାହିତ କରିବ। ତେଣୁ ଯେଉଁମାନେ ପାଠ ଛାଡିଛନ୍ତି, ସେମାନେ ପୁଣି ପଢ଼ନ୍ତୁ ଏବଂ ସଫଳ ହୁଅନ୍ତୁ ବୋଲି ବିଧାୟକ କହିଛନ୍ତି।

ସୂଚନାଯୋଗ୍ୟ, ବିଧାୟକ କହଁର ଓ ତାଙ୍କ ସାଙ୍ଗ ସୁଦର୍ଶନ ଏବଂ ଡ୍ରାଇଭର ପୀତବାସ ମଧ୍ୟ ପରୀକ୍ଷା ଦେଇଥିଲେ। ସମସ୍ତେ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି।

# ୧୭ ଜିଲାର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଏବେ ଦୁର୍ନୀତିର ଗନ୍ତାଘର: ଭାଜପା

ଭୁବନେଶ୍ୱର,୬।୭(ବ୍ୟୁରୋ): ଶାସକ ଦଳର ପ୍ରତ୍ୟକ୍ଷ ହସ୍ତକ୍ଷେପ ଯୋଗୁ ରାଜ୍ୟର ସମବାୟ ଆନ୍ଦୋଳନ ପ୍ରାୟତଃ ଧ୍ୱଂସ ହୋଇଯାଇଛି। ରାଜ୍ୟ ସରକାରଙ୍କ ପକ୍ଷପାତିତା ଏବଂ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ରାଜ୍ୟର ସମସ୍ତ ୧୭ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ବର୍ତ୍ତମାନ ଦୁର୍ନୀତିର ଗନ୍ତାଘର ବୋଲି ଭାଜପା ନେତା ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ବିଜେଡିର ସୁରକ୍ଷାବଳୟ ଭିତରେ ଥିବା ଅପରାଧୀ ତତ୍ତ୍ୱ ଏବେ ବ୍ୟାଙ୍କ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ସୁନ୍ଦରଗଡ଼ ଜିଲା ସମବାୟ ବ୍ୟାଙ୍କ। ବ୍ୟାଙ୍କ ସିଇଓ ସୁରେଶ ଦାସଙ୍କ ନିଯୁକ୍ତି ପ୍ରଥମରୁ ବେଆଇନ ସତ୍ତ୍ୱେ ତାଙ୍କୁ ପୁନଃନିଯୁକ୍ତି ଦିଆଯିବାରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ବିବାଦୀୟ ସିଇଓଙ୍କ ନିଯୁକ୍ତି ପରଠାରୁ ଚାଷୀମାନେ ଠିକଣା ସମୟରେ କୃଷି ଋଣ ନ ପାଇ ହଇରାଣହରକତ ହୋଇଛନ୍ତି। ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟ ଆଧାରରେ ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଭବାନୀ ଶଙ୍କର ମାଝି ଏବଂ ସିଇଓ ସୁରେଶ ଦାସଙ୍କ ବିରୋଧରେ ୪ କୋଟି ୫୬ ଲକ୍ଷ ଟଙ୍କା ହଡପ ଘଟଣା ଧରାପଡ଼ିଛି। ଏହି ଦୁର୍ନୀତିକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବ୍ୟାଙ୍କ କର୍ମଚାରୀ ଓ ଅଡିଟ୍ ଅଧିକାରୀଙ୍କୁ ଆକ୍ରୋଶମୂଳକ ଭାବେ ବଦଳି କରାଯାଇଛି ବୋଲି ପ୍ରଦୀପ ଅଭିଯୋଗ କରିଛନ୍ତି।

# ଦ୍ରୌପଦୀଙ୍କ ପାଇଁ ବିଜେଡିର ଜୋର୍‌ଦାର କ୍ୟାମ୍ପେନ୍

## କଂଗ୍ରେସର ବିଧାୟକମାନଙ୍କୁ ଭେଟିଲା ବିଜେଡି ଟିମ୍

ଭୁବନେଶ୍ୱର,୬।୭(ବ୍ୟୁରୋ)

ରାଷ୍ଟ୍ରପତି ନିର୍ବାଚନ ପାଇଁ ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁଙ୍କୁ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପକ୍ଷରୁ ପ୍ରାର୍ଥୀ କରାଯାଇଛି। ଏହିକ୍ରମରେ ଦ୍ରୌପଦୀଙ୍କୁ ସମର୍ଥନ ଲାଗି କ୍ୟାମ୍ପେନ ଆରମ୍ଭ ହୋଇଛି। ତେବେ ବିଜେଡି ରାଜ୍ୟରେ ଏହି କ୍ୟାମ୍ପେନକୁ ବ୍ୟାପକ କରିବାରେ ଲାଗିଛି। ଆସନ୍ତା ୮ରେ ସମର୍ଥନ ମାଗିବା ଲାଗି ଦ୍ରୌପଦୀଙ୍କ ଓଡ଼ିଶା ଆସିବାର କାର୍ଯ୍ୟକ୍ରମ ଥିବାବେଳେ ଏହା ପୂର୍ବରୁ କଂଗ୍ରେସ ବିଧାୟକଙ୍କୁ ଭେଟି ସମର୍ଥନ ଲୋଡ଼ିବାରେ ଲାଗିଛି ବିଜେଡି। କଂଗ୍ରେସ ବିଧାୟକ ରାଜନ ଏକ୍କାଙ୍କୁ ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ବୁଧବାର ସାକ୍ଷାତ୍ କରିଥିଲେ। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ମନ୍ତ୍ରୀ ତୁଷାରକାନ୍ତି ବେହେରା, ବିଧାୟକ ସ୍ନେହାଙ୍ଗିନୀ ଛୁରିଆ ଏବଂ ବିଧାୟକ ରାଜକିଶୋର ଦାସ ପ୍ରମୁଖ ରାଜନଙ୍କୁ ଭେଟି ଦ୍ରୌପଦୀଙ୍କୁ ସମର୍ଥନ ଦେବା ଲାଗି ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତରଫରୁ ବିଜେଡି ନେତୃବୃନ୍ଦ ଏହି ବାର୍ତ୍ତା ଦେଇଥିବା ଜଣାଇଥିଲେ। ଏକ୍କା ଜଣେ ଆଦିବାସୀ ହୋଇଥିବାରୁ ଭୋଟ ଦେବାକୁ ବିଜେଡି ଅନୁରୋଧ କରିଥିବା ଜଣାପଡ଼ିଛି। ଅନ୍ୟପଟେ କଂଗ୍ରେସ ଏବଂ ଭାଜପାର ବିଚାରଗତ ଭିନ୍ନତା ରହିଛି। ତେଣୁ ବିରୋଧୀ ମେଣ୍ଟର ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ସମର୍ଥନ କରିବେ ବୋଲି ଏକ୍କା କହିଥିଲେ। ଏହିକ୍ରମରେ ବିଜେଡି ନେତାମାନେ କଂଗ୍ରେସର ଅନ୍ୟ ବିଧାୟକଙ୍କୁ ମଧ୍ୟ ଭେଟି ସମର୍ଥନ ଲୋଡ଼ିବେ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମଙ୍ଗଳବାର ଏହି ପ୍ରସଙ୍ଗରେ ସ୍ୱାଧୀନ ବିଧାୟକ ମକରନ୍ଦ ମୁଦୁଲିଙ୍କୁ ଭେଟିଥିବା ବେଳେ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି) କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟି ଦ୍ରୌପଦୀଙ୍କୁ ସମର୍ଥନ ଲାଗି ଅନୁରୋଧ କରିଥିଲେ। ସେହିପରି ବିଜେଡିର ଏକାଧିକ ନେତୃମଣ୍ଡଳୀ ଯାଇ ବିଧାୟକ ସୁର ରାଉତରାୟ, ମହମ୍ମଦ ମୋକିମ, ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କୁ ଭେଟିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୬୭,୦୦,୩୧୪ | ୬୩,୬୪,୮୮୬ | ୫୩,୦୯,୯୧,୨୦୩ |
| ଭାରତ | ୪,୩୫,୪୭,୮୦୯ | ୫,୨୫,୨୭୦ | ୪,୨୯,୦୭,୩୨୭ |
| ଓଡ଼ିଶା | ୧୨,୯୧,୫୧୮ | ୯୧୨୬(+୫୩) | ୧୨,୮୦,୫୩୨ |

ବୁଧବାର ରାତି ୯ଟା ୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ସ୍ମିତପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଜଳେଶ୍ୱର ବିଡିଓ ନିଲମ୍ବିତ

ଭୁବନେଶ୍ୱର,୬।୭(ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବାଲେଶ୍ୱର ଜିଲା ଜଳେଶ୍ୱର ବିଡିଓ ଅଶ୍ୱିନୀ କୁମାର ଦାସଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ପୂର୍ବରୁ ଦାସଙ୍କ ନାମରେ ଆପରାଧିକ ମାମଲା ବିଚାରାଧୀନ ଥିଲା। ନିଲମ୍ବନ ଅବଧି ମଧ୍ୟରେ ଦାସଙ୍କ ହେଡ୍‌କ୍ୱାର୍ଟର୍ସ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ନିର୍ଦ୍ଧାରଣ କରାଯାଇଛି।

# ମୌସୁମୀ ଅଧିବେଶନ ପ୍ରଥମ ପର୍ଯ୍ୟାୟ ଶେଷ

**ଭୁବନେଶ୍ୱର,୬।୭(ବ୍ୟୁରୋ)**

ଚଳିତ ମୌସୁମୀ ଅଧିବେଶନର ପ୍ରଥମ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ବଜେଟ ଆଲୋଚନା ବିରତି ପାଇଁ ଜୁଲାଇ ୭ରୁ ୧୨ଯାଏ ବିଧାନସଭା ସାମୟିକ ଭାବେ ବନ୍ଦ ରହିବ। ଆସନ୍ତା ୧୩ରୁ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ସୂଚନାଯୋଗ୍ୟ, ଏହି ଅଧିବେଶନ ଜୁଲାଇ ୨ରୁ ଆରମ୍ଭ ହୋଇଛି। ଆସନ୍ତା ଅଗଷ୍ଟ ୪ ଯାଏ ଚାଲିବ। ଏଥିରେ ମୋଟ ୨୪ଟି କାର୍ଯ୍ୟଦିବସ



ରହିଛି। ପ୍ରଥମ ପର୍ଯ୍ୟାୟରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ ହେବା ସହ ୩ଟି ବିଲ୍ ପାରିତ ହୋଇଛି।

### ପ୍ରଥମ ପୃଷ୍ଠାରୁ...

## ଟଙ୍କା ଭର୍ତ୍ତି ଏଟିଏମ୍...

ଅଭିଯୋଗ ପରେ ନୂଆପଡା ଓ ବଲାଙ୍ଗୀର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଖଡ଼ିଆଳ ଷ୍ଟେଟ ବ୍ୟାଙ୍କରେ ସିଏମ୍ଏଫ୍ କମ୍ପାନୀର (ଏଟିଏମ୍) ଗାଡି ନିୟୋଜିତ ହୋଇଛି। ବୁଧବାର ଅପରାହ୍ନ ସାଢ଼େ ୧ଟାରେ ୫୭ ଲକ୍ଷ ୧୨ ହଜାର ଟଙ୍କା ବାହାର କରି ବୋଡ଼େନ ଓ ସିନାପାଲି ବ୍ଲକର ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିବାର ଥିଲା। ଏଟିଏମ୍ ଗାଡ଼ି (ନଂ.ଓଆରବିକ୍ୟୁ-୬୧୯୦)ରେ ଟଙ୍କା ରଖିବା ପରେ ଦୁଇଜଣ କର୍ମଚାରୀ ବ୍ୟାଙ୍କ ଭିତରକୁ କୌଣସି କାର୍ଯ୍ୟ ପାଇଁ ଯାଇଥିଲେ। ଏଟିଏମ୍ ଗାଡିର ଗାର୍ଡ ପରିସ୍ରା କରିଯିବା ବେଳେ ଡ୍ରାଇଭର ଟଙ୍କା ଭର୍ତ୍ତି ଥିବା ଗାଡିକୁ ନେଇ ଫେରାର ହୋଇଯାଇଥିଲେ। ବ୍ୟାଙ୍କ କର୍ମଚାରୀ ଫେରି ଆସି ବ୍ୟାଙ୍କ ସାମ୍ନାରେ ଗାଡି ନ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ୨ କର୍ମଚାରୀ ଓ ଗାର୍ଡ ଆସି ଖଡ଼ିଆଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ନୂଆପଡା-ବଲାଙ୍ଗୀର ଜିଲା ସୀମାନ୍ତ ସନ୍ଧିବାହାଲି ଓ ଭରୁଆକାନି ମଝିରେ କେବଳ ଗାଡ଼ିକୁ ଜବତ କରିଥିବା ବେଳେ ଡ୍ରାଇଭର ଟଙ୍କା ଧରି ଫେରାର ହୋଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଏହି ଘଟଣାରେ ୨ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

## ମାଟ୍ରିକ ପାସ୍‌ହାର ...

ତିନୋଟି ସ୍କୁଲରେ ପରୀକ୍ଷା ଫଳ ଶୂନ ରହିଛି। ରେଜଲ୍ଟ ଶୂନ ହୋଇଥିବା ସ୍କୁଲ ମଧ୍ୟରେ ମାଲକାନଗିରିର ୨ଟି ଏବଂ ଅନୁଗୋଳର ଗୋଟିଏ ସ୍କୁଲ ରହିଛି। ଅନୁଗୋଳର ପ୍ରୋଜେକ୍ଟ ବାଳିକା ଉଚ୍ଚ ବିଦ୍ୟାଳୟ, ରେଙ୍ଗାଲି ଡ୍ୟାମ୍ ସାଇଡ ଯେଉଁଠାରେ ମାତ୍ର ୨ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ ସେମାନେ ଫେଲ୍ ହୋଇଛନ୍ତି। ଏଥିସହ ମାଲକାନଗିରିର ସରକାରୀ ୟୁଜି ହାଇସ୍କୁଲ ବୁରୁଡି, ସରକାରୀ ୟୁଜି ହାଇସ୍କୁଲ କୋଟପାଲି ଜଣେ ଲେଖାଏ ପିଲା ପରୀକ୍ଷା ଦେଇଥିଲେ ସେମାନେ ଫେଲ୍ ହୋଇଛନ୍ତି। ପରୀକ୍ଷା ଦେଇ ପାସ୍ ହେବାରେ ଚଳିତ ବର୍ଷ ସର୍ବକାଳୀନ ରେକର୍ଡ ହୋଇଥିବା କୁହାଯାଉଛି।

ଜଗତ୍‌ସିଂହପୁର ଜିଲାରେ ସର୍ବାଧିକ ୯୬.୩୬ପ୍ରତିଶତ ରେଜଲ୍ଟ ହୋଇଥିବା ବେଳେ ୯୪.୫୫ ପ୍ରତିଶତ ସହ କଟକ ଦ୍ୱିତୀୟ ଏବଂ ୯୩.୮୫ ପ୍ରତିଶତରେ ପୁରୀ ଜିଲା ତୃତୀୟ ସ୍ଥାନରେ ରହିଛି। ଚଳିତ ବର୍ଷ ଏ-୧ ଗ୍ରେଡ୍‌ରେ ୮,୧୧୯ ଛାତ୍ରୀଛାତ୍ର, ଏ-୨ଗ୍ରେଡ୍‌ରେ ୫୪,୮୮୯, ବି-୧ ଗ୍ରେଡ୍‌ରେ ୧ ଲକ୍ଷ ୨୦ ହଜାର ୩୧୨, ବି-୨ ଗ୍ରେଡ୍‌ରେ ୧ଲକ୍ଷ ୪୨ ହଜାର ୫୯୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧.୪୨ ପ୍ରତିଶତ ପରୀକ୍ଷାର୍ଥୀ ୯୦ ଶତକଡ଼ାରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ଏଥର ସି- ଗ୍ରେଡ୍‌ରେ ୧,୧୬,୭୩୫ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଡି-ଗ୍ରେଡ୍‌ରେ ୬୦,୦୧୫ ଜଣ ଏବଂ ଇ-ଗ୍ରେଡରେ ୧୫,୧୬୮ ଜଣ ଛାତ୍ରୀଛାତ୍ର ରହିଛନ୍ତି। ସେହିପରି ମଧ୍ୟମାରେ ୮୦.୦୬ ପ୍ରତିଶତ ପାସ ହାର ରହିଥିବାବେଳେ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୭୯.୭୮ ପ୍ରତିଶତ ପାସ୍ ହାର ରହିଛି। ପରୀକ୍ଷା ଫଳଘୋଷଣା ସମୟରେ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ବୋର୍ଡ ସଭାପତି ରାମାଶିଷ ହାଜରାଙ୍କ ସମେତ ବୋର୍ଡର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୋର୍ଡ ପକ୍ଷରୁ ଦିଆଯାଇଥିବା ମାର୍କରେ କେହି ଅସନ୍ତୁଷ୍ଟ ଥିଲେ ରିଚେକିଂ ପାଇଁ ଆବେଦନ କରିପାରିବେ। ଆସନ୍ତା ୧୧ତାରିଖରୁ ରିଚେକିଂ ଆବେଦନ ଆରମ୍ଭ ହେବ। ୧୧ରୁ ୨୫ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ରିଚେକିଂ ଆବେଦନ କରିପାରିବେ ବୋଲି ବୋର୍ଡ ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଯୋଗୁ ଗତ ବର୍ଷ ଅଫ୍‌ଲାଇନ୍ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ଫଳ ପ୍ରକାଶ କରାଯାଇଥିଲା। ଫଳ ପ୍ରକାଶନ ପରେ ଅସନ୍ତୁଷ୍ଟ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷା ହୋଇଥିଲା। ତେବେ ଏଥର କରୋନା ସଂକ୍ରମଣ ହ୍ରାସ ପାଇଥିବାରୁ ଅଫ୍‌ଲାଇନ ମୋଡ୍‌ରେ ପରୀକ୍ଷା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଏପ୍ରିଲ୍ ୨୮ରୁ ମେ' ୭ ଯାଏ ମାଟ୍ରିକ ପରୀକ୍ଷା ଚାଲିଥିଲା। ମେ' ୨୧ରୁ ରାଜ୍ୟର ୫୮ଟି କେନ୍ଦ୍ରରେ ଖାତାଦେଖା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ନୂଆ ପଦ୍ଧତିରେ ମୂଲ୍ୟାୟନ କରାଯାଇଛି। ଇଣ୍ଟରନାଲ୍ ଆସେସ୍‌ମେଣ୍ଟ, ସମ୍ମେଟିଭ ଆସେସ୍‌ମେଣ୍ଟ-୧ ଓ ୨ର ରେଜଲ୍ଟ ଆଧାରରେ ପିଲାଙ୍କୁ ମାର୍କ ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କ ବନ୍ଧୁମାନଙ୍କ ସହ ଆକସ୍ମିକ ଯାତ୍ରା କରିବାର ସୁଯୋଗ ଜୁଟିବ। ସକାଳୁ ସକାଳୁ ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କରିବେ। ଦିନ ମଧ୍ୟରେ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିଯାଇପାରେ।

**ବୃଷ**
କୌଣସି ନୂତନ ଯୋଜନା କରିବା ଲାଗି ମନ ବଳାଇ କୃତକାର୍ଯ୍ୟ ହେବେ। ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ଼ କରିବାକୁ ପଡ଼ିବ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇପାରେ। ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ**
କର୍ମକ୍ଷେତ୍ରରେ ବିଚାରଧାରାର ବିଭିନ୍ନତା ମାନସିକ ଅସ୍ଥିରତାର କାରଣ ହେବ। କହିବାକୁ ଇଚ୍ଛା ଥାଇ ମଧ୍ୟ ବନ୍ଧୁଙ୍କୁ ମନକଥା ପ୍ରକାଶ କରିପାରିବେ ନାହିଁ। ଜମିଜମା ସମ୍ପର୍କିତ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ଆଇନ, ଅଦାଲତ କ୍ଷେତ୍ର ତଥା ମାମଲାମକଦ୍ଦମାରେ ବିଚାର ବିଳମ୍ବ ହେବାରୁ ବ୍ୟସ୍ତତା ପ୍ରକାଶ କରିବେ।

**କର୍କଟ**
ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆକସ୍ମିକ ଭାବେ ଜଣେ ପୁରୁଣା ବନ୍ଧୁଙ୍କ ଦେଖାପାଇ ମନ ହାଲୁକା କରିବେ।

**ସିଂହ**
ଆଜି ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟହେବେ। ଟଙ୍କା ପଇସା ଯୋଗାଡ଼ କରିବା ସକାଶେ ବିଭିନ୍ନ ପ୍ରକାର ଫନ୍ଦିଫିକର କରିବାକୁ ପଡ଼ିପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା**
ଅର୍ଥାଭାବ କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟହେବେ।

**ତୁଳା**
ସୁଖ, ସୌହାର୍ଦ୍ଦ୍ୟ ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟହେବେ। କୌଣସି ଜିନିଷ କ୍ରୟ ସକାଶେ ହଠାତ୍ ମୋଟାଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ର, ସଭାସମିତି, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ଅତୀତ ଘଟଣା ମନକୁ ଆଲୋଡ଼ିତ କରିବ। ଅନୁରାଧା ନକ୍ଷତ୍ର ସକାଶେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ତାହା ସମସ୍ୟା ସୃଷ୍ଟିର କାରଣ ହେବ। ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧ୍ୟ ହେବେ, ଯଦ୍ଦ୍ୱାରା କି ଜାଣିଶୁଣି ସବୁକଥାରେ ନୀରବ ରହିବାକୁ ପଡ଼ିବ।

**ଧନୁ**
ଆଜି କର୍ମକ୍ଷେତ୍ରରେ ବନ୍ଧୁକୃତ ଅପମାନଜନକ ସ୍ଥିତିର ସମ୍ମୁଖୀନ ହେବେ। ଜମିଜମା କାରବାର କିମ୍ବା ରେଜିଷ୍ଟ୍ରେଶନ ସମ୍ପର୍କିତ ସମସ୍ୟାକୁ ନେଇ ବିବ୍ରତ ରହିପାରନ୍ତି। କ୍ରୀଡ଼ା, କଳା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସଫଳତା ଯୋଗୁ ମନ ଖୁସି ରହିବ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କ, ସଭାସମିତି ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ମକର**
ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଆଜି ସକାଳ ସମୟରେ ପରିବାର ସହ ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକସ୍ତରରେ ଟେନ୍‌ସନ ଲାଗି ରହିବ। ଟିକିଏ କଥାରେ ରାଗିଯାଇ ଯାହାତାହା କହିବା କାରଣରୁ କିଛି ସମସ୍ୟା ଆସିପାରେ।

**କୁମ୍ଭ**
ସମସ୍ୟା ପ୍ରତିହତ କରି କର୍ମକ୍ଷେତ୍ରରେ ନିଜ ସ୍ଥିତି ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ବି ଆପଣଙ୍କର କୌଣସି ଅସୁବିଧା ହେବନାହିଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ପାରିବାରିକସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ**
ବିଭିନ୍ନ ପ୍ରକାର ସମସ୍ୟା ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବାର ଆଶଙ୍କା ରହିଛି। ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା ବ୍ୟସ୍ତତାର କାରଣ ହୋଇପାରେ।


# classifieds

**Everyday**
0674-2580101, 2549302



## SALE

ଭୁବନେଶ୍ୱର ପିତାପଲ୍ଲୀ ଛକରୁ **200mtr** ଦୂରତାରେ **30'** ରାସ୍ତା ଥାଇ ପ୍ଲଟ୍ ମିଳୁଛି। **9994968742.** D-73267

ଭୁବନେଶ୍ୱର **IIT** ଅରଗୁଳ ରେଲ୍‌ୱେ ଷ୍ଟେସନ୍ ନିକଟରେ **Road,** ଇଲେକ୍ଟ୍ରିପୋଲ୍, **Plantation** ଥାଇ **well developed** ପ୍ଲଟ୍ **sqft.-270/-**ରେ କିଣନ୍ତୁ। **8018603523, 9348767829.** D-73273

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita- 9853150290. D-73271

**Duplex sale at Bhubaneswar @ 45 lakhs and apartment @ 42lakhs. 9439206202.** D-73275

ନନ୍ଦନକାନନ **Backside** ଚନ୍ଦକା-ତ୍ରିଶୂଳିଆ ବାଇପାସ୍ **Road** ପାଖରେ **well developed** ସ୍ଥିତିବାନ **plots sqft. 900/-** ରେ କିଣନ୍ତୁ- **9348767829, 8018603523.** D-73272

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ **30ft. road,** ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ **sqft.-320/-, 850/-**ରେ ମିଳୁଛି। **9668344479, 9437607388.** D-73268

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**Puri Studio apartment sale near new international Airport (Girala) rate-13,50,000/- onwards (Bank finance available). 8249390294, 8018417272.** D-73277

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-. 8114929186.** D-73929



Rent new 1BHK, Dadabari for Salaried people, Siddhamahavir, Puri-2. 9902406161. D-907



**Relax, refresh your body, mind at Saikrupa Spa with best therapies. 8984068077.** D-805

Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836



Pay Day Investments. Investment starting from Rs. 10K. Monthly guaranteed income/ return 3%. Return paid on Weekly Basis.Bank to Bank Transfer. - 9078020885. D-73330

## LOST

I Tusar Kant Patnaik, S/o- Late Srikrushna Patnaik, Plot No.- 1592/1593, Chintamaniswar Temple Area, near fishery lane-11, P.S.- Laxmisagar, PO.- Budheswari, Bhubaneswar- 751006, Dist.- Khordha, Odisha declare that while I was moving from my resident carrying the original sale deed bearing No.- 6725, dtd. 30.09.1988 which had been purchased in my name situated in Mouza- Laxmisagar, Unit-30, Bhubaneswar, Khata No.-262, Plot No.- 1592 & 1593 area No.-131 has been lost some where on the way from Saheed Nagar to Chintamaniswar on dt. 29.06.2022 at about 9pm while I was travelling in Mo-Bus. If anyone misuses the same I will in no way be responsible. D-922

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT



By virtue of an affidavit before Executive Magistrate, Bhubaneswar I have changed my surname from Bhoi to Behera. Henceforth I Shall be known, called and identified as KARTTIK Behera instead of KARTTIK Bhoi for all purposes. D-73930

By virtue of an affidavit before the Notary Public, Cuttack my actual name is Jaganath Prasad Sahoo but in my HSC and Gas Book has been recorded as Jaganath Prasad Sahu instead of Jaganath Prasad Sahoo. Henceforth Jaganath Prasad Sahu and Jaganath Prasad Sahoo both are same and one person. D-915

By virtue of an affidavit before Notary Public, Bhubaneswar I Sangeeta Behera changed my name to Sangeeta Falguni Sahu after marriage to Falguni Chandra Sahu. Henceforth I shall be known as Sangeeta Falguni Sahu for all purposes. D-71039

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in


## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣ୍ଟା ଫିରିକି,**
**ଏତେ ଗୁଣ ବୋଲି ଜାଣିଥିଲି କି ?**

କାହାର କି ଗୁଣ ଅଥବା ଖୁଣ ଅଛି ତାହା ହଠାତ୍ ଜଣାପଡ଼ି ନ ଥାଏ। ତେବେ ସମୟ ଆସିଲେ ବଳେ ତାହା ଜଣାପଡ଼ିଯାଇଥାଏ।ଯାହାର ପ୍ରକୃତି ମନ୍ଦ ତାହା ଦିନେ ନା ଦିନେ ଧରା ପଡ଼ିଯାଇଥାଏ। ଉପରକୁ ଭଦ୍ର ଜଣାପଡୁଥିବା ବ୍ୟକ୍ତିଙ୍କ ଭିତିରିଆ ମନ୍ଦ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**କୁଲାରେ କାଟିଲି ଲାଉ;**
**ସବୁଦିନ କଥା ମନରେ ଅଛି,**
**ଏକାଦିନେ ନେବି ଦାଉ।**

ଅନ୍ୟାୟରେ ଅନ୍ୟ ଦ୍ୱାରା ପ୍ରତାରିତ ହେଲେ, ହିନସ୍ତା ଭୋଗିଲେ ମନରୁ ସେସବୁ ସହଜରେ ଭୁଲି ହୋଇ ନ ଥାଏ। ବେଳ ଆସିଲେ ବା ସୁଯୋଗ ମିଳିଲେ ଏସବୁର ପ୍ରତିଶୋଧ ନେବା ପାଇଁ ହଟହଟା ହୋଇଥିବା ବ୍ୟକ୍ତି ମନସ୍ଥ କରିଥିବା ସ୍ଥଳେ ପ୍ରତିହିଂସା ପରାୟଣାତା ବଜାୟ ରଖିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ପ୍ରଥମ ପୃଷ୍ଠାରୁ...

## ତହସିଲଦାର, ଅତିରିକ୍ତ ...

କିପର ତଥା ବରିଷ୍ଠ ରାଜସ୍ୱ ସହକାରୀ ମକରଧ୍ୱଜ କାଲସାଏ (୪୬)ଙ୍କୁ ଗିରଫ କରିଛି। ଏହି ଜମି ହଡ଼ପ ମାମଲାରେ ପୂର୍ବରୁ ପୋଲିସ ୩ଜଣଙ୍କୁ ଗିରଫ କରିଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଜମି ହଡ଼ପ ସଂକ୍ରାନ୍ତରେ ଏକ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ଅତିରିକ୍ତ ଜିଲାପାଳ ଏବଂ ଉପଜିଲାପାଳଙ୍କୁ ନେଇ ଦୁଇଜଣିଆ ତଦନ୍ତ କମିଟି ଗଠନ କରାଯାଇ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ରିପୋର୍ଟକୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଥିଲା। ଉକ୍ତ ରିପୋର୍ଟ ଆଧାରରେ ରାଜ୍ୟ ସରକାର ତହସିଲଦାର ବାଗ ଏବଂ ଅତିରିକ୍ତ ତହସିଲଦାର ରାଉତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି। ତହସିଲଦାର ବାଗ ଏବଂ ଅତିରିକ୍ତ ତହସିଲଦାରଙ୍କ ନିଲମ୍ବନ ପରେ ଏହି ଦୁଇ ଅଧିକାରୀଙ୍କ ଅଡୁଆ ବଢ଼ିଛି। ଏମାନଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ହୋଇଥିଲା। ଛୁଟିଦିନରେ ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇ ଜଣେ ମୃତବ୍ୟକ୍ତିଙ୍କ ଦେଢ଼ ଏକର ଜମିକୁ ବିକ୍ରି କରାଯାଇଥିଲା। ଏପରିକି ସମ୍ପୃକ୍ତ ଜମିକେତ୍ରାଙ୍କୁ ପଟ୍ଟା ଦିଆଯାଇଥିବା ଅଭିଯୋଗ ହୋଇଥିଲା। ବଲାଙ୍ଗୀର ସହର ଉପକଣ୍ଠ ଧୁମାମରା ଗ୍ରାମର ଅବଦୁଲ ଷାଣ୍ଢେ ଗତ ଜୁନ୍ ୧୬ ତାରିଖରେ ସଦର ଥାନାରେ ତାଙ୍କ ବାପା ହର୍ଷ ଷାଣ୍ଢେଙ୍କ ନାଁରେ ଥିବା ଦେଢ଼ ଏକର ଜମି ବିକ୍ରି କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଏହି ଘଟଣାରେ ବଲାଙ୍ଗୀର ତହସିଲଦାର, ଅତିରିକ୍ତ ତହସିଲଦାର, ସବ୍‌ରେଜିଷ୍ଟ୍ରାରଙ୍କ ସମେତ ୯ ଜଣଙ୍କ ବିରୋଧରେ ସେ ଅଭିଯୋଗ କରିଥିଲେ। ସଦର ଥାନା ପୋଲିସ ଏକ ମାମଲା(୨୪୯/୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ୨୦୦୫ ମସିହାରୁ ଜମି ମାଲିକ ହର୍ଷ ଷାଣ୍ଢେଙ୍କ ମୃତ୍ୟୁ ଘଟିଥିବା ସତ୍ତ୍ୱେ ତାଙ୍କ ନାଁରେ ଜଣେ ବ୍ୟକ୍ତିଙ୍କୁ ଠିଆ କରାଇ ୨୦୨୧ ଡିସେମ୍ବର ୧୧ରେ ସେଲଡିଡ୍ ତିଆରି କରାଯାଇଥିଲା। ଶିକାବେହେଙ୍ଗା ଗ୍ରାମର ଉତ୍ତମ ନାଗ ନାମକ ଜଣେ ବ୍ୟକ୍ତି ନିଜକୁ ହର୍ଷ ଷାଣ୍ଢେ ଭାବେ ପରିଚୟ ଦେଇ ଏବଂ ଜାଲ୍ କାଗଜପତ୍ର ଦେଇ ସବ୍‌ରେଜିଷ୍ଟ୍ରି ଅଫିସରେ ୫୦ ଡିସମିଲ ଜମିର ସେଲଡିଡ୍‌ରେ ଦସ୍ତଖତ କରିଥିଲେ। ବଲାଙ୍ଗୀର ଗୋପବନ୍ଧୁନଗରର ମାଧବ ପୃଷ୍ଟି ନାମକ ଜଣେ ବ୍ୟକ୍ତି ନିଜ ସ୍ତ୍ରୀ ଲବଣୀ ପୃଷ୍ଟିଙ୍କ ନାଁରେ ଏହି ୫୦ ଡିସିମିଲ ଜମି କିଣିଥିଲେ। ୨୦୨୨ ମାର୍ଚ୍ଚ ୩ ତାରିଖରେ ଏହି ସେଲଡିଡ୍ କରାଯାଇଥିଲା। ତହସିଲ ଅଫିସରୁ ୫୦ ଡିସିମିଲ ଜମିର ପାର୍ଚ୍ଚା ବାହାରିବା ପରିବର୍ତ୍ତେ ଲବଣୀ ପୃଷ୍ଟିଙ୍କ ନାଁରେ ୧.୪୯ ଏକର ଜମିର ପାର୍ଚ୍ଚା ତିଆରି ହୋଇଯାଇଥିଲା। ଏହି ଜମି କେଲେଙ୍କାରୀରେ ତହସିଲଦାର ବାଗଙ୍କ ଡିଜିଟାଲ ସିଗ୍‌ନେଚର, ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରାଯାଇଥିବା ତଦନ୍ତରୁ ସ୍ପଷ୍ଟ ହୋଇଥିଲା। ଜମି କିଣିଥିବା ଲବଣୀ ପୃଷ୍ଟିଙ୍କ ସ୍ୱାମୀ ମାଧବ ପୃଷ୍ଟି, ନକଲି ଜମି ମାଲିକ ସାଜିଥିବା ଉତ୍ତମ ନାଗ ଏବଂ ସାକ୍ଷୀ ହୋଇଥିବା ଦେବରାଜ ରାଉତଙ୍କୁ ପୋଲିସ ପୂର୍ବରୁ ଗିରଫ କରି ଜେଲକୁ ପଠାଇ ସାରିଛି। ବୁଧବାର ରେକର୍ଡ କିପର ମକରଧ୍ୱଜ କାଲସାଏଙ୍କୁ ଗିରଫ କରାଯିବା ପରେ ଏହି ଜମି ବିକ୍ରି ଘଟଣାରେ ଗିରଫଦାରି ସଂଖ୍ୟା ୪କୁ ବୃଦ୍ଧି ପାଇଛି। ଏହି ଘଟଣାରେ ଆହୁରି କେତେଜଣ ଅଧିକାରୀ ଓ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବାକି ରହିଛି।

## କେନ୍ଦ୍ରମନ୍ତ୍ରୀ ନକ୍‌ଭି, ...

ଅବଦାନକୁ କ୍ୟାବିନେଟ ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ପ୍ରଶଂସା କରିଛନ୍ତି। ଭାଜପାର ମୁସ୍‌ଲିମ ଚେହେରା ତଥା ରାଜ୍ୟ ସଭାରେ ଦଳର ଉପନେତା ନକ୍‌ଭି ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ ଥିବାବେଳେ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏମ୍‌ପି ଆର୍‌ସିପି ସିଂ ଇସ୍ପାତ ମନ୍ତ୍ରୀ ଥିଲେ। ଉଚ୍ଚ ସଦନରେ ଜଣଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ କେନ୍ଦ୍ରମନ୍ତ୍ରୀ ଦାୟିତ୍ୱରେ ରହିପାରିବେ। କିନ୍ତୁ ତାଙ୍କୁ ଏହି ଅବଧି ମଧ୍ୟରେ ରାଜ୍ୟ ସଭା କିମ୍ବା ଲୋକ ସଭାକୁ ନିର୍ବାଚିତ ହୋଇ ଯିବାକୁ ପଡ଼ିବ। ଏପରି ହେଲେ ସମ୍ପୃକ୍ତ ଇସ୍ତଫାଦାତାଙ୍କୁ ମନ୍ତ୍ରୀ ପଦ ପାଇଁ ପୁଣି ଥରେ ଶପଥ ନେବାକୁ ପଡ଼ିଥାଏ। କେନ୍ଦ୍ରମନ୍ତ୍ରୀ ଆର୍‌ସିପି ସିଂ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରୁ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରୁଥିଲେ। ମୋଦି ସରକାର ଗତବର୍ଷ ଜୁଲାଇ ୭ରେ ତାଙ୍କୁ ଇସ୍ପାତ ମନ୍ତ୍ରୀ କରିଥିଲେ। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆର୍‌ସିପି ସିଂଙ୍କ ବଢ଼ିଚାଲିଥିବା ଘନିଷ୍ଠତାକୁ ଦେଖି ନିକଟରେ ନୀତୀଶ ପୁନର୍ବାର ନିର୍ବାଚିତ ହେବା ଲାଗି ଆର୍‌ସିପିଙ୍କୁ ଟିକେଟ ଦେଇ ନ ଥିଲେ। ତ୍ରିପୁରାର ମାଣିକ ଶାହା ରାଜ୍ୟ ସଭାରୁ ଇସ୍ତଫା ଦେଇ ମୁଖ୍ୟମନ୍ତ୍ରୀ ହେବା ପରେ ନିକଟରେ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଖାଲିପଡ଼ିଥିବା ତାଙ୍କ ଆସନରେ ଭାଜପା ଜଣଙ୍କୁ ଟିକେଟ ଦେଇପାରେ। ଏହାକୁ ବାଦ୍ ଦେଲେ ଆଗାମୀ କିଛି ମାସ ମଧ୍ୟରେ ରାଜ୍ୟ ସଭାର କୌଣସି ଆସନ ପାଇଁ ନିର୍ବାଚନ ହେବାର ନାହିଁ।

## ଦେଢ଼ବର୍ଷରେ ...

ସେହିପରି ଦେଶର ଅନ୍ୟ ପ୍ରମୁଖ ସହ ମୁମ୍ବାଇ, କୋଲକାତା ଏବଂ ଚେନ୍ନାଇରେ ଏହାର ମୂଲ୍ୟ ଯଥାକ୍ରମେ ୧୦୫୨.୫ଟଙ୍କା, ୧୦୭୯ ଟଙ୍କା ଏବଂ ୧୦୬୮.୫ ଟଙ୍କା ହୋଇଛି। ଗୋଟିଏ ପଟେ ଗ୍ୟାସ୍ ଦର ବଡ଼ଧରଣର ବୃଦ୍ଧି ପାଉଛି, ଅନ୍ୟ ପଟେ ଉପଭୋକ୍ତାଙ୍କୁ ସିଲିଣ୍ଡର ପିଛା ରିହାତି ଆକାରରେ ସରକାର ମାତ୍ର ୧୩.୯୫ ଟଙ୍କା ଦେଉଥିବା ଜଣାପଡ଼ିଛି। ଇଣ୍ଡିଆନ ଅଏଲ କର୍ପୋରେଶନ (ଆଇଓସି)ର ତଥ୍ୟ ଅନୁଯାୟୀ ନୂଆଦିଲ୍ଲୀରେ ୨୦୨୧ ଫେବୃୟାରୀ ୪ରେ ୨୫ ଟଙ୍କା ବୃଦ୍ଧି ପୂର୍ବରୁ ଜାନୁୟାରୀରେ ୧୪.୨ କେ.ଜି. ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ୬୯୪ ଟଙ୍କା ଥିଲା। ସେହି ସମୟରେ ଭୁବନେଶ୍ୱରରେ ମୂଲ୍ୟ ୭୨୦.୫ ଟଙ୍କା ଥିଲା। ନୂଆଦିଲ୍ଲୀରେ ଏହି ଦର ୨୦୨୧ ଜୁନ୍ ସୁଦ୍ଧା ୮୩୪.୫ ଟଙ୍କା ଏବଂ ବର୍ଷ ଶେଷ ସୁଦ୍ଧା ୮୯୯.୫ ଟଙ୍କାରେ ପହଞ୍ଚିଥିଲା। ୨୦୨୧ ଜାନୁୟାରୀରୁ ୨୦୨୨ ଜୁଲାଇ ୬ ମଧ୍ୟରେ ମୂଲ୍ୟ ନୂଆଦିଲ୍ଲୀରେ ୩୫୯ ଟଙ୍କା ଏବଂ ଭୁବନେଶ୍ୱରରେ ୩୫୮.୫ ଟଙ୍କା ବଢ଼ିଲାଣି।

ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ। ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ। ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ। –ଶ୍ରୀମା



# ଆମେରିକା ଗଣତନ୍ତ୍ର ସଙ୍କଟରେ



ଜର୍ଜ ସୋରସ

୧୭୭୬ରେ ଆମେରିକାରେ ଗଣତନ୍ତ୍ର ପ୍ରତିଷ୍ଠା ହେବାଠାରୁ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ଲଗାତର ବିକଶିତ ହୋଇଆସିଛି। କିନ୍ତୁ ଏବେ ଏହାର ଗଣତନ୍ତ୍ର ଗମ୍ଭୀର ରୂପେ ସଙ୍କଟଗ୍ରସ୍ତ। ଦେଶ ଓ ବିଦେଶରେ ପରସ୍ପର ସହ ଜଡ଼ିତ ବହୁ ଅବ୍ୟବସ୍ଥିତ କାର୍ଯ୍ୟକଳାପ ବା ଘଟଣାଗୁଡ଼ିକ ଏହି ସଙ୍କଟ ପାଇଁ ଦାୟୀ। ଚାଇନାରେ ଶି ଜିନ୍‌ପିଙ୍ଗଙ୍କ ନେତୃତ୍ୱାଧୀନ ଦମନକାରୀ ଶାସନ ଓ ବିଶ୍ୱରେ ଏକ ଏକଚ୍ଛତ୍ରବାଦ ଜାରି କରିବାକୁ ଚାହୁଁଥିବା ଭ୍ଲାଡିମିର ପୁଟିନ୍‌ଙ୍କ ରୁଷିଆ ପକ୍ଷରୁ ଆମେରିକା ଉପରେ ବିପଦ ସୃଷ୍ଟି ହୋଇଛି। କିନ୍ତୁ ଦେଶ ଭିତରେ ଗଣତନ୍ତ୍ରର ଶତ୍ରୁମାନଙ୍କ ପକ୍ଷରୁ ଆମେରିକା ପ୍ରତି ଅଧିକ ବିପଦ ସୃଷ୍ଟି ହେବା ଚିନ୍ତାର କାରଣ। ଏମାନଙ୍କ ମଧ୍ୟରେ ସୁପ୍ରିମକୋର୍ଟ ଅନ୍ୟତମ, ଯାହା ଉପରେ ଚରମ ଦକ୍ଷିଣପନ୍ଥୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ପ୍ରାଧାନ୍ୟ ରହିଛି। ରିପବ୍ଲିକାନ୍ ପାର୍ଟି କୋର୍ଟରେ ସେହି ଚରମ ଦକ୍ଷିଣପନ୍ଥୀ ବିଚାରପତିମାନଙ୍କୁ ଅବସ୍ଥାପିତ କରିଥିଲା। ସେମାନଙ୍କ ନିଷ୍ପତ୍ତି ରୋଏ ବନାମ ୱାଡେ ମାମଲାକୁ କେବଳ ଓଲଟପାଲଟ କରିନାହିଁ, ବରଂ ମହିଳାଙ୍କ ଗର୍ଭପାତକୁ ସ୍ୱୀକୃତି ଦେଇଥିବା ୧୯୭୩ର ଏହି ଐତିହାସିକ ମାମଲାର ରାୟକୁ ବଦଳେଇ ଦେଇଛି।

ସଂଖ୍ୟାଧିକ ବିଚାରପତିଙ୍କ ନ୍ୟାୟିକ ରାୟକୁ ଲିପିବଦ୍ଧ କରିଥିବା ସାମୁଏଲ ଅଲିଟୋ ଜୋର୍ ଦେଇ କହନ୍ତି ଯେ, ଚତୁର୍ଦ୍ଦଶ ସଂଶୋଧନ ୧୮୬୮ରେ ସ୍ଥିରୀକୃତ ସଂଶୋଧନରେ ସ୍ୱୀକୃତ ଅଧିକାରଗୁଡ଼ିକୁ ସୁରକ୍ଷା ଦିଏ। କିନ୍ତୁ ଏହି ଯୁକ୍ତି ସେବେଠାରୁ ସ୍ୱୀକୃତ ହୋଇଆସିଥିବା ଅନ୍ୟ ଅଧିକାରଗୁଡ଼ିକ ଉପରେ ବିପଦ ସୃଷ୍ଟି କରେ। ସେହିସବୁ ଅଧିକାରଗୁଡ଼ିକ ମଧ୍ୟରେ ରହିଛି ଗର୍ଭନିରୋଧ ଅଧିକାର, ସମଲିଙ୍ଗୀ ବିବାହ ଏବଂ ଏଲଜିବିଟିଙ୍କ ସବୁ ଅଧିକାର। ଏହି କାରଣଗୁଡ଼ିକୁ ବିଚାରକୁ ନେଲେ ତାର୍କିକ ନିଷ୍କର୍ଷରେ ପହଞ୍ଚିବା ଯେ, କୋର୍ଟର ଉକ୍ତ ରାୟ ଆନ୍ତଃ ଜାତି ବିବାହକୁ ବନ୍ଦ କରିବାକୁ ଅନୁମତି ଦେଇପାରେ, ଯାହାକୁ କେତେକ ରାଜ୍ୟ ୧୯୬୭ ପର୍ଯ୍ୟନ୍ତ କରିଥିଲେ। ଏହା ମଧ୍ୟ ସ୍ପଷ୍ଟ ଯେ, କୋର୍ଟର ଏହି ରାୟ କାର୍ଯ୍ୟନିର୍ବାହୀ ଶାଖା ଉପରେ ଏକ ମୁହାଁମୁହିଁ ଯୁଦ୍ଧ ଆରମ୍ଭ କରିବାକୁ ଚାହେଁ। ଏବେ କୋର୍ଟର ଅବଧି ଠିକ୍ ଶେଷ ହେବା ବେଳକୁ ଆଉ ଏକ ସବୁଠୁ ପରିଣାମୀ ରାୟରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଆବଶ୍ୟକ ନିୟମଗୁଡ଼ିକ ଜାରି କରିବାକୁ ଏନ୍‌ଭାଇରନମେଣ୍ଟ ପ୍ରୋଟେକ୍‌ସନ ଏଜେନ୍ସିଙ୍କୁ ମନା କରିଦିଆଯାଇଛି। ତେବେ ଏବକାର କୋର୍ଟଙ୍କ ନିଷ୍ପତ୍ତିଗୁଡ଼ିକର କାରଣ ଜାଣିବାକୁ ବାକି ନାହିଁ। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ପ୍ରୋତ୍ସାହିତ ସମର୍ଥନ ଏବଂ ଡେମୋକ୍ରାଟିକ ପାର୍ଟିର ଦୁର୍ବଳତା କାରଣରୁ ଏହା ଘଟୁଛି। ବନ୍ଧୁକ ଆଇନଗୁଡ଼ିକ ଉପରେ ବିଚାର କରାଯାଉ। କୋର୍ଟର ଦକ୍ଷିଣପନ୍ଥୀ ବିଚାରପତିମାନେ ଭଲ ଭାବେ ବନ୍ଧୁକ ସମର୍ଥକ ଲବିକୁ ଶୁଣନ୍ତି। ଏଣୁ ଏବେ ବ୍ୟାପୁଥିବା ସାମୂହିକ ଗୁଳିକାଣ୍ଡଗୁଡ଼ିକ ବିରୋଧରେ ଜାତୀୟ ସ୍ତରରେ ଏଭଳି ବିରୋଧାଭାବ ସୃଷ୍ଟିକଲା ଯେ, କିଛି ରିପବ୍ଲିକାନ ସମର୍ଥକ ଏକ ନୂତନ ସଂଘୀୟ ବନ୍ଧୁକ ଆଇନକୁ ସମର୍ଥନ କଲେ। ଏପରି କି କୋର୍ଟ ମଧ୍ୟ ଗୁପ୍ତରେ ହ୍ୟାଣ୍ଡଗନ୍ ରଖିବା ଉପରେ କଡ଼ା କଟକଣା ଲଗାଇଥିବା ଏକ ଦୀର୍ଘଦିନର ନ୍ୟୁୟର୍କ ଲ'କୁ ରଦ୍ଦ କରି ନ୍ୟାଶନାଲ ରାଇଫଲ ଆସୋସିଏଶନର କ୍ଷତିପୂରଣ କରିବାରେ ସହାୟକ ହେଲେ।




ଆମେରିକାରେ ସବୁଠୁ ସମ୍ମାନାସ୍ପଦ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ସୁପ୍ରିମକୋର୍ଟ ଅନ୍ୟତମ। ଏବକାର ରାୟରେ ସଂଖ୍ୟାଧିକ ଚରମପନ୍ଥୀଙ୍କ ଗ୍ରହଣୀୟତା ହାର ସବୁଠୁ କମ୍ ରହିଛି ଓ କୋର୍ଟର ଏଭଳି ରାୟକୁ ରେକର୍ଡ ହାରରେ ନାପସନ୍ଦ କରାଯାଇଛି। ଏହି ରାୟ ଯାହା ଗର୍ଭଧାରଣ ଅଧିକାରକୁ କ୍ଷୁଣ୍ଣ କଲା ସେଥିରୁ ଜଣା ପଡ଼ିଲା ଯେ, ସଂଖ୍ୟାଧିକ ରକ୍ଷଣଶୀଳ ବିଚାରପତିଙ୍କ ରାୟ କୋର୍ଟର ବୈଧାନିକତାକୁ ଅଣଦେଖା କରିଛି। ଦୁର୍ଭାଗ୍ୟବଶତଃ ଏହି ସଂଖ୍ୟାଧିକ ଦୀର୍ଘଦିନ ପାଇଁ ସଂଖ୍ୟାଲଘୁ ଭାବେ ରହିବାର ସମ୍ଭାବନା ରହିଛି। କାରଣ,ସଂଖ୍ୟାଧିକ ଚରମପନ୍ଥୀମାନେ ଯୁବକ ଏବଂ ୬ ଜଣରେ ସେମାନଙ୍କ ସଂଖ୍ୟା ୩। ଏଥିପାଇଁ ସୁପ୍ରିମକୋର୍ଟରେ ଲଗାମ ଲଗାଇବା ବା ଏହାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଏକ ବାଟ ରହିଛି। ଅଚାନକ କାର୍ଯ୍ୟାଳୟରୁ ରିପବ୍ଲିକାନ ପାର୍ଟିକୁ ବାହାରକୁ ଫିଙ୍ଗି ଦେବାକୁ ପଡ଼ିବ। ଫଳରେ ସୁପ୍ରିମ୍‌କୋର୍ଟର ସୁରକ୍ଷା ପାଇଁ ପ୍ରଦତ୍ତ ଅଧିକାରଗୁଡ଼ିକୁ ବୈଧାନିକ ଉପାୟରେ ସୁରକ୍ଷିତ ରଖିବାକୁ ଏହା କଂଗ୍ରେସକୁ ଅନୁମତି ଦେବ। କଂଗ୍ରେସ ପଦକ୍ଷେପ ନେବା ବି ଦରକାର। ଏହା ପ୍ରଥମେ ମହିଳାଙ୍କ ଗର୍ଭପାତ ଅଧିକାରର ସୁରକ୍ଷା କରିବା ଉଚିତ। ଯଦି ଏହି ଆଇନକୁ ବିରୋଧ କରି ସଂଶୋଧନ କରାଯାଏ ତେବେ ତାହାର ସୁରକ୍ଷା ହୋଇପାରିବ। କିନ୍ତୁ ଯେତେବେଳେ ଦକ୍ଷିଣପନ୍ଥୀ ରିପବ୍ଲିକାନମାନଙ୍କ ବିରୋଧରେ ଏକ ଐତିହାସିକ ବିଜୟ ଲାଗି ସଂଗଠିତ ହେବା କଥା ଉଠେ, ସେତେବେଳେ ବିରୋଧୀମାନେ ପ୍ରାୟତଃ ବହୁ ବୃହତ ବାଧା ସାମ୍ନା କରିଥାନ୍ତି। ସୁପ୍ରିମକୋର୍ଟରେ ରିପବ୍ଲିକାନ୍‌ମାନେ କେବଳ ବହୁ ସଂଖ୍ୟାରେ ନାହାନ୍ତି, ବରଂ ଅନେକ ନିମ୍ନ ଅଦାଲତରେ ବି ବହୁ ସଂଖ୍ୟାରେ ଚରମପନ୍ଥୀ ବିଚାରପତି ରହିଛନ୍ତି। ସେମାନେ ଫ୍ଲୋରିଡା, ଜର୍ଜିଆ ଏବଂ ଟେକ୍ସାସ୍ ଭଳି ରାଜ୍ୟଗୁଡ଼ିକ ଭୋଟିଂକୁ ଜଟିଳ କରୁଥିବା ବହୁ ଆଇନ୍ ପାସ୍ କରିଛନ୍ତି। ଏହି ଆଇନଗୁଡ଼ିକ ଆମେରିକାରେ ରହୁଥିବା ଆଫ୍ରିକୀୟ ଓ ଅନ୍ୟ ସଂଖ୍ୟାଲଘୁମାନଙ୍କୁ ମତାଧିକାରୁ ବଞ୍ଚିତ କରୁଥିବାବେଳେ ବିଶେଷ କରି ରିପବ୍ଲିକାନକୁ ନିର୍ବାଚନରେ ବିଜୟୀ କରିବାକୁ ଲକ୍ଷ୍ୟ ରଖିଥିବା ଯୁବ ଭୋଟରମାନଙ୍କ ଉପରେ ଅଧିକ ଧ୍ୟାନ ଦେଇଛି। ନିକଟରେ ଏହି ଆଇନଗୁଡ଼ିକ ମଧ୍ୟରୁ ଗୋଟିକୁ ରଦ୍ଦ କରିବା ସମୟରେ ଜଣେ ଫ୍ଲୋରିଡା ଫେଡେରାଲ ଜଜ୍ ଉଲ୍ଲେଖ କରିଥିଲେ ଯେ, ଫ୍ଲୋରିଡାର ନିର୍ବାଚନ ପଦ୍ଧତିର ପୁନର୍ଗଠନ କରିବା ଲକ୍ଷ୍ୟ ନେଇ ଏଭଳି ଉପାୟରେ ଏସବୁ ଅଇନ ପାସ୍ କରାଯାଇଥିଲା ଯାହା ଡେମୋକ୍ରାଟିକ ପାର୍ଟି ଉପରେ ବିଜୟ ହାସଲ କରିବାରେ ରିପବ୍ଲିକାନ ପାର୍ଟିକୁ ସହଯୋଗ କରିବ।

ଏସବୁ ଆଇନ ଯଦି ଭୋଟରମାନଙ୍କୁ କେବଳ ଟାର୍ଗେଟ କରେ ତେବେ ଅତ୍ୟନ୍ତ ଖରାପ ହେବ। କିନ୍ତୁ ରିପବ୍ଲିକାନ୍‌ମାନେ ଭୋଟ ଗଣତି ଏବଂ ନିର୍ବାଚନ ପ୍ରମାଣନ ପ୍ରକ୍ରିୟା ଉପରେ ଆକ୍ରମଣ କରି ତା'ଠାରୁ ଆହୁରି ଆଗକୁ ଯାଉଛନ୍ତି। ଆଇନ ପରିବର୍ତ୍ତନ କରି ସହଜରେ ନିର୍ବାଚନ ପ୍ରକ୍ରିୟାକୁ ଶେଷ କରିବା ଠାରୁ ଆରମ୍ଭ କରି ୨୦୨୦ରେ ଗୁପ୍ତରେ ନିର୍ବାଚନ ବିଜୟ ତାଙ୍କ ଠାରୁ ଛଡାଇ ନିଆଯାଇଥିବା ଭଳି ଟ୍ରମ୍ପଙ୍କ ବଡ଼ ମିଛରେ ତାଙ୍କ ବିଶ୍ୱାସୀମାନେ ସାମିଲ ହେବା ଘଟଣାରୁ ଆମେ ଲକ୍ଷ୍ୟ କରୁଛୁ ଯେ, ରିପବ୍ଲିକାନ୍‌ମାନେ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ପ୍ରତ୍ୟେକ ଦିଗରୁ ଆକ୍ରମଣ କରୁଛନ୍ତି। ଏଠାରେ ମଧ୍ୟ ଫେଡେରାଲ ଭୋଟିଂ ରାଇଟସ ଆକ୍ଟକୁ ନଷ୍ଟ କରି ସଂଖ୍ୟାଲଘୁଙ୍କ ଭୋଟିଂ ଅଧିକାର ଦୁର୍ବଳ କରିବାକୁ ରାଜନୀତିରେ ଖୋଲାଖୋଲି ଭାବେ ପକ୍ଷପାତକୁ ଅନୁମତି ଦେବାରେ ସୁପ୍ରିମକୋର୍ଟଙ୍କ ହାତ ରହିଛି।

ସୌଭାଗ୍ୟବଶତଃ, ଆମେରିକାରେ ଗଣତନ୍ତ୍ରର ସ୍ଥିତି ଗଭୀର ସଙ୍କଟରେ ଥିବା ଦାବିରେ ମୁଁ ଏକୁଟିଆ ନାହିଁ। ଗର୍ଭପାତ ଆଇନକୁ ବଦଳାଇ ଦେବାରେ କୋର୍ଟର ନିଷ୍ପତ୍ତିରେ ଆମେରିକାର ଜନସାଧାରଣ ଉତ୍ତେଜିତ ହୋଇଛନ୍ତି। କିନ୍ତୁ ଲୋକମାନେ ଜାଣିବା ଦରକାର ଯେ, କାହା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଆମେରିକାକୁ ଏକ ଦମନକାରୀ ଶାସନରେ ପରିବର୍ତ୍ତନ କରିବା ଲାଗି ଏଭଳି ଯୋଜନା କରାଯାଇଛି ବୋଲି ସ୍ୱୀକାର କରିବା ଦରକାର। ତାହାକୁ ବିରୋଧ କରିବା ସକାଶେ ଆମେ ଯାହା ଦରକାର ତାହା କରିବା ଉଚିତ। ଯେଉଁମାନେ ଅତୀତରେ ଟ୍ରମ୍ପଙ୍କୁ ଭୋଟ ଦେଇଥିଲେ ସେମାନଙ୍କୁ ଏହି ସଂଗ୍ରାମରେ ମଧ୍ୟ ସାମିଲ କରିବା ନିହାତି ଜରୁରୀ। ମୁଁ ଡେମୋକ୍ରାଟିକ ପାର୍ଟିର ଜଣେ ସମର୍ଥକ। କିନ୍ତୁ ଏଠାରେ କହିବାକୁ ଚାହେଁ ଯେ, ଏହା ଏକ ପକ୍ଷପାତପୂର୍ଣ୍ଣ ପ୍ରସଙ୍ଗ ନୁହେଁ, ଏହା ଆମେରିକାରେ କାର୍ଯ୍ୟ କରୁଥିବା ଏବଂ ଆମେରିକାର ଗଣତନ୍ତ୍ରର କେନ୍ଦ୍ରରେ ଥିବା ଏକ ଦ୍ୱିଦଳୀୟ ରାଜନୈତିକ ବ୍ୟବସ୍ଥାର ପୁନଃସ୍ଥାପନର ବିଷୟ।

**ପ୍ରତିଷ୍ଠାତା ଓ ଅଧ୍ୟକ୍ଷ, ଓପନ୍ ସୋସାଇଟି ଫାଉଣ୍ଡେଶନ**

## ପ୍ରତିଧ୍ୱନି



ନିମାଇଁ ଚରଣ ଲେଙ୍କା

ଗୁରୁକୁଳରେ ଅଧ୍ୟୟନରତ ରାଜପୁତ୍ର ଥରେ ଗୁରୁଙ୍କ ସହ କୌଣସି ସ୍ଥାନକୁ ଉଚ୍ଚ ପାର୍ବତ୍ୟ ରାସ୍ତାରେ ଯାଉଥିବା ବେଳେ ତାଙ୍କ ଗୋଡ଼ରେ କଣ୍ଟାଟିଏ ଫୁଟିଗଲା। ଯନ୍ତ୍ରଣାରେ 'ଓଃ' ବୋଲି ତାଙ୍କ ପାଟିରୁ ବାହାରି ଆସିବାରୁ ପର୍ବତ କନ୍ଦରରୁ ସେହି (ଓଃ) ଶବ୍ଦ ପ୍ରତିଧ୍ୱନିତ ହେଲା। କ୍ରୋଧରେ ରାଜପୁତ୍ର କହିଲେ, 'ତୁମେ କିଏ? ମୋତେ କ'ଣ ଥଟ୍ଟା କରୁଛ?' ଉତ୍ତର ବି ସେଇଆ ଆସିଲା। ରାଜପୁତ୍ର ଆହୁରି ଉତ୍ତେଜିତ ସ୍ୱରରେ କହିଲେ,'ତୁମେ କ'ଣ ଜାଣିନାହଁ ମୁଁ ଏ ରାଜ୍ୟର ଯୁବରାଜ?' ପୁଣି ମଧ୍ୟ ସେହିଭଳି ଉତ୍ତର ଆସିଲା। ସେ ଯେତେ ବାକ୍ୟ ପ୍ରୟୋଗ କଲେ ବି ସେହି ଏକାପ୍ରକାର ଉତ୍ତର ଆସିଲା। ଏଥିରେ ବ୍ୟସ୍ତ ହୋଇ ସେ ଏ ବିଷୟ ତାଙ୍କ ଗୁରୁଙ୍କ ଦୃଷ୍ଟିକୁ ଆଣିବାରୁ ଗୁରୁଦେବ କହିଲେ, "ବତ୍ସ! ଏହା କୌଣସି ବ୍ୟକ୍ତିବିଶେଷଙ୍କ ଉପହାସ ନୁହେଁ, ତୁମ ପ୍ରତ୍ୟେକ ଶବ୍ଦ ଓ ବାକ୍ୟର ହିଁ ଅବିକଳ ପ୍ରତିଧ୍ୱନି ବା ପ୍ରତିକ୍ରିୟା।" ଏହା ନିଶ୍ଚିତ ଯେ ପ୍ରତ୍ୟେକ କ୍ରିୟାର ଗୋଟିଏ ପ୍ରତିକ୍ରିୟା ରହିଛି। ପୁଣି ସେହି ପ୍ରତିକ୍ରିୟାଟି ମୂଳକ୍ରିୟାର ସମରୂପ ତଥା ସମତୁଲ୍ୟ। ପ୍ରତ୍ୟେକ ଚିନ୍ତା, କାମନା, କଳ୍ପନା ଓ ଭାବପ୍ରବଣତାର ପ୍ରତିକ୍ରିୟା ରହିଛି।

ସଦ୍‌ଗୁଣ ପୁରସ୍କୃତ ହୁଏ, ଦୁର୍ଗୁଣ ଦଣ୍ଡିତ ହୁଏ। ଏହା ହିଁ କ୍ରିୟା ପ୍ରତିକ୍ରିୟା ନିୟମର କାର୍ଯ୍ୟକାରିଣୀ ପଦ୍ଧତି। ଯେଉଁ ଶବ୍ଦଟି ଆମଠାରୁ ବାହାରିଯାଉଛି, ତାହା ହେଉଛି କ୍ରିୟା, ଧ୍ୱନି ବା କର୍ମ। ସେହି ଧ୍ୱନି ସଂସାରରୂପୀ ପର୍ବତ କନ୍ଦରରେ ପ୍ରତିଧ୍ୱନିତ ହୋଇ ଫେରିଆସିବା ହେଲା ପ୍ରତିକ୍ରିୟା, ପ୍ରତିଧ୍ୱନି ବା କର୍ମଫଳ। ମନ, ବଚନ ଓ କର୍ମରେ ଆମର କ୍ରିୟା(ଧ୍ୱନି) ଯେପରି ହେବ, ତା'ର ପ୍ରତିକ୍ରିୟା (ପ୍ରତିଧ୍ୱନି) ମଧ୍ୟ ଠିକ୍ ସେହିପରି ହେବ। ଆମର ମନ ଚିନ୍ତନର ଏକ ଟାୱାର ଭଳି। ସେଠାରୁ ଯେଉଁଭଳି ଚିନ୍ତନ ଚତୁର୍ଦ୍ଦିଗରେ ତରଙ୍ଗାୟିତ ହେବ, ସଂସାରର ସେହିଭଳି ଚିନ୍ତନ ସମୂହ ତା' ନିକଟକୁ ଫେରିବ। ଯଦି ବ୍ୟକ୍ତିଙ୍କ ଚିନ୍ତନ (ମନ, ବଚନ ଓ କର୍ମ) ସର୍ବଦା ସକାରାତ୍ମକ ହେଉଥାଏ, ତେବେ ସଂସାରର ସମସ୍ତ ସକାରାତ୍ମକ ଚିନ୍ତନ ଏବଂ ନକାରାତ୍ମକ ହେଉଥିଲେ ନକାରାତ୍ମକ ଚିନ୍ତନ ହିଁ ଫେରିବ। ସକାରାତ୍ମକ ବ୍ୟକ୍ତିଙ୍କୁ ନକାରାତ୍ମକ ଚିନ୍ତନ କୌଣସି ଆଘାତ କରିପାରେ ନାହିଁ। ବରଂ ନକାରାତ୍ମକ ବ୍ୟକ୍ତିଙ୍କ ପ୍ରତି ସକାରାତ୍ମକ ଚିନ୍ତନ (ଶୁଭଭାବନା ଓ ଶୁଭକାମନା)ର ପ୍ରୟୋଗ ଫଳବତୀ ହୁଏ। ଆମେ ଯାହା ଦେଖୁଛେ, ତାହା ଆମ ହୃଦୟର ପ୍ରତିଛବି। ଯାହା ଶୁଣୁଛେ, ତାହା ଆମ ଅନ୍ତରର ପ୍ରତିଧ୍ୱନି। ଏହି ଜଗତ ଜଣଙ୍କ ପାଖରେ ମଧୁମୟ ଓ ଅନ୍ୟଜଣଙ୍କ ନିକଟରେ ବିଷମୟ ବୋଧହୁଏ କାହିଁକି? ତା'ର କାରଣ, ଯିଏ ଯେପରି ଚିନ୍ତା କରନ୍ତି, ବାକ୍ୟ ପ୍ରୟୋଗ କରନ୍ତି ଓ କର୍ମ କରନ୍ତି, ସେ' ସେପରି ଫଳପାଆନ୍ତି। ଆମ ମୁଖର ଆକୃତି ଯେପରି ହେବ, ଦର୍ପଣରେ ସେପରି ପ୍ରତିଛବି ଦେଖାଯିବ। ଆମେ ଯେପରି କଥା କହିବା, ସେପରି ପ୍ରତିଧ୍ୱନି ହିଁ ଶୁଣିବା। କାର୍ଯ୍ୟ ଓ କାରଣର ନିୟମ ଅନମନୀୟ ଓ ନିର୍ଦ୍ଦୟ। ଆମେ ବର୍ତ୍ତମାନ ଯନ୍ତ୍ରଣା, ଦାରିଦ୍ର୍ୟ, ବ୍ୟଥା ଓ ଦୁଃଖ ଅନୁଭବ କରୁଛୁ। କାରଣ ଆମେ ଅତୀତରେ ମନ୍ଦର ମଞ୍ଜି ବୁଣିଥିଲୁ। ଯିଏ ଅତୀତରେ ଭଲର ମଞ୍ଜି ବୁଣିଥିଲେ, ସିଏ ଆଜି ତାହାର ଫଳସ୍ୱରୂପ ପ୍ରାଚୁର୍ଯ୍ୟ ଓ ଆନନ୍ଦ ଉପଭୋଗ କରୁଛନ୍ତି। ଏହି ନିୟମକୁ ବୁଝିବାକୁ ଚେଷ୍ଟାକଲେ ଆମେ କେବଳ ଭଲର ମଞ୍ଜି ବୁଣିବାକୁ ଆରମ୍ଭ କରିବା। ଶୁଦ୍ଧ, ଉନ୍ନତ ଓ ଦିବ୍ୟଚିନ୍ତାକୁ ସ୍ୱାଗତ କରିବା। ସର୍ବଦା ଭଲକାମ କରିବା। ମନ୍ଦ ଆମ ମନ ଭିତରେ ପଶିପାରିବ ନାହିଁ। ତେଣୁ ସଂସାରକୁ ସୁଖମୟ କରିବା ପାଇଁ ହେଲେ ଏହାର ସବୁବସ୍ତୁକୁ ଭଲ କରିବାକୁ ଚେଷ୍ଟାକରିବା। ଏହା ପୂର୍ବରୁ ପ୍ରଥମେ ନିଜ ଅନ୍ତରକୁ ଶୁଦ୍ଧ ଓ ଦେବ ଭାବାପନ୍ନ କରିବାକୁ ହେବ। ନୈତିକତାକୁ ତ୍ୟାଗ କରିବା ନାହିଁ କିମ୍ବା ସଦ୍‌ଗୁଣରୁ ଦୂରେଇ ଯିବାନାହିଁ। ପରିଶେଷରେ ଆମକୁ ପରମାନନ୍ଦ ଓ ସମ୍ପୂର୍ଣ୍ଣ ସଫଳତା ପ୍ରାପ୍ତହେବ।

ଆମ ଅନ୍ତରର ବିଚାର ଆମକୁ ବାହ୍ୟକର୍ମ କରିବାକୁ ପ୍ରେରିତ କରେ। ବାରମ୍ବାର କରାଯାଉଥିବା କର୍ମ ଅଭ୍ୟାସରେ ପରିଣତ ହୋଇଯାଏ ଏବଂ ସେହି ଅଭ୍ୟାସ ହିଁ ଆମ ସ୍ୱଭାବର ଅଭିନ୍ନଗୁଣ ହୋଇଯାଏ। ସେହି ସ୍ୱଭାବ ଆମର ଚରିତ୍ର ନିର୍ମାଣ କରେ। ଆମ ଭବିଷ୍ୟତ ଓ ଭାଗ୍ୟ ସେହି ଚରିତ୍ରର ହିଁ ପ୍ରତ୍ୟକ୍ଷ ପରିଣାମ। ଆମ ଅନ୍ତରର ଚିନ୍ତାଧାରା ବା ଧ୍ୱନି ହେଉଛି ଆମ ଅନ୍ତିମ ପରିଣତି ବା ପ୍ରତିଧ୍ୱନିର ବୀଜ ସ୍ୱରୂପ। ସତ୍‌ଭାବନା ଓ ମହତ୍ ଚିନ୍ତା ପୋଷଣ କଲେ ଆମେ ଜଣେ ମହାନ୍ ମନୁଷ୍ୟରେ ପରିଣତ ହୋଇ ଶ୍ରେଷ୍ଠତ୍ୱ ଅର୍ଜନ କରିବା ଏବଂ ଜୀବନ ସାଫଲ୍ୟମଣ୍ଡିତ ହୋଇଯିବ। ଜୀବନର ଅନ୍ୟ ସବୁକିଛିଠାରୁ ଅଧିକ ମୂଲ୍ୟବାନ ବସ୍ତୁଟି ହେଉଛି ସଦ୍‌ଗୁଣର ବିକାଶ। ସଦ୍‌ଗୁଣ ହିଁ ପରମାନନ୍ଦ ଲାଭର ସ୍ରୋତ।

ମୋ: ୯୨୩୮୬୧୫୪୭୮

## ଏଇ ଭାରତରେ

ଶିକ୍ଷକ, ଅଭିଭାବକ ଓ ଛାତ୍ର, ଏହି ତିନୋଟି ସ୍ତମ୍ଭ ଉପରେ ଶିକ୍ଷା ମଜଭୁତ ହୋଇପାରିବ ବୋଲି ଯେଉଁ ଧାରଣା ରହିଛି, ତାହା ପ୍ରମାଣ କରି ଦେଖାଇଛନ୍ତି ମହାରାଷ୍ଟ୍ରର ଶିକ୍ଷକ ରଣଜିତ୍‌ସିଂ ଦିଶାଲେ। ବ୍ୟକ୍ତିଗତ କାରଣରୁ ଇଞ୍ଜିନିୟରିଂ ଶିକ୍ଷା ଛାଡ଼ି ଘରକୁ ଫେରିବା ପରେ ବାପାଙ୍କ ପ୍ରେରଣାରେ ସେ ଟିଚର୍ସ ଟ୍ରେନିଂ କଲେଜରେ ଯୋଗ ଦେଇଥିଲେ। ପରେ ସେଠାରୁ ଉତ୍ତୀର୍ଣ୍ଣ ହୋଇ ସୋଲାପୁରର ପରିତେୱାଡି ଗାଁର ଜିଲା ପରିଷଦ ପ୍ରାଇମେରୀ ସ୍କୁଲରେ ଯୋଗ ଦେଇଥିଲେ। ସେଠାରେ ସ୍କୁଲ୍‌ରେ ପିଲାସଂଖ୍ୟା ବଢ଼ାଇବା ଲାଗି ସେ ଗାଁର ଘରଘର ବୁଲି ଅଭିଭାବକଙ୍କୁ ସଚେତନ କରି, ଲାପ୍‌ଟପ୍‌ରେ ୟୁଟ୍ୟୁବ୍ ଓ ଭିଡିଓ ଦେଖାଇ ପିଲାମାନଙ୍କୁ ସ୍କୁଲ୍‌କୁ ଆଣିବାକୁ ସକ୍ଷମ ହୋଇଥିଲେ। ପରେ ଶିକ୍ଷା ଉପରେ ଅଧିକ ଧ୍ୟାନ ଦେଇଛନ୍ତି। ସେ 'ଆର୍ଲାମ ଅନ୍, ଟିଭି ଅଫ୍' ଅଭିଯାନ ଆରମ୍ଭ କରିଛନ୍ତି, ଯେଉଁଥିରେ ସ୍କୁଲରେ ଏକ ଆର୍ଲାମ ଲଗାଇଛନ୍ତି। ଏହା ସନ୍ଧ୍ୟା ୭ଟାରେ ଅଭିଭାବକମାନଙ୍କୁ ପିଲାମାନଙ୍କ ଟାସ୍କ ଉପରେ ଧ୍ୟାନ ଦେବା ଲାଗି ସତର୍କ କରୁଛି। ପ୍ରତିଦିନ ଅପରାହ୍ନରେ ଅଭିଭାବକମାନଙ୍କୁ ସେହି ଦିନର ପଢା ସମ୍ପର୍କରେ ଦିଶାଲେ ମଧ୍ୟ ମେସେଜ୍ ଦେଇ ଅବଗତ କରୁଛନ୍ତି। ପଢ଼ାବହିରେ କ୍ୟୁଆର କୋଡ୍ ସନ୍ନିବେଶିତ କରି ୩୦୦ ପିଲାଙ୍କୁ ସମାନ ପଦ୍ଧତି ଆପଣାଇବାକୁ ସାହାଯ୍ୟ କରିପାରିଛନ୍ତି। ସେ ପିଲାମାନଙ୍କ ପାଇଁ ୨୭ କ୍ୟୁଆର୍ କୋଡ୍ ସୃଷ୍ଟି କରିଥିଲେ, ଯାହା ମହାମାରୀ ସମୟରେ ପିଲାମାନଙ୍କୁ ପଢ଼ିବାରେ ସହାୟକ ହୋଇଥିଲା। ତାଙ୍କର ଏହି ପଦ୍ଧତିକୁ ମହାରାଷ୍ଟ୍ର ସରକାର ଲାଗୁ କରିବାକୁ ଯୋଜନା କରିଛନ୍ତି। ଦିଶାଲେ ୨୦୨୦ରେ ଗ୍ଲୋବାଲ୍ ଟିଚର ପ୍ରାଇଜ୍ ଅନ୍ୟ ଶିକ୍ଷକଙ୍କ ସହ ଲାଭ କରିଥିଲେ। ତେବେ ସେହି ରାଶିରୁ ସେ ୧୬ ଲକ୍ଷ ଟଙ୍କା ପିଲାଙ୍କ ପାଠପଢ଼ା ଲାଗି ଖର୍ଚ୍ଚ କରିଛନ୍ତି। ୧୦ ଜଣ ଝିଅଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ମେଧାବୃତ୍ତି ପ୍ରଦାନ କରୁଛନ୍ତି। ଏହା ବ୍ୟତୀତ ବିଭିନ୍ନ ଦେଶରେ ଯୁଦ୍ଧ ଅଞ୍ଚଳରେ ରହୁଥିବା ପିଲାଙ୍କୁ ଯୋଡ଼ିବା ଲାଗି ଆରମ୍ଭ କରିଥିବା 'ଲେଟ୍ସ କ୍ରସ୍ ବଡର୍ସ ପ୍ରୋଜେକ୍ଟ'ରେ ଆଉ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | | | | | | 4 | |
| | | | | | | | 9 | |
| | 9 | 8 | | 2 | | 6 | | |
| | | 7 | | | | | | |
| 4 | | 1 | 6 | | 3 | | | |
| | | | | 9 | 8 | 5 | | |
| | | | | 8 | | | 6 | 5 |
| | | 5 | | | 9 | 4 | | 2 |
| | | 6 | | 7 | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 4 | 7 | 5 | 1 | 2 | 9 |
| 2 | 7 | 9 | 1 | 8 | 3 | 4 | 5 | 6 |
| 1 | 4 | 5 | 9 | 6 | 2 | 8 | 3 | 7 |
| 4 | 5 | 2 | 6 | 3 | 8 | 9 | 7 | 1 |
| 7 | 3 | 6 | 5 | 9 | 1 | 2 | 4 | 8 |
| 9 | 8 | 1 | 7 | 2 | 4 | 5 | 6 | 3 |
| 8 | 1 | 3 | 2 | 5 | 7 | 6 | 9 | 4 |
| 6 | 2 | 7 | 8 | 4 | 9 | 3 | 1 | 5 |
| 5 | 9 | 4 | 3 | 1 | 6 | 7 | 8 | 2 |

ଗତକାଲିର ଉତ୍ତର

# ଦେଶ କାହାର



ଡ. ନରେନ୍ଦ୍ର ସେଠୀ

ଭାରତ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର ଓ ବିବିଧତାରେ ଏକତା ଏହାର ମୂଳମନ୍ତ୍ର। ଅନେକ ଭାଷା, ଧର୍ମ ଓ ଚାଲିଚଳଣିକୁ ନେଇ ଭାରତ ବିଶ୍ୱରେ ଅନନ୍ୟ। ଗଣତନ୍ତ୍ରର ଅର୍ଥ ହେଲା ଦେଶର ସଂସାଧନ ଓ ଶାସନତନ୍ତ୍ରର ମାଲିକ ଖୋଦ୍ ନିଜେ ଜନତା। ଆମେ ଯୁଆଡେ ଆଖି ବୁଲେଇବା, ଗାଁର ସରକାରୀ ସ୍କୁଲ, ବ୍ଲକର ଡାକ୍ତରଖାନା, ସହରର କଲେଜ, ରାଜଧାନୀର ବିଶ୍ୱବିଦ୍ୟାଳୟ ଓ ଚକ ଚକିଆ ରାସ୍ତା ଆଦି ସବୁର ମାଲିକ ଦେଶର ଜନତା। ସବୁ ଦେଶର ବା ସବୁ ଆମମାନଙ୍କର। ଆମେ ଆମ ମନଇଚ୍ଛାରେ ଭୋଟ ଦେଇ ପ୍ରତିନିଧି ବାଛୁ, ସରକାର ଗଢୁ ଓ ଭାଙ୍ଗୁ ମଧ୍ୟ। ଅର୍ଥାତ୍ ଦେଶର ଉନ୍ନତିରେ ସାଧାରଣ ନାଗରିକର ଭାଗୀଦାରି ଓ ପ୍ରଗତି ହେଇଥାଏ। ଯଦି କ୍ଷମତାରେ ବସିଥିବା ଶାସନତନ୍ତ୍ର ଉପରେ ଜନତା ନାରାଜ ହୁଏ ତା'ହାଲେ ପ୍ରତିବାଦ କରିବାରେ ଆମର ଅଧିକାର ଅଛି, କିନ୍ତୁ ଏହି ଆଳରେ ସରକାରୀ ସମ୍ପତ୍ତିକୁ ଛାରଖାର କରି ଦେଶର କ୍ଷତି କରିବା କେତେଦୂର ଉଚିତ ତାହା ବିଚାରସାପେକ୍ଷ। ୧୯୯୧ର ମଣ୍ଡଳ କମିଶନ ବିରୋଧରେ ଆନ୍ଦୋଳନ ହେଉ ଅଥବା ନାଗରିକ ସଂଶୋଧନ ବିଲ୍ ବିରୋଧରେ ଉଗ୍ର ପ୍ରଦର୍ଶନ ହେଉ, ସବୁ ସମୟରେ ଦେଶର ଅପାର ସମ୍ପତ୍ତିକୁ ନଷ୍ଟ କରାଯାଇଛି। ଏହାର ପ୍ରଥମ କାରଣ ହେଲା ଆମ ଯୁବ ଶକ୍ତି ଭିତରେ ଦେଶ ପ୍ରେମର ଅଭାବ।

ଅଗ୍ନିବୀର ଯୋଜନା ବିରୋଧରେ ଆନ୍ଦୋଳନରେ ବେପରୁଆ ଭାବେ ଯୁବ ଶକ୍ତି ଦିଶାହୀନ ଭାବରେ ଯେପରି ଅନେକ ରେଳ ସମ୍ପତ୍ତି ନିଆଁ ଲଗେଇ ନଷ୍ଟ କଲେ ତାହା ଦୁଃଖଦାୟକ। ଏକ ଆକଳନରୁ ଜଣାଯାଏ ଯେ ପ୍ରାୟ ସାତଶହ କୋଟି ଟଙ୍କାର ଜାତୀୟ ସମ୍ପତ୍ତି ମାଟିରେ ମିଶିଗଲା। ଶାନ୍ତିପୂର୍ବକ ଆନ୍ଦୋଳନ କରି କିପରି ଶାସନତନ୍ତ୍ରକୁ ଦୋହଲେଇ ହୁଏ ଓ ଜନତା ଦରକାର ପଡ଼ିଲେ ସରକାରଙ୍କୁ ପାନେ ଚଖେଇ ପାରେ, ତାହା ଅତୀତରେ ହୋଇଥିବା ଆନ୍ନା ଆଦୋଳନ ଏହାର ଏକ ବଳିଷ୍ଠ ଉଦାହରଣ। ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହାକୁ ଭରପୂର ସମର୍ଥନ ମିଳିଥିଲା। ଶସ୍ତା ଲୋକପ୍ରିୟତା ହେଉ କିମ୍ବା କ୍ଷମତା ବିରୋଧୀ ରାଜନେତାଙ୍କ ହାତବାରିସି ହେଉ ଯୁବ ସମାଜର ଏପରି କର୍ତ୍ତୃତ୍ୱ ଚିନ୍ତାଜନକ। ଆମେ ନିକଟ ଅତୀତରେ ଆମେରିକାରେ ବ୍ୟାପିଥିବା ବର୍ଣ୍ଣଭେଦୀ ଆନ୍ଦୋଳନକୁ ଦେଖିଛେ, କିନ୍ତୁ ଏତେବଡ଼ ଆନ୍ଦୋଳନ ଯାହା ସମଗ୍ର ଆମେରିକାରେ ବ୍ୟାପିଥିଲା କୌଣସି ଜାତୀୟ ସମ୍ପତ୍ତି ନଷ୍ଟ ହୋଇ ନ ଥିଲା। ହଂକଂରେ ଚାଇନା ବିରୋଧୀ ଆନ୍ଦୋଳନରେ ହଜାର ହଜାର ଆନ୍ଦୋଳନକାରୀ ଅନେକ ଦିନ ଧରି ବିରୋଧ ପ୍ରଦର୍ଶନ କରିଥିଲେ ମଧ୍ୟ ଜାତୀୟ ସମ୍ପତ୍ତି ନଷ୍ଟ ହୋଇ ନ ଥିଲା। ଏହାର କାରଣ ହେଲା ସେମାନେ ଦେଶର ସମ୍ପତ୍ତିକୁ ନିଜର ସମ୍ପତ୍ତି ଭାବନ୍ତି। କିନ୍ତୁ ଆମ ଦେଶରେ ସରକାରୀ ସମ୍ପତ୍ତିକୁ ନଷ୍ଟ କରିବାରେ ଆମକୁ ଆନନ୍ଦ ମିଳିଥାଏ। ଅର୍ଥାତ ଆମ ଯୁବଶକ୍ତି ଭିତରେ ପ୍ରଖର ରାଷ୍ଟ୍ର ଭକ୍ତିର ଅଭାବ ପରିଲକ୍ଷିତ ହୁଏ, ଯାହା ବିଦେଶରେ ନ ଥାଏ। ତେଣୁ ଆମମାନଙ୍କ ଯୁବଶକ୍ତି ଭିତରେ ଛାତ୍ର ଅବସ୍ଥାରୁ ଦେଶ ପ୍ରେମର ଭାବନା ଭରି ଦେବାକୁ ହେବ। ଇଏ ସେଇ ଦେଶ ଯେଉଁଠି ବନ୍ଦେ ମାତରମ୍‌ର ଗୋଟିଏ ସ୍ୱରରେ ଶକ୍ତିଶାଳୀ ବ୍ରିଟିଶ ସାମ୍ରାଜ୍ୟ ପାଖରେ ଭଗତ ସିଂ, ରାଜଗୁରୁ, ସାଭରକର, ଜୟୀ ରାଜଗୁରୁ, ବାଜି ରାଉତଙ୍କ ଭଳି ଅନେକ ଯୁବ ପ୍ରାଣ ଆହୁତି ଦେଇଥିଲେ। ତେବେ ସ୍ୱାଧୀନତାର ରୌପ୍ୟ ଜୟନ୍ତୀ ବର୍ଷ ହେଲା ବେଳକୁ ଯୁବବର୍ଗ ଏତେ ପଥଭ୍ରଷ୍ଟ କ'ଣ ପାଇଁ?



ଭାରତ ପୃଥିବୀର ଏକ ଯୁବା ଦେଶ ଯେଉଁଠି ୬୦ ପ୍ରତିଶତରୁ ଅଧିକ ୩୫ ବର୍ଷରୁ କମ୍ ବୟସ୍କ ରହିଛନ୍ତି। ତେଣୁ ଏମାନଙ୍କ ଭିତରେ ଦେଶ ପ୍ରତି ସମ୍ମାନ, ଦେଶପ୍ରେମ ଓ ଦରକାର ପଡିଲେ ଦେଶ ପାଇଁ ବଳିଦାନ ଦେଇପାରୁଥିବା ଯୁବ ସମାଜ ତିଆରି କରିବା ଆମର କର୍ତ୍ତବ୍ୟ। ଏହି ଲକ୍ଷ୍ୟକୁ ଆଖି ଆଗରେ ରଖି ଦେଶ ହିତରେ ସରକାର ଅଗ୍ନିପଥ ସ୍କିମ୍ ଲାଗୁ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଜୀବନର ଏକ ସ୍ୱଳ୍ପ ସମୟ ଜଣେ ଯୁବକ ଦେଶର ସେନା ସହିତ ରହି ନିଜକୁ ଏକ ଚରିତ୍ରବାନ, ଶୃଙ୍ଖଳିତ, ଦେଶପ୍ରେମୀ ନାଗରିକ ରୂପେ ଗଢ଼ିତୋଳିବ ଓ ଦେଶର ସେବା କରିବାରେ ସହଭାଗିତା ଦେବ। ଶେଷରେ ଏକ ମୋଟା ଅଙ୍କର ଅବସରକାଳୀନ ଅର୍ଥ ପାଇ ଭବିଷ୍ୟତ ଆତ୍ମନିର୍ଭରଶୀଳ ହୋଇ ସମ୍ମାନର ସହ ଜୀବନ ବିତେଇବ। ତା' ଛଡ଼ା ସେନାରେ ଲମ୍ବା ଅବଧି କାର୍ଯ୍ୟ କରିବାର ସୁଯୋଗ ମଧ୍ୟ ପାଇବ। ସୂଚନାଯୋଗ୍ୟ ଯେ, ଅଗ୍ନିବୀରମାନଙ୍କୁ ଭାରତର ଘରୋଇ ଉଦ୍ୟୋଗରେ ନିଯୁକ୍ତି ପାଇଁ ଅଗ୍ରାଧିକାର ଦିଆଯିବ ବୋଲି ଅନେକ ଶିଳ୍ପପତି ଘୋଷଣା କରି ସାରିଲେଣି। ତେବେ ଦେଶର ଯୁବ ସମାଜକୁ ଏକ ଉତ୍ତମ ଚରିତ୍ର ପ୍ରଦାନ କରି ଶୃଙ୍ଖଳିତ ନାଗରିକ ଭାବରେ ଗଢ଼ିତୋଳିବାରେ ଏହି ଅଗ୍ନିବୀର ଯୋଜନା ସହାୟକ ହେବ ଓ ଦେଶପ୍ରେମର ଭାବନା ଉଜ୍ଜୀବିତ ରଖିବ। ସୂଚନାଯୋଗ୍ୟ ଯେ, ଆମେରିକା ଓ ଫ୍ରାନ୍ସ ପ୍ରଭୃତି ଦେଶରେ ଅଗ୍ନିବୀର ଅନୁରୂପ ସ୍ୱଳ୍ପ ସମୟ ପାଇଁ ସେନାରେ କାମ କରିବାର ସୁଯୋଗ ଯୁବ ସମାଜକୁ ଦିଆଯାଇ ଥାଏ। ଏପରିକି ରୁଷିଆ, ଚାଇନା, ଓ ଇସ୍ରାଏଲ ପ୍ରଭୃତି ଦେଶରେ ବାଧ୍ୟତାମୂଳକ ଭାବରେ ସେନାରେ କାର୍ଯ୍ୟ କରିବାକୁ ପଡ଼ିଥାଏ। ତେବେ ଯେ କୌଣସି ଆନ୍ଦୋଳନ ସମୟରେ ସାଧାରଣ ସମ୍ପତ୍ତିକୁ ନଷ୍ଟ କରିବା ଅର୍ଥ ଦେଶ ଅହିତରେ କାମ କରିବା, ଏହାକୁ କଦାପି ଔଚିତ୍ୟ କରାଯାଇପାରିବନି। ପୂର୍ବରୁ ଜାଠ ଆନ୍ଦୋଳନ ସମୟରେ ୩୫ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ କରିଦିଆଗଲା। ସେହିପରି ଗୁଜରାଟର ପାଟିଦାର ଆନ୍ଦୋଳନ ହେଉ ଅଥବା ନିକଟରେ ମହମ୍ମଦ ପୈଗମ୍ବର ପ୍ରକରଣ ହେଉ ସବୁବେଳେ ଦେଶର ସମ୍ପତ୍ତିକୁ ମନଇଚ୍ଛା ନଷ୍ଟ କରିଦିଆଗଲା ଓ ଆମେ ନୀରବଦ୍ରଷ୍ଟା ହୋଇ ରହିଲେ। ଏପରିକି କୃଷକ ଆନ୍ଦୋଳନ ନାମରେ ରାଜପଥକୁ କବଳିତ କରି ଦୀର୍ଘ ସମୟ ପର୍ଯ୍ୟନ୍ତ ଦେଶରେ ଶିଳ୍ପ ଓ ବାଣିଜ୍ୟକୁ ଷାଠିଏ ହଜାର କୋଟି ଟଙ୍କାର କ୍ଷତି କରାଗଲା। ସବୁଠୁ ବଡ଼ କଥା ହେଲା ସ୍ୱଳ୍ପ ସମୟ ଭିତରେ ଆମେ ସେସବୁ ଭୁଲିଯାଉ। ଏ ବିଷୟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସମୟ ସମୟରେ ସଂଜ୍ଞାନ ନେଇ ଅନେକ ଗାଇଡଲାଇନ୍ ପ୍ରଦାନ କରିଥିଲେ ମଧ୍ୟ ସେସବୁ କୌଣସି ପ୍ରଭାବ ପକେଇ ପାରିନାହିଁ।

ଆମକୁ ମନେରଖିବା ଉଚିତ ଯେ, ସରକାର କେବଳ ଆମ ସମ୍ପତ୍ତିର ରକ୍ଷକ ମାତ୍ର, ଅସଲ ମାଲିକ ହେଲେ ଆମେ ଜନତା। ତେଣୁ ସରକାରୀ ସମ୍ପତ୍ତିକୁ ନଷ୍ଟ କରି ନିଜର ଦାବିକୁ ପ୍ରଭାବୀ କରିବା ଏକ ମୂର୍ଖତା ମାତ୍ର। ଏହି ମାନସିକତାରୁ ଯୁବ ସମାଜକୁ ଦୂରେଇ ନେଇ ଦେଶପ୍ରେମ ଭାବନା ଜାଗ୍ରତ କରିବାର ଆବଶ୍ୟକତା ରହିଛି। ଦେଶ କାହାର? ସରକାରଙ୍କର ନା ବିରୋଧୀଙ୍କର? ପ୍ରକୃତରେ ଦେଶ ଆମ ସମସ୍ତଙ୍କର। ଯୁବ ସମାଜ ମନରେ ଏକ ଦୃଢ଼ ଚିନ୍ତାଧାରା ରହିବା ଉଚିତ ଯେ, ଏ ଦେଶ ଆମର, ଏହାର ସମ୍ପତ୍ତି ଆମର, ତେଣୁ ଏହାର କ୍ଷତି ଆମର ହିଁ କ୍ଷତି।

ମୋ-୭୦୦୪୦୬୮୧୧୦

## ପାଠକ ଶ୍ରେଷ୍ଠ ବିଚାରକ

### ହିଂସାଜନିତ ପାଗଳାମି ବନ୍ଦ ହେଉ

ମହାଶୟ,

ଧର୍ମ ହେଉଛି ମାନବ ଧର୍ମ। ପରସ୍ପରକୁ ସହଯୋଗ କରିବା ଓ ପରସ୍ପର ସହ ସହାନୁଭୂତି ପ୍ରଦାନ କରିବା ହେଉଛି ଧର୍ମ। ପ୍ରତ୍ୟେକ ଧର୍ମର ସାରମର୍ମ ହେଲା ହିଂସାରୁ ଦୂରେଇ ଅହିଂସାର ପୂଜାରୀ ହେବା। ଭାରତ ଭଳି ଏକ ଶାନ୍ତିପୂର୍ଣ୍ଣ ଦେଶରେ ଧର୍ମ ଓ ଧର୍ମଗୁରୁଙ୍କ ନାମରେ ହିଂସାକାଣ୍ଡ କରିବା କଦାପି ଶୋଭନୀୟ ନୁହେଁ। କାହାକୁ ସମାଲୋଚନା କରି ନିନ୍ଦା କରିଦେଲେ ତାଙ୍କ ସମ୍ମାନ ନଷ୍ଟ ହୋଇଗଲା ଭାବି ରାସ୍ତାକୁ ଓହ୍ଲାଇ ଆସି ହିଂସାକାଣ୍ଡ କରିବା ଦ୍ୱାରା ନିଜ ଧର୍ମ ପ୍ରତି ଅସମ୍ମାନ କହିବା ସଦୃଶ ନୁହେଁ କି? ବିଭିନ୍ନ ଘୃଣା ମନ୍ତବ୍ୟକୁ ନେଇ ଏବେ ଘଟୁଥିବା ଭାରତୀୟମାନଙ୍କ ହିଂସାକାଣ୍ଡ ଦେଖି ଦୁଃଖ ଲାଗୁଛି। ପ୍ରତ୍ୟେକ ଧର୍ମର ଧର୍ମଗୁରୁଙ୍କ ପ୍ରତି ପ୍ରତ୍ୟେକ ସଂପ୍ରଦାୟର ଆନ୍ତରିକ ସମ୍ମାନ ରହିଛି। ଏହା ମଧ୍ୟ ବିଭିନ୍ନ ସମୟରେ ଆମ ଦେଶରେ ପ୍ରମାଣିତ ହୋଇଛି। ଏହାକୁ ହୃଦୟଙ୍ଗମ କରି ହିଂସାକାଣ୍ଡଜନିତ ପାଗଳାମିଠୁ ଦୂରେଇ ରହିବା ଉଚିତ। ହିଂସାକାଣ୍ଡ କରି ଦେଶର ଧନ ଜୀବନ ନଷ୍ଟ କରିବା କୌଣସି ମତେ ଠିକ୍ ନୁହେଁ। ଏହା ଆମ ଭାଇଚାରାକୁ ନଷ୍ଟ କରୁଛି।

**–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୁମରି ଦେହ ପରଶପ୍ରିୟ
ଲଭିବି ବୋଲି ଅଙ୍ଗେ
ଜଡ଼ାଏଁ ଦେହେ ଆପଣା ବାହୁ
ନିଶୀଥେ ନିଦ୍ରାଭଙ୍ଗେ
ସୁନ୍ଦର ମୁଁ ଦେଖଇଁ ଆଜି ନିଜରେ
ସୁଷମା ମୋର ନ ପାରେ ସହି ସଜରେ।
-(ପ୍ରସାଧନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ୧୦ରେ ଭୁବନେଶ୍ୱରରେ ଇଣ୍ଡିଆନ ଆଇଡଲ ଅଡିଶନ୍

ଭୁବନେଶ୍ୱର,୬।୭(ବ୍ୟୁରୋ): ସୋନି ଏଣ୍ଟରଟେନ୍‌ମେଣ୍ଟ ଟେଲିଭିଜନର ଲୋକପ୍ରିୟ ରିୟଲିଟି ଶୋ' ଇଣ୍ଡିଆନ୍ ଆଇଡଲ୍‌ର ଅଡିଶନ୍ ଆସନ୍ତା ୧୦ ତାରିଖରେ ଭୁବନେଶ୍ୱରରେ ହେବାକୁ ଯାଉଛି। ସିଜୁଆସ୍ଥିତ ଡୁନ୍ ଇଣ୍ଟରନ୍ୟାଶନାଲ ସ୍କୁଲ୍ ନିକଟରେ ସକାଳ ୮ଟାରୁ ଏହି ଅଡିଶନ୍ ଆରମ୍ଭ ହେବ। ଅଡିଶନ୍ ପର୍ଯ୍ୟାୟ ଶେଷ ପରେ ଚ୍ୟାନେଲ ପକ୍ଷରୁ ସାରା ଦେଶରେ ଏକ ମଲ୍ଟି-ସିଟି ଅଡିଶନ୍ ସିରିଜ୍‌ର ଆୟୋଜନ କରାଯିବ। ଗୁଆହାଟୀ, ପାଟ୍‌ନା, କୋଲ୍‌କାତା, ଇନ୍ଦୋର, ଲକ୍ଷ୍ନୌ, ମୁମ୍ବାଇ, ଚଣ୍ଡିଗଡ଼, ଡେରାଡୁନ୍ ଓ ଦିଲ୍ଲୀ ଭଳି ସହରରେ ହେବାକୁ ଥିବା ଏହି ଅଡିଶନ୍‌ରେ ଉତ୍ସାହୀ ଓ ଦକ୍ଷ ଗାୟକମାନେ ଭାଗ ନେବା ପାଇଁ ଚ୍ୟାନେଲ ପକ୍ଷରୁ ଆହ୍ୱାନ କରାଯାଇଛି। ଜୟପୁର ପରେ ଅଡିଶନ ଲାଗି ଇଣ୍ଡିଆନ୍ ଆଇଡଲ୍ ଟିମ୍ ଏବେ ଭୁବନେଶ୍ୱରରେ ପହଞ୍ଚିଛି। ଇଣ୍ଡିଆନ୍ ଆଇଡଲ ୧୦ରେ ଭାଗନେଇଥିବା ଭୁବନେଶ୍ୱରର ବିଶ୍ୱଜିତ୍ ମହାପାତ୍ର କହିଛନ୍ତି, ଇଣ୍ଡିଆନ୍ ଆଇଡଲ୍ ମଞ୍ଚରେ ପହଞ୍ଚିବା ତାଙ୍କ ପାଇଁ ସ୍ୱପ୍ନ ସାକାର ହେବା ଭଳି ଥିଲା। ଅଡିଶନ ଦେଉଥିବା ଯୁବପିଢ଼ୀଙ୍କୁ ନିଜର ସ୍ୱପ୍ନ ଓ ଆବେଗ ଉପରେ ବିଶ୍ୱାସ ରଖିବାକୁ ସେ ବାର୍ତ୍ତା ଦେଇଛନ୍ତି।

### ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟର ପାଇବେ ମେ', ଜୁନ୍ ପାରିଶ୍ରମିକ

ଭୁବନେଶ୍ୱର, ୬।୭(ବ୍ୟୁରୋ): ସମଗ୍ର ଶିକ୍ଷା ଅଧୀନରେ କାର୍ଯ୍ୟରତ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟରମାନଙ୍କୁ ଚଳିତବର୍ଷ ମେ' ଓ ଜୁନ୍ ମାସର ପାରିଶ୍ରମିକ ପ୍ରଦାନ କରାଯିବ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଏବଂ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବା ପରେ ଏହି ଘୋଷଣା କରାଯାଇଛି। ପୂର୍ବବର୍ଷଗୁଡ଼ିକରେ ମେ' ଓ ଜୁନ୍ ମାସରେ ବିଦ୍ୟାଳୟ ବନ୍ଦ ରହୁଥିବାରୁ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟରମାନଙ୍କୁ ପାରିଶ୍ରମିକ ଦିଆଯାଉ ନ ଥିଲା। କିନ୍ତୁ କରୋନା ପାଇଁ ଗତ ଦୁଇବର୍ଷ ପାଠପଢ଼ାରେ ବ୍ୟାଘାତ ହୋଇଥିବାରୁ ତାକୁ ଭରଣା କରିବା ସହ ସିଲାବସ୍ ସାରିବା ଲାଗି ରାଜ୍ୟ ସରକାର ଚଳିତ ବର୍ଷ ମେ' ଓ ଜୁନ୍‌ରେ ସ୍କୁଲ ଖୋଲା ରଖିଥିଲେ। ଗ୍ରୀଷ୍ମଛୁଟି କମାଇ ୧୧ ଦିନ କରିଥିଲେ। ମେ' ଓ ଜୁନ୍‌ରେ ବିଦ୍ୟାଳୟ ଖୋଲା ରହିଥିବାରୁ ଏହି ଦୁଇମାସ ନିମନ୍ତେ ପାର୍ଟଟାଇମ୍ ଇନ୍‌ଷ୍ଟ୍ରକ୍ଟରଙ୍କୁ ପାରିଶ୍ରମିକ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲା ଗସ୍ତ ସମୟରେ ମନ୍ତ୍ରୀ ଏ ବିଷୟ ହୃଦୟଙ୍ଗମ କରି ଉପଯୁକ୍ତ ପଦକ୍ଷେପ ନେବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିଦ୍ୟୁତ୍ ଫାଶରେ ପଡ଼ି ଦନ୍ତା ମୃତ

- ବାର୍‌ହା ଶିକାର ପାଇଁ ବିଛାଯାଇଥିଲା ତାର
- ଧରାପଡ଼ିଲେ ଜଣେ ଅଭିଯୁକ୍ତ, ୨ ଫେରାର

ସାତମାଇଲ, ୬।୭(ଡି.ଏନ୍.ଏ.)


ବିଦ୍ୟୁତ୍ ଫାଶରେ ଲାଗି ମୃତ୍ୟୁ ଘଟିଥିବା ଦନ୍ତା।

ବାର୍‌ହା ଶିକାର ପାଇଁ ଶିକାରୀ ବିଛାଇଥିଲେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଫାଶ। ଏଥିରେ ଛନ୍ଦି ହୋଇ ଚାଲିଯାଇଛି ଆନୁମାନିକ ୩୦ ବର୍ଷ ବୟସର ଏକ ଦନ୍ତାହାତୀର ଜୀବନ। ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅଧୀନ ଅସରଡ଼ା ଗ୍ରାମ ନିକଟରେ ବୁଧବାର ଘଟିଛି ଏହି ଅଘଟଣ। ଏଥିରେ ସମ୍ପୃକ୍ତ ଅଭିଯୋଗରେ ବନ ବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିଛି।

ଭୋର୍ ସମୟରେ ଗ୍ରାମ ନିକଟ ଦଳିତବସ୍ତି ପଛ ପାଖ ପଡ଼ିଆରେ ଉକ୍ତ ଦନ୍ତା ମରି ପଡ଼ିଥିବା କେତେଜଣ ବ୍ୟକ୍ତି ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶ ଚାନ୍ଦ ଗୋଗିନେନି, ବନାଞ୍ଚଳ ଅଧିକାରୀ ଲୋହିତ ରଥ ପ୍ରମୁଖ ସଦଳବଳ ପହଞ୍ଚି ତନାଘନା କରିଥିଲେ। ତେବେ ଘଟଣାସ୍ଥଳରେ ବିଦ୍ୟୁତ୍ ତାର ମିଳି ନ ଥିବାରୁ ପ୍ରାରମ୍ଭିକ ତଦନ୍ତରୁ ହାତୀମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିଲା। ଏପରି କି ଅସୁସ୍ଥତାରୁ ଏହାର ମୃତ୍ୟୁ ଘଟିଥିବା ଚର୍ଚ୍ଚା ଜୋର୍ ଧରିଥିଲା। ଯାଞ୍ଚବେଳେ ହାତୀର ଆଗ ଡାହାଣ ପାର୍ଶ୍ୱ ଗୋଡ଼ରେ ବିଦ୍ୟୁତ୍ ଆଘାତ ଚିହ୍ନ ରହିଥିବା ସ୍ପଷ୍ଟ ହୋଇଥିଲା। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିବା ବେଳେ ବୁଦାରେ ପଡ଼ିଥିବା ଏକ ବ୍ୟାଗ୍‌ରୁ ବିଦ୍ୟୁତ୍ ତାର, ଗ୍ଲୋବସ୍, ଛୋଟ ଛୋଟ ଖୁଣ୍ଟ ଜବତ କରାଯାଇଥିଲା। ଶିକାରୀମାନେ ଗିରଫ ଭୟରେ ଏସବୁ ଉପକରଣକୁ ବୁଦାରେ ଫିଙ୍ଗିଦେଇଥିଲେ। ଏପରି କି ପ୍ରମାଣ ନଷ୍ଟ କରିବାକୁ ଖୁଣ୍ଟ ଉପାଡ଼ି ଗାତ ମଧ୍ୟ ପୋତି ଦେଇଥିଲେ। ତଦନ୍ତ ବେଳେ ଅସରଡ଼ା ଗ୍ରାମର ଜିତୁ ନାଏକ ନାମକ ଜଣେ ଯୁବକ ଏହି ବିଦ୍ୟୁତ୍ ଫାଶ ବିଛାଇଥିବା ଜଣାପଡ଼ିଥିଲା। ଜାମୁଚକଡ଼ା ଗ୍ରାମରୁ ତାଙ୍କୁ ଗିରଫ କରାଯାଇଛି। ଏହି ଘଟଣାରେ ଅନ୍ୟ ୨ଜଣଙ୍କ ସମ୍ପୃକ୍ତି ଥିବା ଜେରା ବେଳେ ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ତଦନ୍ତ ଚାଲିଥିବାରୁ ସେମାନଙ୍କ ନାମ ସାର୍ବଜନୀନ କରିବାକୁ ବନ ବିଭାଗ ମନା କରିଦେଇଛି। ସେମାନଙ୍କୁ ଧରିବାକୁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

ଅନ୍ୟପଟେ ପ୍ରାଣୀଧନ ଚିକିତ୍ସାଧିକାରୀ ଡାକ୍ତର ଅଭିଷେକ ସାହୁଙ୍କ ସହାୟତାରେ ସୁରକ୍ଷିତ ଭାବେ ହାତୀର ଦାନ୍ତ ଦୁଇଟିକୁ ବାହାର କରିଥିଲେ। ଏହାପରେ ମୃତଦେହକୁ ବ୍ୟବଚ୍ଛେଦ କରି ପୋତି ଦିଆଯାଇଛି। ଅଞ୍ଚଳରେ ମାଂସଲୋଭୀ ଶିକାରୀଙ୍କ ପାଇଁ ଐତିହ୍ୟ ପ୍ରାଣୀ ହାତୀ ଜୀବନ ବିପଦାପନ୍ନ ହେଉଥିବାବେଳେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ଅଗଷ୍ଟ ୧ରୁ ଏକକ ପିଜି ପ୍ରବେଶିକା

**୨୫ରେ ପ୍ରକାଶ ପାଇବ ମେରିଟ୍ ଲିଷ୍ଟ**

ଭୁବନେଶ୍ୱର, ୬।୭(ବ୍ୟୁରୋ)

ଏକକ ପିଜି ପ୍ରବେଶିକା ପରୀକ୍ଷା (ସିପିଇଟି) ପାଇଁ ବୁଧବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୧ରୁ ପରୀକ୍ଷା ଆରମ୍ଭ ହୋଇ ୧୩ ତାରିଖରେ ଶେଷ ହେବ। ତେବେ ୭, ୯ ଓ ୧୧ ତାରିଖରେ ପ୍ରବେଶିକା ପରୀକ୍ଷା ହେବ ନାହିଁ। ପ୍ରତ୍ୟେକ ଦିନ ତିନୋଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦, ଦ୍ୱିତୀୟ ସିଟିଂ ମଧ୍ୟାହ୍ନ ୧୨ଟା ୩୦ରୁ ଅପରାହ୍ନ ୨ଟା ଏବଂ ତୃତୀୟ ସିଟିଂ ଅପରାହ୍ନ ୩ଟାରୁ ୪ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରତି ସିଟିଂରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଅତିରିକ୍ତ ୩୦ ମିନିଟ୍ ସମୟ ଦିଆଯିବ। ପ୍ରଥମ ଦିନ ଆନ୍ଥ୍ରୋପଲୋଜି (କଳା), ଆନ୍ଥ୍ରୋପଲୋଜି (ବିଜ୍ଞାନ), ଜୋଗ୍ରାଫି, ମେରାଇ ସାଇନ୍ସ-ଓସିନୋଗ୍ରାଫି, ଏମ୍‌ବିଏ ପାଇଁ ପ୍ରବେଶିକା ପରୀକ୍ଷା ହେବ।

ସୂଚନାଯୋଗ୍ୟ, ସିପିଇଟି ପାଇଁ ଗତ ୨୭ତାରିଖରୁ ଆବେଦନ ଆରମ୍ଭ ହୋଇଛି। ଆସନ୍ତା ୧୨ ତାରିଖ ଆବେଦନର ଶେଷ ତାରିଖ ରହିଛି। ୧୩ ଓ ୧୪ ତାରିଖରେ କମନ ଆପ୍ଲିକେଶନ ଫର୍ମରେ ଆବଶ୍ୟକ ସଂଶୋଧନ କରିହେବ, କିନ୍ତୁ ଏହି ସମୟ ମଧ୍ୟରେ ନୂଆ ଆବେଦନ କରି ହେବ ନାହିଁ। ଜୁଲାଇ ୨୦ ତାରିଖ ଅପରାହ୍ନ ୨ଟା ପରଠୁ ଛାତ୍ରଛାତ୍ରୀମାନେ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଅଗଷ୍ଟ ୧ରୁ ୧୩ ତାରିଖ ମଧ୍ୟରେ ସବୁ ବିଷୟର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଅଗଷ୍ଟ ୨୫ରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଯୋଗ୍ୟ ପ୍ରାର୍ଥୀମାନେ ଅଗଷ୍ଟ ୨୫ରୁ ୩୦ ପର୍ଯ୍ୟନ୍ତ ଚଏସ୍ ଫିଲିଂ କରିବେ। ସେପ୍ଟେମ୍ବର ୫ରେ ସିଟ୍ ଆଲଟମେଣ୍ଟ କରାଯିବ ଏବଂ ୬ ଓ ୭ ତାରିଖରେ ପ୍ରଥମ ପର୍ଯ୍ୟାୟ ନାମଲେଖା ହେବ। ସେହିଭଳି ସେପ୍ଟେମ୍ବର ୧୩ ତାରିଖ ମଧ୍ୟାହ୍ନ ୧୨ଟାରେ ଦ୍ୱିତୀୟ ପର୍ଯ୍ୟାୟ ସିଟ୍ ଆଲଟମେଣ୍ଟ କରାଯିବ। ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ୧୪ ଓ ୧୫ ତାରିଖ ଦୁଇଦିନ ଧରି ଚାଲିବ। ଖାଲି ସିଟ୍ ନେଇ ୨୦ ତାରିଖରେ ସାମ୍ସ ୱେବ୍‌ସାଇଟ୍‌ରେ ସୂଚନା ପ୍ରକାଶ ପାଇବ। ୨୩ ତାରିଖରେ ସ୍ପଟ୍ ନାମଲେଖା ପାଇଁ ମେରିଟ ଲିଷ୍ଟ ପ୍ରକାଶ ପାଇବ। ଏ ସମ୍ପର୍କରେ ଯେ କେହି ଅଧିକ ଜାଣିବା ନିମନ୍ତେ ଚାହିଁବେ ସେମାନଙ୍କ ଲାଗି ଦୁଇଟି ହେଲ୍ପଲାଇନ ନମ୍ବର-୧୫୫୩୩୫/୧୮୦୦-୩୪୫-୬୭୭୦ ଜାରି କରାଯାଇଛି। ଏନେଇ www.samsodisha.gov.in ରେ ମଧ୍ୟ ଲଗ୍ ଇନ୍ କରି ଅଧିକ ସୂଚନା ପାଇପାରିବେ ବୋଲି ଉକ୍ତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ୪ଶହ ଟପିଲା ସଂକ୍ରମଣ

ଭୁବନେଶ୍ୱର, ୬।୭(ବ୍ୟୁରୋ)



ଓଡ଼ିଶାରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ବୁଧବାର ରାଜ୍ୟରେ ପୁଣି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିବାବେଳେ ଦୈନିକ ସଂକ୍ରମଣ ୪ଶହ ଟପିଛି। ଗତ ୮ଦିନ ହେଲା ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ତିନି ଅଙ୍କରୁ ତଳକୁ ଖସୁ ନ ଥିବାବେଳେ ବୁଧବାର ୪୦୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୨.୬୫%କୁ ବଢ଼ିଯାଇଛି। ଏମାନଙ୍କ ମଧ୍ୟରୁ ୨୩୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୧୬୫ ଜଣ ସ୍ଥାନୀୟ ସଂକ୍ରମିତ ଓ ଷ୍ଟେଟ୍‌ପୁଲ୍‌ରୁ ୭ଜଣ ରହିଛନ୍ତି। ଏଥିମଧ୍ୟରେ ୪୪ ଜଣ ୧୮ବର୍ଷରୁ କମ୍ ବୟସର ଥିବା ଜଣାଯାଇଛି। ଗୋଟିଏ ଦିନରେ ରାଜ୍ୟର ୨୧ଟି ଜିଲାରୁ ୪୦୮ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୯ଟି ଜିଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧୯୪ ଜଣ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସେହିପରି କଟକରୁ ୬୪, ସୁନ୍ଦରଗଡ଼ ୧୯, ବାଲେଶ୍ୱର ୧୭, ପୁରୀ ୧୪, ମୟୂରଭଞ୍ଜ ୬, ଗଜପତି ୬, ସମ୍ବଲପୁର ୫, ଜଗତ୍‌ସିଂହପୁର ୫, ଯାଜପୁର ୪, ନୟାଗଡ଼ ୪, କେନ୍ଦ୍ରାପଡ଼ା ୩, ଝାରସୁଗୁଡ଼ା ୩, ଭଦ୍ରକ ୨, ଗଞ୍ଜାମ ୨, କଳାହାଣ୍ଡି ୨, କୋରାପୁଟ ୧, ମାଲକାନଗିରି ୧, ନୂଆପଡ଼ା ୧, ରାୟଗଡ଼ା ୧ ଏବଂ ସୋନପୁର ଜିଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨,୯୧,୫୧୮ରେ ପହଞ୍ଚିଛି। ବର୍ତ୍ତମାନ ୧,୯୫୭ଜଣ ସକ୍ରିୟ ରୋଗୀ ରହିଥିବା ଜଣାଯାଇଛି। ସେହିପରି ଦେଶରେ ପୁଣି ୧୬ ହଜାର ପାର୍ କରିଛି ସଂକ୍ରମଣ। ଆଜି ୧୬ ହଜାର ୧୫୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମହାମାରୀ ଦେଶରେ ୨୮ ଜଣଙ୍କ ଜୀବନ ନେଇଛି। ଦେଶରେ ଆକ୍ଟିଭ କେସ ୧ ଲକ୍ଷ ୧୫ ହଜାର ଟପିଥିବା ବେଳେ ଦୈନିକ ପଜିଟିଭିଟି ରେଟ୍ ୩.୫୬% କୁ ବୃଦ୍ଧି ପାଇଛି।

# ପର୍ଯ୍ୟାପ୍ତ ପରିମାଣର ବିହନ, ସାର ଯୋଗାଇବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୬।୭(ବ୍ୟୁରୋ)

**ଆବଶ୍ୟକ ଡିଏପି ଓ ପଟାସ ସାର ଯୋଗାଣ ଲାଗି କେନ୍ଦ୍ରକୁ ଅନୁରୋଧ କରାଯିବ**

ଚଳିତ ଖରିଫ୍‌ରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ବିହନ, ସାର ଓ କୀଟନାଶକ ଯୋଗାଇଦେବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କୃଷି ଭବନଠାରେ ବୁଧବାର ଆୟୋଜିତ ବୈଠକରେ ମନ୍ତ୍ରୀ ସ୍ୱାଇଁ ବିହନ, ସାର ଓ କୀଟନାଶକ ଯୋଗାଇ ଦେବା ସମ୍ପର୍କରେ ବିଶଦ ଭାବେ ସମୀକ୍ଷା କରିଛନ୍ତି । ରାଜ୍ୟରେ ଡିଏପି ଓ ପଟାସ ସାରର ଆବଶ୍ୟକତା ପୂରଣ କରିବା ପାଇଁ ଭାରତ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସେ କହିଛନ୍ତି । ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ପକ୍ଷରୁ ଠିକ୍ ସମୟରେ ପାକ୍ସ/ଲାମ୍ପସଗୁଡିକୁ ଆବଶ୍ୟକ ମୁତାବକ ଉନ୍ନତ ମାନର ପ୍ରାମାଣିକ ବିହନ ଯୋଗାଣ ନିମନ୍ତେ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପାକ୍ସ/ଲାମ୍ପଗୁଡ଼ିକରେ ବିହନ ଓ ସାର ଯେପରି ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ରହିବ ସେ ଦିଗରେ ଅଧିକାରୀମାନେ ନିୟମିତ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ଏବଂ ମାର୍କଫେଡ୍‌ର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବାହୁଡ଼ା ଲାଗି ଦକ୍ଷିଣମୋଡ଼ ହେଲା ତିନି ରଥ



ପୁରୀ ଅଫିସ,୬।୭

**ଅନ୍ଧାରରେ ଟାଣିଲେ ନନ୍ଦିଘୋଷ**

ମହାପ୍ରଭୁ ଶ୍ରୀଜଗନ୍ନାଥ ଭଉଣୀ ଓ ଭାଇଙ୍କୁ ନେଇ ଜନ୍ମବେଦୀକୁ ଯାଇଥିବାବେଳେ ଏବେ ଶ୍ରୀମନ୍ଦିରକୁ ବାହୁଡ଼ିବା ପାଇଁ ପ୍ରସ୍ତୁତ ହେଲେଣି। ତେବେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ସିଂହଦ୍ୱାରରେ ଦଣ୍ଡାୟମାନ ତିନି ରଥର ବୁଧବାର ଦକ୍ଷିଣମୋଡ଼ ହୋଇଛି। ସନ୍ଧ୍ୟା ପୂର୍ବରୁ ସୁଭଦ୍ରାଙ୍କ ଦର୍ପଦଳନ ଓ ବଡ଼ ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ହୋଇଥିବା ବେଳେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥର ରାତି ପ୍ରାୟ ୮ଟା ବେଳକୁ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାରରେ ପହଞ୍ଚିଥିଲା। ଗହଳି ବଢ଼ିବା ପରେ ନନ୍ଦିଘୋଷ ରଥକୁ ନାକଚଣା ଦ୍ୱାର ଯାଏଁ ନେବାକୁ ସୁରକ୍ଷାକର୍ମୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ସେହିଭଳି ଉଠାଦୋକାନୀଙ୍କ ଯୋଗୁ ସମସ୍ୟା ବଢ଼ିଥିଲା। ଅନ୍ଧାର ହେବା ପରେ ରଥ ଟାଣିବା ନିୟମଗତ ହୋଇ ନ ଥିଲେ ମଧ୍ୟ ପରଦିନର ନୀତିକାନ୍ତି ଉପରେ ଧ୍ୟାନ ଦେଇ ଅନ୍ଧାର ରାତିରେ ରଥ ଟଣାଯାଇଥିଲା। ତେବେ ବିଳମ୍ବରେ ସକାଳ ଧୂପ ନୀତି ସମ୍ପାଦିତ ହେବା ହେତୁ ତିନି ରଥର ଦକ୍ଷିଣମୋଡ଼ ବିଳମ୍ବ ହୋଇଥିଲା ସକାଳ ଧୂପ ଶେଷ ହେବାବେଳକୁ ମଧ୍ୟାହ୍ନ ୧୨ଟା ୫୦ ସମୟ ହୋଇଥିଲା। ଫଳରେ ଅପରାହ୍ନ ୧ଟା ୪୫ରେ ରଥକୁ ଆଜ୍ଞାମାଳ ବିଜେ ହେଲା। ଘଣ୍ଟଘଣ୍ଟା, କାହାଳୀ ଓ ଛତ୍ରୀ ସହ ପଟୁଆରରେ ତିନି ବାଡ଼ରୁ ତିନି ଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଧରି ତିନି ରଥ ନିକଟକୁ ଆସିଥିଲେ। ପ୍ରଥମେ ବଳଭଦ୍ରଙ୍କ ରଥରେ ଆଜ୍ଞାମାଳ ପ୍ରଦାନ କରାଗଲା। ଏହାପରେ କ୍ରମାନ୍ୱୟରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ପ୍ରଦାନ କରାଯାଇଥିଲା। ଏହାପରେ ଭୋଇ ସେବକଙ୍କ ଦ୍ୱାରା ରଥ ବ୍ରେକ୍ ଓ ଦଉଡ଼ି ସଂଯୋଗ କରାଯାଇ ରଥ ଉପରେ ଥିବା ଘଣ୍ଟୁଆମାନଙ୍କ ଘଣ୍ଟନାଦରେ ରଥର ଦକ୍ଷିଣମୋଡ଼ ଆରମ୍ଭ ହୋଇଥିଲା। ପ୍ରଥମେ ଦେବୀ ସୁଭଦ୍ରାଙ୍କ ରଥକୁ ଦକ୍ଷିଣମୋଡ଼ କରାଯାଇଥିଲା। ଏହାପରେ ବଳଭଦ୍ର ଓ ଶେଷରେ ନନ୍ଦିଘୋଷ ରଥକୁ ଦକ୍ଷିଣମୋଡ଼ ପାଇଁ ଟାଣି ନିଆଯାଇଥିଲା। ତେବେ ରେଳ ସୁରକ୍ଷା ବାହିନୀ, ଓଡ଼ିଶା ପୋଲିସ ଓ ଅନ୍ୟ ସୁରକ୍ଷାକର୍ମୀମାନେ ରଥ ଟାଣିଥିଲେ। ଅନେକ ଭକ୍ତଙ୍କୁ ମଧ୍ୟ ରଥ ଟଣାରେ ସାମିଲ କରାଯାଇଥିଲା।

# ଶିଶୁକନ୍ୟାଙ୍କୁ କାମୁଡ଼ି ମାରିଦେଲେ ଅପହରଣକାରୀ

ବାରିପଦା ଅଫିସ, ୬।୭

ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ସୁରେଇଡିହି ଗ୍ରାମରେ ବୁଧବାର ଏକ ଅଭାବନୀୟ ଘଟଣା ଆଲୋଡନ ସୃଷ୍ଟି କରିଛି। ୨ ବର୍ଷର ଜଣେ ଶିଶୁକନ୍ୟାଙ୍କ ତଣ୍ଟିକୁ କାମୁଡ଼ି ଅପହରଣକାରୀ ମାରି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ପୋଲିସ ଅଭିଯୁକ୍ତ ଦମ୍ପତିଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ବାପା ଯାଦବ ମୁର୍ମୁଙ୍କ ଅକାଳ ମୃତ୍ୟୁ ଓ ମା' ଅନ୍ୟତ୍ର ପଳାଇ ଯାଇଥିବା ବେଳେ ତାଙ୍କର ଦୁଇ ଶିଶୁକନ୍ୟା ସୁରେଇଡିହି ଗ୍ରାମସ୍ଥିତ ଜେଜେ ବାପା ଚନ୍ଦ୍ରମୋହନ ମୁର୍ମୁଙ୍କ ପାଖରେ ରହୁଥିଲେ। ବୁଧବାର ଚନ୍ଦ୍ରମୋହନଙ୍କ ସମ୍ପର୍କୀୟ ଶଳାଙ୍କ ପୁଅ ଦାଶରଥି ହାଁସଦା ଓ ବୋହୂ ସୁନି ସିଂ ତାଙ୍କ ଘରେ ପହଞ୍ଚି ୨ବର୍ଷର ଶିଶୁକନ୍ୟା ରୂପାଲୀଙ୍କୁ ଅପହରଣ କରିନେଇଥିଲେ। କିଛି ବାଟ ଯିବା ପରେ ଶିଶୁକନ୍ୟା ଜଣକ କାନ୍ଦିବାରୁ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗ୍ରାମବାସୀ ପ୍ରତିବାଦ କରିବାରୁ ଅପହରଣକାରୀ ସୁନି ଶିଶୁକନ୍ୟାଙ୍କୁ କଚାଡ଼ି ଦେବା ସହ ତାଙ୍କ ତଣ୍ଟିକୁ କାମୁଡ଼ି ଦେଇଥିଲେ। ଗୁରୁତର ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ପିଆର୍‌ଏମ୍ ମେଡ଼ିକାଲ ପଠାଇଥିଲେ ହେଁ ସନ୍ଧ୍ୟାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଗ୍ରାମବାସୀ ଏକାଠି ହୋଇ ଉକ୍ତ ଦମ୍ପତିଙ୍କୁ ଅଟକ ରଖିବା ସହିତ ପିଲା ଚୋର ଭାବି ନିସ୍ତୁକ ମାଡ଼ ମାରିଥିଲେ। ଖବରପାଇ ବେତନଟୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

# ୧୦୦ ବୋତଲ କଫ ସିରପ୍ ଜବତ, ୩ ଗିରଫ


ସୋନପୁର ଏସ୍‌ଡିପିଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ସୋନପୁର,୬।୭(ନି.ପ୍ର.)

ବୁଧବାର ଟାଉନ ପୋଲିସ ସୁବର୍ଣ୍ଣପୁର ସହରର ବ୍ଲକ ଛକ-ପଟାଭାଡି ରାସ୍ତାର ସଖୀକେନ୍ଦ୍ରଠାରେ ଚଢ଼ାଉ କରି ୧୦୦ ମିଲିଲିଟର ବିଶିଷ୍ଟ ୧୦୦ ବୋତଲ କଫ ସିରପ୍ ଜବତ କରିଛି। ଏହାର ମୋଟ ପରିମାଣ ୧୦ ଲିଟର। ପୋଲିସ ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ଏକ ସ୍କୁଟି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁବର୍ଣ୍ଣପୁର ସହର ଧୀବରପଡାର ଉତ୍ତମ ବେହେରା(୨୮), ଗୁଣ୍ଡିଚାବାଡିର ମାନସ ପାଢ଼ୀ(୨୯) ଓ ଉଲୁଣ୍ଡା କୁମ୍ଭାରପଡାର ଭଗବାନ ସାହୁ(୨୮)। ତେବେ ଜବତ କଫ ସିରପ୍ ମଧ୍ୟରୁ ୧୦ ବୋତଲ ନକଲି ଥିବା ଜଣାପଡିଛି।

ଏଏସ୍‌ଆଇ ସୁଶିଲ ବିଶିଙ୍କ ନେତୃତ୍ୱରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ସଖୀକେନ୍ଦ୍ର ନିକଟରେ କଫ ସିରଫ ବିକ୍ରି କରାଯିବା ସମ୍ପର୍କରେ ସୂଚନା ପାଇ ଚଢାଉ କରିଥିଲା। ସୋନପୁର ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ ରଞ୍ଜିତ କୁମାର ମହାପାତ୍ର ମାମଲାର ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ, ସହରରେ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ପାଟ୍ରୋଲିଂ ସତ୍ତ୍ୱେ ନିଶା ବ୍ୟବସାୟୀମାନେ ନିଜର ବ୍ୟବସାୟ ବୃଦ୍ଧି କରିବାରେ ଲାଗିଛନ୍ତି। ତେବେ ଧରପଗଡ଼ ଜାରି ରହିବା ସହିତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୋନପୁର ଏସ୍‌ଡିପିଓ ପୁଷ୍ପାଞ୍ଜଳି ନିଙ୍ଗି ଓ ସୋନପୁର ଆଇଆଇସି କୃଷ୍ଣଚନ୍ଦ୍ର ମେହେର ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ପୁରୁଷ ବନ୍ଧୁ ଗିରଫ

**ଏମ୍‌ସିଏ ଛାତ୍ରୀ ଆଶ୍ରିତା ଆତ୍ମହତ୍ୟା ମାମଲା**

- ୨୦୧୪ରୁ ପ୍ରେମ ସମ୍ପର୍କ ଥିଲା
- ତ୍ରିକୋଣୀୟ ପ୍ରେମ ସମ୍ପର୍କରୁ ତିକ୍ତତା ସୃଷ୍ଟି
- ସୋମବାର ସନ୍ଧ୍ୟାରେ ମାଡ଼ ମାରିବା ସହ ନିର୍ଯାତନା ଦେଇଥିଲେ

ଭୁବନେଶ୍ୱର,୬।୭ (ବ୍ୟୁରୋ)


ଆଶ୍ରିତା ସେନାପତି


ସତ୍ୟପ୍ରକାଶ ଦାଶ

ଭୁବନେଶ୍ୱରର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ଏମ୍‌ସିଏ ଛାତ୍ରୀ ଆଶ୍ରିତା ସେନାପତି(୨୨) ଆତ୍ମହତ୍ୟା ଘଟଣାର କମିଶନରେଟ ପୋଲିସ ସୋମବାର ପର୍ଦ୍ଦାଫାଶ କରିଛି। ତ୍ରିକୋଣୀୟ ପ୍ରେମ ସମ୍ପର୍କ ଯୋଗୁ ଏଭଳି ଘଟଣା ଘଟିଥିବା କୁହାଯିବା ସହ ଆଶ୍ରିତାଙ୍କ ସୁଇସାଇଡ୍ ନୋଟକୁ ଭିତ୍ତି କରି ଶହୀଦନଗର ପୋଲିସ ତାଙ୍କ ପୁରୁଷ ବନ୍ଧୁ ସତ୍ୟପ୍ରକାଶ ଦାଶଙ୍କୁ ଭଦ୍ରକ ତିହିଡ଼ିରୁ ସୋମବାର ଗିରଫ କରିଛି। ସତ୍ୟପ୍ରକାଶ ଭୁବନେଶ୍ୱରରେ ଏକ ସଫ୍ଟୱେର କମ୍ପାନୀରେ ଚାକିରି କରନ୍ତି। ଗିରଫ ପରେ ତାଙ୍କୁ ଥାନା ହାଜତରେ ରଖାଯାଇ ପଚରାଉଚରା କରାଯାଉଛି। ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବା ସହ ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ଭଦ୍ରକ ଜିଲା ତିହିଡ଼ି ଅଞ୍ଚଳରେ ଉଭୟ ଆଶ୍ରିତା ଏବଂ ସତ୍ୟପ୍ରକାଶଙ୍କ ଘର। ଉଭୟଙ୍କ ମଧ୍ୟରେ ୨୦୧୪ରୁ ପ୍ରେମ ସମ୍ପର୍କ ଥିଲା। ୨୦୧୯ରେ ଆଶ୍ରିତା ଅନ୍ୟ ଜଣେ ଯୁବକଙ୍କ ସଂସ୍ପର୍ଶରେ ଆସିବା ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଏପରି କି ଆଶ୍ରିତାଙ୍କୁ ସତ୍ୟପ୍ରକାଶ ମାନସିକ ନିର୍ଯାତନା ଦେବା ଆରମ୍ଭ କରି ଦେଇଥିଲେ। ଏହି କାରଣ ପାଇଁ ପ୍ରାୟ ସମୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। କିଛିଦିନ ତଳେ ଆଶ୍ରିତା ତାଙ୍କୁ ସାମାଜିକ ଗଣମାଧ୍ୟମରେ ମଧ୍ୟ ବ୍ଲକ କରି ଦେଇଥିଲେ। ତେବେ ସୋମବାର ସତ୍ୟପ୍ରକାଶ ବାରମ୍ବାର କଲ୍ କରିବା ସତ୍ତ୍ୱେ ଆଶ୍ରିତା ଫୋନ ଉଠାଇ ନ ଥିଲେ। ଫଳରେ ଆଶ୍ରିତା ରହୁଥିବା ଆଚାର୍ଯ୍ୟବିହାରସ୍ଥିତ ଭଡ଼ାଘରକୁ ସତ୍ୟପ୍ରକାଶ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରି ପଳାଇଯାଇଥିଲେ। ଏହାପରେ ଆଶ୍ରିତା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିବା ସହ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଥିଲେ। ପରେ ରାତିରେ ଭଡ଼ାଘରେ କବାଟ ବନ୍ଦ କରି ଫ୍ୟାନ୍‌ରେ ଓଢ଼ଣି ଦ୍ୱାରା ଝୁଲି ପଡ଼ିଥିଲେ। ବାପା ବିଜୟ ଆଶ୍ରିତାଙ୍କୁ ବାରମ୍ବାର ଫୋନ୍ କରି ନୟାନ୍ତ ହୋଇପଡ଼ିବା ପରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଭଡ଼ାଘରକୁ ଆସି କବାଟ ବାଡ଼େଇଥିଲେ। କବାଟ ନ ଖୋଲିବାରୁ ବିଜୟ ଘରର ଝରକା ବାଟେ ଆଶ୍ରିତାଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ କରିବା ସମୟରେ ନିକଟରୁ ଏକ ସୁଇସାଇଡ୍ ନୋଟ ପାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଶହୀଦନଗର ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୫/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ସୁଇସାଇଡ୍ ନୋଟକୁ ଆଧାର କରି ଆଶ୍ରିତାଙ୍କ ପୁରୁଷ ବନ୍ଧୁ ସତ୍ୟପ୍ରକାଶଙ୍କୁ ଗିରଫ କରିବା ସହ ଆଇପିସି ଦଫା ୩୪୧, ୩୨୩, ୩୦୬, ୫୦୬,୨୯୪ରେ ଏକ ମାମଲା(୩୦୭/୨୦୨୨) ରୁଜୁ କରିଛି। ସୁଇସାଇଡ୍ ନୋଟରେ ଜଣେ ଯୁବକ ତାଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରୁଛନ୍ତି, ତେଣୁ ଏହାକୁ ସହ୍ୟ କରି ନ ପାରି ଆତ୍ମହତ୍ୟା କରୁଥିବା ଆଶ୍ରିତା ଉଲ୍ଲେଖ କରିଥିବା ଜାଣିବାକୁ ମିଳିଛି।

**ପୁରୁଷ ବନ୍ଧୁଙ୍କ ନିକଟରେ କେମିତି ପହଞ୍ଚିଲା ପୋଲିସ**

ଆଶ୍ରିତାଙ୍କ ସୁଇସାଇଡ୍ ନୋଟରେ ଥିବା ଯୁବକଙ୍କୁ ପୋଲିସ ଧରିବାକୁ ପ୍ରୟାସ କରି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲା। ଆଶ୍ରିତାଙ୍କ ମୋବାଇଲର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଓ ସୋସିଆଲ୍ ମିଡ଼ିଆ ଯାଞ୍ଚ କରି ପୋଲିସ ସତ୍ୟପ୍ରକାଶଙ୍କ ବିଷୟରେ ତଥ୍ୟ ପାଇଥିଲା। ସୋମବାର ମାର୍‌ପିଟ କରିବା ପୂର୍ବରୁ ସତ୍ୟପ୍ରକାଶ ଏକାଧିକ ଥର ଆଶ୍ରିତାଙ୍କୁ କଲ୍ କରିଥିବା ଜଣାପଡ଼ିଥିଲା। ଭଡ଼ାଘର ନିକଟରେ ରହୁଥିବା ଲୋକ ମଧ୍ୟ ସତ୍ୟପ୍ରକାଶ ମାରପିଟ୍ କରିଥିବା ସୂଚନା ଦେଇଥିଲେ। ଅନ୍ୟପଟେ ବ୍ୟବଚ୍ଛେଦ ସମୟରେ ଆଶ୍ରିତାଙ୍କ ମୁହଁରେ ଏକାଧିକ କ୍ଷତ ଚିହ୍ନ ଥିବା ଜଣାପଡ଼ିଥିଲା। ସତ୍ୟପ୍ରକାଶ ମାଡ଼ ମାରିବା ଦ୍ୱାରା ଏଭଳି ହୋଇଥିବା ପୋଲିସ ଜାଣିବାକୁ ପାଇ ତାଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ପାରାଦୀପରେ ଏ'୧ରେ ୧୬ ଜଣ

ପାରାଦୀପ,୬।୭(ସ୍ୱ.ପ୍ର.): ଓଡ଼ିଶା ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ପାରାଦୀପ ଶିଶୁ ବିଦ୍ୟାମନ୍ଦିର ଛାତ୍ର ଶ୍ରୀତମ କୁମାର ନାୟକ ୫୮୦ ନମ୍ବର ରଖିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଉକ୍ତ ସ୍କୁଲର ଫଳାଫଳ ଶତ ପ୍ରତିଶତ ରହିଛି। ପାରାଦୀପରେ ଏ' ୧ ରେ ୧୬, ଏ' ୨ ରେ ୭୨, ବି' ୧ ରେ ୭୩, ବି' ୨ରେ ୨୯, ସି' ଗ୍ରେଡରେ ଜଣେ ରହିଛନ୍ତି ବୋଲି ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ପ୍ରଧାନ କହିଛନ୍ତି। ଏପରି ସଫଳତା ପାଇଁ ସ୍କୁଲର ସମ୍ପାଦକ ଡା ଦେବଦତ୍ତ ସାମନ୍ତରାୟଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଗଛ ଲଗାଅ ପରିବେଶ ବଞ୍ଚାଅ



ରଘୁନାଥପୁର,୬।୭(ଡି.ଏନ.ଏ.): ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ମୋ କଲେଜ ଆନୁକୂଲ୍ୟରେ ଜାତୀୟ ସେବାସଂସ୍ଥା ଦ୍ୱାରା ବନ ମହୋତ୍ସବ ପାଳିତ ହୋଇଯାଇଛି। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କଲେଜ ପରିସରରେ ଚାରାରୋପଣ କରିଥିଲେ। ଏହି ଉପଲକ୍ଷେ ଅଧକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ଦାସ ନିଜ ବକ୍ତବ୍ୟରେ କହିଥିଲେ ଯେ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବାକୁ ହେଲେ ବୃକ୍ଷରୋପଣକୁ ପ୍ରାଧାନ୍ୟ ଦେବାକୁ ପଡିବ। ଏଣୁ ଗଛ ଲଗାଅ ପରିବେଶ ବଞ୍ଚାଅ ସଚେତନତା ବାର୍ତ୍ତା ଯେପରି ଘରେ ଘରେ ପହଞ୍ଚି ପାରିବ ଏହି ସଂକଳ୍ପ ନେଇ ଛାତ୍ରୀଛାତ୍ରମାନେ ଆଗେଇ ଆସିବାକୁ ବିଧାୟକ ଦାସ ପରାମର୍ଶ ଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ରମାନେ ବନ ମହୋତ୍ସବ ଓ ଏହାର ଉପାଦେୟତା ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ବ୍ଲକ ଅଧକ୍ଷ ଲକ୍ଷ୍ମୀ ବେହେରା, ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ, ଅଧାପିକାଅଧାପକ ଓ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

ରାହାମା/ ତିର୍ତ୍ତୋଲ, ୬।୭(ଡି.ଏନ.ଏ.): ତିର୍ତ୍ତୋଲ ଥାନା ଜଡ଼ତିରା ପଞ୍ଚାୟତ ଜଡ଼ତିରା ଗ୍ରାମର ସନାତନ ସେଠୀ(୮୫)ଙ୍କ ପରଲୋକ ବୁଧବାର ହୋଇଛି। ସେ ଜଣେ ଧର୍ମପ୍ରାଣ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ଭାଗବତ ପ୍ରଚାର ସମିତି ବାଇଖାଇ ଆଶ୍ରମ ସଦସ୍ୟ ଓ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ମନ୍ତ୍ର ଶିଷ୍ୟ ଥିଲେ। ସେ ତିର୍ତ୍ତୋଲ ସାମ୍ବାଦିକ ସଂଘ ସମ୍ପାଦକ ତଥା ତିର୍ତ୍ତୋଲ ଓକିଲ ସଂଘ ଉପସଭାପତି ଟୁକନ ଚରଣ ସେଠୀଙ୍କ ପିତା ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସାନ ପୁଅ ପୁରୁଷୋତ୍ତମ, ଦୁଇ ବୋହୂ, ନାତି ଉପସ୍ଥିତ ଥିଲେ। ସାମ୍ବାଦିକ ସଂଘ ସଭାପତି ରମାକାନ୍ତ ରାଉଳ, ଉପସଭାପତି ଗୌରାଙ୍ଗ ସ୍ୱାଇଁ, ଶ୍ରୀକାନ୍ତ ଦାଶ, ସୁଧାଂଶୁ ଶେଖର ପୃଷ୍ଟି, ପ୍ରଭାତ ପରିଡା, ପ୍ରମୋଦ ଦାସ, ତିର୍ତ୍ତୋଲ ଓକିଲ ସଂଘ ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ, ସରପଞ୍ଚ ଶିବ ପ୍ରସାଦ ସାହୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକ ତାଙ୍କ ଘରେ ପହଞ୍ଚି ସ୍ୱର୍ଗତ ସନାତନଙ୍କ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ଟୁକନ ମୁଖାଗ୍ନି ଦେଇଥିଲେ।

# ରାଜ୍ୟରେ ଜଗତ୍‌ସିଂହପୁର ଜିଲା ଟପ୍ପର

ଜଗତ୍‌ସିଂହପୁର ଅଫିସ, ୬।୭

**ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ**
- ରେଗୁଲାରରେ ସର୍ବାଧିକ ୯୬.୩୬% ପାସ୍
- ଏ (୧) ଗ୍ରେଡ୍‌ରେ ୨୧୪, ଏ (୨) ୨୦୪୬, ବି (୧) ୪୦୮୨, ବି (୨) ୩୭୩୪ ଛାତ୍ରୀଛାତ୍ର
- ଏକ୍ସ-ରେଗୁଲାରରେ ୫୩.୩୩%, କରେସପଣ୍ଡେଣ୍ଟ କୋର୍ସରେ ୮୯.୪୭% କୃତକାର୍ଯ୍ୟ

ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଖୁସିର କଥା ହେଲା ରେଗୁଲାରରେ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ସାରା ରାଜ୍ୟରେ ଜଗତ୍‌ସିଂହପୁର ଜିଲା ଟପ୍ପର ଅର୍ଥାତ୍ ପାସ ହାରରେ ସର୍ବାଧିକ ରହିଛି। ଗତବର୍ଷ ଜିଲାରେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୯.୦୯% ପାସ୍ କରିଥିଲେ। କୋଭିଡ୍ କାରଣରୁ ସେତେବେଳେ ଅଫଲାଇନ୍ ପରୀକ୍ଷା ହୋଇ ନ ଥିଲା। ଚଳିତବର୍ଷ କିନ୍ତୁ ଜିଲାରେ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ରେଗୁଲାରରେ ୯୬.୩୬% ପାସ କରିଛନ୍ତି। ସେହିପରି ଏକ୍ସ-ରେଗୁଲାରରେ ୫୩.୩୩% ଓ କରେସପଣ୍ଡେଣ୍ଟ କୋର୍ସ (ସିସି) ରେଗୁଲାରରେ ୮୯.୪୭% ପାସ୍ କରିଥିବା ଜଣାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଜିଲାର ୨୬୭ ଉଚ୍ଚ ବିଦ୍ୟାଳୟର ୧୩,୭୧୮ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୩୧ ଅନୁପସ୍ଥିତ ରହିବାରୁ ଅବଶିଷ୍ଟ ୧୩,୨୮୭ ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ। ଏହି ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ ଏ(୧) ଗ୍ରେଡ୍ ୨୧୪, ଏ(୨) ୨୦୪୬, ବି(୧) ୪୦୮୨, ବି(୨) ୩୭୩୪, ସି ୨୨୩୬, ଡି ୭୬୩, ଇ ୧୪୪ ଓ ଏଫ ଗ୍ରେଡ୍ ୬୮ ଜଣ ପାଇଛନ୍ତି। ଏଫ୍ ଗ୍ରେଡ୍‌ରେ ୬୮ ଜଣ ଛାତ୍ରୀଛାତ୍ର ଥିଲେ ସୁଦ୍ଧା ସେମାନେ ୩୦%ରୁ କମ ନମ୍ବର ରଖିଥିବାରୁ ଫେଲ ହୋଇଛନ୍ତି। ଅବଶିଷ୍ଟ ୧୩,୨୧୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଛାତ୍ରୀ ୬,୪୬୭ ଓ ଛାତ୍ର ୬,୭୫୩ ଜଣ। ସେହିପରି ଏକ୍ସ-ରେଗୁଲାରରେ ୩୭ଟି ବିଦ୍ୟାଳୟରେ ୭୫ ଜଣ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୪ ଜଣ ପରୀକ୍ଷା ନ ଦେଇ ଅନୁପସ୍ଥିତ ରହିଥିଲେ। ଅବଶିଷ୍ଟ ୫୧ ଜଣଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ୫୧ ଜଣଙ୍କ ମଧ୍ୟରୁ ବି(୨) ଗ୍ରେଡ୍ ୪, ସି ୧୪, ଡି ୧୦, ଇ ୧୨ ଓ ଏଫ୍ ଗ୍ରେଡ୍ ପାଇଛନ୍ତି ୧୧ ଜଣ। ଫେଲ ଛାତ୍ରୀଛାତ୍ରଙ୍କୁ ବାଦ୍ ଦେଲେ ପାସ୍ କରିଛନ୍ତି ୪୦ ଜଣ। ଯେଉଁମାନଙ୍କ ମଧ୍ୟରୁ ଛାତ୍ରୀ ୧୪ ଓ ଛାତ୍ର ୨୬ ଜଣ ରହିଛନ୍ତି। ଏହି ପରୀକ୍ଷାରେ ପାସ୍ ହାର ରହିଛି ୫୩.୩୩। କରେସପଣ୍ଡେଣ୍ଟ କୋର୍ସ ରେଗୁଲାରରେ ୧୯ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨ ଅନୁପସ୍ଥିତ ଥିବାବେଳେ ୧୭ ଜଣ ପରୀକ୍ଷା ଦେଇଥିଲେ। ଏଥିରେ ଏ(୨) ୩, ବି(୧) ୬, ବି(୨) ୨, ଡି ୩, ଇ ଗ୍ରେଡ୍ ୨ ଜଣ ପାଇଛନ୍ତି। ଫେଲ ଛାତ୍ରୀଛାତ୍ରଙ୍କୁ ବାଦ୍ ଦେଲେ ଅବଶିଷ୍ଟ ୧୭ ଜଣଙ୍କ ମଧ୍ୟରୁ ୮ ଛାତ୍ରୀ ଓ ୯ ଜଣ ଛାତ୍ର ଥିବା ଜଣାଯାଇଛି। ପାସ୍ ହାର ୮୯.୪୭ ରହିଛି। ସୂଚନାଯୋଗ୍ୟ ଯେ, ଯେଉଁ ଛାତ୍ରୀଛାତ୍ରମାନେ ୯୦ରୁ ୧୦୦ ପ୍ରତିଶତ ନମ୍ବର ରଖୁଛନ୍ତି ସେମାନଙ୍କୁ ଏ(୧) ଗ୍ରେଡ୍ ମିଳୁଛି। ସେହିପରି (୮୦-୯୦)% ପାଇଲେ ଏ(୨), (୭୦-୮୦)% ବି(୧), (୬୦-୭୦)% ବି(୨), (୫୦-୬୦)% ସି, (୪୦-୫୦)% ଡି, (୩୩-୪୦)% ଇ ଓ ୩୦%ରୁ କମ ନମ୍ବର ରଖିଲେ ଏଫ୍ ଗ୍ରେଡ୍ ମିଳୁଛି। ପ୍ରକାଶଥାଉ କି, ୨୦୨୦ରେ ପାସ ହାର ୭୯.୮୭ ଥିଲା।

### ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି



" ମାଟ୍ରିକ ପରୀକ୍ଷାରେ ୫୮୧ ନମ୍ବର ରଖିଛି। ଆଉ ଟିକେ ଅଧିକ ରହିଥିଲେ ଭଲ ହୋଇଥାନ୍ତା। ତଥାପି ସନ୍ତୁଷ୍ଟ ଅଛି। ମୋର ଏହି ସଫଳତା ପାଇଁ ଶ୍ରେୟ ମା' ସ୍ନେହଲତା ନାୟକ, ବାପା ବିଜ୍ଞାନ ପ୍ରଧାନ, ଜେଜେ ମା' ଦେଇନ, ପରିବାର ସଦସ୍ୟ, ଶିକ୍ଷୟିତ୍ରୀଶିକ୍ଷକ, ଟ୍ୟୁସନ୍ ସାର୍ ଆଦିଙ୍କୁ ଦେବି। ଯୁକ୍ତ ଦୁଇ ବିଜ୍ଞାନ ପଢି ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛି।

-ବିଦିଶା ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତ୍‌ସିଂହପୁର

### ଭବିଷ୍ୟତର ଜଣେ ବୈଜ୍ଞାନିକ ହେବି



" ପ୍ରାରମ୍ଭରୁ ସପ୍ତମ ଶ୍ରେଣୀ ଯାଏ ବାଲିକୁଦା ବ୍ଲକ ମାଛଗାଁ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ପଢୁଥିଲି। ଏହି ବିଦ୍ୟାଳୟରେ ୮ମ ନ ଥିବାରୁ ଓଚନ୍ଦା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଥିଲି। ୧୦ମରେ କଠିନ ପରିଶ୍ରମ ଯୋଗୁ ଆଜି ୫୮୭ ନମ୍ବର ରଖି ଜିଲା ଟପ୍ପର ହେବାର ଗୌରବ ହାସଲ କରିପାରିଛି। ଭବିଷ୍ୟତରେ ଜଣେ ଭଲ ବୈଜ୍ଞାନିକ ହେବାର ସ୍ୱପ୍ନ ରହିଛି। ବିଶେଷକରି ଆଇଆଇଟି ପଢିବାର ଆଶା ରଖିଛି। ତେଣୁ ଏ ନେଇ ଭଲ କୋଚିଂର ଆବଶ୍ୟକତା ଥିବାରୁ ଭୁବନେଶ୍ୱରର ଏକ ଘରୋଇ ସଂସ୍ଥାରେ କୋଚିଂ ସହ ଯୁକ୍ତ ଦୁଇ ପଢିବା ନିଷ୍ପତ୍ତି ମା', ବାପା ନେଇଛନ୍ତି । ଏହି ସଫଳତା ପାଇଁ ମା' ସୁଜାତା ସାହୁ, ବାପା ନିଳିପ କୁମାର ସାହୁ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସମ୍ପର୍କୀୟମାନଙ୍କ ପୂର୍ଣ୍ଣ ସହଯୋଗ ରହିଛି।

- ଆଦ୍ୟାଶା ପ୍ରିୟଦର୍ଶିନୀ ସାହୁ, ଓଚନ୍ଦା ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ

### ଲୋକଙ୍କ ସେବା କରିବାକୁ ଡାକ୍ତରୀ ପଢ଼ିବି



" ବିଜ୍ଞାନ ମେଳାରେ ଭଲ ପ୍ରକଳ୍ପ ପ୍ରଦର୍ଶନ କରି ପ୍ରଶଂସିତ ହୁଏ। ଚଳିତ ମାଟ୍ରିକ ପରୀକ୍ଷାରେ ୫୭୯ ନମ୍ବର ରଖିଛି, ଯେଉଁଥିରେ ମୁଁ ସନ୍ତୁଷ୍ଟ। ଏଥିପାଇଁ ମା' ନିରୁପମା, ବାପା ଅଜୟ, ଗୁରୁମା, ଗୁରୁଜୀ, ପ୍ରଧାନ ଗୁରୁଜୀ ଓ ସମ୍ପର୍କୀୟମାନଙ୍କ ସହଯୋଗ ରହିଛି। ଭବିଷ୍ୟତରେ ଲୋକଙ୍କ ସେବା ପାଇଁ ଡାକ୍ତର ହେବାକୁ ଆଶା ରଖିଛି।

- ନିହିତା ପ୍ରିୟଦର୍ଶିନୀ ରାଉତ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଜଗତ୍‌ସିଂହପୁର

### ଆଇଆଇଟି ଇଞ୍ଜିନିୟର ପାଇଁ ଲକ୍ଷ୍ୟ ରଖିଛି



" ଚଳିତ ମାଟ୍ରିକ ପରୀକ୍ଷାରେ ୫୭୬ ନମ୍ବର ରଖିଛି। ଯୁକ୍ତ ଦୁଇ ବିଜ୍ଞାନ ପଢି ଆଇଆଇଟି ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଛି। କିନ୍ତୁ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ପଢି ପାରିବି କି ନାହିଁ ଜାଣିନି। ମାମୁଁଙ୍କ ଘରେ ରହି ପାଠ ପଢୁଛି। ଏହି ସଫଳତା ପଛରେ ମା' ନମୟିତା ସେତାପତି, ମାମୁଁ ନିହାର ରଞ୍ଜନ ଜେନା, ପ୍ରଧାନ ଶିକ୍ଷକ ପ୍ରଳୟ ରଞ୍ଜନ ଭୂୟାଁ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଭୂମିକା ରହିଛି।

- ସତ୍ୟଜିତ ସେନାପତି, ଦଧିବାମନଜୀଉ ସରକାରୀ ଉଚ୍ଚବିଦ୍ୟାଳୟ, ଗରାମ, ଚଅଁରପୁର

# ରେଞ୍ଜରଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ



କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟରେ ଆଇନ ସେବା କମିଟି ପକ୍ଷରୁ ବୃକ୍ଷରୋପଣ କରାଯାଉଛି।

କୁଜଙ୍ଗ,୬।୭ (ଡି.ଏନ.ଏ.)

**ଆଇନ ସେବା କମିଟି ପକ୍ଷରୁ ବୃକ୍ଷରୋପଣ**

୭୩ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ କୁଜଙ୍ଗ ଆଇନ ସେବା କମିଟି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୁଧବାର କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଜଙ୍ଗର ଅତିରିକ୍ତ ଜିଲା ଦୌରାଜଜ୍ ପାର୍ଥସାରଥୀ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ବୃକ୍ଷରୋପଣର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ସବ୍‌ଜଜ୍ ରଘୁନନ୍ଦନ ଦାସ, ମୁନ୍‌ସଫ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ, ଜେଏମ୍‌ଏଫ୍‌ସି ସୁନୀତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ କହିଥିଲେ, ବିଶ୍ୱତାପନକୁ ରୋକିବାକୁ ହେଲେ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ଶପଥ ନେବା ଉଚିତ୍। ଏଥିସହ ପିଲାଙ୍କୁ ଛୋଟ ବେଳୁ ଯେଭଳି ଲାଳନ ପାଳନ କରାଯାଏ ସେହିଭଳି ଗଛଟିଏ ଲଗାଇ ତାହାକୁ ଯତ୍ନର ସହ ବଢାଇଲେ ତାହା ବଡ ଗଛ ହୋଇ ପାରିବ ବୋଲି ଅତିଥିମାନେ କହିଥିଲେ। ଉକ୍ତ ବୃକ୍ଷରୋପଣ ସମ୍ପର୍କରେ କୁଜଙ୍ଗ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲା ଦୌରା ଜଜ୍, ରେଞ୍ଜରଙ୍କୁ ଏକ ସପ୍ତାହ ପୂର୍ବରୁ ଚିଠି ଯୋଗେ ଅବଗତ କରାଇଥିଲେ ବି ସେ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିବାରୁ ବାର୍ ଆସୋସିଏଶନ୍ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଉପସ୍ଥିତ ସଦର ବନପାଳ ମହନ୍ତ କୁମାର ମଲ୍ଲିକ ରେଞ୍ଜରଙ୍କ ଅନୁପସ୍ଥିତି ସମ୍ପର୍କରେ କିଛି ଜାଣି ନ ଥିବା କହିଛନ୍ତି। ଏ ସମ୍ପର୍କରେ ରେଞ୍ଜର ରଞ୍ଜନ ମିଶ୍ରଙ୍କୁ ପଚାରିବାରେ ବିଭାଗୀୟ କାର୍ଯ୍ୟରେ ୪ଦିନ ହେବ ବତୀଘର ଆସିବାକୁ ପଡୁଛି। ତେଣୁ ବନପାଳଙ୍କୁ ଦାୟିତ୍ୱ ଦେଇକି ଆସିଛି। ଓକିଲ ସଂଘର ସଭାପତି ସୁଶାନ୍ତ ପଟ୍ଟନାୟକ ତାଙ୍କର ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି ବାର୍ ପକ୍ଷରୁ ରେଞ୍ଜରଙ୍କୁ ପଚରାଯିବ। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଅମୃତ ଦାସ, ରମେଶ ଚନ୍ଦ୍ର ଦାସ, ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ, ସତ୍ୟାନନ୍ଦ ବିଶ୍ୱାଳ, ଭାରତ ଭୂଷଣ ଦାସ, କୈଳାସ ଚନ୍ଦ୍ର ପରିଡା, ବାର୍ ଆସୋସିଏଶନ୍‌ର ସମ୍ପାଦକ ଦାମୋଦର ସ୍ୱାଇଁ, ଉପସଭାପତି ନୃସିଂହ ପ୍ରଧାନ, କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପଟ୍ଟାମୁଣ୍ଡାଇ ପ୍ରେସ୍ କ୍ଲବ ପୁନଃ ଗଠନ ଲାଗି ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୬।୭(ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ମଙ୍ଗଳା ମଣ୍ଡପଠାରେ ବୁଧବାର ପଟ୍ଟାମୁଣ୍ଡାଇ ପ୍ରେସ କ୍ଲବକୁ ପୁନଃ ଗଠନ କରିବାକୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା ଅକ୍ଷୟ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୁଶାନ୍ତ କର, ପ୍ରବୀର ନାୟକ, ପ୍ରମୋଦ ଦାଶ, ତ୍ରିଲୋଚନ ଦାସ, କୃତିବାସ ପ୍ରଧାନ, ନରେନ୍ଦ୍ର ଧଳ, ଅଭିମନ୍ୟୁ ସେଠୀ, ହିମାଂଶୁ ମହାନ୍ତି, କଳ୍ପତରୁ ନାୟକ, ପ୍ରତାପ ପାଢ଼ୀ, ଦେବାଶିଷ ପଣ୍ଡା, ଚିତରଞ୍ଜନ ମଲ୍ଲିକ, ରବୀନ୍ଦ୍ର ସ୍ୱାଇଁ, ପତିତପାବନ ଭଦ୍ର, ତାପସ ପରିଡା, ଅନନ୍ତ ଦାଶ, ରାଜେଶ ଜେନା, ସଞ୍ଜୟ ବାରିକ, ଅଜୟ ସ୍ୱାଇଁ, ପୁଳିନ ଭୂୟାଁ, ଲକ୍ଷ୍ମୀଧର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପଟ୍ଟାମୁଣ୍ଡାଇ ଅଞ୍ଚଳର ବରିଷ୍ଠ ଖବରଦାତା ଭୁବନେଶ୍ୱରରେ ବିଭିନ୍ନ ପଦପଦବୀରେ ଥିବା ସ୍ୱାତି ଦେ, ସ୍ମୃତି ରଞ୍ଜନ ବେହେରା, ସୁନୀଲ ଭୂୟାଁ, ଦିଲୀପ ରାଉତ, ପ୍ରଦୀପ ପରିଡା, ସତ୍ୟଜିତ ସେନ, ବିଜୟ ପଣ୍ଡା, ମୁରଲୀଧର ମିଶ୍ର ପ୍ରମୁଖ ମୋବାଇଲ ଫୋନ ମାଧ୍ୟମରେ ସହମତି ଜଣାଇଥିଲେ। ବୈଠକରେ ଉପସ୍ଥିତ ଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ଦ୍ୱାରା ପଟ୍ଟାମୁଣ୍ଡାଇ ପ୍ରେସ୍ କ୍ଲବ ପ୍ରତିଷ୍ଠାତା ସ୍ୱର୍ଗତଃ ବଂଶୀଧର ଆଚାର୍ଯ୍ୟ ଓ ପ୍ରେସ୍ କ୍ଲବର ସଭାପତି ସ୍ୱର୍ଗତ ଦିବାକର ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସଂଘର ଆଲୋଚନାକୁ ଆଗକୁ ବଢାଯାଇଥିଲା। ବୈଠକରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହେବା ସହ ସଂଘର ପୁନଃ ଗଠନ ୧୫ ଦିନ ମଧ୍ୟରେ ହେବା ପାଇଁ ନିଷ୍ପତ୍ତି ନିଆଗଲା। ଏଥିରେ ଭବିଷ୍ୟତରେ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସରକାରଙ୍କୁ ପଦକ୍ଷେପ ନେବାକୁ ଆଲୋଚନା ହୋଇଥିଲେ।

# ବିରିଡି ବ୍ଲକରେ ମାଟ୍ରିକ ପରୀକ୍ଷାରେ ଏ ୧ ପାଇଲେ ୧୧ ଜଣ ଛାତ୍ରୀଛାତ୍ର

ବିରିଡି, ୬।୭ (ଡି.ଏନ.ଏ.)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିରିଡି ବ୍ଲକରେ ମୋଟ ୧୧ ଜଣ ଛାତ୍ରୀଛାତ୍ର ଏ ୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବଟିମୀରାର ଛାତ୍ର ରିଷି ରଞ୍ଜନ ମହାନ୍ତି ୫୭୪ ନମ୍ବର ରଖିଥିବା ବେଳେ ଶୁଭମ ସ୍ୱାଇଁ ୫୬୬ , ଛାତ୍ରୀ ସୌମ୍ୟା ପ୍ରିୟଦର୍ଶିନୀ ଦାସ ୫୬୨, ସିଦ୍ଧାର୍ଥ ଶଙ୍କର ବାଘି ୫୬୧, ଛାତ୍ରୀ ପୂଜାରିଣୀ ପଶାୟତ ୫୪୭, କାଳିଆ ବୁଦା ବିଦ୍ୟା ନିକେତନ ହଳଦିଆ ପଡାର ଛାତ୍ରୀ ମୌସୁମୀ ସାହୁ ୫୬୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଙ୍ଗୁଳିର ଛାତ୍ରୀ ଶର୍ମିଷ୍ଠା ମହାରଣା ୫୭୫, ମୌସୁମୀ ମହାନ୍ତି ୫୫୧, ଜୟନ୍ତୀ ଗ୍ରାମ ଦିବ୍ୟମଧୁ ହାଇସ୍କୁଲ ବାସନ୍ଦରା ଛାତ୍ରୀ ପ୍ରିୟମ୍ୱଦା ଜେନା ୫୫୭, ଜାହ୍ନବୀ ଯଶସ୍ୱିନୀ ୫୪୬, ଛାତ୍ର ସୌମ୍ୟ ରଞ୍ଜନ ନାୟକ ୫୫୬ ନମ୍ବର ରଖିଛନ୍ତି।

# କାର୍ଯ୍ୟକାଳ ଶେଷ ପରେ କାମ କରୁଛନ୍ତି ସିଆରସିସି

ନାଉଗାଁ,୬।୭(ସ୍ୱ.ପ୍ର)

**ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ: ନୂଆ ନିଯୁକ୍ତି ପାଇଁ ଦାବି**

ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୫ ଜଣ ସିଆରସିସିଙ୍କର କାର୍ଯ୍ୟକାଳ ଡିସେମ୍ବର ୨୦୨୧ରୁ ସରିଲାଣି। ହେଲେ ଏପର୍ଯ୍ୟନ୍ତ ନୂତନ ସିଆରସିସି ନିଯୁକ୍ତ ହେଉନାହାନ୍ତି। ଫଳରେ କାର୍ଯ୍ୟକାଳ ସରିଥିବା ସିଆରସିସିମାନେ ପୂର୍ବପରି କାମ କରୁଛନ୍ତି। ତେଣୁ ତୁରନ୍ତ ନୂଆ ସିଆରସିସିଙ୍କୁ ନିଯୁକ୍ତି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି। ଏ ସଂକ୍ରାନ୍ତରେ ଜୁନ ୫ ତାରିଖରେ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଜିଲା ପ୍ରୋଜେକ୍ଟ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ. ୯୬୭/ ୧୦।୬।୨୨ ଜିଲାର ସମସ୍ତ ବ୍ଲକର ଶିକ୍ଷାଧିକାରୀଙ୍କ ନିକଟକୁ ନୂତନ ଭାବେ ଯୋଗ ଦେବା ପାଇଁ ୨ ଜଣ ସିଆରସିସିଙ୍କ ନାମ ପଠାଇବାକୁ ନିର୍ଦ୍ଦେଶ ଆସିଛି। ଯେଉଁ ୨ଜଣଙ୍କ ନାମ ପ୍ରଦାନ କରାଯିବ, ସେମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ମାନଦଣ୍ଡ ଚିଠିରେ ଉଲ୍ଲେଖ କରାଯାଇଛି। ଉକ୍ତ ଚିଠି ଆସିବାକୁ ଦୀର୍ଘ ମାସେ ହେବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ନୂତନ ସିଆରସିସି ନିଯୁକ୍ତ ହୋଇନାହାନ୍ତି। ବର୍ତ୍ତମାନ ବ୍ଲକରେ କାର୍ଯ୍ୟକାଳ ପୂରଣ ହୋଇଥିବା ସିଆରସିସିମାନେ କାମ କରୁଥିବା ଦେଖାଯାଉଛି। ସେହି ସିଆରସିସିମାନେ ହେଲେ ଅଙ୍ଗେଶ୍ୱରପଡା କ୍ଲଷ୍ଟରର ଶରତ ଚନ୍ଦ୍ର ରାଉତ, ପଞ୍ଚାୟତ ବାଣୀପୀଠ ଜାମୁଦଣ୍ଡାର ରୁଦ୍ର ପ୍ରସାଦ ସ୍ୱାଇଁ, କୋରୁଅ ଉପ୍ରା ସ୍କୁଲ କ୍ଲଷ୍ଟରର କାଳନ୍ଦୀ ଚରଣ ବିଶ୍ୱାଳ, ଗଙ୍ଗଦା ଉପ୍ରା ସ୍କୁଲ କ୍ଲଷ୍ଟରର ଫକୀର ଚରଣ ସ୍ୱାଇଁ, କର୍ଣ୍ଣଣିଆ ନୋଡାଲ ହାଇସ୍କୁଲ କ୍ଲଷ୍ଟରର ପ୍ରଦୀପ କୁମାର ସ୍ୱାଇଁ। ଫଳରେ ଅନେକ ବିଦ୍ୟାଳୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶିକ୍ଷକ ଆସୁ ନ ଥିବାବେଳେ କେତେକ ବିଦ୍ୟାଳୟରେ ଶିକ୍ଷକଙ୍କର ଦେଖା ମିଳୁନାହିଁ। ଫଳରେ ପିଲାମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରି ନ ଥିଲା।

# ଜାତି, ଧର୍ମ, ବର୍ଣ୍ଣର ଊର୍ଦ୍ଧ୍ୱରେ ରହି କାମ କରୁଥିଲେ ବିଷ୍ଣୁ ଦାସ

ବିରିଡି/ ବାଲିଆ,୬।୭ (ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଷ୍ଣୁ ଦାସ ତଫସିଲ ଭୁକ୍ତ ଜାତି ଓ ଅବହେଳିତ ଲୋକଙ୍କ ପାଇଁ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ କାମ କରିଥିଲେ ହେଁ ସବୁ ଦଳ ଓ ବର୍ଣ୍ଣର ଲୋକମାନଙ୍କ ପାଖରେ ଅତି ପ୍ରିୟ ନେତା ଭାବେ ପରିଚିତ ଥିଲେ। ଜାତି, ଧର୍ମ, ବର୍ଣ୍ଣର ଊର୍ଦ୍ଧ୍ୱରେ ରହି ସବୁ ଲୋକମାନଙ୍କ ପାଇଁ ନିଷ୍ଠାର ଭାବେ କାମ କରିଥିଲେ ବୋଲି ବୁଧବାର ତାଙ୍କ ଦ୍ୱିତୀୟ ବାର୍ଷିକ ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ରଖିଥିଲେ। ବିରିଡି ବିଜେଡି ପକ୍ଷରୁ ବାଲିଆ ପଞ୍ଚମୁଖି ହନୁମାନ ମନ୍ଦିରଠାରେ ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ମମତା ପାତ୍ର, ଆତ୍ମାର ଅଧକ୍ଷ ରବିନାରାୟଣ ଜେନା, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ପୂର୍ବତନ ଆତ୍ମାର ଅଧକ୍ଷ ନୃସିଂହ ଦାଶ, ବିଜେଡି ଯୁବ ସଙ୍ଗଠକ ଦେବୀପ୍ରସାଦ ତ୍ରିପାଠୀ, ନେତ୍ରାନନ୍ଦ ପାତ୍ର, ପୂରଣ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ନନ୍ଦକିଶୋର ବସ୍ତିଆ, ସୁଶାନ୍ତ ବସ୍ତିଆ, ସରପଞ୍ଚ କାହ୍ନୁଚରଣ ବେହେରା, ନିରଞ୍ଜନ ସେଠୀ, ଯୁଧିଷ୍ଠିର ବେହେରା ପରୱେଜ ଅହମଦ, ପବିତ୍ର ପଶାୟତ, ବିଭୁଦତ୍ତ ସାହୁ, ଅଜୟ ଭୋଇ, ମିର ଆଜମିର ଅଲ୍ଲି ପ୍ରମୁଖ ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ। ପ୍ରଥମେ ଭଗବତୀ ପୀଠରେ ଥିବା ପୋଖରୀରେ ତୀଳତର୍ପଣ ପରେ ବିଜେଡି କାର୍ଯ୍ୟାଳୟରେ ଓ କଇଜଙ୍ଗା ବଜାରରେ ଥିବା ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।




ବିଷ୍ଣୁ ଦାସଙ୍କ ଶ୍ରାଦ୍ଧ ଉତ୍ସବରେ ବିଧାୟକ ବିଜୟ ଶଙ୍କର ଦାସ ଓ ଅନ୍ୟମାନେ।

# ପାନୀୟ ଜଳ ପାଇପ୍ ଫାଟି ଧୋଇଗଲା ରାସ୍ତା

- ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା
- ଘଟଣା ସ୍ଥଳରେ ପହଞ୍ଚିଲେ ଯନ୍ତ୍ରୀ

ନାଉଗାଁ,୬।୭(ସ୍ୱ.ପ୍ର.)



ପାଇପ ଫାଟି ଯିବାରୁ ପାଣି ବାହାରି ନହଡିପଡ଼ାରୁ ଅଲଣାହାଟକୁ ସଂଯୋଗ କରୁଥିବା ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଛି।

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତ ତୁମ୍ବେଶ୍ୱରଠାରେ ପ୍ରବାହିତ ଦେବୀନଦୀରେ ସରକାରଙ୍କ ପକ୍ଷରୁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପ ପାଇଁ ସ୍ଥାନୀୟ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ପ୍ରକଳ୍ପରୁ ବାଲିକୁଦା ଓ ଏରସମା ବ୍ଲକକୁ ପାନୀୟ ଜଳ ଯୋଗାଇବାକୁ ବିଭିନ୍ନ ଗ୍ରାମର ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପୂର୍ତ୍ତ ବିଭାଗ ରାସ୍ତା ଖୋଳାଯାଇ ପାଇପ୍ ବିଛା ଯାଇଛି। ବୁଧବାର ଅଲଣା ପଞ୍ଚାୟତ ନହଡିପଡ଼ା ଦେଇ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପାର୍ଶ୍ୱରେ ପାନୀୟ ଜଳ ପ୍ରକଳ୍ପର ବିଛା ଯାଇଥିବା ମୁଖ୍ୟ ପାଇପ୍ ଫାଟି ଯାଇଥିଲା। ଫଳରେ ରାସ୍ତାର କିଛି ଅଂଶ ସମ୍ପୂର୍ଣ୍ଣ ଧୋଇଯିବା ସହ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେବା ସହ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏହି ରାସ୍ତାଟି ନହଡିପଡ଼ା ଦେଇ ଅଲଣାହାଟକୁ ସଂଯୋଗ କରୁଥିବା ବେଳେ ରାସ୍ତା ଧୋଇଯିବା ଦ୍ୱାରା କୌଣସି ଯାନବାହନ ତ ଯିବା ଦୂରର କଥା, ପାଦରେ ଚାଲି ଚାଲି ମଧ୍ୟ ଯାଇ ହେଉ ନ ଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଅଶୋକ ମହାନ୍ତି, ବାବୁରାମ ଦାସ, ଲକ୍ଷ୍ମଣ ଭୋଇ, ଜାନୁ ଭୋଇ, ସୁଶାନ୍ତ ମହାନ୍ତିଙ୍କ କହିବା ମୁତାବକ, ବର୍ତ୍ତମାନ ବର୍ଷାଦିନ ଚାଲିଥିବା ବେଳେ ରାସ୍ତା ଧୋଇଯିବା ଯୋଗୁ ପିଲାମାନେ ବିଦ୍ୟାଳୟକୁ ଯିବା ଓ ବୃଦ୍ଧାବୃଦ୍ଧମାନେ ଘରୁ ବାହାରି ପାରିବେ ନାହିଁ। ତେଣୁ ଯଥାଶୀଘ୍ର ଉକ୍ତ ରାସ୍ତା ମରାମତି ପାଇଁ ସେମାନେ ଦାବି କରିଛନ୍ତି। ଘଟଣାସ୍ଥଳରେ ଗ୍ରାମ୍ୟ ଜଳ ପରିମଳ ବିଭାଗ ଯନ୍ତ୍ରୀ ରଶ୍ମିରଞ୍ଜନ ଦାସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ବୁଝାଶୁଝା କରିଥିଲେ। ଯଥାଶୀଘ୍ର କାମ କରୁଥିବା ଠିକା ସଂସ୍ଥା ସହ କଥା ହୋଇ ଉକ୍ତ ରାସ୍ତା ମରାମତି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# କେନ୍ଦ୍ରାପଡ଼ାରେ ୯୩.୮୧% ପରୀକ୍ଷାର୍ଥୀ ପାସ୍

**ମାଟ୍ରିକ୍ ପରୀକ୍ଷାଫଳ**

କେନ୍ଦ୍ରାପଡ଼ା ଅଫିସ, ୬।୭

ଓଡ଼ିଶା ରାଜ୍ୟ ବୋର୍ଡ ଅଫ୍ ସେକେଣ୍ଡାରୀ ଏଡୁକେଶନର ଦଶମ ଶ୍ରେଣୀ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏହି ପରୀକ୍ଷାଫଳରେ ନିୟମିତ ବର୍ଗର ପରୀକ୍ଷାର୍ଥୀଙ୍କ ପାସ୍ ହାର ୯୩.୮୧ ପ୍ରତିଶତ ରହିଛି। ଚଳିତ ଶିକ୍ଷାବର୍ଷରେ ଜିଲାର ୩୪୩ଟି ସ୍କୁଲର ଶିକ୍ଷାର୍ଥୀ ପରୀକ୍ଷାରେ ଭାଗ ନେଇଥିଲେ। ମୋଟ ୨୦,୫୫୪ ଜଣ ଫର୍ମ ଫିଲପ୍ କରିଥିଲେ ମଧ୍ୟ ୧୦୮୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ସମୟରେ ଅନୁପସ୍ଥିତ ଥିଲେ। ଏଥିମଧ୍ୟରୁ ଏ-୧ ଗ୍ରେଡ୍‌ରେ ୨୫୩ ଜଣ, ଏ-୨ରେ ୨୩୫୪ ଜଣ, ବି-୧ରେ ୫,୩୬୩ ଜଣ, ବି-୨ରେ ୫,୬୧୧, ସି ରେ ୩,୫୮୧, ଡି ରେ ୧,୬୩୧, ଇ ରେ ୪୮୮ ଓ ଏଫ୍ ଗ୍ରେଡରେ ୧୭୧ ଜଣ ଅଛନ୍ତି। ୧୫ ଜଣ ମାଲପ୍ରାକ୍ଟିସ କରି ଧରାପଡିଛନ୍ତି। ସମୁଦାୟ ୧୯,୨୮୧ ଜଣଙ୍କ ମଧ୍ୟରୁ ୯,୫୨୨ ଛାତ୍ର ଓ ୯,୭୫୯ ଜଣ ଛାତ୍ରୀ ଅଛନ୍ତି। ସେହିପରି ଏକ୍ସ ରେଗୁଲାର ପରୀକ୍ଷାଫଳ ୩୯.୦୯ ପ୍ରତିଶତ ହୋଇଛି। ଏକ୍ସ ରେଗୁଲାର ପାଇଁ ମୋଟ ୫୨ ସ୍କୁଲର ୧୧୦ ଜଣ ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିବା ବେଳେ ୩୮ ଜଣ ଅନୁପସ୍ଥିତ ଥିଲେ। ବି-୧ ଗ୍ରେଡରେ ୩ ଜଣ, ବି-୨ରେ ୧୧ ଜଣ, ସି ରେ ୬ ଜଣ, ଡି ରେ ୧୫ ଜଣ, ଇରେ ୮ ଜଣ, ଏଫ୍‌ରେ ୨୯ ଜଣ ପରୀକ୍ଷାର୍ଥୀ ଅଛନ୍ତି। କରେସ୍ପଣ୍ଡେନ୍ସ କୋର୍ସରେ ୩ ଜଣ ଫର୍ମ ଫିଲପ୍ କରିଥିବା ବେଳେ ଜଣେ ଇ ଗ୍ରେଡରେ ଓ ୨ ଜଣ ଡି ଗ୍ରେଡର ମାର୍କ ପାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଜିଲା ମାଟ୍ରିକ ଫଳାଫଳ ଅନୁଯାୟୀ, ଡେରାବିଶ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମୋନାଶ୍ରୀ ବିଶ୍ୱାଳ ୬୦୦ ମାର୍କରୁ ମୋଟ ୫୮୫ ନମ୍ବର (୯୭.୫୭%) ରଖି ଜିଲା ଟପ୍ପର ହୋଇଛନ୍ତି।

## ମୋନାଶ୍ରୀ କେନ୍ଦ୍ରାପଡ଼ା ଜିଲା ମାଟ୍ରିକ୍ ଟପ୍ପର

ଡେରାବିଶ,୬।୭(ସ୍ୱ.ପ୍ର.)

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଡେରାବିଶ ସରକାରୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ମୋନାଶ୍ରୀ ବିଶ୍ୱାଳ ସର୍ବୋଚ୍ଚ ନମ୍ବର (୫୮୫) ରଖି କେନ୍ଦ୍ରାପଡ଼ା ଜିଲାରେ ଟପ୍ପର ହୋଇଛନ୍ତି। ଏହି ଖବର ପ୍ରସାରିତ ହେବା ପରେ ମୋନାଶ୍ରୀଙ୍କ ପରିବାର ସମେତ ବ୍ଲକ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି। ଏ ସଂକ୍ରାନ୍ତରେ ମୋନାଶ୍ରୀ କହିଛନ୍ତି, ପରୀକ୍ଷା ପାଇଁ କଠିନ ପରିଶ୍ରମ କରୁଥିଲି। ଏଥିସହ ଡେରାବିଶର ଅରାଧ୍ୟ ଶ୍ରୀଦଧିବାମନଜୀଉଙ୍କ ଆଶୀର୍ବାଦ, ସ୍କୁଲ ଶିକ୍ଷକମାନଙ୍କ ସହଯୋଗ ଓ ମା'ବାପାଙ୍କ



ପ୍ରେରଣା ଯୋଗୁ ଏହି ସଫଳତା ପାଇଛି। ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ ଗାଁର ବିଚିତ୍ରାନନ୍ଦ ଓ ମା' ନିର୍ମଳାଙ୍କ ଝିଅ ମୋନାଶ୍ରୀ ଜଣେ ପ୍ରଶାସନିକ ଅଧିକାରୀ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ବାପା ବିଚିତ୍ରାନନ୍ଦ ଚାଷବାସ କରି ପରିବାର ପ୍ରତିପୋଷଣ କରନ୍ତି। ଝିଅର ସ୍ୱପ୍ନ ସାକାର ହେଉ ବୋଲି ସେ କହିଛନ୍ତି। ମା' ନିର୍ମଳା ଜଣେ ଗୃହିଣୀ। ଝିଅର ସଫଳତା ପାଇଁ ସେ ଠାକୁରଙ୍କ ନିକଟରେ ସଦାସର୍ବଦା ପ୍ରାର୍ଥନା କରୁଥିଲେ ବୋଲି କହିଛନ୍ତି। ଏହି ଖବର ଜଣାପଡିବା ପରେ ୧୨ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ସରପଞ୍ଚ କାଶୀନାଥ କାଣ୍ଡି ଓ ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ମୋନାଶ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ଦେଢ଼ଶହ ଲୁଣା ଚାରା ରୋପଣ ହେଲା

ରାଜନଗର,୬।୭(ଡି.ଏନ.ଏ.): ବନ ମହୋତ୍ସବ ସପ୍ତାହ ଅବସରରେ ରାଜନଗର ରେଞ୍ଜ ପକ୍ଷରୁ ଚାରା ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜନଗର ରେଞ୍ଜର ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଦେବେନ୍ଦ୍ରନାରାୟଣପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ବନବିଭାଗ ଅଧିକାରୀ ଏବଂ ସ୍ଥାନୀୟ ନେତୃମଣ୍ଡଳୀ ୫୦ ଚାରା ରୋପଣ କରିଥିଲେ। ବିଦ୍ୟାଳୟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ ପରେ ଦେବେନ୍ଦ୍ରାନାରାୟଣପୁର ଓ ରାଜରାଜେଶ୍ୱରପୁର ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାଇକେଲ ଶୋଭାଯାତ୍ରାରେ ଦେବେନ୍ଦ୍ରନାରାୟଣପୁରରୁ ବାହାରି ଓକିଲପାଳ ଦେଇ ଗର୍ତ୍ତଗଣ୍ଡିଆରେ ପହଞ୍ଚିଥିଲେ। ଲୁଣା ଜଙ୍ଗଲର ସୁରକ୍ଷା ସହିତ ଲୁଣା ଜଙ୍ଗଲ ପରିସର ବୃଦ୍ଧିରେ ସମସ୍ତେ ସାମିଲ ହେବାକୁ ସଚେତନ କରିଥିଲେ। ଗର୍ତ୍ତଗଣ୍ଡିଆ ନିକଟ ଜଙ୍ଗଲରେ ଖାଲିଥିବା ସ୍ଥାନରେ ଦେଢ ଶହ ଲୁଣା ଗଛର ଚାରା ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି, ଏସିଏଫ୍ ପୂର୍ଣ୍ଣମ ହୀରା ହାଁସଦା, ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରା, ଗୁପ୍ତି ପଞ୍ଚାୟତର ସରପଞ୍ଚ ଶାନ୍ତିଲତା ବିଶ୍ୱାଳ, ସମିତିସଭ୍ୟା ମିନତି ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମିଶନଶକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସହେତ ଇକୋ ଡେଭଲପମେଣ୍ଟ କମିଟି, ବିଚ୍ଚ୍ର ସଦସ୍ୟମାନେ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ କରିଥିଲେ। ହବାଳି, କରଞ୍ଜ, ବଉଳ, ଦେବଦାରୁ, ପାଟୁଳି, କଦମ୍ବ, ମହାନିମ୍ବ, ନିମ୍ବ, ବାହାଡା ଆଦି ଚାରା ରୋପଣ କରାଯାଇଥିଲା। ଫରେଷ୍ଟର ବିଭୂତି ଭୂଷଣ ତରାଇ, ପଦ୍ମନାଭ ରାଉତ, ରଞ୍ଜନ କୁମାର ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ

ରାଜନଗର,୬।୭(ଡି.ଏନ.ଏ.): ରାଜନଗର ବ୍ଲକ ହାତିନାସ୍ଥିତ ଲକ୍ଷ୍ମୀବରାହ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଗଣେଶ୍ୱର ନାୟକ, କ୍ରୀଡାଶିକ୍ଷକ ବ୍ରହ୍ମାନନ୍ଦ ରାଉତ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଗସ୍ତି କୁମାର ସାମଲ ପ୍ରମୁଖ ଯୋଗଦେଇ ବନ ମହୋତ୍ସବର ଆଭିମୁଖ୍ୟ, ଜଙ୍ଗଲର ଉପାଦେୟତା ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଇକୋ ଶିକ୍ଷକ ଶେଖ୍ ନେମାତୁଲ୍ଲାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ବର୍ଷାରାଣୀ ରାଉତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

## ଅଙ୍କିତା ଆଳି ବ୍ଲକ ଟପ୍ପର

ଆଳି,୬।୭(ଡି.ଏନ୍.ଏ.)

ମାଟ୍ରିକ ପରୀକ୍ଷାର ଫଳ ବୁଧବାର ପ୍ରକାଶ ପାଇଛି। ଏହିପରୀକ୍ଷାରେ ଆଳିବ୍ଲକ ଅଞ୍ଚଳରୁ ୨୩ଜଣ ଛାତ୍ରୀ ଛାତ୍ର ଏ-୧ ପାସ୍ କରିଥିବା ବେଳେ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଙ୍କିତା ସାହୁ ୫୮୦ ନମ୍ବର ରଖି ବ୍ଲକ୍ ଟପ୍ପର ହେଇଛନ୍ତି। ଏ-୧ ପାଇଥିବା ୨୩ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୮ ଜଣ ପତ୍ରପୁର ଏସ.କେ.ସି. ହାଇସ୍କୁଲର ହୋଇଥିବା ବେଳେ ୭ ଜଣ ଶରତ କୁମାର ଦେବ ଉଚ୍ଚ ବିଦ୍ୟାଳୟର। ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଅଙ୍କିତା ସାହୁ ୫୮୦, ଅର୍ପିତା ବେହେରା ୫୭୭,ବାଗେଶ୍ୱରୀ ବ୍ରହ୍ମଦର୍ଶିନୀ ବେହେରା ୫୭୪,ଶ୍ରୀକାନ୍ତ ପାତ୍ର ୫୭୩, ସୋମନାଥ ସାହୁ ୫୭୧, ବର୍ଷା ପ୍ରିୟଦର୍ଶିନୀ ରାଉତ ୫୪୬, ସନ୍ଦିପ କୁମାର ନାୟକ ୫୪୦, ପତ୍ରପୁର ଏସ୍‌କେସି ହାଇସ୍କୁଲର ସୌରଭ ନାୟକ ୫୬୫,ସୁନିତାରାଣୀ ବେକ୍ ୫୫୯, ଭାର୍ଗବୀ ରାଉତ ୫୫୨, ସ୍ୱପ୍ନାରାଣୀ ଜେନା ୫୪୯,ସ୍ୱପ୍ନାରାଣୀ ସ୍ୱାଇଁ୫୪୬, ସୁପ୍ରିୟା ଦାସ ୫୪୬,ସ୍ୱାତୀରାଣୀ ଭୂୟାଁ ୫୪୫,ସୁନୟନା ନାୟକ ୫୪୩,ଆର.ଏନ୍.ଜି.ପି.ହାଇସ୍କୁଲର ବର୍ଷା ପ୍ରିୟଦର୍ଶିନୀ ମିଶ୍ର ୫୬୩,ଚଣ୍ଡିଆ ଗଡ଼ି ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରସନ୍ନ ମଥାନ ୫୪୦, ସହଦେବ ନୋଡାଲ ଉଚ୍ଚ ବିଦ୍ୟାଳୟର ଶୁଭଦର୍ଶିନୀ ଦାଶ ୫୫୨,ନମୌଜା ଉଚ୍ଚବିଦ୍ୟାଳୟର ପ୍ରତିଟୀ ମହାନ୍ତି ୫୪୭,ପିଏସଆର ବିଦ୍ୟାପୀଠ ମାଣିକ ପାଟଣାର ଅଙ୍କିତା ପ୍ରିୟଦର୍ଶିନୀ ରାଉତ ୫୪୭,ଓ ଡାକ୍ତର ଦିବାକର ଶର୍ମା ବାଳିକା ବିଦ୍ୟାଳୟର ଶୁଭଶ୍ରୀ ଦାସ ୫୪୮ନମ୍ବର,ସହିରା ପଞ୍ଚାୟତ ହାଇସ୍କୁଲର ଅଭିଷେକ ଜେନା ୫୬୭,ଓ ଅମ୍ରିତା ପ୍ରିୟଦର୍ଶିନୀ ୫୫୮ନମ୍ବର ରଖିଛନ୍ତି। ବ୍ଲକ ଟପ୍ପର ଅଙ୍କିତା ଏହି ସଫଳତାର ଶ୍ରେୟ ମା'ଶକୁନ୍ତଳା ସାହୁ, ବାପା ଅଜାମ୍ବର ସାହୁ ଓ ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କୁ ଦେଇଛନ୍ତି।

## ୩ କୃଷି ସମବାୟ ସମିତି ସଭାପତି ନିର୍ବାଚିତ



ତାଳଚୁଆ କୃଷି ସମବାୟ ସମିତି ନିର୍ବାଚନରେ ନିର୍ବାଚିତ ସଭାପତି ବଳରାମ ମଣ୍ଡଳ, ନିର୍ଦ୍ଦେଶକ ଓ ଅନ୍ୟମାନେ।

ରାଜନଗର,୬।୭(ଡି.ଏନ.ଏ.)

ସେବା ସମବାୟ ନିର୍ବାଚନ ପାଇଁ ନିର୍ଦ୍ଦେଶକ ପଦ ନିମନ୍ତେ ନିର୍ବାଚନ ସରିବା ପରେ ଏବେ ସଭାପତି ପାଇଁ ନିର୍ବାଚନ ଆରମ୍ଭ ହୋଇଛି। ବୁଧବାର ୩ ସେବା ସମବାୟ ସମିତିର ସଭାପତି ପଦ ପାଇଁ ଜଣେ ଲେଖାଏଁ ନାମାଙ୍କନ ଦାଖଲ କରିବାରୁ ସେମାନଙ୍କୁ ବିଜୟୀ ଘୋଷଣା କରାଯାଇଛି। ଅନ୍ୟ ୪ ସେବା ସମବାୟ ସମିତିରେ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବା ନିଶ୍ଚିନ୍ତ ହୋଇଛି। ଓସ୍ତିଆ ସେବା ସମବାୟ ସମିତିର ସଭାପତି ପଦ ପାଇଁ ନବଘନ ପଣ୍ଡା ନାମାଙ୍କନ ଦାଖଲ କରିଥିଲେ। ଅନ୍ୟ କେହି ତାଙ୍କ ବିରୋଧରେ ନାମାଙ୍କନ ଦାଖଲ ନ କରିବାରୁ ତାଙ୍କୁ ବିଜୟୀ ଘୋଷଣା କରାଯାଇଛି। ସେହିପରି ତାଳଚୁଆ ସେବା ସମବାୟ ସମିତିର ସଭାପତି ପଦ ପାଇଁ ଯୁବନେତା ବଳରାମ ମଣ୍ଡଳ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ଅନ୍ୟ କେହି ନାମାଙ୍କନ ଦାଖଲ ନ କରିବାରୁ ତାଙ୍କୁ ବିଜୟୀ ଘୋଷଣା କରାଯାଇଛି। ସେହିପରି ଫିରିକିଦାଣ୍ଡି ସେବା ସମବାୟ ସମିତିର ସଭାପତି ପଦ ପାଇଁ ଯୁବନେତା ଅରୁଣ କୁମାର ପାତ୍ର ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତାଙ୍କୁ ସଭାପତି ଭାବେ ବିଜୟୀ ଘୋଷଣା କରାଯାଇଛି।

ରାଜନଗର ବ୍ଲକର ବାଲିସାହିପାଟଣା, କୋଇଲିପୁର, ବଡନାଉକୋଣା ଓ ଚାନ୍ଦିବାଉଁଶମୂଳ ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ପଦ ପାଇଁ ନିର୍ବାଚନ ହେବା ନିଶ୍ଚିତ ହୋଇଛି। ବାଲିସାହିପାଟଣାର ଗଣିତ ଅନୁଯାୟୀ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ୧୩ ଓ ଭାଜପାସମର୍ଥିତ ପ୍ରାର୍ଥୀ ଦୁଇଟି ଜୋନ ହାତେଇଥିଲେ। ଏହି ସେବା ସମବାୟ ସମିତିର ସଭାପତି ପଦ ପାଇଁ ଯୁବନେତା ଅରୁଣ କୁମାର ସାହୁ, ନିମାଇଁ ଚରଣ ରାଉତଙ୍କ ସମେତ ବଂଶୀଧର ବରାଳ ନାମାଙ୍କନ ଦାଖଲ କରିଛନ୍ତି। ୩ଜଣ ବିଜେଡି ସମର୍ଥିତ। ଶେଷ ଯାଏଁ ସଭାପତି ଗଣିତ ନ ଛିଣ୍ଡିବାରୁ ୩ଜଣ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି କୋଇଲିପୁର ସେବା ସମବାୟ ସମିତିରେ ୧୦ଜଣ ବିଜେଡି ସମର୍ଥିତ ଓ ୫ଜଣ କଂଗ୍ରେସ ସମର୍ଥିତ ଜୋନ ହାତେଇଛନ୍ତି। ସଭାପତି ପଦ ପାଇଁ ବିଜେଡି ସମର୍ଥନରେ ନୃସିଂହ ସାହୁ ଓ କଂଗ୍ରେସ ସମର୍ଥନରେ ଗୌରାଙ୍ଗ ମହାରଣା ନାମାଙ୍କନ ଦାଖଲ କରିଛନ୍ତି। ବଡ ନାଉକୋଣା ସେବା ସମବାୟ ସମିତିରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀମାନେ ୭ଟି ଜୋନ ଓ ବିଜେଡି ସମର୍ଥିତ ପ୍ରାର୍ଥୀମାନେ ୮ଟି ଜୋନ ହାତେଇଛନ୍ତି। ଏହି ଜୋନରେ ବିଜେଡି ସମର୍ଥନରେ ନରେଶ କୁମାର ବେହେରା ନାମାଙ୍କନ ଦାଖଲ କରିଥିବା ବେଳେ କଂଗ୍ରେସ ସମର୍ଥକଙ୍କ ଅଙ୍କ ନ ଛିଣ୍ଡିବାରୁ ରବିନ୍ଦ୍ର ପଢିହାରୀ ଓ କୈଳାସ ଚନ୍ଦ୍ର ପଢିହାରୀ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିରେ ବିଜେଡି ସମର୍ଥକମାନେ ୧୦ ଜୋନ ହାତେଇଥିବା ବେଳେ କଂଗ୍ରେସ ସମର୍ଥକମାନେ ୫ ଜୋନ ହାତେଇଛନ୍ତି। ଏହି ସମିତିର ସଭାପତି ପଦ ପାଇଁ କଂଗ୍ରେସ ସମର୍ଥନରେ ମହେନ୍ଦ୍ର କୁମାର ଦାସ ଓ ବିଜେଡି ସମର୍ଥନରେ ଧ୍ରୁବ ଚରଣ ମହାନ୍ତି ନାମାଙ୍କନ ଦାଖଲ କରିଛନ୍ତି।

## ୬ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଗଲା

**୭ ବର୍ଷର ନାବାଳିକାଙ୍କୁ ଗଣ ବଳାତ୍କାର ଘଟଣା**

କେନ୍ଦ୍ରାପଡ଼ା ଅଫିସ/
ଡେରାବିଶ,୬।୭(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ସଦର ଥାନା ଅଞ୍ଚଳର ନାବାଳିକା ଗଣ ବଳତ୍କାର ଘଟଣାରେ ୬ ନାବାଳକଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ବୁଧବାର ହାଜର କରାଇଛି। ଏସମ୍ପର୍କରେ ଜବାବ୍ ସୁଆଲ ପରେ ବୋର୍ଡର ସଭାପତି ରବିନ୍ଦ୍ର କୁମାର ଜେନା ସମ୍ପୃକ୍ତ ନାବାଳକମାନଙ୍କୁ ଅନୁଗୋଳ ବାଳ ସୁଧାର ଗୃହକୁ ପଠାଇଛନ୍ତି। ତେବେ ନାବାଳକଙ୍କୁ ଘରୁ ଆଣିବା ପରଠାରୁ ୪୦ ଘଣ୍ଟା ପରେ ବୋର୍ଡରେ ହାଜର କରିବାକୁ ନେଇ ମାନବାଧିକର କର୍ମୀ ପ୍ରଶ୍ନ ଉଠାଇଛନ୍ତି।

ଗତ ୧ ତାରିଖରେ ଏହି ଥାନା ଅଞ୍ଚଳର ଜଣେ ୭ ବର୍ଷର ଝିଅ ଦୋଳି ଖେଳୁଥିବା ସମୟରେ ୬ ନାବାଳକ ଏକ ନିର୍ମାଣାଧୀନ କୋଠାକୁ ତାଙ୍କୁ ଡାକି ନେଇ ଜଣେ ପରେ ଜଣେ ବଳାତ୍କାର କରିଥିଲେ। ଏନେଇ ୪ ତାରିଖରେ ଅଭିଯୋଗ ପତ୍ର ମିଳିବା ପରେ ପୋଲିସ ନାବାଳକମାନଙ୍କୁ ଘରୁ ଥାନାକୁ ଆଣିଥିଲା। ପରେ ସିଡବ୍ଲୁସି ଜରିଆରେ ଏକ ଆଶ୍ରମରେ ରଖିଥିଲା। ଅପରାହ୍ନରେ ଅଭିଯୁକ୍ତଙ୍କୁ ବୋର୍ଡରେ ହାଜର କରାଇବା ସହିତ ପୀଡ଼ିତା ନାବାଳିକଙ୍କ ବୟାନକୁ ବୋର୍ଡ ସଦସ୍ୟମାନେ ରେକର୍ଡ କରିଥିଲେ। ଏସମ୍ପର୍କରେ ମାନାବାଧିକର କର୍ମୀ ପ୍ରତାପ ଚନ୍ଦ୍ର ପାଢ଼ୀ ଓ ସାଗର ଜେନା କହିଛନ୍ତି, ଥାନା ପୋଲିସ ପକ୍ଷରୁ ନାବାଳକମାନଙ୍କ ମାନବାଧିକାର ଉଲ୍ଲଂଘନ ହୋଇଛି। ଥାନା ପୋଲିସ ଏମାନଙ୍କୁ ସନ୍ଧ୍ୟାରେ ଘରୁ ଉଠାଇ ଆଣିଥିଲେ। ସନ୍ଧ୍ୟା ପରେ ଘରୁ ଆଣିବା ପାଇଁ କୌଣସି ପ୍ରାବଧାନ ନାହିଁ। ଯଦି ବି ଆଣିଲେ, ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ସିଡବ୍ଲୁସିରେ ହାଜର କରାଇବା କଥା। ଯାହା ଏଠାରେ ପାଳନ କରା ଯାଇନାହିଁ। ସେହିପରି ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ବୋର୍ଡରେ ହାଜର ନ କରାଇ ଏହି ସମୟକୁ ଗଡାଇ ଦେଇଛନ୍ତି। ତଦନ୍ତ ଅଧିକାରୀ ଆଡିସନାଲ ଇନ୍ସପେକ୍ଟର ଜ୍ୟୋତିର୍ମୟୀ ସେଠୀ କହିଛନ୍ତି, ଘଟଣାର ତଦନ୍ତ ପାଇଁ ସମୟ ଅଧିକ ହୋଇଯାଇଛି।

## ସରସ୍ୱତୀ ଶିଶୁ ମନ୍ଦିରର ଶତ ପ୍ରତିଶତ ସଫଳତା

କେନ୍ଦ୍ରାପଡା ଅଫିସ,୬।୭

କେନ୍ଦ୍ରାପଡା ସହର ସାନ୍ତସାହିସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ଚଳିତ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି। ଓଡିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ବୁଧବାର ମାଟ୍ରିକ ପରୀକ୍ଷା ଫଳ ବାହାରିଛି। ଚଳିତ ଶିକ୍ଷା ବର୍ଷରେ ଶିଶୁ ମନ୍ଦିରର ମୋଟ ୧୧୩ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ଏଥିରେ ଏ ୧ ଗ୍ରେଡରେ ୨୪ ଜଣ, ଏ ୨ରେ ୬୫ ଜଣ, ବି ୧ରେ ୧୮ ଜଣ, ବି ୨ରେ ୬ ଜଣ ପାସ କରିଛନ୍ତି। ହୀତେଶ କୁମାର ଓ ସୁଶ୍ରୀ ସ୍ମୃତିରେଖା ପାତ୍ର ମୋଟ ୬୦୦ ନମ୍ବରରୁ ୫୮୧ ଲେଖାଏଁ ରଖିଛନ୍ତି ବୋଲି ଶିଶୁ ମନ୍ଦିର ପକ୍ଷରୁ ସୂଚନା ଦିଆଯାଇଛି।

## ବୃନ୍ଦାବନ ମଲ୍ଲିକ ଅଣ୍ଡରା ସମବାୟ ସମିତି ସଭାପତି ନିର୍ବାଚିତ

ପଟ୍ଟାମୁଣ୍ଡାଇ,୬।୭(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ୧୬ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ଅଣ୍ଡରା ପ୍ରାଥମିକ କୃଷି ସମବାୟ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ସମବାୟ ସମିତି ଭାବେ ଜଣାଶୁଣା। ଏହି ସମବାୟ ସମିତିକୁ ବିଜେଡି ଦଖଲ କରିଛି। ବୁଧବାର ଏହି ସମବାୟ ସମିତିର ସଭାପତି ନିର୍ବାଚନରେ ବିଜେଡି ନେତା ବୃନ୍ଦାବନ ମଲ୍ଲିକ ସମବାୟ ସମିତି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏଥିପୂର୍ବରୁ ବିଜେଡି ସମର୍ଥିତ ନିର୍ଦ୍ଦେଶକ ଭାବେ ,ତ୍ରିନାଥ ମଲ୍ଲିକ, ପ୍ରଭାତ ସେଠୀ,ଅଭିରାମ ସେଠୀ, ଗୀତାଳି ସେଠୀ,ତାପସ ବେହେରା, ଶୋଭା ବତୀ ମଲିକ, ଉମାରାଣୀ ତରାଇ, ଗୋବିନ୍ଦ ମଲିକ, ବନ୍ଦିତା ମଲ୍ଲିକ, ସାବିତ୍ରୀ ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ନାୟକ ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାବେଳେ ଅନୁଷ୍ଠିତ ନିର୍ବାଚନରେ ବିଜେଡି ନେତା ଉଲ୍ଲାସ ମଲ୍ଲିକ ଓ ମଳୟ ମଲିକ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ଚିତ୍ତରଞ୍ଜନ ମଲ୍ଲିକ ନିର୍ବାଚିତ ହୋଇଥିଲେ। ଅଣ୍ଡରା ସମବାୟ ସମିତିର ନବ ନିର୍ବାଚିତ ସଭାପତି ବୃନ୍ଦାବନ ମଲ୍ଲିକଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଡେରାବିଶ: ୮ ସମବାୟ ସମିତି ସଭାପତି ନିର୍ବାଚନ ଶେଷ

ଡେରାବିଶ,୬।୭(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ୧୦ ପ୍ରାଥମିକ କୃଷି ସମବାୟ ସମିତି ମଧ୍ୟରୁ ୮ ସମବାୟ ସମିତରେ ବୁଧବାର ସଭାପତି ପଦ ପାଇଁ ନିର୍ବାଚନ ଶେଷ ହୋଇଛି। ସେଥିମଧ୍ୟରୁ ୫ ସମବାୟ ସମିତିରେ ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୩ଟି ସମିତିରେ ସଭାପତି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ରଘୁଦେଇପୁର ସମବାୟ ସମିତିରେ ସରୋଜକାନ୍ତ ସାହୁ, କୁଶିଆପାଳ ସମବାୟ ସମିତିରେ ନାରାୟଣ ପ୍ରସାଦ ପାତ୍ର, କାଉପଡ଼ା ସମବାୟ ସମିତିରେ ପ୍ରଶାନ୍ତ କୁମାର ଦାସ, ଏଣ୍ଡର ସମବାୟ ସମିତିରେ ଶ୍ୟାମଳେନ୍ଦୁ ନାୟକ ଓ କପିଳେଶ୍ୱର ସମବାୟ ସମିତିରେ ସୁଧାଂଶୁ ଭୂଷଣ ସାମନ୍ତରାୟ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜିଲା ସହକାରୀ ସମବାୟ ଉପନିବନ୍ଧକ ମନମୋହନ ରାଉତ ସୂଚନା ଦେଇଛନ୍ତି। ସେହିପରି ଗୋଲରାହାଟ ସମବାୟ ସମିତି, ଦାନପୁର ଓ ରତାଦିଆ ଖଣ୍ଡସାହି ସମବାୟ ସମିତିରେ ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଗୋଲରାହାଟ ସମବାୟ ସମିତିରେ ୨ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ଭୋଟ ସମାନ ହୋଇଥିବାରୁ ଧର୍ମଗୁଳା ଯୋଗେ ଖୁର୍ସିଦ୍ ଆଲମ୍ ଖାଁ ନିର୍ବାଚିତ ହୋଇଥିଲେ। ସେହିପରି ଦାନପୁର ସମବାୟ ସମିତିରେ ପର୍ଶୁରାମ ମଲ୍ଲ ଓ ରତାଦିଆ ଖଣ୍ଡସାହି ସମବାୟ ସମିତିରେ ବିମଳ ପ୍ରସାଦ ତ୍ରିପାଠୀ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କୁ ହରାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ବ୍ଲକ ଅଧୀନରେ ଥିବା ପଲେଇ ସେବା ସମିତିରେ ୧୩ ତାରିଖରେ ସଭାପତି ନିର୍ବାଚନ ହେବାକୁ ଥିବା ବେଳେ, ନହଙ୍ଗ ସମବାୟ ସମିତିରେ ଚଳିତ ମାସ ୧୬ ତାରିଖରେ ସଭାପତି ନିର୍ବାଚନ ହେବ ବୋଲି ଜିଲା ସହକାରୀ ସମବାୟ ଉପନିବନ୍ଧକ ରାଉତ ସୂଚନା ଦେଇଛନ୍ତି।

**୫ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ, ନିର୍ବାଚନରେ ୩ ପ୍ରାର୍ଥୀ ବିଜୟୀ**



ଗୋଲରାହାଟ ସମବାୟ ସମିତିରେ ଧର୍ମଗୁଳାରେ ବିଜୟୀ ସଭାପତି।

## ଜୀବିକା ଆଗରେ ହାରମାନିଛି ପରିଣତ ବୟସ

**ରଥଦାଣ୍ଡରେ ବ୍ୟବସାୟ**

କେନ୍ଦ୍ରାପଡ଼ା ଅଫିସ, ୬।୭

ତୁଳସୀ କ୍ଷେତ୍ରର ବ୍ରହ୍ମ ତାଳଧ୍ୱଜ ରଥ ମାଉସୀମା' ମନ୍ଦିର ନିକଟରେ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଫେରିବା ପଥକୁ ଅପେକ୍ଷା କରିଛନ୍ତି। ଏହି ଅବସରରେ ଇଚ୍ଛାପୁର ମାଉସୀମା' ମନ୍ଦିର ନିକଟରେ ବ୍ୟବସାୟୀଙ୍କ ଭିଡ଼ ଲାଗିଛି। ରଥଦାଣ୍ଡର ଗୋଟିଏ ପାଖରେ ୮ ଫୁଟରେ ୫ ଫୁଟର ପଲିଥିନ ତମ୍ବୁ ପଡିଛି। ତମ୍ବୁ ତଳେ ଚାଲିଛି ଜୀବନ ଜୀବିକା ପାଇଁ ସଂଘର୍ଷ। ୭୮ ବର୍ଷୀୟ ବୃଦ୍ଧ ହାତରେ ନିହାଣ ଧରି କାଠ ଉପରେ ଠକ୍‌ଠକ୍ କରୁଛନ୍ତି। ଏହି କାଠକୁ ବିଭିନ୍ନ ରୂପ ଦେଉଛନ୍ତି। ବେଳେବେଳେ କାଠକୁ ମାପି ଦେଉଛନ୍ତି। ତା' ସହିତ ତାଳ ଦେଇ ନିଜର ଜୀବିକାକୁ ମାପି ଚାଲିଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାହାଙ୍ଗା କୁଆଁପାଳ ଅଞ୍ଚଳ ସିନ୍ଦପୁର ଗାଁର ବୃଦ୍ଧ ନୃସିଂହ ଚରଣ ଖଟୁଆଙ୍କ କ୍ଷେତ୍ରରେ। ଧାଡ଼ିକି ଧାଡ଼ି କାଠର ଘରକରଣା ଜିନିଷ ତମ୍ବୁ ତଳେ ଥୁଆ ହୋଇଛି। କେଉଁଠି ଠାକୁରଙ୍କ ଖଟୁଲି ତ କେଉଁଠି ପିଠଉ ଘୋଳା ଚଟୁ। ୭୪ ବର୍ଷୀୟା ସ୍ତ୍ରୀ ପ୍ରେମଲତା ବିଭିନ୍ନ ରକମର ବେଲଣା ଚକି, କାଠି, ଛୁଆଙ୍କ ଖେଳଣା ଗାଡ଼ି, ଡାଲିଘୋଟାକୁ ସଜାଡ଼ି ରଖିବା ସହ ଗରାଖଙ୍କୁ ବିକ୍ରି କରୁଛନ୍ତି। ଦୁହେଁ ମିଶି ବେପାର କରିବାକୁ ଶ୍ରୀଜୀଉଙ୍କ ରଥଦାଣ୍ଡକୁ ଆସିଛନ୍ତି। ସେହି ତମ୍ବୁ ଭିତରେ ରୋଷେଇ ଚାଲିଛି। ଏଥିସହ ଜଳଖିଆ ପାଇଁ ଚୁଡା, ମୁଢ଼ି, ଭଜା ବାଦାମ ଆଦି ସାଇତା ହୋଇ



ରଥଦାଣ୍ଡରେ ଜଣେ ବୃଦ୍ଧ ଖୋଲିଥିବା କାଠ ସାମଗ୍ରୀ ଦୋକାନରେ କାମ କରୁଛନ୍ତି।

ରହିଛି। ଏହି ବ୍ୟବସାୟ ସମ୍ପର୍କରେ ନୃସିଂହ କୁହନ୍ତି, ଜାତିରେ ଆମେ ଚଷା। ଜମିବାଡ଼ି ଅଧ ଏକର। ଏତିକିରେ ଚାଷ କରି ଗୁଜୁରାଣ ମେଣ୍ଟୁନାହିଁ। କାଠରେ ଘରକରଣା ସାମଗ୍ରୀ ତିଆରି କରି ଓ ତାକୁ ବିକ୍ରି କରି କୌଣସି ପ୍ରକାର ୩ ଝିଅଙ୍କୁ ବିବାହ କରାଇଛନ୍ତି। ଗୋଟିଏ ପୁଅ ଯୋଗ ଶିଖାଇବା ପାଇଁ ବିଭିନ୍ନ ସ୍ଥାନକୁ ଯାଇଥାଏ। ଘର ଖାଲି କରି ଗତ ୨୦ ବର୍ଷ ହେଲା ବେପାର ପାଇଁ ବିଭିନ୍ନ ମେଳା ମହୋତ୍ସବକୁ ଯିବାକୁ ପଡୁଛି। ଚଷା ପୁଅ ହାତରେ ନିହାଣକୁ ନେଇ ସେ କୁହନ୍ତି, ବାହାଘର ସମୟର କଥା। ଘରେ ଚଟୁ ପାଇଁ ଗାଁଠାରୁ ଦୁଇ କିଲୋମିଟର ଦୂରରେ ଥିବା ବଢ଼େଇ ସାହିକୁ ଯାଇଥିଲି। ଆଜିକାଲି କହି ବଢ଼େଇ ମାସେ ଗଡ଼େଇ ଦେଲେ। ଏହାକୁ ଏକ ଚ୍ୟାଲେଞ୍ଜ ଭାବି ଆଉ ଥରେ ବଢ଼େଇ ସାହି ନ ଯାଇ ନିଜ ହାତରେ ଚଟୁ ତିଆରି କଲି। ସେବେଠାରୁ ଘରକରଣା ସାମଗ୍ରୀ ସହ ଚାଷ ପାଇଁ ଆବଶ୍ୟକ ସରଞ୍ଜାମ ତିଆରି କରୁଛନ୍ତି। ତେବେ ଆଧୁନିକ ଯୁଗରେ କାଠ ସାମଗ୍ରୀ ପ୍ରତି ଗ୍ରାହକ ମୁହଁ ଫେରାଇ ପ୍ଲାଷ୍ଟିକ ପ୍ରତି ଆକର୍ଷିତ ହେଉଛନ୍ତି। ସେହିପରି କାଠ ଉପରେ ବିଭିନ୍ନ କଟକଣା ଜାରି ହେଉଥିବାରୁ ଆବଶ୍ୟକ କାଠ ମିଳୁନାହିଁ। ଦାମ ମଧ୍ୟ ଆକାଶଛୁଆଁ ହୋଇଛି। ଏଥିସହ ମେଳା ମହୋତ୍ସବରେ ଆୟୋଜକଙ୍କ ଦୌରାତ୍ମ୍ୟ ବଢୁଛି। ଉଦାହରଣ ଦେଇ ସେ କହିଛନ୍ତି, ଏହି ରଥଦାଣ୍ଡରେ ଗତ ୧୦ବର୍ଷ ତଳେ ୯ ଦିନର ବ୍ୟବସାୟ ପାଇଁ ମାତ୍ର ୨୦ ଟଙ୍କା ଦେବାକୁ ପଡୁଥିଲା। ଏଥର ଜାଗା ପାଇଁ ଫୁଟ ୨୫୦ ଟଙ୍କା ମାଗୁଛନ୍ତି। ସେହିପରି ଲାଇଟ ପାଇଁ ୮୫୦ ଟଙ୍କା ଓ ଅନ୍ୟ ଚାନ୍ଦା ଦେବାକୁ ପଡୁଛି। ରଥଦାଣ୍ଡର ବ୍ୟବସାୟ ସ୍ଥାନ ଓ ଲାଇଟ ଦର ସମ୍ପର୍କରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ପ୍ରତିବର୍ଷ ରଥଦାଣ୍ଡ ନିଲାମ ହୋଇଥାଏ। ନିଲାମଧାରୀ ଏହି ଦର ସ୍ଥିର କରିଛନ୍ତି।

## ପଟ୍ଟାମୁଣ୍ଡାଇ କଲେଜ ପ୍ରତିଷ୍ଠା ଦିବସ

ପଟ୍ଟାମୁଣ୍ଡାଇ,୬।୭(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ କଲେଜର ୫୨ତମ ପ୍ରତିଷ୍ଠା ଦିବସ ସମାରୋହରେ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ପ୍ରଭାକର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଡ଼ ପ୍ରମୋଦ କୁମାର ସାମଲ ସ୍ୱାଗତଭାଷଣ ଦେଇ କଲେଜର ଗୌରବମୟ ଇତିହାସ ଓ କଲେଜ ପ୍ରତିଷ୍ଠା କ୍ଷେତ୍ରରେ ପ୍ରତିଷ୍ଠାତାଙ୍କ ଭୂମିକା ସମ୍ପର୍କରେ ଉଲ୍ଲେଖ କରିଥିଲେ। ପ୍ରାଧ୍ୟାପକ ରଞ୍ଜିତ କେଶରୀ ସେନାପତିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଧକ୍ଷ ରାଉତ ଜିଲାର ୨ୟ ବୃହତ୍ତମ କଲେଜ ଭାବେ ପଟ୍ଟାମୁଣ୍ଡାଇ କଲେଜ ତାର ଗାରିମା ବଜାୟ ରଖିଥିବାରୁ ଛାତ୍ରୀଛାତ୍ରମାନେ ଏହି ମହାନ ଶିକ୍ଷାନୁଷ୍ଠାନ ଏହାର ସୁନାମକୁ ଆଗକୁ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକ ପରୀକ୍ଷାରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଥିବା ଅର୍ଥନୀତି ଛାତ୍ରୀ ସଙ୍ଗୀତା ପରିଡା,ଅନା ସାମଲ, ଇଂରାଜୀ ବିଭାଗର ସୌମ୍ୟଶ୍ରୀ ପରିଡା, ରାଜନୀତିବିଜ୍ଞାନ ବିଭାଗର କୌଶଲ୍ୟା ପାଲଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅଧାପିକା ଡ଼ ପ୍ରେମଲତା ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କଲେଜ ପରିସରରେ ଚାରା ରୋପଣ କରାଯାଇଥିଲା।

## ‘ଏସ୍‌ବିଆଇ ଜେନେରାଲ ଇନସ୍ୟୁରାନ୍ସ’ ନୂତନ ଉତ୍ପାଦ

**ନୂଆଦିଲ୍ଲୀ:** ଦେଶର ଅଗ୍ରଣୀ ବୀମା କମ୍ପାନୀ ‘ଏସ୍‌ବିଆଇ ଜେନେରାଲ ଇନସ୍ୟୁରାନ୍ସ’ ପକ୍ଷରୁ ଏକ ନୂଆ ଉତ୍ପାଦ ଗ୍ରାହକଙ୍କ ପାଇଁ ବଜାର ପ୍ରବେଶ କରାଇଛି। ଏହା ଏକ ପୂର୍ଣ୍ଣାଙ୍ଗ ସାଇବର ବୀମା କଭର ହୋଇଥିବା ବେଳେ ଏହା ସାଇବର ଭଲଟଏଜ ବୀମା ଯୋଜନା ପ୍ରଚଳନ କରିଛି। ଏହା ସାଇବର ଆପଦ ଏବଂ ଆକ୍ରମଣରୁ ହେଉଥିବା ଆର୍ଥିକ କ୍ଷତି ବିରୋଧରେ ଗ୍ରାହକଙ୍କୁ ସୁରକ୍ଷା ପ୍ରଦାନ କରୁଛି। ଏ ସମ୍ପର୍କରେ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ଆନନ୍ଦ ପେଜାୱାର କହିଛନ୍ତି, ଇଣ୍ଟରନେଟ ଆମ ଜୀବନକୁ ସହଜ କରି ଦେଇଥିବା ବେଳେ ଏହା ମଧ୍ୟ ଏଭଳି ଏକ ବିଶ୍ୱ ସୃଷ୍ଟି କରିଛି।

### ସଂକ୍ଷେପରେ

## ସୌର ଚୁଲାର ଶୁଭାରମ୍ଭ କଲେ ତୈଳମନ୍ତ୍ରୀ

**ନୂଆଦିଲ୍ଲୀ,୬।୭:** ବର୍ତ୍ତମାନ ଦରବୃଦ୍ଧି ଓ ଖଣିଜ ସମ୍ପଦ (ତୈଳ ଓ ଇନ୍ଧନ)ର ଅଭାବୀ ଚାହିଦାକୁ ପୂରଣ କରିବା ଲକ୍ଷ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ସୌର ଚୁଲାର ନିର୍ମାଣ କରାଯାଇଛି। ଉକ୍ତ ଚୁଲା ଜରିଆରେ ରୋଷେଇଠାରୁ ନେଇ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ସହଜରେ କରାଯାଇପାରିବ। ବୁଧବାର ଇଣ୍ଡିଆନ ଅଏଲ ପକ୍ଷରୁ ଏକ ଇଣ୍ଡୋର ସୋଲାର କୁକିଂ ସିଷ୍ଟମର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହା ସୌର ଶକ୍ତିରେ ଚାଲିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାକୁ ମଧ୍ୟ ସୌର ଚୁଲା ବୋଲି କୁହାଯାଉଛି। ଏହି ଅବସରରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ପୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଉକ୍ତ ଚୁଲାର ନାମ ‘ସୂର୍ଯ୍ୟ ନୂତନ’ ରଖାଯାଇଛି। ଏପରିକି ସୌରଶକ୍ତିରେ ଚାଲୁଥିବା ଉକ୍ତ ସୌର ଚୁଲା ସିଷ୍ଟମକୁ ଇଣ୍ଡିଆନ ଅଏଲର ରିସର୍ଚ୍ଚ ଆଣ୍ଡ ଡେଭଲପମେଣ୍ଟ ଟିମ୍ ପ୍ରସ୍ତୁତ କରିଛନ୍ତି।

## ମୋଏନ୍‌ଗେଜ୍ ସହ ଇଣ୍ଡସ୍‌ଇଣ୍ଡ୍‌ର ସହଯୋଗିତା ସ୍ଥାପନ

**ନୂଆଦିଲ୍ଲୀ,୬।୭:** ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ପକ୍ଷରୁ ଗ୍ରାହକମାନଙ୍କୁ ଡିଜିଟାଲ୍ ଅନୁଭୂତି ପ୍ରଦାନ କରିବା ଲାଗି ମୋଏନ୍‌ଗେଜ୍ ସହ ସହଯୋଗିତା ସ୍ଥାପନ କରାଯାଇଥିବା ବିଷୟରେ ଘୋଷଣା କରାଯାଇଛି। ଏହି ସହଯୋଗିତାର ଅଂଶ ସ୍ୱରୂପ ମୋଏନ୍‌ଗେଜ୍‌ର ପ୍ରଯୁକ୍ତି ପ୍ଲାଟଫର୍ମକୁ ବ୍ୟବହାର କରି ଇଣ୍ଡସଇଣ୍ଡ୍ ବ୍ୟାଙ୍କ ଏହାର ଗ୍ରାହକମାନଙ୍କୁ ପରବର୍ତ୍ତୀ ପିଢ଼ିର ଡିଜିଟାଲ୍ ଅନୁଭୂତି ପ୍ରଦାନ କରିବ। ଏ ସମ୍ପର୍କରେ ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ଆଣ୍ଡ୍ ଷ୍ଟ୍ରାଟେଜି ମୁଖ୍ୟ ଚାରୁ ମାଥୁର କହିଛନ୍ତି, ପ୍ରତିକ୍ରିୟାଶୀଳ ନବସୃଜନକୁ ଆଗକୁ ବଢ଼ାଇବା ଲାଗି ଇଣ୍ଡସ୍‌ଇଣ୍ଡ୍ ବ୍ୟାଙ୍କ ସର୍ବଦା ଆଗରେ ଏବଂ ବାସ୍ତବ ସମୟ ଓ ପଦକ୍ଷେପ ଭିତ୍ତିକ ନିର୍ଯାସ ଜରିଆରେ ବ୍ୟକ୍ତିଗତ ସୁବିଧାକୁ ଆଗକୁ ବଢ଼ାଇବାର କ୍ଷମତା ରଖିଥିବା ମୋଏନ୍‌ଗେଜ୍‌କୁ ଆମେ ଏଥିପାଇଁ ସାମିଲ କରିଛୁ।

# ୩ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ଏନ୍‌ଆଇଏନ୍‌ଏଲ

ନୂଆଦିଲ୍ଲୀ, ୬।୭




ଦୀର୍ଘ ୨ବର୍ଷ ଧରି ବନ୍ଦ ରହିଥିବା ସରକାରୀ ଅଧୀକୃତ କମ୍ପାନୀ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନ୍‌ଆଇଏନ୍‌ଏଲ)ର ସ୍ଥିତି ଖୁବ୍‌ଶୀଘ୍ର ବଦଳିବାକୁ ଯାଉଛି। ଏପରିକି ନିକଟରେ ଶେଷ ହୋଇଥିବା କମ୍ପାନୀର ମାଲିକାନା ଓ ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ସମସ୍ତ ନୀତି ନିୟମ ମଧ୍ୟରେ ଶେଷ ହୋଇଛି। ଏ ନେଇ ବୁଧବାର ଟାଟା ଷ୍ଟିଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ୍‌ର ଅଧ୍ୟକ୍ଷ ଟି. ଭି. ନରେନ୍ଦ୍ରନ୍ କହିଛନ୍ତି, ଏନ୍‌ଆଇଏନ୍‌ଏଲର ଅଧିଗ୍ରହଣ ହେଉଛି ଏକ ଐତିହାସିକ ସଫଳତା ଏବଂ ଟାଟା ଗ୍ରୁପ୍ ପାଇଁ ଏକ ସ୍ୱତନ୍ତ୍ର ଲଙ୍ଗ ପ୍ରଡକ୍ଟସ୍ କାରଖାନା ଗଠନ ଦିଗରେ ଏହା ବେଶ୍ ଉପଯୋଗୀ ହେବ। ଅପରପକ୍ଷରେ ଆଗାମୀ ୩ ମାସ ମଧ୍ୟରେ ଉକ୍ତ କାରଖାନା କାର୍ଯ୍ୟକ୍ଷମ ହେବାର ଯୋଜନା କରାଯାଉଥିବା ଲକ୍ଷ୍ୟ ରଖାଯାଇଛି। ଆମେ ବର୍ତ୍ତମାନର ପୂର୍ବ କର୍ମଚାରୀଙ୍କୁ ନେଇ କାମ କରିବା ସହ ବିଗତ ୨ବର୍ଷ ଧରି ବନ୍ଦ ପଡ଼ି ରହିଥିବା କାରଖାନାକୁ ପୁଣି ଥରେ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବା ନରେନ୍ଦ୍ରନ କହିଛନ୍ତି। ଆଗାମୀ ୩ ମାସ ମଧ୍ୟରେ ଉତ୍ପାଦନ ଆରମ୍ଭ ଏବଂ ୧୨ ମାସ ମଧ୍ୟରେ ଏହାର ଧାର୍ଯ୍ୟ କ୍ଷମତା ହାସଲ କରିବା ନେଇ କମ୍ପାନୀ ପକ୍ଷରୁ ଆକଳନ କରାଯାଉଛି। ସେହିଭଳି ଟାଟା ଷ୍ଟିଲ୍ ଏନ୍‌ଆଇଏନ୍‌ଏଲର କ୍ଷମତା ବୃଦ୍ଧି କରି ୫୦ଲକ୍ଷ ଟନ୍ କରିବା ଏବଂ ଏଥିପାଇଁ ଆବଶ୍ୟକ ମଞ୍ଜୁରୀ ହାସଲ କରିବାକୁ ମଧ୍ୟ ପ୍ରୟାସ ଆରମ୍ଭ କରିଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, କଳିଙ୍ଗନଗରରେ ଅବସ୍ଥିତ ଟାଟା ଷ୍ଟିଲର ଅତ୍ୟାଧୁନିକ କାରଖାନା ନିକଟରେ ଏନ୍‌ଆଇଏନ୍‌ଏଲ୍ ଥିବାରୁ ଏହା ଟାଟା ଷ୍ଟିଲ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କାରଣ ଏହା ସମ୍ମିଳିତ ଭିତ୍ତିଭୂମି, ସମ୍ବଳ, ପରିଚାଳନା ଇତ୍ୟାଦିରେ ସମନ୍ୱୟ ଯୋଗାଇ ଦେବା ସହ ଏକ ଉତ୍ସର୍ଗୀକୃତ ଓ ଦୀର୍ଘସ୍ଥାୟୀ ଲଙ୍ଗ୍ ପ୍ରଡକ୍ଟସ୍ କମ୍ପ୍ଲେକ୍ସ ଗଠନ କରିବା ଦିଗରେ ସୁଯୋଗ ପ୍ରଦାନ କରିବ। ଯଥାଶୀଘ୍ର ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରିବା ସହିତ ମିଳିତ ଭାବେ କାର୍ଯ୍ୟ କରି ଆଗାମୀ କିଛି ବର୍ଷ ମଧ୍ୟରେ ବାର୍ଷିକ ୪.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଅତ୍ୟାଧୁନିକ ଲଙ୍ଗ ପ୍ରଡକ୍ଟସ୍ କମ୍ପ୍ଲେକ୍ସ ନିର୍ମାଣ ମାଧ୍ୟମରେ କ୍ଷମତା ସମ୍ପ୍ରସାରିତ କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହା ସହିତ ୨୦୩୦ ସୁଦ୍ଧା ଏହାର କ୍ଷମତାକୁ ବାର୍ଷିକ ୧୦ ନିୟୁତ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି।

## ଆଇଏଏଫ୍ ସହ ଏସ୍‌ବିଆଇର ଏମ୍‌ଓୟୁ ସ୍ୱାକ୍ଷର



ନୂଆଦିଲ୍ଲୀ, ୬।୭

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ) ପକ୍ଷରୁ ଭାରତୀୟ ବାୟୁ ସେନା (ଆଇଏଏଫ) ସହ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ନୂଆଦିଲ୍ଲୀରେ ଏୟାର ଚିଫ୍ ମାର୍ଶାଲ ଭି.ଆର୍. ଚୌଧୁରୀ, ଏୟାର ମାର୍ଶାଲ କେ. ଅନନ୍ତରମଣ, ଏୟାର ଅଫିସର ଇନଚାର୍ଜ ଓ ଏୟାର ଭାଇସ୍ ମାର୍ଶାଲ ଅଶୋକ ସଇନି,ଆସିଷ୍ଟାଣ୍ଟ ଚିଫ୍ ଅଫ୍ ଏୟାର ଷ୍ଟାଫ୍ ସ୍ୱାମିନାଥନ୍ ଜେ, ଏସ୍‌ବିଆଇର ଏମ୍‌ଡି ପି ସି କାଣ୍ଡପାଲ୍, ଏସ୍‌ବିଆଇର ଉପ ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର କୁମାର ଓ ଏୟାର ଭାଇସ୍ ମାର୍ଶାଲ ଏ. କେ. ସିଂହଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।

ଏସ୍‌ବିଆଇର ଅଧ୍ୟକ୍ଷ ଦୀନେଶ୍ ଖାରା କହିଛନ୍ତି, ଆମର ପ୍ରତିରକ୍ଷା ବେତନ ପ୍ୟାକେଜ୍ ଜରିଆରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ସୁବିଧା ପ୍ରଦାନ କରିବା ଲାଗି ଭାରତୀୟ ବାୟୁ ସେନା ସହ ଏହି ସହଯୋଗିତା ସ୍ଥାପନ କରିବା ଆମ ପାଇଁ ସମ୍ମାନ ଓ ଗର୍ବର ବିଷୟ। ଆମ ଦେଶ ଓ ଏହାର ନାଗରିକମାନଙ୍କ ସୁରକ୍ଷା ପାଇଁ ଭାରତୀୟ ବାୟୁ ସେନାର ଅଦମ୍ୟ ଉଦ୍ୟମକୁ ଆମେ ଏସ୍‌ବିଆଇରେ ସମର୍ଥନ କରୁଛୁ।

## ଗ୍ୟାପ୍ ସହ ରିଲାଏନ୍ସ ରିଟେଲ୍‌ର ସହଯୋଗିତା ସ୍ଥାପନ

ମୁମ୍ବାଇ, ୬।୭




ରିଲାଏନ୍ସ ରିଟେଲ୍ ଲିମିଟେଡ୍ ପକ୍ଷରୁ ଆମେରିକାର ପ୍ରସିଦ୍ଧ ଫେସନ୍ ବ୍ରାଣ୍ଡ ଗ୍ୟାପ୍‌କୁ ଭାରତ ଆଣିବା ପାଇଁ ଗ୍ୟାପ୍ ଆଇଏନ୍‌ସି ସହ ସହଯୋଗିତା ସ୍ଥାପନ କରାଯାଇଛି। ଏହି ଦୀର୍ଘମିଆଦୀ ଫ୍ରାଞ୍ଚାଇଜ ବୁଝାମଣା ସହ ଭାରତରେ ସବୁ ମାଧ୍ୟମ ପାଇଁ ରିଲାଏନ୍ସ ରିଟେଲ୍ ଗ୍ୟାପ୍‌ର ଅଫିସିଆଲ ରିଟେଲର୍‌ରେ ପରିଣତ ହୋଇଛି। ସ୍ୱତନ୍ତ୍ର ବ୍ରାଣ୍ଡ ଷ୍ଟୋର୍, ମଲ୍‌ଟି ବ୍ରାଣ୍ଡ ଷ୍ଟୋର୍ ଓ ଡିଜିଟାଲ୍ କମର୍ସ ପ୍ଲାଟଫର୍ମ ଆଦିର ମିଶ୍ରଣ ଜରିଆରେ ଭାରତୀୟ ଗ୍ରାହକମାନଙ୍କୁ ରିଲାଏନ୍ସ ରିଟେଲ୍ ଗ୍ୟାପ୍‌ର ସଦ୍ୟତମ ଫେସନ ଉତ୍ପାଦ ପ୍ରଦାନ କରିବ।

ଏହି ସହଯୋଗିତାର ଲକ୍ଷ୍ୟ ହେଉଛି ଏକ ଅଗ୍ରଣୀ କାଜୁଆଲ ଲାଇଫ୍‌ଷ୍ଟାଇଲ୍ ବ୍ରାଣ୍ଡ୍ ଭାବେ ଗ୍ୟାପ୍‌ର ରହିଥିବା ସ୍ଥିତିକୁ ବ୍ୟବହାର କରିବା ଏବଂ ଦୃଢ଼ ଓମ୍‌ନି ଚ୍ୟାନେଲ ନେଟ୍‌ୱର୍କର ପରିଚାଳନା ଏବଂ ସ୍ଥାନୀୟ ଉତ୍ପାଦକୁ ବ୍ୟାପକ କରିବା ଏବଂ ସୋର୍ସିଂ ଦକ୍ଷତାକୁ ବଢ଼ାଇବାରେ ରିଲାଏନ୍ସ ରିଟେଲ୍‌ର ଦକ୍ଷତା ପ୍ରତିଷ୍ଠା କରିବା।

ଏ ସମ୍ପର୍କରେ ରିଲାଏନ୍ସ ରିଟେଲ୍ ଲିମିଟେଡ୍‌ର ଫେସନ୍ ଓ ଲାଇଫ୍‌ଷ୍ଟାଇଲ ସିଇଓ ଅଖିଳେଶ ପ୍ରସାଦ କହିଛନ୍ତି, ଆମେ ଆମର ଗ୍ରାହକଙ୍କ ପାଇଁ ସଦ୍ୟତମ ଓ ଶ୍ରେଷ୍ଠ ଫେସନ୍ ଆଣୁଥିବାରୁ ଗର୍ବିତ ମନେ କରୁଛୁ। ଆମର ଫେସନ ଓ ଲାଇଫଷ୍ଟାଇଲ୍ ପୋର୍ଟଫୋଲିଓରେ ଆମେରିକୀୟ ବ୍ରାଣ୍ଡ୍ ଗ୍ୟାପ୍‌କୁ ସାମିଲ କରିବା ବିଷୟରେ ଘୋଷଣା କରି ବେଶ ଖୁସି ଅନୁଭବ କରୁଛୁ। ସେହିଭଳି ପ୍ରମୁଖ ଆନ୍ତର୍ଜାତିକ ବଜାରରେ ଗ୍ୟାପ୍‌ର ବ୍ୟବସାୟ ବଢ଼ାଇବାକୁ ଆମେ ଚାହୁଁଛୁ ବୋଲି ଗ୍ୟାପ୍ ଆଇଏନ୍‌ସିର ଆନ୍ତର୍ଜାତିକ ପରିଚାଳନା ନିର୍ଦ୍ଦେଶକ (ଗ୍ଲୋବାଲ ଲାଇସେନ୍ସିଂ ଆଣ୍ଡ୍ ହୋଲ୍‌ସେଲ୍) ଆଡ୍ରିଏନି ଗର୍ନାଡ୍ କହିଛନ୍ତି।

## କେଏଫ୍‌ସିର ନୂଆ ପପ୍‌କର୍ଣ୍ଣ ନାଚୋସ

ନୂଆଦିଲ୍ଲୀ,୬।୬

କେଏଫ୍‌ସିର ସିଗ୍ନେଚର ଫ୍ଲେଭର୍ ଫୁଲ୍ ଚିକେନ୍ ପପ୍‌କର୍ଣ୍ଣକୁ କ୍ରିସ୍ପି ନାଚୋସ୍ ଉପରେ ସସ୍ ସହ ପର୍‌ଫେକ୍ସନ ସହିତ ପରିବେଷଣ କରାଯାଉଛି। କ୍ରିସ୍ପି ଚିକେନ୍ ପପ୍‌କର୍ଣ୍ଣ ସହ ଡୋରିଟୋସ୍‌ର କମ୍ପ୍ଲିମେଣ୍ଟାରି ଫ୍ଲେଭର ଓ ଟେକ୍ସଚରକୁ ଏକତ୍ରିତ କରିଛି। ଏହା ଦୁଇଟି ସ୍ୱାଦିଷ୍ଟ ସସ୍-ମସାଲା ସାଲ୍‌ସା ଓ ଚିଜି ହାଲାପିନୋରେ ଟପ୍ ହୋଇଥିବା ପପ୍‌କର୍ଣ୍ଣ ନାଚୋସ୍ ଆପଣଙ୍କର ସ୍ନାକ୍ ଟାଇମ୍‌କୁ ଆହୁରି ସ୍ପାଇସ୍-ଅପ୍ କରିବା ପାଇଁ ଯଥେଷ୍ଟ। ଯାହା ଏହି ନୂତନ ଉତ୍ପାଦକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଥିବା ତ୍ରିକୋଣୀୟ ବାକ୍ସରେ ପରିବେଷଣ ସହ କ୍ରଂଚି ଡିଲାଇଟ୍‌ର ନାଚୋ-ନେସ୍‌କୁ ବୃଦ୍ଧି କରୁଛି। ଏହା ସମସ୍ତ କେଏଫ୍‌ସି ରେଷ୍ଟୁରାଣ୍ଟଗୁଡିକରେ ଉପଲବ୍ଧ ହେଉଛି।

## ସୁନା ଆମଦାନୀ ଶୁଳ୍କ ବୃଦ୍ଧିକୁ କେନ୍ଦ୍ର ସମୀକ୍ଷା କରିବା ଉଚିତ

ନୂଆଦିଲ୍ଲୀ,୬।୭


ଏମପି ଅହମ୍ମଦ

କେନ୍ଦ୍ର ସରକାର ନିକଟରେ ସୁନା ଉପରେ ଆମଦାନୀ ଶୁଳ୍କକୁ ୧୫ପ୍ରତିଶତକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ଆମଦାନୀ ଶୁଳ୍କ ସହ ୨.୫%ର କୃଷି ସେସ୍ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏହା ଫଳରେ ଅଳଙ୍କାର ବ୍ୟବସାୟ ଉପରେ ଶତକଡ଼ା ପ୍ରଭାବ ପଡିବ ବୋଲି ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମପି ଅହମ୍ମଦ ମତବ୍ୟକ୍ତି କରିଛନ୍ତି। ସେହିଭଳି ଆମଦାନୀ ଶୁଳ୍କର ବୃଦ୍ଧି ଯୋଗୁ ବ୍ୟବସାୟୀ ଟିକସ ହ୍ରାସ ପାଇ ବ୍ୟାପକ ପରିମାଣରେ ସୁନା ଚୋରା ଚାଲାଣର କାରଣ ମଧ୍ୟ ହୋଇପାରେ। ଫଳସ୍ୱରୂପ, ସରକାର ବିପୁଳ ପରିମାଣର ରାଜସ୍ୱ ହରାଇପାରନ୍ତି। ଅପରପକ୍ଷରେ ଟିକସ ଫାଙ୍କିବା ଏବଂ ଚୋରା କାରବାରକୁ ରୋକିବା ପାଇଁ କେନ୍ଦ୍ର ସରକାର ନିକଟରେ ଆମଦାନୀ ଶୁଳ୍କ ହ୍ରାସ କରିଥିଲେ, କିନ୍ତୁ ବର୍ତ୍ତମାନ ଉକ୍ତ ଶୁଳ୍କ ବୃଦ୍ଧି ପୁନର୍ବାର ଚୋରା ଚାଲାଣ ଓ ଅନ୍ୟାନ୍ୟ କାର୍ଯ୍ୟକୁ ବଳ ଯୋଗାଇବ। ସେଥିପାଇଁ ସୁନା ଉପରେ ଆମଦାନୀ ଶୁଳ୍କ ବୃଦ୍ଧି ଉପରେ ସମୀକ୍ଷା କରିବାକୁ ଆମେ ସରକାରଙ୍କୁ ଅନୁରୋଧ କରୁଛୁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ଦିନକରେ ହୁଣ୍ଡିରୁ ୬ କୋଟି ଆୟ



**ଅମରାବତି:** ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ହୁଣ୍ଡିରୁ ଦିନକରେ ୬କୋଟି ୧୮ ଲକ୍ଷ ଟଙ୍କା ଆୟ ହୋଇଥିବା ଭେଙ୍କଟେଶ୍ୱର ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ପ୍ରଥମ ଥର ପାଇଁ ମନ୍ଦିର ହୁଣ୍ଡିରୁ ବିପୁଳ ପରିମାଣର ଅର୍ଥ ଆୟ ହୋଇଥିବା କୁହାଯାଉଛି। ଶେଷଥର ପାଇଁ ୨୦୧୨ ଏପ୍ରିଲ ୧ରେ ମନ୍ଦିର ହୁଣ୍ଡିରୁ ୫.୭୩ କୋଟି ଟଙ୍କା ଆୟ ହୋଇଥିଲା। କରୋନା ମହାମାରୀ କାରଣରୁ ଭକ୍ତମାନଙ୍କୁ ମନ୍ଦିର ବାରଣ ଥିଲା, ଯେଉଁକାରଣରୁ ମାନସିକଧାରୀ ଭକ୍ତ ଦାନ ମଧ୍ୟ କରିପାରୁ ନ ଥିଲେ। କିନ୍ତୁ କରୋନା ସଂକ୍ରମଣ କମିବା ପରେ ଭକ୍ତଙ୍କୁ ଦର୍ଶନର ଅନୁମତି ମିଳିଛି।

ପ୍ରତିମାସରେ ମନ୍ଦିର ହୁଣ୍ଡିରୁ ୧୦୦ କୋଟି ଟଙ୍କା ସଂଗ୍ରହ ହେଉଥିବା ଟିଟିଡି ପକ୍ଷରୁ କୁହାଯାଇଛି। ଗତ ମେ’ ମାସରେ ହୁଣ୍ଡିରୁ ୨୯.୯୩ କୋଟି ଟଙ୍କା ଆୟ ହୋଇଥିବାବେଳେ ମାର୍ଚ୍ଚରେ ୧୨୮ କୋଟି ଏବଂ ଏପ୍ରିଲରେ ୧୨୭.୫ କୋଟି ଆୟ କରାଯାଇଛି। ସେହିପରି ଜୁନ୍ ୧ରୁ ୨୬ ତାରିଖ ମଧ୍ୟରେ ଭେଙ୍କଟେଶ୍ୱର ମନ୍ଦିର ହୁଣ୍ଡିରୁ ୧୦୬ କୋଟି ଟଙ୍କା ସଂଗ୍ରହ କରାଯାଇଛି। କରୋନା କଟକଣା କୋହଳ ହେବା ପରେ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ଗତ ସୋମବାର ମନ୍ଦିରକୁ ମୋଟ ୭୮ ହଜାର ଭକ୍ତ ଆସିଥିବା ଖବର ପ୍ରକାଶ ପାଇଛି। ଏଥିସହ ଭକ୍ତମାନେ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଦର୍ଶନ ପାଇଁ ଧାଡ଼ିରେ ଛିଡ଼ା ହେଉଥିବାର ଦେଖିବାକୁ ମିଳିଛି।

### ଫୁର୍‌ସତ୍

## ଲୁକ୍‌କୁ ନେଇ ଚର୍ଚ୍ଚା

ମୁମ୍ବାଇ

ଐଶ୍ୱର୍ଯ୍ୟା ରାୟ ବଚ୍ଚନଙ୍କ ଦ୍ୱାରା ଅଭିନୀତ ଫିଲ୍ମ ‘ପୋନ୍ନିୟିନ ସେଲବାନ’ର ପୋଷ୍ଟର ବୁଧବାର ରିଲିଜ୍ ହୋଇଛି। ରିଲିଜ୍ ହୋଇଥିବା ପୋଷ୍ଟରରେ ଐଶ୍ୱର୍ଯ୍ୟାଙ୍କ ଲୁକ୍ ନେଇ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଆରମ୍ଭ ହୋଇଛି। ପଜ୍ଜୁବୁର ମାହାରାଣୀ ନନ୍ଦିନୀଙ୍କ ଭୂମିକାରେ ସେ ଅଭିନୟ କରିଛନ୍ତି। ଲିସା ପ୍ରଡକ୍ସନ ପକ୍ଷରୁ ଏହି ପୋଷ୍ଟର ରିଲିଜ୍ କରାଯାଇଛି। ଫିଲ୍ମଟିର କାହାଣୀ କଲକୀ କ୍ରୀଷ୍ଣମୂର୍ତ୍ତିଙ୍କ ପ୍ରସିଦ୍ଧ ପ୍ରବନ୍ଧ ପୋନ୍ନିୟିନ ସେଲବାନ (ଦ ସନ୍ ଅଫ୍ ପୋନି)ଉପରେ ଆଧାରିତ। ଚଳଚ୍ଚିତ୍ରଟି ସେପ୍ଟେମ୍ବର ୩୦ରେ ରିଲିଜ୍ ହେବ। ତାମିଲ, ତେଲୁଗୁ, ହିନ୍ଦୀ, କନ୍ନଡ଼ ଏବଂ ମାଲୟାଲମ ଭାଷାରେ ଫିଲ୍ମଟି ମୁକ୍ତିଲାଭ କରିବ। ଏହାକୁ ନିର୍ଦ୍ଦେଶନା ଦେଇଛନ୍ତି ମଣିରତ୍ନମ। ଐଶ୍ୱର୍ଯ୍ୟାଙ୍କ ବ୍ୟତୀତ ଫିଲ୍ମରେ ବିକ୍ରମ, କୀର୍ତ୍ତି, ତ୍ରୀଶା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ମଣିରତ୍ନମଙ୍କ ସହିତ ଐଶ୍ୱର୍ଯ୍ୟା ପୂର୍ବରୁ ଫିଲ୍ମ ଗୁରୁ ଏବଂ ରାବଣରେ କାମ କରିସାରିଛନ୍ତି। ଶେଷଥର ପାଇଁ ୨୦୧୮ରେ ଐଶ୍ୱର୍ଯ୍ୟା ଫିଲ୍ମ ଫେନୀ ଖାନ୍‌ରେ ଦେଖାଯାଇଥିଲେ।


ଐଶ୍ୱର୍ଯ୍ୟା ରାୟ ବଚ୍ଚନ

## ଯୁଦ୍ଧବିମାନ ଉଡ଼ାଇ ବାପ-ଝିଅ ରଚିଲେ ଇତିହାସ

**ନୂଆଦିଲ୍ଲୀ:** ଏୟାର କମାଣ୍ଡର ସଞ୍ଜୟ ଶର୍ମା ଓ ଫ୍ଲାଇଙ୍ଗ୍ ଅଫିସର ଅନନ୍ୟା ଶର୍ମା ଏକାଠି ଭାରତୀୟ ଯୁଦ୍ଧ ବିମାନ ଉଡ଼ାଇ ଭାରତୀୟ ବାୟୁ ସେନାରେ ଇତିହାସ ସୃଷ୍ଟି କରିଛନ୍ତି। ଦୁହେଁ ସମ୍ପର୍କରେ ବାପ-ଝିଅ। ମେ’ ୩୦ରେ ଦୁହେଁ ଫାଇଟର ଫରମେଶନ୍‌ରେ ହକ୍-୧୩୨ ଯୁଦ୍ଧ ବିମାନ ବାୟୁସେନା ଷ୍ଟେଶନ୍ ବିଦାରରେ ଉଡ଼ାଇଥିଲେ। ପିଲାଟି ଦିନରୁ ଫାଇଟର ବିମାନ ଉଡ଼ାଇବା ନେଇ ଅନନ୍ୟାଙ୍କ ମନରେ ଆଗ୍ରହ ଥିଲା। ସେଥିପାଇଁ ବାପା ସଞ୍ଜୟ ଶର୍ମାଙ୍କୁ ଅନୁସରଣ କରୁଥିଲେ। ଭାରତୀୟ ବାୟୁସେନା (ଆଇଏଏଫ୍)ରେ ୨୦୧୬ରେ ସେ ଯୋଗ ଦେଇଥିବାବେଳେ ୨୦୨୧ ଡିସେମ୍ବରରେ ଅନନ୍ୟା ଫାଇଟର ପାଇଲଟ ଭାବେ ନିଯୁକ୍ତ ହୋଇଥିଲେ। ଇଲେକ୍ଟ୍ରୋନିକ୍ ଆଣ୍ଡ୍ କମ୍ୟୁନିକେଶନ୍‌ରେ ବି.ଟେକ୍ ପାସ୍ କରି ଆଇଏଏଫ୍‌ରେ ସେ ଯୋଗ ଦେଇଥିଲେ। ବାପା ସଞ୍ଜୟ ଶର୍ମା ୧୯୮୯ରେ ଆଇଏଏଫ୍‌ରେ ସାମିଲ ହୋଇଥିଲେ।



## କ୍ଷମା ହିଁ ଶାନ୍ତିପୂର୍ଣ୍ଣ ଜୀବନର ଲକ୍ଷ୍ୟ

### ବିଶ୍ୱ କ୍ଷମା ଦିବସ



**କ୍ଷ**ମା ଏକ ମାନବୀୟ ଗୁଣ। ଏହା ଦ୍ୱାରା ଶତ୍ରୁ ମଧ୍ୟ ମିତ୍ର ହୋଇଯାଇଥାଏ। କ୍ଷମା କରିବା ଗୁଣକୁ ଉତ୍ସାହିତ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୭ ରେ ବିଶ୍ୱ କ୍ଷମା ଦିବସ ପାଳନ କରାଯାଇଥାଏ। କ୍ଷମା କରିବା ଦ୍ୱାରା ଶରୀରରେ ଆରୋଗ୍ୟ ଶକ୍ତି ସୃଷ୍ଟି ହେବା ସହିତ ଶାନ୍ତିପୂର୍ଣ୍ଣ ଜୀବନ ଯାପନ ସମ୍ଭବ ହୋଇଥାଏ। ଅଧ୍ୟୟନ ପ୍ରମାଣିତ କରିଛି ଯେ ଯେଉଁମାନେ କ୍ଷମା କରିବାକୁ ପସନ୍ଦ କରନ୍ତି ସେମାନେ ସୁସ୍ଥ ଏବଂ ସୁଖୀ। ଯଦି ତୁମେ କେବେ କ୍ଷମା ଜାଣି ନାହିଁ, ତୁମେ ଭଗବାନ ଦେଇଥିବା ଆଶୀର୍ବାଦ କେବେ ଜାଣିବ ନାହିଁ ବୋଲି ସାଧୁ ସନ୍ଥ କହିଥାନ୍ତି। କ୍ଷମା ଅଭ୍ୟାସ କ୍ରୋଧ ଉପରେ ନିୟନ୍ତ୍ରଣ ଆସିଥାଏ। ଏହି ଦିନ ସ୍ମରଣ କରାଏ ଯେ ଲୋକମାନଙ୍କୁ କ୍ଷମା କରିବା ସମସ୍ତ ଯନ୍ତ୍ରଣାଦାୟକ ପାପ ଧୋଇବାରେ ସାହାଯ୍ୟ କରେ ଏବଂ ଏକ ନୂତନ ଯାତ୍ରା ଆରମ୍ଭ କରେ। ୧୯୯୪ରେ, ଖ୍ରୀଷ୍ଟିଆନ ଆମ୍ବାସି ଅଫ ଖ୍ରୀଷ୍ଟସ ଆମ୍ବାସାଡର୍ସ (ସିଇସିଏ) ପକ୍ଷରୁ ବ୍ରିଟିଶ କଲମ୍ବିଆରେ ଜାତୀୟ କ୍ଷମା ଦିବସ ପ୍ରତିଷ୍ଠା କରିଥିଲେ। ଭିକ୍ଟୋରିଆ ସହରରେ ଏହାକୁ ଜାତୀୟ କ୍ଷମା ଦିବସ ଭାବରେ ଘୋଷଣା କରାଯାଇଥିଲା। ପରେ ଏହାର ନାମ ହେଲା ବିଶ୍ୱ କ୍ଷମା ଦିବସଶ୍ ଭାବେ ନାମିତ କରାଗଲା। ଏହି ଦିବସ ପାଳନ ଅବସରରେ ଅନ୍ୟକୁ କିପରି କ୍ଷମା ପ୍ରଦାନ କରାଯିବ ଏହାର ସୁଫଳ କ’ଣ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥାଏ।

# ୨୦୨୪ ସୁଦ୍ଧା ୫୦ ହଜାର କୋଟିର ନୂଆ ପ୍ରକଳ୍ପ



କେନ୍ଦ୍ରମନ୍ତ୍ରୀ ରାମେଶ୍ୱର ତେଲି ସ୍ୱାଧୀନତା ସଂଗ୍ରାମୀ ଯୋଗେନ୍ଦ୍ର ମହାରଣାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

- ତୈଳ ବିଶୋଧନାଗାରରେ ଆଜାଦ୍ କି ଅମୃତ ମହୋତ୍ସବ
- ଜିଲାର ୭୫ ଜଣଙ୍କୁ ସମ୍ମାନିତ
- ପାରାଦୀପରେ କେନ୍ଦ୍ରମନ୍ତ୍ରୀ ରାମେଶ୍ୱର ତେଲି

ପାରାଦୀପ,୬।୭(ସ୍ୱ.ପ୍ର.)

ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ବୁଧବାର ଆଜାଦ୍ କି ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ପାଳିତ ହୋଇଛି। ଏଥିରେ କେନ୍ଦ୍ର ତୈଳ, ଶ୍ରମ ଓ ନିଯୁକ୍ତି ରାଜ୍ୟ ମନ୍ତ୍ରୀ ରାମେଶ୍ୱର ତେଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱାଧୀନତାର ୭୫ ବର୍ଷ ଉତ୍ସବ ଉପଲକ୍ଷେ ଜଗତ୍ସିଂହପୁର ଜିଲାର ୭୫ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ମାନପତ୍ର, ଉପଢୌକନ, ଗୋଟିଏ ଘଣ୍ଟା, ଚାଦର ସହ ୧୦ ହଜାର ଟଙ୍କା ଦିଆ ଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ତୈଳ ନିଗମର ସ୍ୱାଧୀନ ନିର୍ଦ୍ଦେଶକ ସୁଦୀପ୍ତ କୁମାର ରାୟ, ତୈଳ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ ଭି. ଏସ. ଜୈନ, ଅନ୍ୟତମ ନିର୍ବାହୀ ନିର୍ଦ୍ଦେଶକ ସୈକାତ ସାଇକର ଯୋଗ ଦେଇଥିଲେ।

ମନ୍ତ୍ରୀ ତେଲି ତାଙ୍କ ବକ୍ତବ୍ୟରେ କହିଥିଲେ, ପାରାଦୀପ ତୈଳ ବିଶୋଧନାଗାର ପୂର୍ବ ଭାରତର ବିକାଶର ଉତ୍ସ। ଏହି ପ୍ରକଳ୍ପ ଏବେ ବଢିବାରେ ଲାଗିଛି। ଆସନ୍ତା ୨୦୨୪ ସୁଦ୍ଧା ପ୍ରାୟ ୫୦ ହଜାର କୋଟି ଟଙ୍କାର ନୂତନ ପ୍ରକଳ୍ପ ହେବାକୁ ଯାଉଛି। ଯେଉଁଥିରେ ପ୍ଲାଷ୍ଟିକ ପାର୍କ, ଟେକ୍ସଟାଇଲ ପାର୍କ ଆଦି ରହିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶ ବିକାଶ ପଥରେ ଆଗେଇ ଚାଲିଛି। ୨୦୦୦ ମସିହାରେ ଭାଜପାର ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏହି ବିଶୋଧନାଗାର ଶିଳାନ୍ୟାସ କରିଥିଲେ। ୨୦୧୬ ରେ ପ୍ରଧାନମନ୍ତ୍ରୀ ମୋଦି ଲୋକାର୍ପଣ କରିଥିଲେ। ମଝିରେ କଂଗ୍ରେସ ସରକାର ଏହାକୁ ସ୍ଥାଣୁ କରିଥିଲେ ବୋଲି ସେ କହିଥିଲେ। ତାଙ୍କ ରାଜ୍ୟ ଆସାମରେ ୪ଟି ବିଶୋଧନାଗାର ଅଛି। ଗୁରୁବାର ପାରାଦୀପରୁ ନୁମାଲିଗଡ ରିଫାଇନାରୀ ପର୍ଯ୍ୟନ୍ତ ୧୭୦୦ କିମି ପାଇପଲାଇନ ପ୍ରକଳ୍ପର ଶିଳାନ୍ୟାସ ସେ କରିବେ ବୋଲି କହିଥିଲେ। ଏଥିପାଇଁ ୯ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଦେଶର ୮ କୋଟି ପରିବାରକୁ ଏଲପିଜି ସଂଯୋଗ ଏକ ବଡ ସଫଳତା ବୋଲି ଦର୍ଶାଇଥିଲେ। ଓଡ଼ିଶାର ୨୪ ଟି ଜିଲାରେ ଏବେ ଇଏସ୍ଆଇ ହସ୍ପିଟାଲ ହେଉଛି। ଭୁବନେଶ୍ୱରରେ ୧୫୦ ଶଯ୍ୟା, ଢୁବୁରୀରେ ୫୦ ଶଯ୍ୟା, ପାରାଦୀପରେ ୩୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ହେବ ବୋଲି କହିଥିଲେ। ସେହିପରି ଇ ଶ୍ରମ ପୋର୍ଟାଲରେ ୩୮ କୋଟି ଅଣସଙ୍ଗଠିତ ଶ୍ରମିକ ନାମ ପଞ୍ଜୀକରଣ କରାଯାଇଛି। ଯେଉଁଥିରେ ଓଡ଼ିଶାର ୧ କୋଟି ୩୩ ଲକ୍ଷ ଶ୍ରମିକ ଅଛନ୍ତି ବୋଲି କହିଥିଲେ। ସମ୍ମାନିତ ପ୍ରତିଭା ମଧ୍ୟରେ ୯୪ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ ଯୁଗେନ୍ଦ୍ର ମହାରଣା, ପରିବେଶବିତ୍ ଅମରେଶ ନରେଶ ସାମନ୍ତ ପ୍ରମୁଖ ଥିଲେ।

### ଅଢ଼େଇ ଘଣ୍ଟା ବିଳମ୍ବରେ ପହଞ୍ଚିଲେ, ସମ୍ପଦଙ୍କୁ ଭୁଲିଗଲେ

ମନ୍ତ୍ରୀ ତେଲିଙ୍କ କାର୍ଯ୍ୟକ୍ରମ ତୈଳ ବିଶୋଧନାଗାର ଟାଉନସିପ ପରିସରରେ ଥିବା ଇନ୍‌ଡୋର ଷ୍ଟାଡିୟମରେ ପୂର୍ବାହ୍ନ ସାଢ଼େ ୧୦ଟାରେ ହେବ ବୋଲି ସୂଚନା ମିଳିଥିଲା। ଜିଲାର ସମ୍ମାନିତ ହେବାକୁ ଥିବା ୭୫ ଜଣ ପ୍ରତିଭା, ବିଶୋଧନାଗାର ଅଫିସର୍ସ, ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଧାର୍ଯ୍ୟ ସମୟରେ ପହଞ୍ଚି ଥିଲେ। କିନ୍ତୁ ମନ୍ତ୍ରୀ ସଭାସ୍ଥଳକୁ ଆସିଥିଲେ ଅପରାହ୍ନ ୧.୧୫ରେ। ସଭାସ୍ଥଳକୁ ଆସିବା ପୂର୍ବରୁ ଜିରୋ ପଏଣ୍ଟଠାରେ ଥିବା ଜଣେ ଭାଜପା ନେତାଙ୍କ ପାଖରେ ଥିଲେ ବୋଲି କୁହାଯାଇଥିଲା। ସଭାସ୍ଥଳରେ ମନ୍ତ୍ରୀ ତେଲି ସମସ୍ତ ଭାଜପା ନେତାଙ୍କ ନାମ ନେଇ ସ୍ୱାଗତ କରିଥିବା ବେଳେ ପାରାଦୀପର ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁଙ୍କ ନାମ ଛାଡି ଦେଇଥିଲେ। ଯାହାକୁ ନେଇ ସଭାସ୍ଥଳରେ କର୍ମୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

## ସଂକ୍ଷେପରେ

### ପୁଅର ଶାବଳ ଆକ୍ରମଣରେ ମା'ଙ୍କ ଜୀବନ ଗଲା

**ନିଶ୍ଚିନ୍ତକୋଇଲି,୬।୭(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ସୁକରପଡା ଗାଁରେ ବୁଧବାର ପୁଅର ଶାବଳ ଆକ୍ରମଣରେ ମା'ଙ୍କ ଜୀବନ ଯାଇଛି। ସକାଳୁ ଗାଁର ଗୌରାଙ୍ଗ ସ୍ୱାଇଁଙ୍କ ସ୍ତ୍ରୀ ପ୍ରମିଳା ବାସୀକାମ କରୁଥିବା ବେଳେ ପୁଅ ଜିତେନ୍ଦ୍ର(୨୬) ଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଜିତେନ୍ଦ୍ର ଘରେ ଥିବା ଏକ ଶାବଳରେ ମା'କୁ ଭୁଶି ବିଭତ୍ସ ଭାବେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପ୍ରମିଳା ଗୁରୁତର ଅବସ୍ଥାରେ ପଡି ଚିତ୍କାର କରୁଥିଲେ। ସ୍ୱାମୀ ଗୌରାଙ୍ଗ ଆସି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରମିଳାଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପ୍ରମିଳାକୁ ମୃତ ଘୋଷଣା କରିଥିଲେ। ଘଟଣା ସମ୍ପର୍କରେ ଗୌରାଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଇଆଇସି ଚିନ୍ମୟୀ ସାହୁ ସାଇଣ୍ଟିଫିକ୍ ଟିମ ଡକାଇ ଥିଲେ। ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ତାଙ୍କ ଘରକୁ ଯାଇ ତଦନ୍ତ କରିଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୧୩/୨୨ରେ ମାମଲା ରୁଜୁ ହୋଇଛି। ତେବେ ପ୍ରାଥମିକ ତଦନ୍ତରୁ ଜିତେନ୍ଦ୍ର ମାନସିକ ରୋଗୀ ଥିବା ପୋଲିସ ଜାଣିବାକୁ ପାଇଛି। ସେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ପୋଲିସ କହିଛି।

### ବାଲିତୁଠରେ ବନ ମହୋତ୍ସବ

**କୁଜଙ୍ଗ,୬।୭ (ଡି.ଏନ.ଏ.):** ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ କୁଜଙ୍ଗ ବନ ବିଭାଗ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ ଯୋଗଦେଇ ବୃକ୍ଷାରୋପଣର ଶୁଭାରମ୍ଭ କରିଥିଲେ। ନୂଆଗାଁ ବନପାଳ ଜ୍ଞାନ ପ୍ରକାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ପରିସରରେ ବୃକ୍ଷାରୋପଣ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଲୀନା ନନ୍ଦଙ୍କ ସଭାପତିତ୍ୱରେ ଛାତ୍ରଛାତ୍ରୀଙ୍କୁ ନେଇ ବୃକ୍ଷରୋପଣର ଉପକାରିତା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସଭାପତିଙ୍କ ସମେତ ବନରକ୍ଷୀ ସୁରେଶ ଚନ୍ଦ୍ର ରାଉତ ଓ ନିରଞ୍ଜନ ମଣ୍ଡଳ ଉପସ୍ଥିତ ରହି ସହାୟତା କରିଥିଲେ।

### ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କ ୨ୟ ଶ୍ରାଦ୍ଧୋତ୍ସବ

**ତିର୍ତ୍ତୋଲ, ୬।୭ (ଡି.ଏନ.ଏ.):** ତିର୍ତ୍ତୋଲ ବିଧାନସଭା କ୍ଷେତ୍ରର ପୂର୍ବତନ ବିଧାୟକ ତଥା ରାଜ୍ୟର ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଦାସଙ୍କ ୨ୟ ବାର୍ଷିକ ଶ୍ରାଦ୍ଧୋତ୍ସବ ବୁଧବାର ବ୍ଲକ ଅଞ୍ଚଳରେ ପାଳିତ ହୋଇଯାଇଛି। ବ୍ଲକ ଛକରେ ଥିବା ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ବିଧାୟକ ତଥା ତାଙ୍କର ପୁତ୍ର ବିଜୟ ଶଙ୍କର ଦାସଙ୍କ ନେତୃତ୍ୱରେ ପୁଷ୍ପ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଆତ୍ମା ଅଧକ୍ଷ ବସନ୍ତ ମହାପାତ୍ର, ଦେବେନ୍ଦ୍ର ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ଦିଲୀପ ମହାନ୍ତି, ସୁମିତ ଦାସ, ବିମଳ ମହାପାତ୍ର, ସୁକାନ୍ତ ନାୟକ, ଦେବପ୍ରସାଦ ମହାପାତ୍ର, କାଳନ୍ଦୀ ଦାଶ, ରବି ନାରାୟଣ କର, ଦିନେଶ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ବିରିଡ଼ି ତହସିଲ କାର୍ଯ୍ୟାଳୟରେ ବୃକ୍ଷରୋପଣ

ବିରିଡି,୬।୭ (ଡି.ଏନ.ଏ.)

ବିରିଡି ତହସିଲ କାର୍ଯ୍ୟାଳୟରେ ବୁଧବାର ୨୨ ମୌଜା ମଙ୍ଗୁଳି ବସୁମାତା ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ସାଗରିକା ପ୍ରୟଦର୍ଶନୀ ଏହାକୁ ଉଦ୍‌ଘାଟନ କରି ବୃକ୍ଷରୋପଣ କରିଥିଲେ। ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ମଣିଷ ଜୀବନ ବଞ୍ଚିବା ଅସମ୍ଭବ, ନିକଟରେ ପୁରୀ ଗଜପତି ମହାରାଜ ଆହ୍ୱାନ ଦେଇଥିଲେ ଯେ ବର୍ତ୍ତମାନ ଜଙ୍ଗଲରୁ ଏତେ ପରିମାଣର ଗଛ କଟାଯାଉଛି ଯେ ଆଗାମୀଦିନରେ ପୁରୀର ରଥ ନିର୍ମାଣ ପାଇଁ ବୃକ୍ଷ ଅଭାବ ଦେଖା ଦେବ। ଏଣୁ ଫାଶି ଓ ଅଶନ ଗଛ ପ୍ରଚୁର ପରିମାଣର ଲଗାଇବା ଦରକାର। ଏହି କଥାକୁ ଭିତ୍ତିକରି ବିରିଡି ବ୍ଲକ ମଙ୍ଗୁଳି ବସୁମାତା ଅନୁଷ୍ଠାନର ସମ୍ପାଦକ ଗୟାଧର ମହାନ୍ତି ଏହି ସବୁ ଗଛକୁ ଗ୍ରାମାଞ୍ଚଳରେ ଗୁରୁତ୍ୱ ଦେଇ ରୋପଣ କରୁଛନ୍ତି। ତାଙ୍କ ସହ ତହସିଲର ରେକର୍ଡ କିପର ସୂର୍ଯ୍ୟ ମହାନ୍ତି, ବିଭୁ ପ୍ରସାଦ ମହାନ୍ତି, ଦୀପକ କୁମାର ପ୍ରଧାନଙ୍କ ସହ ଅନୁଷ୍ଠାନର ସୁପ୍ରଭା ଦାସ, ସୁରେଶ ଜେନା, ଲକ୍ଷ୍ମୀକାନ୍ତ ମହାନ୍ତି ଓ ଉମାଶଙ୍କର କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।


ତହସିଲଦାର ବୃକ୍ଷରୋପଣ କରୁଛନ୍ତି।

# ପଞ୍ଚାମୁଣ୍ଡାଇ ରିଟେଲର ସଂଘ ପକ୍ଷରୁ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର


ବିଡିଓଙ୍କୁ ଡିଲରମାନେ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରୁଛନ୍ତି।

ପଞ୍ଚାମୁଣ୍ଡାଇ,୬।୭(ସ୍ୱ.ପ୍ର.)

ସର୍ବଭାରତୀୟ ଡିଲରର୍ସ ଫେଡରେଶନ ନିଷ୍ପତ୍ତିକ୍ରମେ ଓଡ଼ିଶା ରିଟେଲର ମହାସଂଘ ପକ୍ଷରୁ ରାଜ୍ୟର ସମସ୍ତ ବିଡିଓ କାର୍ଯ୍ୟାଳୟ ଆଗରେ ବୁଧବାର ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହିକ୍ରମରେ ପଞ୍ଚାମୁଣ୍ଡାଇ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୮ଟି ମୁଖ୍ୟ ଦାବି ନେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଭରତ ଚନ୍ଦ୍ର ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭରେ ବ୍ଲକର ସମସ୍ତ ଡିଲର ସାମିଲ ହୋଇଥିଲେ। ସେମାନଙ୍କ ମୁଖ୍ୟ ଦାବି ଗୁଡ଼ିକ ମଧ୍ୟରେ କରୋନା ମହାମାରୀ ସମୟରେ ଡିଲରମାନେ ନିଜ ଜୀବନକୁ ବାଜି ଲଗାଇ ରାଶନ ସାମଗ୍ରୀ ବଣ୍ଟନ କରିଥିବାବେଳେ ସେମାନଙ୍କୁ ସରକାରୀ ପାରିଶ୍ରମିକ ଯୋଗାଇ ଦେବା, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ବଣ୍ଟନ ବାବଦୀୟ ପାରିଶ୍ରମିକ ଅର୍ଥ ପ୍ରଦାନ, ଇ-ପୋଷ ମେଶିନର ବାକି ଟଙ୍କା ପ୍ରଦାନ, କରୋନା ସମୟରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ବଣ୍ଟନର ପାରିଶ୍ରମିକ ଅର୍ଥ ପ୍ରଦାନ, ଅଖାର ବକେୟା ମୂଲ୍ୟ ପ୍ରଦାନ, ମୃତ୍ୟୁ ହୋଇଥିବା ରିଟେଲରଙ୍କ ପରିବାରକୁ ପୁଣିଥରେ ନିଯୁକ୍ତି, ଏକକାଳୀନ ଖାଉଟି ସାମଗ୍ରୀ ଯୋଗାଣ ଓ ସନନ୍ଦ ନବୀକରଣ କାର୍ଯ୍ୟକାଳ ବୃଦ୍ଧି ଭଳି ୮ ଦଫା ଦାବି ନେଇ ଡିଲରମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯଦି ଏସବୁ ଦାବି ପୂରଣ ନ ହୁଏ ଆନ୍ଦୋଳନ ତୀବ୍ରତର କରି ରାଜ୍ୟ ଓ ଜାତୀୟ ସ୍ତରରେ କରାଯିବ ବୋଲି ଡିଲର ସଂଘର ବ୍ଲକ ସଭାପତି ଶଙ୍କର୍ଷଣ ମହାନ୍ତି, ଉପସଭାପତି ବିଶ୍ୱ ରଞ୍ଜନ ପରିଡା, ସମ୍ପାଦକ ରାମଚନ୍ଦ୍ର ରାଉତ, ଉତମ ଦାସ, ଅଜୟ କୁମାର ଦାସ, ପରିକ୍ଷୀତ ପ୍ରଧାନ, ପ୍ରଦୀପ୍ତ ନାଥ, ସରୋଜ ପ୍ରଧାନ ପ୍ରମୁଖ ଡିଲରମାନେ କହିଛନ୍ତି।

# ବାଟିପଡ଼ା ସମବାୟ ସଭାପତି ହେଲେ ଅଜିତ

**ଆଳି,୬।୭(ଡି.ଏନ.ଏ.):** ଆଳି ବ୍ଲକ ବାଟିପଡା ସମବାୟ ସମିତିର ସଭାପତି ଭାବେ ଅଜିତ ନାୟକ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ସମିତି ପକ୍ଷରୁ ବୁଧବାର ସଭାପତି ପଦବୀ ନିମନ୍ତେ ନିର୍ବାଚନ ହୋଇଥିଲା। ସଭାପତି ପଦବୀ ନିମନ୍ତେ ଅଜିତ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଅନ୍ୟ କେହି ନାମାଙ୍କନ ନ କରିବାରୁ ଅଜିତଙ୍କୁ ନିର୍ବାଚନ ଅଧିକାରୀ ଅଲେଖ ପ୍ରଧାନ ସଭାପତିଭାବେ ବିଜୟୀ ଘୋଷଣା କରିଥିଲେ। ଅଜିତ ବିଜୟ ଘୋଷଣା ହେବା ପରେ ପ୍ରୀତିରଞ୍ଜନ ରାୟ, ଅସିତ କୁମାର ସାହୁ, ମୃଣାଳକାନ୍ତ ପାଣ୍ଡବ, ଶ୍ୟାମ ସୁନ୍ଦର ସେଠୀ, କାଙ୍ଗାଳୀ ମଲ୍ଲିକ, ହେମନ୍ତ ମହାନ୍ତି, ମନୋଜ ସାହୁ, ନଳିନୀକାନ୍ତ ପାତ୍ର ପ୍ରମୁଖଙ୍କ ନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଏହି ସମୟରେ ଚୈତନ୍ୟ ପ୍ରଧାନ, ଏକଲବ୍ୟ ପାତ୍ର, ସନତ ରାଉତ, ନକୁଳ ସାହୁ, ଚୈତନ୍ୟ ସେଠୀ, ଗଗନ ମହାନ୍ତି, କେଲୁଚରଣ ସେଠୀ, ସୁକାନ୍ତି ସେଠୀ, କଲ୍ୟାଣ ବେହେରା, ଗିରିଜା ଶଙ୍କର ଦାସ, ବିପିନ ମଲ୍ଲିକ, ସ୍ୱର୍ଣ୍ଣଲତା ପରିଡା ସରସ୍ୱତୀ ରାଉତ, ଧନେଶ୍ୱର ଦାସ ପ୍ରମୁଖ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଏହି ନିର୍ବାଚନ ପ୍ରକ୍ରିୟାକୁ ବାଟିପଡା ସମବାୟ ସମିତିର ସମ୍ପାଦକ ଦେବାନନ୍ଦ ଦାସ ଓ ସହସମ୍ପାଦକ ସିଦ୍ଧାର୍ଥ ରାୟ ପରିଚାଳନା କରିଥିଲେ।


ସଭାପତି ଭାବେ ନିର୍ବାଚିତ ହେବା ପରେ ଅଜିତ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

# କୋର୍ଟ ପରିସରରେ ବନ ମହୋତ୍ସବ


ଏରସମା ଅଦାଲତ ପରିସରରେ ବୃକ୍ଷରୋପଣ କରାଯାଉଛି।

**ଏରସମା,୬।୭(ସ୍ୱ.ପ୍ର.):** ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଦେୱାନୀ ଓ ଫୌଜଦାରୀ ଅଦାଲତ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। କୁଜଙ୍ଗ ବନାଞ୍ଚଳ ପକ୍ଷରୁ ଗତ ୧ ତାରିଖରୁ ଏହି ବନ ମହୋତ୍ସବ ଆରମ୍ଭ ହୋଇଛି। ଦେୱାନୀ ଓ ଫୌଜଦାରୀ ପ୍ରଥମ ଶ୍ରେଣୀ ବିଚାରକ ମହମ୍ମଦ ସାହା ଅଫଜିଲ ବୃକ୍ଷ ରୋପଣ କରି ଏହି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଏରସମା ଓକିଲ ସଂଘର ସଭାପତି ଅକ୍ଷୟ କୁମାର ସ୍ୱାଇଁ, ହାୱାଖାନା ବନପାଳ ନବୀନ ମଲ୍ଲିକ, ବନରକ୍ଷୀ ବିଶ୍ୱରଞ୍ଜନ ତରାଇ, ସରକାରୀ ଓକିଲ ପ୍ରହ୍ଲାଦ ନାୟକ, ଆଇନଜୀବୀ ରମେଶ ଚନ୍ଦ୍ର ଭୋଳ, ନିକୁଞ୍ଜ କିଶୋର ସ୍ୱାଇଁ, ହରିହର ଓଝା, ବିନୋଦ କୁମାର ଦାସ, ଉମାକାନ୍ତ ତରାଇ ପ୍ରମୁଖ ଅଦାଲତ ପରିସରରେ ବିଭିନ୍ନ ଔଷଧିୟ ଓ ଜଙ୍ଗଲ ଜାତ ବୃକ୍ଷ ରୋପଣ କରିଥିଲେ।

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE
GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭଉ, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪
ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନିର୍ମାଣ ହୋଇପାରୁନି ବାଗସାହି ମିନି ଅଙ୍ଗନୱାଡି ଗୃହ

ରଘୁନାଥପୁର,୬।୭(ଡି.ଏନ.ଏ.)

### ୬ ବର୍ଷ ହେଲା ପଡ଼ିରହିଛି ୭ ଲକ୍ଷ ଟଙ୍କା

ସରକାର ବିଭିନ୍ନ ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ପକ୍କାଗୃହ ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି। ହେଲେ ଏହା କେତେମାତ୍ରାରେ ସଫଳ ହେଉଛି ତାର ତର୍ଜମା କରାଯାଉନାହିଁ। ଅନେକ ଗ୍ରାମରେ ଜମି ଚିହ୍ନଟ ହୋଇ ସୁଧା ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଜଗନ୍ନାଥପୁର ବାଗସାହି ମିନି ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ କ୍ଷେତ୍ରରେ। ବ୍ଲକ ପ୍ରଶାସନର ନିଷ୍କ୍ରିୟତା ପରସ୍ପର ମଧ୍ୟରେ ଗୋଷ୍ଠୀ ବିବାଦ ଯୋଗୁ ଜମି ଚିହ୍ନଟ ସତ୍ତ୍ୱେ ନିର୍ମାଣ ଅଟକି ରହିଛି। ୬ ବର୍ଷ ତଳୁ ଗୃହ ନିର୍ମାଣ ପାଇଁ ଆସିଥିବା ୭ ଲକ୍ଷ ଟଙ୍କା ଆସି ରହିଥିବା ବେଳେ ଖର୍ଚ୍ଚ ହୋଇ ନ ପାରି ପଡିରହିଛି। ଯାହାକି ଅଧିବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମର ଏକ ଗୋଷ୍ଠୀକେନ୍ଦ୍ରରେ ଦୀର୍ଘ ୧୧ବର୍ଷ ଧରି ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ଚଳିତ ମୌସୁମୀ ବର୍ଷାରେ ପାଣି ଲହଡା ମାରି ଘର ଭିତରେ ପଶିବା ସହ ଚତୁଃପାର୍ଶ୍ୱରେ ଜମି ରହୁଛି। ଡେଙ୍ଗୁ, ମ୍ୟାଲେରିଆ ଓ ବିଭିନ୍ନ ପ୍ରକାର ଜଳବାହିତ ରୋଗ ଆଶଙ୍କାରେ ଅଭିଭାବକମାନେ କୋମଳମତି ଶିଶୁଙ୍କୁ କେନ୍ଦ୍ରକୁ ଛାଡିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି ବୋଲି କର୍ମୀ ସବିତା ଧର କହିଛନ୍ତି। ଏହାଛଡା ଏଠାରେ ଆଲୋକ, ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା ନ ଥିବାରୁ ପିଲାମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ପର୍ବପର୍ବାଣି ଓ ଗ୍ରାମର ସାମୁହିକ କାର୍ଯ୍ୟରେ ଉକ୍ତ ଗୋଷ୍ଠୀ କେନ୍ଦ୍ରଟି ବ୍ୟବହାରରେ ଆସୁଥିବାରୁ ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ସାମଗ୍ରୀ ମହଜୁଦ କରି ରଖିବାରେ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ତିର୍ତ୍ତୋଲ ବିଧାୟକ, ବିଡିଓ ଓ ସିଡିପିଓଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି ବୋଲି ଚୁନିଲତା ବେହେରା, ମାମୁନି ପରିଡା ପ୍ରମୁଖ ଅଭିଯୋଗ କରିଛନ୍ତି। ଅତୁରନ୍ତ ଗୃହକାର୍ଯ୍ୟ ଆରମ୍ଭ କରା ନ ଗଲେ ଆଗାମୀଦିନରେ ଅଭିଭାବକମାନେ ପିଲାଙ୍କୁ ଅଙ୍ଗନୱାଡି ନ ପଠାଇ ବିଡିଓ ଏବଂ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ବିମଳି ଗାୟା, ମଧୁସ୍ମିତା ସାହୁ, ବିବେକାନନ୍ଦ ସାହୁଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଅମୀୟଚାନ୍ଦ ମଲ୍ଲିକଙ୍କୁ ପଚାରିବାରେ ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇ ଥରେ ଖୋଳା ହୋଇଥିଲେ ସୁଧା ଲୋକେ ଏହାକୁ ବନ୍ଦ କରିଥିଲେ। ଯଦି ଗ୍ରାମବାସୀ ସହଯୋଗ କରନ୍ତି ତାହା ହେଲେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।


ଗୋଷ୍ଠୀ କେନ୍ଦ୍ର ଗୃହରେ ଚାଲିଥିବା ଜଗନ୍ନାଥପୁର ବାଗସାହି ଅଙ୍ଗନୱାଡି କେନ୍ଦ୍ର।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ଁବଟକୃଷ୍ଣ ପତି
ଶାନ୍ତି ନଗର, ଝାରପଡ଼ା
ଆବିର୍ଭାବ-୦୪।୦୩।୧୯୩୫
ତିରୋଧାନ- ୨୭।୦୬।୨୦୨୨
ସମସ୍ତଙ୍କ ପ୍ରିୟ ଜେଜେବାପା ଆମକୁ ବେସାହାରା କରି ଚାଲିଯିବେ ବୋଲି ବିଶ୍ୱାସ କରି ହେଉନି। ତୁମର ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଛି ସତ; କିନ୍ତୁ ତୁମର ସ୍ନେହ, ଶ୍ରଦ୍ଧା ଓ ଉପଦେଶ ପରିବାରକୁ ବାନ୍ଧି ରଖିବାର କ୍ଷମତା ସ୍ମୃତି ହୋଇ ରହିଗଲା। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଟୁଟୁ, ମଣ୍ଟୁ, ଁବୁଟୁ, ଲିଟୁ, ସୁଷମା, କୁନି, ବୁଢ଼ିଆ, ଅଞ୍ଜଳି, ପପୁନ୍, କୁନ୍‌ମୁନ୍, ଡୁଡୁଲ୍, ଗୁଡି, ମାମା, ଗ୍ଲୋଡି, ଗୁଡୁଲୀ, ଛୋଟୁ, ଶ୍ରୀଷ୍ଟି, ସଞ୍ଜୁ, ସଂଗ୍ରାମ, ମିକି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୯୯୩

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଁଅନ୍ନପୂର୍ଣ୍ଣା ମହାପାତ୍ର
ନବକଳେବର ରୋଡ୍, ନୂଆସାହି, ପୁରୀ
ଆବିର୍ଭାବ: ୧୪।୧୦।୧୯୪୦
ତିରୋଧାନ: ୨୯।୦୬।୨୦୨୨
ତୁମ ବିଦାୟୀ ଜନିତ ଦୁଃଖରେ ଆମେମାନେ ମର୍ମାହତ। ତୁମ ଶୂନ୍ୟତା ଅପୂରଣୀୟ। ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବାର ପ୍ରତିକ ରୂପେ ତୁମେ ସର୍ବଦା ଚିରସ୍ମରଣୀୟ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୯୯୧

୩୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

ଁ ନିନିରାଣୀ ଦାସ
ସ୍ୱାମୀ: ଁ ଚିତ୍ତରଂଜନ ଦାସ
ପଟିଆଗଡ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୩.୧୯୩୮
ତିରୋଧାନ : ୧୮.୦୭.୧୯୯୧
ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।
-: ଶୋକ ସନ୍ତପ୍ତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୯୯୬

ଦ୍ୱାଦଶାହ ଉପଲକ୍ଷେ

ଁବିଧୁ ଶେଖର ତ୍ରିପାଠୀ
Plot No.-230 Saheed Nagar, BBSR
ଆବିର୍ଭାବ: ୨୬।୦୮।୧୯୩୭
ତିରୋଧାନ: ୨୬।୦୬।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୧୦୩୮

ଅପେରା ହାଲ୍‌ଚାଲ୍

# ରାଜଧାନୀର ସଜବାଜ

ଆସନ୍ତା ଯାତ୍ରା ସିଜନ ପାଇଁ ଅନ୍ୟତମ ଆଗଧାଡ଼ିର ଯାତ୍ରା ଅନୁଷ୍ଠାନ 'ରାଜଧାନୀ ଅପେରା' ତାହାର କସରତ ଜାରି ରଖିଛି। ଏଥର ଦର୍ଶକଙ୍କୁ ଶତପ୍ରତିଶତ ମନୋରଞ୍ଜନ ଦେଲାଭଳି ନାଟକ ଚୟନ କରିବା ସହ ରିହରସାଲ ଚାଲିଛି। ଏ ସମ୍ପର୍କରେ ପାର୍ଟିର ପ୍ରଯୋଜକ ପବିତ୍ର ପାତ୍ର କହନ୍ତି, 'ଆମେ ସବୁବେଳେ ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦେଇଥାଉ। ଭଲ କାହାଣୀକୁ ଆଧାରକରି ରଚିତ ନାଟକ ଏଥର ପରିବେଷିତ ହେବ। ଗୋଟିଏ ନାଟକ–''ଚନ୍ଦ୍ରବଦନୀର ଚଉଠି ରାତି''(ରଚନା–ସୁକାନ୍ତ ମଲ୍ଲିକ, ନିର୍ଦ୍ଦେଶନା–ହର ବାରିକ)ର ରିହରସାଲ ଚାଲିଛି। ଅନ୍ୟ ଗୋଟିଏ ନୂଆ ନାଟକ ଅପେରା ପରିବେଷଣ ଭିତରେ ରିହରସାଲ ହେବ। ଏହାବ୍ୟତୀତ ଗତବର୍ଷର ସୁପରହିଟ୍ ଚାରୋଟି ନାଟକ–'ସିଂହଦ୍ୱାର ମନା ମୋତେ ସ୍ୱର୍ଗଦ୍ୱାର ମନା', 'ତତେ ସତରକୁ ମତେ ଅଠର', 'ସତ କହି ପଛେ ମଲେ ମରିବି' ଏବଂ 'ମୋ ବର୍ଣ୍ଣବୋଧ ହଜିଯାଇଛି' ରିପିଟ୍ ହେବାର ଯୋଜନା ରହିଛି। ଏଥର ମଧ୍ୟ ରାଜଧାନୀ ଅପେରା ପୁଣିଥରେ ଜଲିଉଡ୍‌ରେ ବାଜିମାତ୍ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି।' ଏଥର ଏହି ଷ୍ଟାର–ଷ୍ଟଡେଡ୍ ପାର୍ଟିରେ ରୁଦ୍ର ପ୍ରସାଦ, ଟିଙ୍କିଲି, ଲକ୍ଷ୍ମୀଧର (ଖଳନାୟକ), ଜୀବନ କବି, ସୋମ୍ୟ ମିଶ୍ର (ଜୁନିୟର ବାବୁସାନ), କମେଡି କିଙ୍ଗ୍ ଦୟା ଉପାଧ୍ୟାୟ, ମନୋଜ ବରାଳ, ଜିନା, ପ୍ରତାପ, ଲତା ମଣ୍ଡଳ, କୁନି, ମନୀଷା, ମିଲି, ରାନେସ୍ ଏବଂ ତ୍ରିଲୋଚନ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।


ରୁଦ୍ର ପ୍ରସାଦ


ଦୟା


ଟିଙ୍କିଲି

## ଅ | ତୀ | ତ | ରୁ...

➔ଗାଙ୍ଗୁଲି ପ୍ରଡକ୍ସନ, ପୁରୀ ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ଶ୍ରୀ ପତିତପାବନ'। ସୁକୁମାର ଗାଙ୍ଗୁଲି ଏହାର ପ୍ରଯୋଜନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଶ୍ୟାମସୁନ୍ଦର, ଲକ୍ଷ୍ମୀପ୍ରିୟା ଏବଂ ଚିତ୍ରମଣି ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

➔କଲ୍ୟାଣ ଗୁପ୍ତାଙ୍କ ପ୍ରଯୋଜନା ଏବଂ ଶିବ ଭଟ୍ଟାଚାର୍ଯ୍ୟଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚିତ୍ର 'ଜୟଦେବ'। ଏଥିରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ବାଳକୃଷ୍ଣ ଦାଶ। ବ୍ୟୋମକେଶ ତ୍ରିପାଠୀ, ଶେଫାଳୀ, କମଳା, ପ୍ରଭାବତୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

➔ଓଡ଼ିଆ ଚଳଚ୍ଚିତ୍ର 'ଭାଇ ଭାଇ'ର ପ୍ରଯୋଜନା କରିଥିଲେ ଗୌର ଘୋଷ। ଏହାର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ୍। ଗୌର, ଚପଳା, ସାମୁଏଲ ସାହୁ (ବାବି), ଲୀଳାଦୁଲାରୀଙ୍କ ଅଭିନୟ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା।

# ପୂଜାଙ୍କ ଅବସୋସ

ପୂଜା ହେଗ୍‌ଡେ ବଡ଼ ପରଦା ପାଇଁ ନୂଆ ନୁହନ୍ତି। ଦକ୍ଷିଣ ଭାରତୀୟ ସିନେମା ଅବା ବଲିଉଡ୍–ବେଶ୍ କେତୋଟି ଚଳଚ୍ଚିତ୍ରରେ ସେ ଅଭିନୟ କରି ସାଉଣ୍ଟି ସାରିଛନ୍ତି ଅନେକ ପ୍ରଶଂସା। ହେଲେ ତାଙ୍କ ମନରେ ଏକ ଅବସୋସ ରହିଯାଇଛି। କଥା କ'ଣ କି, ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମହେଞ୍ଜୋଦାରୋ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଏହି ଫିଲ୍ମର ନାୟକ ସାଜିଥିଲେ ହୃତିକ୍ ରୋଶନ। ଯଦିଓ ଫିଲ୍ମଟି ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା, ହେଲେ ଏହାର ନିର୍ଦ୍ଦେଶକ ତାଙ୍କୁ ପୁଣିଥରେ ରିପିଟ୍ କରିବେ ବୋଲି ସେ ଆଶା ରଖିଛନ୍ତି। ଏ ନେଇ ପୂଜା କୁହନ୍ତି, 'ମୁଁ ଶୁଣିବାକୁ ପାଉଛି ଯେ ଆଶୁତୋଷ ସାର୍ କୁଆଡ଼େ ପୁଣି ଗୋଟିଏ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ଆଶା, ତାଙ୍କ ଶୁଭଦୃଷ୍ଟି ମୋ ଆଡ଼କୁ ପଡ଼ିବ। ଯଦି ସେ ମୋତେ ପୁଣି ଥରେ ତାଙ୍କ କ୍ୟାମ୍ପରେ ସାମିଲ କରନ୍ତି ତେବେ ଆଖିବୁଜି ହଁ ଭରିବି। ଏହାବ୍ୟତୀତ ହୃତିକ୍ ରୋଶନଙ୍କ ସହ ପୁଣିଥରେ କ୍ୟାମେରା ସାମ୍‌ନା କରିବାକୁ ମଧ୍ୟ ଆଶା ରଖିଛି। ତେବେ ମୋର ଏହି ଆଶାଦ୍ୱୟ କେବେ ପୂରଣ ହେବ ତାହା ଆଗାମୀ ସମୟ ହିଁ କହିବ।' ବର୍ତ୍ତମାନ ଦକ୍ଷିଣ ଭାରତୀୟ ସିନେମାରେ ପୂଜା ଏତେ ବ୍ୟସ୍ତ ଅଛନ୍ତି ଯେ ନିକଟରେ ଭଲ ଭଲ ଦୁଇଟି ଅଫର ସେ ହାତଛଡ଼ା କରିଛନ୍ତି।


ପୂଜା ହେଗଡେ

ରିଲିଜ୍ ଅପେକ୍ଷାରେ..

# ବୋଉର ହାତବାକ୍ସ

ବୋଉ–ଏହି ଦୁଇଟି ଶବ୍ଦର ତୁଳନା କାହା ସହିତ କରାଯାଇ ନ ପାରେ। ସେ ଜନ୍ମଦାତ୍ରୀ। ପିଲାଟିକୁ ପୃଥିବୀପୃଷ୍ଠକୁ ଆଣିବା ପରେ ତାହାର ଲାଳନପାଳନ ଦାୟିତ୍ୱ ନେଇଥାଏ। ଏପରି ଏକ ଭିନ୍ନଧରଣର ବିଷୟବସ୍ତୁକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ବୋଉର ହାତବାକ୍ସ'। ବରିଷ୍ଠ ମଞ୍ଚ ଅଭିନେତା ତଥା ନିର୍ଦ୍ଦେଶକ ନାରାୟଣ ପତି ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଖାସ୍ କଥା ହେଲା, ଦୀର୍ଘଦିନର ବ୍ୟବଧାନ ପରେ ସେ ବଡ଼ ପରଦାକୁ ଫେରିଛନ୍ତି । ସଞ୍ଜୟ ଦାସଙ୍କ ନିବେଦିତ ତଥା ଚାଇରୋସନା ଫିଲ୍ମସ ପ୍ରଡକ୍ସନ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି।


ନାରାୟଣ ପତି–ଲୋପାମୁଦ୍ରା

ଡ. ଆରତିପାଇଯୋଶୀଙ୍କ କାହାଣୀକୁ ଆଧାରକରି ଏହାର ଚିତ୍ରନାଟ୍ୟ ମଧ୍ୟ ରଚନା କରିଛନ୍ତି ନାରାୟଣ। ତା'ସହ ଏଥିରେ ସେ ଏକ ପ୍ରମୁଖ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି। ଦେବଦାସ ଛୋଟରାୟ ଓ ମାନଗୋବିନ୍ଦ ବାରିକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି କ୍ଷତିପ୍ରକାଶ ମହାପାତ୍ର। 'ଏକ ଖାଣ୍ଟି ଓଡିଆ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ଲଭ୍ , ଇମୋଶନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି।ଏହି ଫିଲ୍ମରେ ଓଡ଼ିଆ ଘରର ଚଳଣି ଓ ପରମ୍ପରାର ଝଲକ୍ ଦେଖିବାକୁ ମିଳିବ। ସିନେମାଟି ଖୁବ୍‌ଶୀଘ୍ର ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ଏହାର କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି।' ନାରାୟଣଙ୍କ ବ୍ୟତୀତ ଏଥିରେ ଲୋପାମୁଦ୍ରା ମିଶ୍ର ଏବଂ ରାଜେଶ ପଣ୍ଡା ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତ।


ସୋନାକ୍ଷୀ

# ସେହି ଦୁଇ ବର୍ଷ...

'ଦବଙ୍ଗ ଗର୍ଲ' ସୋନାକ୍ଷୀ ସିହ୍ନା ନିଜ ଅଭିନୟ ଜୀବନରେ ଏକ ସ୍ମୃତିକୁ ଏପର୍ଯ୍ୟନ୍ତ ମନେ ପକାଉଛନ୍ତି। ପୁଣି ଏପରି ଘଟଣା ସବୁଦିନ ପାଇଁ ତାଙ୍କ ହୃଦୟରେ ଜେରକ୍ସ ଭଳି ରହିଥିବ ବୋଲି କହି ବୁଲୁଛନ୍ତି। ହେଲେ ତାହା ଏମିତି କ'ଣ ଯେ, ଯାହାକୁ ବାରମ୍ବାର ମନେ ପକାଉଛନ୍ତି ଏହି ଅଭିନେତ୍ରୀ। ଅସଲ କଥା ହେଲା, ଯେତେବେଳେ ତାଙ୍କୁ ବଲିଉଡ୍‌ରେ ଡେବ୍ୟୁ କରିବାର ସୁଯୋଗ ମିଳିଲା ସେତେବେଳେ ଗୋଟିଏ କଥା ତାଙ୍କ ପାଇଁ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ତାହା ହେଲା ତାଙ୍କ ଓଜନ। ପ୍ରଥମ ସିନେମା 'ଦବଙ୍ଗ'ରେ ସାଇନ୍ କରିବା ସମୟରେ ସୋନାକ୍ଷୀଙ୍କ ଓଜନ କେତେ ଥିଲା ଜାଣନ୍ତି? ୯୦ କିଗ୍ରା। ତେଣୁ ଏହାକୁ ଯେତେଶୀଘ୍ର କମାଇବାକୁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ଏପରି କି ଫିଲ୍ମର ଶୁଟିଂକୁ ମଧ୍ୟ ସେହି ଅନୁସାରେ ଫିକ୍ସ କରାଯାଇଥିଲା। ଆଉ ତା'ପରେ ଏଥିପାଇଁ ଦିନରାତି ଲାଗିପଡ଼ିଥିଲେ ସୋନାକ୍ଷୀ। ଦୁଇ ବର୍ଷ ପରିଶ୍ରମ କରିବା ପରେ ସେ ନିଜର ଓଜନ ୯୦ରୁ ୬୦ କିଗ୍ରାକୁ କମାଇବାରେ ସକ୍ଷମ ହୋଇଥିଲେ। 'ଏହି ଦୁଇ ବର୍ଷ ମୁଁ ଯେଉଁ ପରିଶ୍ରମ କରିଛି ତାହାକୁ କଦାପି ଭୁଲିପାରିବି ନାହିଁ। ସେତେବେଳେ ସଲ୍ଲୁଜୀ (ସଲମାନ୍ ଖାଁ) ଯେଉଁ ଟିପ୍ସ ଦେଇଥିଲେ ତାହାକୁ ଗୋଟି ଗୋଟି ଅନୁସରଣ କରିବା ଯୋଗୁ ମୋର ଏହି ମିଶନ ସଫଳ ହୋଇଥିଲା ବୋଲି କହନ୍ତି ସୋନାକ୍ଷୀ।' ମଡେଲିଂରୁ ଅଭିନୟ ଜଗତରେ ପ୍ରବେଶ କରିଥିଲେ ସେ। ୨୦୦୮ ଏବଂ ୨୦୦୯ରେ ଲାକମେ ଫ୍ୟାଶନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କ୍ୟାଟ୍‌ୱାକ୍ କରିଥିଲେ ସୋନାକ୍ଷୀ।

# ସ୍ପେଶାଲ ଗିଫ୍ଟ

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ନିଜ ସ୍ପେଶାଲ ଗିଫ୍ଟ ବିଷୟରେ ଚାରିଆଡ଼େ କହି ବୁଲୁଛନ୍ତି। ତାଙ୍କୁ ଏହି ଉପହାରଟି କିଏ ଦେଇଛନ୍ତି ଜାଣନ୍ତି ? ଶାହରୁଖ୍‌ଙ୍କ ଝିଅ ସୋହାନା। ଆଉ ତାହାକୁ ସାଇତି ରଖିଛନ୍ତି ଅନନ୍ୟା। ଏ ବିଷୟରେ ସେ କହନ୍ତି, 'ଏହି ଉପହାରଟି ଏବେକାର ନୁହେଁ। ଆପଣମାନେ ଜାଣନ୍ତି ଯେ, କରନ୍ ଜୋହରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର–୨'ରୁ ମୋର ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା। ଥରେ ଏହି ଫିଲ୍ମର ଶୁଟିଂ ସେଟ୍‌କୁ ଶାହରୁଖ୍‌ଙ୍କ ଝିଅ ସୋହାନା ଆସିଥିଲେ। ଆକ୍ଟିଂ ଲାଇନ୍‌ରେ ପ୍ରବେଶ ପୂର୍ବରୁ ମୋର ତାଙ୍କ ସହ ନିବିଡ଼ ବନ୍ଧୁତା ଥିଲା। ତାକୁ ହଠାତ୍ ଶୁଟିଂ ସେଟ୍‌ରେ ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି। ସେ ମୋତେ ଦେଖି କହିଥିଲା ଯେ, ଆଜି ମୁଁ ତୋ ପାଇଁ ସାଙ୍ଗରେ ଏକ ସରପ୍ରାଇଜ୍ ଆଣିଛି। ତାହା କ'ଣ ଜାଣିବାକୁ ମୋର ଆଗ୍ରହ ବଢ଼ିବାକୁ ଲାଗିଲା। ତା'ପରେ ଆଉ ବିଳମ୍ବ ନ କରି ସୋହାନା ମୋ ହାତକୁ ସେହି ସ୍ପେଶାଲ ଗିଫ୍ଟଟି ବଢ଼ାଇ ଦେଇଥିଲା। ତାକୁ ଖୋଲିବା ପରେ ଦେଖିଲି ଯେ ତାହା ଏକ ଦାମୀ ଭ୍ୟାନିଟି ଥିଲା। ପୁଣି ଏହି ଗିଫ୍ଟଟିକୁ ସେ ପ୍ୟାରିସ୍‌ରୁ ମଗାଇଥିଲା। ତାହାକୁ ଏପର୍ଯ୍ୟନ୍ତ ମୁ ସାଇତି ରଖିଛି।' ଏବେ ନିଜ କ୍ୟାରିୟର ପ୍ରତି ବେଶ୍ ସଚେତନ ସେ। ହେଲେ ସାମ୍ବାଦିକମାନଙ୍କୁ ଦେଖିଲେ ତାଙ୍କ ହାର୍ଟ ବିଟ୍ ଟିକେ ବଢ଼ିଯାଏ। କାରଣ ତାଙ୍କର ବିଶ୍ୱାସ ରହିଛି ଯେ, ହୁଏତ ସେମାନେ ଏଣୁ ତେଣୁ କିଛି ପଚାରିପାରନ୍ତି, ଯାହାଫଳରେ ସେ ସେହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବାରେ ହୁଏତ ଅସମର୍ଥ ହୋଇପାରନ୍ତି।


ଅନନ୍ୟା

# ବାହୁଡ଼ାରେ 'ଲାଗେ ପ୍ରେମ ନଜର'

ତ୍ରିକୋଣୀୟ ପ୍ରେମ କାହାଣୀକୁ ନେଇ ନିର୍ମିତ ଓଡ଼ିଆ ସିନେମା 'ଲାଗେ ପ୍ରେମ ନଜର' ଚଳିତ ମାସ ୯ ତାରିଖ ଅର୍ଥାତ୍ ବାହୁଡ଼ାରେ ପରଦା ଉପରକୁ ଆସିବ। ଅମ୍ଲାନ ଏହାର ନାୟକ ସାଜିଥିବାବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ରିୟା, ପ୍ରିୟା ଏବଂ ରାଗିଣୀ। ଖାସ୍ କଥା ହେଲା, ବିବାହ ପରେ ବଡ଼ ପରଦାରୁ ଏକପ୍ରକାର ଦୂରେଇ ଯାଇଥିବା ପ୍ରିୟା ଚୌଧୁରୀ ଏହି ଫିଲ୍ମରୁ ପୁଣିଥରେ ଓଲିଉଡ୍‌କୁ କମ୍‌ବ୍ୟାକ୍ କରୁଛନ୍ତି। ଅନ୍ୟପକ୍ଷରେ ବବି ମିଶ୍ର, ପପି ସନ୍ତୁକା, ଅମର, ବାପି, ରିପନ, ବିନୋଦ, ଅଜୟ ପ୍ରଧାନ, ଧାରାଶ୍ରୀଙ୍କୁ ମଧ୍ୟ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ଖଗେଶ୍ୱର ଶେଜପଡ଼ା କାହାଣୀ ରଚନା କରିଥିବା ବେଳେ ସଂଳାପ ଲେଖିଛନ୍ତି ଅନ୍ୟତମ ଆଗଧାଡ଼ିର ସଂଳାପକାର ଚିନ୍ମୟ ଦାସପଟ୍ଟନାୟକ। ବ୍ୟୋମକେଶଙ୍କ ପ୍ରଯୋଜନାରେ ପ୍ରସ୍ତୁତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଏସ୍. ଦିଲୀପ ପଣ୍ଡା। 'ଚଳଚ୍ଚିତ୍ରର ଟ୍ରେଲର ଅଧିକ ଲୋକପ୍ରିୟତା ହାସଲ କରିସାରିଛି। ସମ୍ପୂର୍ଣ୍ଣ ଚଳଚ୍ଚିତ୍ରଟି ନିଶ୍ଚୟ ଦର୍ଶକମାନଙ୍କ ଦ୍ୱାରା ଆଦୃତ ହେବ। ଏହାର ଗୀତ ଓ ଭିଡିଓ ଆମରା ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହୋଇ ଲୋକପ୍ରିୟତା ହାସଲ କରିସାରିଛି। ଏହାର ଶୁଭମୁକ୍ତି ୨୫ଟି ହଲ୍‌ରେ ହେବ ବୋଲି କହନ୍ତି ପ୍ରଯୋଜନା ସଂସ୍ଥାର ସିଇଓ ରୂପାଲି ଦ୍ୱିବେଦୀ।' ବୈଦ୍ୟନାଥ ଦାସଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, କୁଲଦୀପ, ଗୌରବ, ଅସୀମା ପଣ୍ଡା, ଅର୍ପିତା ଚୌଧୁରୀ, ଦୀପ୍ତିରେଖା ପାଢ଼ୀ ଏବଂ ଅନନ୍ୟା ଶ୍ରୀତମ ନନ୍ଦ।


ଚଳଚ୍ଚିତ୍ର 'ଲାଗେ ପ୍ରେମ ନଜର'ରେ ରିୟା–ଅମ୍ଲାନ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୭/୨୦୨୨ Bhubaneswar, Thursday, July 7/ 2022

# ହାଲେପ-ରାବ୍‌କିନା ସେମିଫାଇନାଲ

ୱିମ୍ବଲଡନ (ଇଂଲଣ୍ଡ), ୬।୭ (ଏପି)

ରୋମାନିଆର ସିମୋନା ହାଲେପ ଓ କାଜାଖସ୍ତାନର ଏଲିନା ରାବ୍‌କିନା ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଦୁହେଁ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ବୁଧବାର ସେଣ୍ଟର କୋର୍ଟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ହାଲେପ ୬-୨, ୬-୪ ସେଟ୍‌ରେ ଆମଣ୍ଡା ଆନିସିମୋଭାଙ୍କୁ ପରାସ୍ତ କରିଛନ୍ତି।

**ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ୧୭ତମ ସିଡ୍ ରାବ୍‌କିନା ନମ୍ବର-୧ କୋର୍ଟରେ ଆଜଲା ଟୋମଲଜାନୋଭିକ୍‌ଙ୍କୁ ୪-୬, ୬-୨, ୬-୩ ସେଟ୍‌ରେ ହରାଇଛନ୍ତି।

୩ ବର୍ଷ ପୂର୍ବେ ୱିମ୍ବଲଡନ ଟାଇଟଲ ଜିତିଥିବା ହାଲେପଙ୍କ ପ୍ରଦର୍ଶନ ଏଥର ପ୍ରଭାବୀ ରହିଛି। ଅଲ୍ ଇଂଲଣ୍ଡ କ୍ଲବରେ ଏହି ୧୬ତମ ସିଡ୍ ରୋମାନିଆନ ଟେନିସ ତାରକାଙ୍କ ମ୍ୟାଚ ବିଜୟ ସଂଖ୍ୟା ୧୨ରେ ପହଞ୍ଚିଛି। ହାଲେପ ୨ ଥର ନିଜ ଟାଇଟଲ ଡିଫେଣ୍ଡ କରିବାର ସୁଯୋଗ ମିସ୍ କରିଥିଲେ। ୨୦୨୦ରେ କରୋନା ଭାଇରସ ମହାମାରୀ ପାଇଁ ପ୍ରତିଯୋଗିତା ବାତିଲ ହୋଇଥିବାବେଳେ ୨୦୨୧ରେ ଆହତ ସମସ୍ୟା ଯୋଗୁ ସେ ଭାଗ ନେଇପାରି ନ ଥିଲେ। ଅନ୍ୟପକ୍ଷରେ ୨୩ ବର୍ଷୀୟା ରାବ୍‌କିନା କ୍ୟାରିୟରରେ ଦ୍ୱିତୀୟ ଥରପାଇଁ ୱିମ୍ବଲଡନ ଖେଳୁଛନ୍ତି। ଗତବର୍ଷ ସେ ୪ର୍ଥ ରାଉଣ୍ଡରୁ ପରାଜିତ ହୋଇ ବିଦାୟ ନେଇଥିଲେ। ଏଥର କ୍ୟାରିୟର ଶ୍ରେଷ୍ଠ ସେମିଫାଇନାଲରେ ପହଞ୍ଚିଛନ୍ତି। ହାଲେପ କିନ୍ତୁ ୧୦ମ ଥରପାଇଁ ୱିମ୍ବଲଡନ ଖେଳୁଛନ୍ତି। ଏହା ବ୍ୟତୀତ ସେ ୩ୟ ଥର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସରେ ତିଷ୍ଠି ରହିଥିବା ଖେଳାଳିଙ୍କ ମଧ୍ୟରେ ସେ ଏକମାତ୍ର ଗ୍ରାଣ୍ଡସ୍ଲାମ ଚାମ୍ପିୟନ।



ମହିଳା ସିଙ୍ଗଲ୍‌ସ କ୍ୱାର୍ଟର ଫାଇନାଲ ମ୍ୟାଚ ଜିତିବା ପରେ ସିମୋନା ହାଲେପ।

## ମେଇତେଇଙ୍କୁ ଲୋନରେ ଆଣିଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୬।୭ (ପି.ଟି):** ମଣିପୁର ଖେଳାଳି ତଥା ଡିଫେଣ୍ଡର ଦେନେଚନ୍ଦ୍ରା ମେଇତେଇଙ୍କୁ ଲୋନ୍‌ରେ ଆଣିଛି ଓଡ଼ିଶା ଏଫ୍‌ସି। କେରଳ ବ୍ଲାଷ୍ଟର୍ସ ନିକଟରୁ ଆସନ୍ତା ସିଜିନ ପାଇଁ ମେଇତେଇଙ୍କୁ ଲୋନରେ ଅଣାଯାଇଛି। ମଣିପୁରରେ ଜନ୍ମିତ ୟେନ୍ଦ୍ରେବାମ୍ବମ ଦେନେଚନ୍ଦ୍ରା ମେଇତେଇ ମାତ୍ର ୧୦ ବର୍ଷ ବୟସରୁ ଫୁଟବଲ ଖେଳିବା ଆରମ୍ଭ କରିଥିଲେ। ପ୍ରଥମେ ନିଜ ଜିଲ୍ଲା ଆଉ ପରେ ମଣିପୁର ଜୁନିୟର ଦଳ ପାଇଁ ଫୁଟବଲ ଖେଳନ୍ତି ମେଇତେଇ। ୨୦୦୮ରେ ମୋହନ ବାଗାନ ଏ ସି ତାଙ୍କୁ ନିଜ ଏକାଡେମୀରେ ସାମିଲ କରିଥିଲା। ୨୦୦୯ରେ ଓଡ଼ିଶାର ସମ୍ବଲପୁର ଏକାଡେମୀରେ ସାମିଲ ହେବା ସହିତ ମଣିପୁର ଫେରି ପୁଣେ ଏଫ୍‌ସି ପାଇଁ ଖେଳନ୍ତି। ପୁଣେ ସହିତ ନିଜ ସମୟରେ ଦୁଇ ଥର ୧୯ ବର୍ଷରୁ କମ୍ ଆଇ ଲିଗ୍ ବିଜୟୀ ହୁଅନ୍ତି। ୫ ଅଗଷ୍ଟ ୨୦୨୦ରେ ଟ୍ରାଉ ଏଫ୍‌ସିରୁ କେରଳ ବ୍ଲାଷ୍ଟର୍ସକୁ ଯାଆନ୍ତି ମେଇତେଇ। ଚେନ୍ନାୟିନ୍ ଏଫ୍‌ସି ବିପକ୍ଷରେ ପଦାର୍ପଣ କରିଥିବା ମେଇତେଇଙ୍କୁ ମିଳିଥିଲା ୩ ବର୍ଷର ନୂଆ କଣ୍ଟ୍ରାକ୍ଟ। ଚଳିତ ବର୍ଷର ଡୁରାଣ୍ଡ କପ ପାଇଁ କେରଳ ବ୍ଲାଷ୍ଟର୍ସ ଦଳରେ ମଧ୍ୟ ଥିଲେ ମେଇତେଇ।

# ଧାୱନ ଭାରତୀୟ ଦଳର ନେତୃତ୍ୱ ନେବେ

ନୂଆଦିଲ୍ଲୀ, ୬।୭ (ପି.ଟି.)

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଚଳିତ ମାସ ୨୨ ତାରିଖରେ ପୋର୍ଟ ଅଫ୍ ସ୍ପେନ୍‌ରେ ଆରମ୍ଭ ହେବ। ଏହି ସିରିଜ ପାଇଁ ବୁଧବାର ୧୬ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ରୋହିତ ଶର୍ମା, ବିରାଟ କୋହଲି, ରିଷଭ ପନ୍ତ ଆଦିଙ୍କୁ ବିଶ୍ରାମ ଦିଆଯାଇଥିବାବେଳେ ଶିଖର ଧାୱନଙ୍କୁ ଅଧିନାୟକ ମନୋନୀତ କରାଯାଇଛି। ଅନ୍ୟ ଦୁଇ ସିନିୟର ଖେଳାଳି ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ଶାମିଙ୍କୁ ମଧ୍ୟ ବିଶ୍ରାମ ଦିଆଯାଇଛି। ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଫର୍ମ ଦେଖାଇବା ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ

**ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜ**

**ରୋହିତ, କୋହଲିଙ୍କୁ ବିଶ୍ରାମ**

କରିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ଆଗାମୀ ସିରିଜ ପାଇଁ ଦଳରେ ନିଆଯାଇନାହିଁ। ଜୁଲାଇ ୧୨ରୁ ଆରମ୍ଭ ହେବାକୁ ଯାଉଥିବା ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ସାମିଲ ନ ଥିବା ଦୀପକ ହୁଡା, ସଞ୍ଜୁ ସାମସନ, ଋତୁରାଜ ଗାଏକ୍ୱାଡ ଓ ଆଭେଶ୍ ଖାଁଙ୍କୁ କିନ୍ତୁ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପାଇଁ ଦଳରେ ସୁଯୋଗ ମିଳିଛି। ୨୦୨୦ ଡିସେମ୍ବରରେ ଶେଷଥର ପାଇଁ ଦିନିକିଆ ଖେଳିଥିବା ଶୁବମନ ଗିଲ୍‌ଙ୍କ ଉପରେ ଚୟନକର୍ତ୍ତା ଆସ୍ଥା ସ୍ଥାପନ କରିଛନ୍ତି। ରବୀନ୍ଦ୍ର ଜାଡେଜାଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି।

ଗତବର୍ଷ ଟେଷ୍ଟ ସ୍ପେଶାଲିଷ୍ଟମାନେ ଇଂଲଣ୍ଡ ଗସ୍ତରେ ଥିବାବେଳେ ଧାୱନଙ୍କ ନେତୃତ୍ୱରେ ଭାରତ ଶ୍ରୀଲଙ୍କା ଗସ୍ତରେ ଯାଇଥିଲା। ଏହାପରେ ଏହି ଭେଟେରାନ ଖେଳାଳି ଆଉ ଦିନିକିଆ ଖେଳିବାର ସୁଯୋଗ ପାଇନାହାନ୍ତି। ପ୍ରକାଶଯୋଗ୍ୟ ଯେ, ଟିମ୍ ଇଣ୍ଡିଆର ବ୍ୟସ୍ତ କାର୍ଯ୍ୟସୂଚୀ ଏବଂ ଖେଳାଳିଙ୍କ ଆହତ ସମସ୍ୟା ଯୋଗୁ ଗତ ୧ ବର୍ଷ ମଧ୍ୟରେ ରୋହିତ ଶର୍ମା, ଲୋକେଶ ରାହୁଲ, ରିଷଭ ପନ୍ତ, ହାର୍ଦ୍ଦିକ ପାଣ୍ଡ୍ୟା, ଯଶପ୍ରୀତ୍ ବୁମ୍‌ରା ଓ ଶିଖର ଧାୱନଙ୍କୁ ବିଭିନ୍ନ ସମୟରେ ଅଧିନାୟକ କରାଯାଇଥିବାରୁ ବିଭିନ୍ନ ମହଲରୁ ସମାଲୋଚନା ହେଉଛି।

ୱେଷ୍ଟଇଣ୍ଡିଜ ବିପକ୍ଷ ୩ଟି ଯାକ ଦିନିକିଆ ମ୍ୟାଚ ପୋର୍ଟ ଅଫ୍ ସ୍ପେନ୍‌ରେ ଖେଳାଯିବ। ଏହାପରେ ଭାରତୀୟ ଦଳ କାରିବିୟନ ମାଟିରେ ଏବଂ ଆମେରିକାରେ ୫ଟି ଟି୨୦ ମ୍ୟାଚ ଜୁଲାଇ ୨୯ରୁ ଅଗଷ୍ଟ ୭ ମଧ୍ୟରେ ଖେଳିବ। ଏଥିପାଇଁ ଦଳ ଘୋଷଣା କରାଯାଇନାହିଁ। ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ହେବାକୁ ଯାଉଥିବାରୁ ଭାରତ ପାଇଁ ପ୍ରତିଟି ସୀମିତ ଓଭର ମ୍ୟାଚ ଗୁରୁତ୍ୱପୂର୍ଣ୍ଣ। ଦିନିକିଆ ସିରିଜ ପାଇଁ ଦଳରେ ସ୍ଥାନ ପାଇ ନ ଥିବା ଖେଳାଳିମାନେ ଟି୨୦ ଦଳକୁ ଫେରିବା ସମ୍ଭାବନା ରହିଛି। ଟି୨୦ ମ୍ୟାଚଗୁଡ଼ିକ ତ୍ରିନିଦାଦ, ସେଣ୍ଟ କିଟ୍ସ ଏବଂ ଫ୍ଲୋରିଡ଼ାର ଲୌଡରହିଲ୍‌ରେ ଖେଳାଯିବ।

**ଭାରତୀୟ ଦଳ:** ଶିଖର ଧାୱନ (ଅଧିନାୟକ), ରବୀନ୍ଦ୍ର ଜାଡେଜା (ଉପ-ଅଧିନାୟକ), ଋତୁରାଜ ଗାଏକ୍ୱାଡ୍, ଶୁବମନ ଗିଲ୍, ଦୀପକ ହୁଡା, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ଇଶାନ କିଷନ, ସଞ୍ଜୁ ସାମସନ, ଶାର୍ଦ୍ଦୂଳ ଠାକୁର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ଆଭେଶ ଖାଁ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ।



ଶିଖର ଧାୱନ

# ଉଜ୍‌ବେକିସ୍ତାନକୁ ହରାଇଲା ଭାରତ



ଭାରତୀୟ ୨୦ ବର୍ଷରୁ କମ୍ ମହିଳା ଭଲିବଲ ଦଳ।

**ଏସିଆନ ମହିଳା ଭଲିବଲ**

**ଭୁବନେଶ୍ୱର, ୬।୭ (କ୍ରୀଡ଼ା ପ୍ରତିନିଧି):** କାଜାଖସ୍ତାନର ନୁର୍-ସୁଲତାନଠାରେ ଆରମ୍ଭ ହୋଇଛି ୨୧ତମ ଏସିଆନ ମହିଳା ୨୦ ବର୍ଷରୁ କମ୍ ଭଲିବଲ ଚାମ୍ପିୟନଶିପ୍। ବୁଧବାର ଅନୁଷ୍ଠିତ ପୁଲ୍-ବି'ର ଏକ ମ୍ୟାଚରେ ଭାରତ ୩-୦ (୨୫-୨୧, ୨୫-୧୧, ୨୫-୧୪) ସେଟ୍‌ରେ ଉଜ୍‌ବେକିସ୍ତାନକୁ ହରାଇ ପ୍ରଥମ ବିଜୟ ହାସଲ କରିଛି। ପୁଲ୍ 'ବି'ରେ ଭାରତ ଓ ଉଜ୍‌ବେକିସ୍ତାନ ବ୍ୟତୀତ ଡିଫେଣ୍ଡିଂ ଚାମ୍ପିୟନ ଚାଇନା, ଜାପାନ ଓ ଟାଇଟଲ ଦାବିଦାର ଚାଇନିଜ୍ ତାଇପେ ସ୍ଥାନ ପାଇଛି। ଭାରତୀୟ ଦଳରେ ଓଡ଼ିଶାର ୨ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ କିସ୍‌ର ସ୍ନେହମୟୀ କିଷାନ ଓ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲର ମାମାଲି ନାଗ୍। ଭାରତ ବିଜୟରେ ଏହି ଦୁଇ ଓଡ଼ିଆ ଖେଳାଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭଲିବଲ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଭାରତୀୟ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ୬ ବର୍ଷ ପରେ ଟପ୍ ଟେନ୍‌ରୁ ବାଦ୍ ପଡ଼ିଲେ କୋହଲି

**ଦୁବାଇ,୬।୭ :** ବୁଧବାର ଆଇସିସି ପକ୍ଷରୁ ପ୍ରକାଶ ପାଇଛି ବିଶ୍ୱ ଟେଷ୍ଟ ର୍‌ୟାଙ୍କିଂ। ଦୀର୍ଘ ୬ ବର୍ଷ ଧରି ଟପ୍ ଟେନରେ ରହିଥିବା ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲି ପ୍ରଥମ ପାଇଁ ଟପ୍ ଟେନ୍‌ରୁ ବାଦ ପଡିଛନ୍ତି। ତେବେ ଏଜବାଷ୍ଟନରେ ଧୂଆଁଧାର ବ୍ୟାଟିଂ କରିଥିବା ରିଷଭ ପନ୍ତ ଟପ୍ ଟେନ୍‌ରେ ପ୍ରବେଶ କରିଛନ୍ତି। ୫ ନମ୍ବର ସ୍ଥାନରେ ରହିଥିବା ପନ୍ତଙ୍କର ଏହା କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଂ। କୋଭିଡ ପାଇଁ ପୁନଃ ନିର୍ଦ୍ଧାରିତ ଅନ୍ତିମ ଟେଷ୍ଟରେ ପନ୍ତ ୧୪୬ ଓ ୫୭ ରନର ଇନିଂସ ଖେଳିଥିଲେ। ଉଲ୍ଲେଖଯୋଗ୍ୟ ଯେ, ପନ୍ତ ନିଜର ଅନ୍ତିମ ୬ଟି ଟେଷ୍ଟ ଇନିଂସରୁ ଦୁଇଟି ଶତକ ଓ ୩ଟି ଅର୍ଦ୍ଧ ଶତକ ହାସଲ କରିବାରେ ସମର୍ଥ ହୋଇଛନ୍ତି। ପନ୍ତ ୫ଟି ସ୍ଥାନର ପଦୋନ୍ନତି ସହିତ ୫ମ ସ୍ଥାନରେ ପହଞ୍ଚିଛନ୍ତି। କୋଭିଡ କାରଣରୁ ଅନ୍ତିମ ଟେଷ୍ଟ ମ୍ୟାଚ ଖେଳିନଥିବା ରୋହିତ

**ଆଇସିସି ଟେଷ୍ଟ ର୍‌ୟାଙ୍କିଂ**

ଶର୍ମା ଗୋଟିଏ ସ୍ଥାନ ତଳକୁ ଖସି ୯ମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟ ପକ୍ଷରେ କୋହଲି ୪ଟି ସ୍ଥାନ ତଳକୁ ଖସି ୧୩ ନମ୍ବର ସ୍ଥାନରେ ପହଞ୍ଚିଛନ୍ତି। ବିଗତ ୩ ବର୍ଷ ମଧ୍ୟରେ ଗୋଟିଏ ବି ଶତକ ହାସଲ କରିନଥିବା କୋହଲି ୬ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଟପ ଟେନ୍‌ରୁ ବାଦ ପଡିଛନ୍ତି।

ଭାରତ ବିପକ୍ଷ ଟେଷ୍ଟରେ ଦମଦାର ବ୍ୟାଟିଂ ସହିତ ଶତକ ହାସଲ କରିଥିବା ଜୋ ରୁଟ୍ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ରୁଟ୍ ୯୨୩ ପଏଣ୍ଟ ସହିତ ପ୍ରଥମ ସ୍ଥାନ ବଜାୟ ରଖିଥିବା ବେଳେ ଅଷ୍ଟ୍ରେଲିଆର ମାର୍ନସ୍ ଲାବୁଶେନ୍(୮୭୯) ଏବଂ ଷ୍ଟିଭ୍ ସ୍ମିଥ୍ (୮୨୬) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

# ସର୍ବଭାରତୀୟ ଡାକକ୍ରୀଡ଼ା ପାଇଁ ଓଡ଼ିଶାରୁ ୧୩ ମନୋନୀତ

**ଭୁବନେଶ୍ୱର, ୬।୭ (କ୍ରୀଡ଼ା ପ୍ରତିନିଧି):** କୋଭିଡ-୧୯ ପାଇଁ ଗତ ୨ ବର୍ଷ ଧରି ବନ୍ଦ ରହିଥିବା ସର୍ବଭାରତୀୟ ଡାକକ୍ରୀଡ଼ା ଚଳିତ ମାସ ୨୬ରୁ ୨୯ ପର୍ଯ୍ୟନ୍ତ ରାଜସ୍ଥାନରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାପାଇଁ ଓଡ଼ିଶାରୁ ମୋଟ ୧୪ ପ୍ରତିଯୋଗୀ ମନୋନୀତ ହୋଇଛନ୍ତି। ଡାକକ୍ରୀଡ଼ାର ବଡିବିଲ୍ଡିଂ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ଓଡ଼ିଶା ପ୍ରତିଯୋଗୀମାନେ ହେଲେ ଜନ୍ମେଜୟ ମହାନ୍ତି, ଏସ. କ୍ରିଷ୍ଣା ରାଓ, ଭାଦି ଶ୍ରୀକାନ୍ତ, ରଶ୍ମି ରଞ୍ଜନ ସାହୁ ଓ ସ୍ୱୟଂ ସିଦ୍ଧାନ୍ତ ହରିଚନ୍ଦନ। ଚୟନ ଟ୍ରାଏଲ ପରେ ଏହି ବଡିବିଲ୍ଡରମାନେ ଚୟନ ହୋଇଛନ୍ତି। ସେହିପରି ଶକ୍ତିଉତ୍ତୋଳନ ପାଇଁ ଅଜୟ କୁମାର ମହାପାତ୍ର, ବସନ୍ତ ମେଲକା ଓ ମଳୟ ରଞ୍ଜନ ପତି ଏବଂ ଭାରୋତ୍ତୋଳନ ପାଇଁ ନିଳାଦ୍ରୀ ସାହୁ, କାମେଶ୍ୱର ନାୟକ, ବାପୁଜୀ ବିଶ୍ୱାଳ, ବିଶ୍ୱଜିତ ପ୍ରତିହାରୀ, ମଳୟ ରଞ୍ଜନ ପତି ଏବଂ ପ୍ରଦୀପ କୁମାର ସାହୁ ମନୋନୀତ ହୋଇଛନ୍ତି।

# ବିଶ୍ୱକପ୍ ପାଇଁ ଶ୍ରେଷ୍ଠ ଏକାଦଶ ଚୟନ ଲକ୍ଷ୍ୟ

ସାଉଥମ୍ପଟନ, ୬।୭ (ପି.ଟି.)

ପରୀକ୍ଷାନିରୀକ୍ଷା ସରିଛି। ଏଣିକି ଟି୨୦ କ୍ରିକେଟ ବିଶ୍ୱକପ ପାଇଁ ଶ୍ରେଷ୍ଠ ଏକାଦଶ ଚୟନ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ। ଗୁରୁବାରଠାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଯାଉଛି ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ। ଏହି ସିରିଜ ଉପରେ ଜାତୀୟ ଚୟନ କମିଟିର ନଜର ରହିବ। କୋଭିଡ୍-୧୯ରେ ସଂକ୍ରମିତ ହୋଇଥିବାରୁ ବର୍ମିଂହାମରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଖେଳିପାରି ନ ଥିବା ଅଧିନାୟକ ରୋହିତ ଶର୍ମା ସିରିଜ ଓପନିଂ ମ୍ୟାଚରେ ଖେଳିବା ସମ୍ଭାବନା ରହିଛି। ଟେଷ୍ଟ ଖେଳିଥିବା ବିରାଟ କୋହଲି, ଯଶପ୍ରୀତ୍ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ଶ୍ରେୟାସ ଆୟାର ଓ ରିଷଭ ପନ୍ତ ପ୍ରମୁଖ ଦ୍ୱିତୀୟ ଟି୨୦ ବେଳକୁ ଦଳ ସହ ଯୋଗଦେବେ। ସେମାନଙ୍କ ଅନୁପସ୍ଥିତିରେ ଋତୁରାଜ ଗାଏକ୍ୱାଡ, ସଞ୍ଜୁ ସାମସନଙ୍କ ପରି ଯୁବ ଖେଳାଳି ପ୍ରଥମ ମ୍ୟାଚରେ ଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ତେଣୁ ଅଷ୍ଟ୍ରେଲିଆରେ ହେବାକୁଥିବା ବିଶ୍ୱକପ ପାଇଁ ଏକ ଶକ୍ତିଶାଳୀ ସମ୍ଭାବ୍ୟ ଭାରତୀୟ ଦଳ ଚୟନ ସହଜ ହେବ।

ଆହତ ସମସ୍ୟା ଯୋଗୁ ଗାଏକ୍ୱାଡ୍ ଆୟର୍ଲାଣ୍ଡ ବିପକ୍ଷ ୨ଟି ଯାକ ଟି୨୦ରେ ଇନିଂସ ଓପନ କରିପାରି ନ ଥିଲେ। ଆଗାମୀ ମ୍ୟାଚରେ ଯଦି ରୋହିତ ପ୍ରତ୍ୟାବର୍ତ୍ତନ କରନ୍ତି ତେବେ ଗାଏକ୍ୱାଡଙ୍କୁ ପୁଣି ବାହାରେ ବସିବାକୁ ହେବ। ଇଶାନ କିଷନ ପ୍ରଭାବୀ ପ୍ରଦର୍ଶନ କରି ଜଣେ ରିଜର୍ଭ ଓପନରଭାବେ ନିଜ ସ୍ଥାନକୁ

**ଭାରତ-ଇଂଲଣ୍ଡ ଟି୨୦ ସିରିଜ ଆଜିଠାରୁ**

ସୁଦୃଢ଼ କରିଛନ୍ତି। ଦ୍ୱିତୀୟ ଟି୨୦ ବେଳକୁ କୋହଲି ୩ ନମ୍ବର ସ୍ଥାନକୁ ଫେରିବା ସମ୍ଭାବନା ଥିବାରୁ ଦୀପକ ହୁଡା ପ୍ରଥମ ମ୍ୟାଚରେ ଆଉ ଏକ ମ୍ୟାଚ ବିଜୟୀ ଇନିଂସ ଖେଳି ନିଜ ସ୍ଥାନ ଦୃଢ଼ କରିବା ଲକ୍ଷ୍ୟରେ ରହିବେ। ଆୟର୍ଲାଣ୍ଡ ବିପକ୍ଷରେ ହୁଡା ଗୋଟିଏ ଇନିଂସରେ ୪୭ ରନକରି ଅପରାଜିତ ରହିଥିବାବେଳେ ଅନ୍ୟ ଇନିଂସରେ ଶତକ ହାସଲ କରିଥିଲେ। ତେଣୁ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ପ୍ଲେଇଂ ଇଲେଭେନରୁ ବାହାର କରିବା କଷ୍ଟକର ହୋଇପଡ଼ିବ। ଅନ୍‌କ୍ୟାପେଡ୍ ଖେଳାଳି ରାହୁଲ ତ୍ରିପାଠୀ ଓ ଅର୍ଶଦୀପ ସିଂ ଦଳରେ ସ୍ଥାନ ପାଇବା ସମ୍ଭାବନା କମ୍।

ଆସନ୍ତା ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ ଖେଳିବା ପୂର୍ବରୁ ଭାରତ ପାଖାପାଖି ୧୫ଟି ଟି୨୦ ମ୍ୟାଚ ଖେଳିବା କାର୍ଯ୍ୟସୂଚୀ ରହିଛି। ଏହା ମଧ୍ୟରେ ରହିଛି ଇଂଲଣ୍ଡ ବିପକ୍ଷରେ ୩ (ଚଳିତ ସିରିଜ), ୱେଷ୍ଟଇଣ୍ଡିଜ ବିପକ୍ଷରେ ୫ (ଜୁଲାଇ ୨୯ରୁ ଅଗଷ୍ଟ ୭), ଏସିଆ କପ୍ (ଅଗଷ୍ଟ-ସେପ୍ଟେମ୍ବର)ରେ ପାଖାପାଖି ୫ଟି ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ୩ (ସେପ୍ଟେମ୍ବର) ମ୍ୟାଚ।

ଇଂଲଣ୍ଡ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହି ସିରିଜରୁ ଜୋସ ବଟଲର ଯୁଗ ଆରମ୍ଭ ହେବ। ଇଅନ ମୋର୍ଗାନ ଅବସର ନେଇ ଯାଇଥିବାବେଳେ ଏଜବାଷ୍ଟନରେ ଟେଷ୍ଟ ଖେଳିଥିବା ବେନ୍ ଷ୍ଟୋକ୍ସ ଏବଂ ଜନି ବେୟାରଷ୍ଟୋଙ୍କୁ ବିଶ୍ରାମ ଦିଆଯାଇଛି। ଦଳରେ ରହିଥିବା ବଟଲର ଓ ଲିଆମ ଲିଭିଂଷ୍ଟୋନ ବିସ୍ଫୋରକ ବ୍ୟାଟିଂ କରିବାର ଦକ୍ଷତା ରଖିଛନ୍ତି।

**ଇଂଲଣ୍ଡ ଦଳ:** ଜୋସ ବଟଲର (ଅଧିନାୟକ), ମୋଇନ ଅଲୀ, ହ୍ୟାରୀ ବ୍ରୁକ୍, ସାମ୍ କୁରାନ, ରିଚାର୍ଡ ଗ୍ଲିସନ, କ୍ରିସ୍ ଜୋର୍ଡାନ, ଲିଆମ ଲିଭିଂଷ୍ଟୋନ, ଡାୱିଦ ମଲନ, ଟାଇମଲ ମିଲ୍ସ, ମାଥ୍ୟୁ ପାର୍କିନସନ, ଜାସନ ରୟ, ଫିଲ୍ ସଲ୍ଟ, ରିସି ଟୋପ୍‌ଲେ, ଡେଭିଡ ୱିଲି।

**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଇଶାନ କିଷନ, ଋତୁରାଜ ଗାଏକ୍ୱାଡ, ସଞ୍ଜୁ ସାମସନ, ସୂର୍ଯ୍ୟକୁମାର ଯାଦବ, ଦୀପକ ହୁଡା, ରାହୁଲ ତ୍ରିପାଠୀ, ଦୀନେଶ କାର୍ତ୍ତିକ, ହାର୍ଦ୍ଦିକ ପାଣ୍ଡ୍ୟା, ଭେଙ୍କଟେଶ ଆୟାର, ଯୁଜବେନ୍ଦ୍ର ଚହଲ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ଭୁବନେଶ୍ୱର କୁମାର, ହର୍ଷଲ ପଟେଲ, ଆଭେଶ ଖାଁ, ଅର୍ଶଦୀପ ସିଂ, ଉମ୍ରାନ ମଲିକ।

**ମ୍ୟାଚ ଆରମ୍ଭ ରାତି ୧୦ଟା ୩୦**



ଉମ୍ରାନ ମଲିକ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଛାତ୍ରୀଙ୍କୁ ପଛରେ ପକାଇଲେ ଛାତ୍ର

ଯାଜପୁର ଅଫିସ/ ଯାଜପୁର ଟାଉନ,୬।୭(ଡି.ଏନ.ଏ.)

## ମାଟ୍ରିକ ପରୀକ୍ଷା ଫଳ

- ସଫଳତାର ୬ଷ୍ଠ ସ୍ଥାନରେ ଯାଜପୁର
- ଏ-୧ରେ ୪୭୨ ଓ ଏ-୨ରେ ୩୩୫୨
- ଜିଲାର ପାସ୍ ହାର ୯୨.୬୧
- ଜିଲାରେ ନୀହାରିକା ଦାସ ସର୍ବାଧିକ ନମ୍ବର ରଖି କୃତକାର୍ଯ୍ୟ

ଚଳିତ ମାଟ୍ରିକ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ଯାଜପୁର ଜିଲାରୁ ୪୭୧ଜଣ ପରୀକ୍ଷାର୍ଥୀ ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ବେଳେ ଏ-୨ରେ ୩୩୫୨, ବି-୧ରେ ୬୫୯୬, ବି-୨ରେ ୬୩୪୩, ସି-ଡିଭିଜନରେ ୪୩୫୪, ଡି-ରେ ୨୪୫୨, ଇ-ରେ ୮୩୫ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ଥର ଛାତ୍ରୀଙ୍କୁ ପଛରେ ପକାଇ ଛାତ୍ର ଆଗରେ ରହିଛନ୍ତି। ଜିଲାର ବରୀ ବ୍ଲକ ଅନ୍ତର୍ଗତ ମହେଶ୍ୱର ମଲ୍ଲ ହାଇସ୍କୁଲର ଛାତ୍ରୀ ନୀହାରିକା ଦାସ ସର୍ବାଧିକ ୫୯୦ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ରତ୍ନଗିରି ପଞ୍ଚାୟତ ଅଲିଆବାଦ ଗ୍ରାମର ଲକ୍ଷ୍ମୀପ୍ରିୟା ଦାସ ଓ ନିର୍ମଳ କୁମାର ଦାସଙ୍କ ଝିଅ ନୀହାରିକା ଜଣେ କୃଷକ ପରିବାରର। ତେବେ ସେ ବରୀ ବ୍ଲକ ସମେତ ସମଗ୍ର ଜିଲା ପାଇଁ ଗୌରବ ଆଣିଥିବାରୁ ବିଧାୟିକା ସୁନନ୍ଦା ଦାସ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ୨ୟରେ ଏନସି କଲେଜ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀ ଦିବ୍ୟାଶା ପଣ୍ଡା(୫୮୯), ୩ୟରେ ମୁଣ୍ଡମାଳ ସରସ୍ୱତୀ ବିଦ୍ୟାମନ୍ଦିରର ମିହିର ପଣ୍ଡା(୫୮୫), ୪ର୍ଥରେ ଥାଲକୁଡି ଶିଶୁ ବିଦ୍ୟାମନ୍ଦିରର ଓମପ୍ରକାଶ ରଥ(୫୮୫), ୫ମରେ ସେହି ସ୍କୁଲର ପ୍ରାଚୀପ୍ରଜ୍ଞା ଗୋସ୍ୱାମୀ(୫୮୪), ୬ଷ୍ଠରେ କଟିକଟାର ଗାନ୍ଧୀସ୍ମୃତି ହାଇସ୍କୁଲର ସୌମ୍ୟ ରଞ୍ଜନ ସାହୁ(୫୮୪), କୋରେଇ ବ୍ଲକ ଦୁଲାଖପାଟଣା ହାଇସ୍କୁଲର ବିଶ୍ୱଜିତ ପାଗଳ(୫୮୩), ଯାଜପୁର ରୋଡ ମଧୁସୂଦନନଗର ଶିଶୁ ବିଦ୍ୟାମନ୍ଦିରର ଅଂଶୁମାନ ସାହୁ(୫୮୩), ୮ମରେ ଥାଲକୁଡି ଶିଶୁ ବିଦ୍ୟାମନ୍ଦିରର ପ୍ରଜ୍ଞାଶ୍ରୀ ମଲ୍ଲିକ(୫୮୩) ଏବଂ ୧୦ମ ସ୍ଥାନରେ ସେହି ଥାଲକୁଡି ଶିଶୁ ବିଦ୍ୟାମନ୍ଦିରର ଯଶରାଜ ସାହୁ(୫୮୩) ରହି ଜିଲା ଏବଂ ନିଜ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।


ଜିଲାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ନୀହାରିକା ଦାସ।

ଏହି ପରୀକ୍ଷାର ରେଗୁଲାର ରେଜଲ୍ଟରେ ଜିଲାର ପାସ୍ ହାର ୯୨.୬୧ ପ୍ରତିଶତ ରହିଥିବାବେଳେ ମୋଟ୍ କୃତକାର୍ଯ୍ୟଙ୍କ ସଂଖ୍ୟା ୨୪୪୦୩ ରହିଛି। ତନ୍ମଧ୍ୟରୁ ଛାତ୍ରୀଙ୍କ ସଂଖ୍ୟା ୧୨୦୯୨ ହୋଇଥିବା ବେଳେ ଛାତ୍ରଙ୍କ ସଂଖ୍ୟା ୧୨୩୧୧ ବୋଲି ଜଣାପଡ଼ିଛି। ଚଳିତବର୍ଷ ଜିଲାର ୪୪୩ଟି ପରୀକ୍ଷା କେନ୍ଦ୍ରରେ ୨୬୩୫୧ ଜଣ ପରୀକ୍ଷା ଦେବା ପାଇଁ ଫର୍ମ ଫିଲପ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୬୧ ଛାତ୍ରୀଛାତ୍ର କୌଣସି କାରଣରୁ ଅନୁପସ୍ଥିତ ଥିଲେ। ପରୀକ୍ଷା ଦେଇଥିବା ଅବଶିଷ୍ଟ ପିଲାଙ୍କ ମଧ୍ୟରୁ ଉପରୋକ୍ତ ସଂଖ୍ୟକ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ରାଜ୍ୟରେ ଏହି ଜିଲା ପାସ ହାରରେ ୬ଷ୍ଠ ସ୍ଥାନରେ ରହିଛି।

ଅନ୍ୟପକ୍ଷରେ ଏକ୍ସ-ରେଗୁଲାର ପାସହାର ଜିଲାରେ ୬୩.୩୫ ପ୍ରତିଶତ ରହିଥିବା ବେଳେ ଏମାନଙ୍କ ମଧ୍ୟରୁ କେହି ଜଣେ ମଧ ଏ-୧ କିମ୍ବା ଏ-୨ ଅବା ବି-୧ରେ ପାସ କରିବାର ସୌଭାଗ୍ୟ ଅର୍ଜନ କରିନାହାନ୍ତି। ଏକ୍ସ-ରେଗୁଲାରରେ ବି-୨ ଡିଭିଜନରେ ୧୪ଜଣ, ସି-ଡିଭିଜନରେ ୫୨ ଜଣ, ଡି-ଡିଭିଜନରେ ୭୨ଜଣ, ଇ-ଡିଭିଜନରେ ୨୧ଜଣ ରହିଛନ୍ତି। ଏଫ-ଡିଭିଜନରେ ୪୬ ଜଣ ରହିଛନ୍ତି। ସେଥିରୁ ଛାତ୍ରୀଙ୍କ ସଂଖ୍ୟା ୮୬ ହୋଇଥିବାବେଳେ ଛାତ୍ରଙ୍କ ସଂଖ୍ୟା ୭୩ ରହିଛି। ମୋଟ୍ ୨୦୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୫୯ ଜଣ କୃତକାର୍ଯ୍ୟ ହୋଇଛନ୍ତି।

## ଦାନଗଦୀ ବ୍ଲକରେ ଏ-୧ରେ ୧୪ ଉତ୍ତୀର୍ଣ୍ଣ

ଦାନଗଦୀ/କଳିଙ୍ଗନଗର, ୬।୭ (ଡି.ଏନ.ଏ.)

ଦାନଗଦୀ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୪ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବୁଦ୍ଧରାଜ ବିଦ୍ୟାପୀଠର ୯ଜଣ ଛାତ୍ରୀଛାତ୍ର ରହିଛନ୍ତି। ବିଦ୍ୟାପୀଠର ଏ-୧ରେ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀ ହେଲେ ବର୍ଷା ପ୍ରିୟଦର୍ଶିନୀ ପଥାଳ(୫୫୭), ଏଲିନା ରାଉଳ(୫୫୩), ସୌରଭ ଅଶୁତୋଷ ବାରିକ (୫୪୭), ବାବନ କୁମାର ପାତ୍ର(୫୪୩), ସ୍ୱପ୍ନା ସାଗଡିକା(୫୪୨), ବିଦୁସ୍ମିତା ଦାସ (୫୪୨), ସ୍ମୃତି ମେହେର (୫୪୦) ଓ ସାଦିଆ ସେହେନାଜ (୫୪୦)। ସେହିପରି ଟମକା ସରକାରୀ ଉଚ୍ଚ ବିଦ୍ୟାଳୟର ମେଘନା ରାଣୀ ସାହୁ(୪୯୫), ଉଚ୍ଚବାଲି ହାଇସ୍କୁଲର ମାଧୁରୀ ସାହୁ(୫୬୧), ପଞ୍ଚାୟତ ହାଇସ୍କୁଲ ରାଣୀପଡାର ପ୍ରଭାତ ରଞ୍ଜନ ସାହୁ (୫୫୨) ଏବଂ ଜ୍ୟୋତ୍ସ୍ନାରାଣୀ ସାହୁ (୫୪୧)ଙ୍କ ସମେତ ବାଙ୍ଗରକୋଟା ଚାରିସମ୍ପ୍ରଦା ବିଦ୍ୟାପୀଠର ଭାଗ୍ୟଲକ୍ଷ୍ମୀ ବଳ (୫୫୧) ଏ-୧ରେ ଉତ୍ତୀର୍ଣ୍ଣ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି।

## ବଡ଼ଚଣାରେ ପାସ୍ ହାର ୯୮.୪୮%

ଚଣ୍ଡିଖୋଲ,୬।୭(ଡି.ଏନ.ଏ.)

- ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୨୬ଜଣ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ

ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନରେ ଚଳିତଥର ୩୧୬୮ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୯୮.୪୮ ପ୍ରତିଶତ ଅର୍ଥାତ୍ ୩୧୨୦ ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରେ ୫୬ଜଣ ଏ-୧ ଗ୍ରେଡ୍ ପାଇଛନ୍ତି। ସେହିଭଳି ଏ-୨ ଗ୍ରେଡ୍‌ରେ ୪୩୬ଜଣ, ବି-୧ରେ ୧୦୪୬ ଓ ବି-୨ରେ ୭୭୭, ସି ଗ୍ରେଡ୍‌ରେ ୪୯୩, ଡି ଗ୍ରେଡ୍‌ରେ ୨୪୬, ଇ ଗ୍ରେଡ୍‌ରେ ୬୬ ଓ ୪୮ଜଣ ଅକୃତକାର୍ଯ୍ୟ ହୋଇଥିବା ସୂଚନା ମିଳିଛି। ତେବେ ଏ-୧ ଗ୍ରେଡ୍ ମଧ୍ୟରୁ କେବଳ ୨୬ଜଣ ହେଉଛନ୍ତି ବାଲିଚନ୍ଦ୍ରପୁରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଛାତ୍ରୀଛାତ୍ର। ସର୍ବାଧିକ ୫୭୭ ନମ୍ବର ରଖି ଏହି ଶିଶୁ ବିଦ୍ୟାମନ୍ଦିରର ସୁଭମ ଶତପଥୀ ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସମରେଶ୍ୱର ବିଦ୍ୟାପୀଠର ଛାତ୍ରୀ ଅଙ୍କିତା ମହାପାତ୍ର ୫୭୨ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାଲିଚନ୍ଦ୍ରପୁରର ପ୍ରିୟରଞ୍ଜନ ସାହୁ ୫୬୭ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପଲ୍ଲିପ୍ରଭା ବିଦ୍ୟାୟନର ମନଦୀପ ଜେନା ୫୬୬ ମାର୍କ ରଖି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ବହୁ ବିଦ୍ୟାଳୟ ଚଳିତ ଥର ଶତ ପ୍ରତିଶତ ସଫଳତା ହାସଲ କରିଥିବା ବେଳେ କଳ୍ପନାଦେବୀ ବିଦ୍ୟାନିକେତନର ଏ-୧ରେ ୨ଜଣ, ସମରେଶ୍ୱର ବିଦ୍ୟାପୀଠର ୫ଜଣ, ବଡ଼ଚଣା ସରକାରୀ ବିଦ୍ୟାଳୟର ୨ଜଣ, କେଏଚବି ଉଚ୍ଚବିଦ୍ୟାଳୟର ୩ଜଣ, ସହଦେବ ବିଦ୍ୟାପୀଠର ୨ଜଣ ଏ-୧ ଗ୍ରେଡ୍‌ରେ ପାସ କରିଥିବା ସୂଚନା ମିଳିଛି।


ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ଶୁଭମ ଶତପଥୀ।

## ଆର୍‌ଆଇଙ୍କୁ ଆକ୍ରମଣ, ଥାନାରେ ଏତଲା

ଖୋର୍ଦ୍ଧା ଅଫିସ,୬।୭

ବୁଧବାର ବେଗୁନିଆ ତହସିଲ ବାମଡିହ ଛକରେ ଚଢ଼ାଉ ସମୟରେ ବାଘମାରୀ ଆରଆଇ ମନୋଜ କୁମାର ଦାସଙ୍କୁ ଚୋରାଚାଲାଣକାରୀ ଆକ୍ରମଣ ନେଇ ତହସିଲଦାର ପୃଥ୍ୱିରାଜ ମଣ୍ଡଳ ସମ୍ପୃକ୍ତ ଆରଆଇଙ୍କ ରିପୋର୍ଟକୁ ଭିତ୍ତିକରି ବାଘମାରୀ ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ବାମଡିହ ଛକରୁ ବାଘମାରୀ ଅଭିମୁଖେ ଚୋରାଚାଲାଣ ଚାଲିଥିବା ଖବରପାଇ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ବାଘମାରୀ ଆରଆଇ ମନୋଜ ଛକରେ ଚଢ଼ାଉ କରିଥିଲେ। ଏହି ସମୟରେ ମାଙ୍କଡା ପଥର ବୋଝେଇ ଟ୍ରକ(ଓଆର୦୯-ଇ-୧୮୮୨) ବାଘମାରୀ ପଟକୁ ଯାଉଥିବା ବେଳେ ଅଟକାଇଥିଲେ। ତେବେ ଟ୍ରକ ଡ୍ରାଇଭର ଗାଡ଼ି ନ ଅଟକାଇ ସିମୋର ରାସ୍ତା ଦେଇ ଖସିଯିବାକୁ ଉଦ୍ୟମ କରିଥିଲେ। ମନୋଜ ତାଙ୍କୁ ପିଛା କରି ଟ୍ରକକୁ ଅଟକାଇ କାଗଜପତ୍ର ମାଗିଥିଲେ। ତେବେ କାଗଜପତ୍ର ଦେଖାଇବା ପରିବର୍ତ୍ତେ ଧମକ ଦେବା ସହ ଜୀବନରେ ମାରିଦେବାକୁ ଧମକ ଦେଇ ଧକ୍କା ମାରି ବାଙ୍କି ଅଭିମୁଖେ ପଳାଇ ଥିଲା। ଏହି ତହସିଲରେ ଚୋରାଚାଲାଣ ରୋକିବା ଲାଗି ଚଢ଼ାଉ ଜାରି ରହିଛି। ଆଗକୁ ଏଭଳି ଘଟଣା ପନୁରାବୃତି ଘଟିପାରେ । ତେଣୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ଅଭିଯୋଗରେ ଉଲ୍ଲେଖ ରହିଛି।

## ଧର୍ମଶାଳା ବ୍ଲକରେ ପାସ୍ ହାର ୯୩.୬୨%

ଧର୍ମଶାଳା,୬।୭(ଡି.ଏନ.ଏ.)

### ସର୍ବାଧିକ ମାର୍କ ରଖିଲେ କ୍ରିଷ୍ଟାଙ୍ଗୀ ନାୟକ

ଚଳିତ ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଧର୍ମଶାଳା ବ୍ଲକରେ ରେଗୁଲାରରେ ୩୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯୫୧ଜଣ ପରୀକ୍ଷା ଦେଇଥିବା ବେଳେ ୯୩.୬୨ହାରରେ ୨୭୬୩ଜଣ ପିଲା ପାସ କରିଥିବା ଜିଲା ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ଏଥିମଧ୍ୟରୁ ୧୧ଟି ହାଇସ୍କୁଲର ୩୫ଜଣ ଛାତ୍ରୀଛାତ୍ର ଏ-୧ରେ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ଜାରକାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର କ୍ରିଷ୍ଟାଙ୍ଗୀ ନାୟକ ସର୍ବାଧିକ ୫୮୨ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଶିକ୍ଷାକେନ୍ଦ୍ରର ୪୯ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତ ଛାତ୍ରୀଛାତ୍ର ୭୦ଭାଗରୁ ଅଧିକ ମାର୍କ ରଖି ପାସ୍ ହୋଇଛନ୍ତି। ଏ-୧ରେ ୧୦ଜଣ, ଏ-୨ରେ ୨୯, ବି-୧ରେ ୧୦ଜଣ ମୋଟ ୪୯ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ଶିକ୍ଷାକେନ୍ଦ୍ରର ଏ-୧ରେ ଅଂଶୁମାନ ସ୍ୱାଇଁ ୫୬୩, ଅଭିଶେକ ଶତପଥୀ ୫୫୬, ପ୍ରୀତିପ୍ରିୟା ରାୟ, ୫୪୯, ପ୍ରିୟମ୍ବଦା ନାୟକ ୫୪୮, ସମୀକ୍ଷା ଓଝା ଓ ଅର୍ପିତା ଦାସ ୫୪୬, ଆୟୁଷ ବେହେରା ୫୪୫, ବୈଶାଖୀ ବେହେରା ୫୪୩, ହିତେଶ କୁମାର ଜେନା ୫୪୨ମାର୍କ ରଖିଛନ୍ତି। ଏନେଇ ଛାତ୍ରୀଛାତ୍ର ଅଭିଭାବକ ଓ ଶିକ୍ଷାକେନ୍ଦ୍ରର ଶିକ୍ଷା ପଦ୍ଧତିକୁ ପ୍ରଶଂସା କରିଛନ୍ତି।


ବ୍ଲକରେ ସର୍ବାଧିକ ମାର୍କ ରଖିଥିବା ଛାତ୍ରୀ କ୍ରିଷ୍ଟାଙ୍ଗୀ ନାୟକ।

ସେହିପରି ଧର୍ମଶାଳା ବାଣୀପୀଠର ୧୨୯ଜଣରୁ ୧୨୯ଜଣ ପାସ କରିଥିବା ବେଳେ ଏ-୧ରେ ଦିବ୍ୟରଞ୍ଜନ ବେହେରା ୫୪୫ନମ୍ବର ରଖି ଉର୍ତ୍ତୀଣ୍ଣ ହୋଇଛନ୍ତି। କାଏମା ଲାଲ ବାହାଦୂର ହାଇସ୍କୁଲର ସୁଚିସ୍ମିତା ପାଢ଼ୀ ୫୪୮ ଓ ପ୍ରଜ୍ଞାପରମିତା ମଣ୍ଡଳ ୫୪୪, ଦେଓଦା ବଳଦେବଜୀଉ ଉଚ୍ଚ ବିଦ୍ୟାଳୟର ଶିତିପ୍ରଜ୍ଞା ସାହୁ ୫୪୦, ଅରାବଳ ପିଏମ୍ ଏକାଡେମୀର ସଙ୍କେତ ସ୍ୱାଇଁ ୫୬୨, ଅଂଶୁମାନ ପତି ୫୫୦, ସତ୍ୟଜିତ ମହାରଣା ୫୪୮, ରୁଦ୍ରନାରାୟଣ ପାଣିଗ୍ରାହୀ ୫୪୫ ମାର୍କ ରଖି ପାସ୍ କରିଛନ୍ତି। ଅରେଇକଣା ହାଇସ୍କୁଲ ଦେବଦର୍ଶିନୀ ମିଶ୍ର ୫୫୮, ଲକ୍ଷ୍ମୀପ୍ରିୟା ଜେନା ୫୪୨, ଆକାଶ ରାୟ ଓ ସନ୍ଦୀପ ରାଉତ ୫୪୧, ବିଛାଖଣ୍ଡି ପଞ୍ଚାୟତ ହାଇସ୍କୁଲର ରାଜଲକ୍ଷ୍ମୀ ସାହୁ (କ) ୫୬୪ ଓ ରାଜଲକ୍ଷ୍ମୀ ସାହୁ(ଖ) ୫୪୨, ସୋରେଇଶ୍ୱର ହାସ୍କୁଲ ରୂପମ ସାହୁ ୫୪୬, ପୃଥ୍ୱୀରାଜ ୫୪୨, ଲୋପାମୁଦ୍ରା ସାହୁ ୫୪୧, ରୁଦ୍ରନାରାୟଣ ସାହୁ ୫୪୦, ଜେନାପୁର ହାଇସ୍କୁଲର ରଶ୍ମିରଞ୍ଜନ ବିଶ୍ୱାଳ ୫୪୫ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ରେଖିଦେଇପୁର ଓ ପଟୁଣିଆ ହାଇସ୍କୁଲର ୩ଜଣ ଲେଖାଏ ପରୀକ୍ଷାର୍ଥୀ ଏ-୧ରେ ପାସ କରିଛନ୍ତି। ଜେନାପୁର ହାଇସ୍କୁଲ, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଧର୍ମଶାଳା ପାଣୀପୀଠ, ଅରାବଳ ପିଏମ୍ ଏକାଡେମୀ, ବିବେକାନନ୍ଦ ଶିକ୍ଷାନିକେତନ ଓ ଜାରକା ହାଇସ୍କୁଲର ଶତପ୍ରତିଶତ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାଯାଇଛି। ରାଜ୍ୟରେ ପାସ ହାର ୯୦.୫୫ହୋଇଥିବା ବେଳ ଧର୍ମଶାଳା ବ୍ଲକରେ ପାସ ହାର ୯୩.୬୨ ପ୍ରତିଶତ ରହିଥିବା ଜଣାଯାଇଛି।

## କାଳିଆପାଣି ହାଇସ୍କୁଲର ୩ଛାତ୍ର ଏ-୧ରେ ପାସ୍

କାଳିଆପାଣି,୬।୭(ଡି.ଏନ.ଏ.)

ଓଡ଼ିଶା ଖଣି ନିଗମ ଦ୍ୱାରା ପରିଚାଳିତ କାଳିଆପାଣି ହାଇସ୍କୁଲର ୩ଜଣ ଛାତ୍ର ମାଟ୍ରିକ ପରୀକ୍ଷାରେ ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଛାତ୍ର ରତିରଞ୍ଜନ ମହାନ୍ତ ୯୩.୩୩% ମାର୍କ ରଖିଥିବା ବେଳେ, ବିଷ୍ଣୁ ପ୍ରସାଦ ମହାନ୍ତ ୯୨.୩୩ ଓ ବିଶ୍ୱଜିତ ରାଉତ ୯୧.୬୬% ମାର୍କ ରଖିଛନ୍ତି। ତେବେ ସ୍କୁଲ୍ ଇତିହାସରେ ଏହା ପ୍ରଥମ ଘଟଣା ହୋଇଥିବାରୁ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଜେନା କହିଛନ୍ତି, ଛାତ୍ରୀଛାତ୍ରଙ୍କ ପରିଶ୍ରମ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗ ଯୋଗୁ ଆଜି ଏହି ସଫଳତା ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ୭୪ଜଣ ପ୍ରଥମ, ୭ଜଣ ଦ୍ୱିତୀୟ ଓ ୨ଜଣ ତୃତୀୟ ଡିଭିଜନରେ ପାସ କରିଛନ୍ତି। ସ୍କୁଲର ଏହି ସଫଳତା ପାଇଁ ଖଣି ନିଗମର ଆଞ୍ଚଳିକ ପରିଚାଳକ ଇଂ. ପ୍ରସନ୍ନ ସ୍ୱାଇଁ, ବରିଷ୍ଠ ପରିଚାଳକ ଇଂ. ବୈଷ୍ଣବ ମଲ୍ଲିକ, ଶ୍ରମିକ ନେତା ନାରାୟଣ ଧୀର, ଖବରଦାତା ବିଶ୍ୱଜିତ ନାୟକ ପ୍ରମୁଖ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୩ ଅନାଥ ଛାତ୍ରୀ ଉତ୍ତୀର୍ଣ୍ଣ



ଯାଜପୁର ରୋଡ,୬।୭(ଡି.ଏନ.ଏ.)

### ବ୍ୟାସନଗର ଅନ୍ନପୂର୍ଣ୍ଣା କନ୍ୟାଶ୍ରମ ଛାତ୍ରୀଙ୍କ ସଫଳତା

ବ୍ୟାସନଗର ଅନ୍ନପୂର୍ଣ୍ଣା କନ୍ୟାଶ୍ରମର ୩ ଅନାଥ ଆଦିବାସୀ ଛାତ୍ରୀ ଚଳିତ ମାଟ୍ରିକ ପରୀକ୍ଷାରେ ବି-୧ ଓ ବି-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ମେଞ୍ଚି ମୁଣ୍ଡା, ସୁରୁ ମୁଣ୍ଡା ଓ ପୂର୍ଣ୍ଣିମା ସାମଲ। ଦାନଗଦି ବୁଦ୍ଧରାଜା ନୋଡାଲ ବିଦ୍ୟାପୀଠର ଛାତ୍ରୀ ମେଞ୍ଚି ୪୩୭ ମାର୍କ ରଖି ବି-୧, ସୁରୁ ୪୨୬ ମାର୍କ ପାଇ ବି-୧ ଏବଂ ପୂର୍ଣ୍ଣିମା ୩୯୮ ମାର୍କ ପାଇ ବି-୨ ଗ୍ରେଡରେ ପାସ୍ କରିଛନ୍ତି। ଏହି ୩ ଛାତ୍ରୀଙ୍କ ମା'ବାପା କେହି ନ ଥିବାରୁ ସେମାନେ ଆଶ୍ରମ ରହୁଥିଲେ । ଏହି ଖବର ଜଣାପଡିବା ପରେ ଆଶ୍ରମରେ ଖୁସିର ଲହରି ଖେଳି ଯାଇଛି। ଅନ୍ନପୂର୍ଣ୍ଣା ଆଶ୍ରମ କର୍ତ୍ତୃପକ୍ଷ ପ୍ରାୟ ୪ ବର୍ଷ ତଳେ ଉପରୋକ୍ତ ଅନାଥ ଛାତ୍ରୀମାନଙ୍କୁ ଉଦ୍ଧାର କରି ଲାଳନପାଳନ କରିବା ସହ ଉଚ୍ଚ ଶିକ୍ଷା ଦେବା ଉଦ୍ଦେଶ୍ୟରେ ପାଠ ପଢାଇଥିଲେ। ଆରମ୍ଭରୁ ଏମାନେ ପାଠପଢାରେ ଦୁର୍ବଳ ଥିବାବେଳେ କ୍ରମଶଃ ଆଶ୍ରମ କର୍ତ୍ତୃପକ୍ଷଙ୍କ ଉଦ୍ୟମରେ ମେଧାବୀ ହୋଇ ପାରିଛନ୍ତି ବୋଲି ଜଣାପଡିଛି। ଭବିଷ୍ୟତରେ ଏହି ଛାତ୍ରୀମାନେ ସୈନିକ, ପୋଲିସ ଓ ଡାକ୍ତର ହେବାକୁ ଆଶା ରଖିଛନ୍ତି। ଏହି ସଫଳତା ଅନ୍ୟ ଅନାଥ ଛାତ୍ରୀଛାତ୍ରଙ୍କ ପାଇଁ ଉଦାହରଣ ହେବ ବୋଲି ଆଶ୍ରମର ଅଧୀକ୍ଷିକା ପଙ୍କଜିନୀ ସାହୁ ପ୍ରକାଶ କରିଛନ୍ତି।

## ଆଜି କ'ଣ କେଉଁଠି

**ଧର୍ମଶାଳା**

- ମୁନ୍‌ସୀ ମିଳନ ଓ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଓଁକାର ଭଜନ ସନ୍ଧ୍ୟା। ସ୍ଥାନ: ଧର୍ମଶାଳା ହାଟ ପଡ଼ିଆ, ସମୟ: ସନ୍ଧ୍ୟା ୭ଘଟିକାରୁ ରାତ୍ର ୧୦ଘଟିକା।

## ଧର୍ମଶାଳାରେ ଖୋଲିବ ଜେଏମ୍‌ଏଫ୍‌ସି କୋର୍ଟ

ଧର୍ମଶାଳା,୬।୭(ଡି.ଏନ.ଏ.)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଞ୍ଚଳରେ ଏକ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବ। ଏନେଇ ସରକାରଙ୍କ ପକ୍ଷରୁ ଆଇନ ବିଭାଗ ଅତିରିକ୍ତ ସଚିବ ସୁରେନ୍ଦ୍ର କୁମାର ସାହୁ ଚିଠି ସଂଖ୍ୟା ୭୫୦୨ ତା ୫।୭।୨୦୨୨ରିଖରେ ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇଛନ୍ତି। ତେବେ କୋର୍ଟ କେବେ ପ୍ରତିଷ୍ଠା ହେବ ଓ କେବେ କାର୍ଯ୍ୟକାରୀ ହେବ ସେ ନେଇ ସ୍ପଷ୍ଟ ସୂଚନା ମିଳି ପାରିନାହିଁ। ପ୍ରକାଶଯୋଗ୍ୟ, ଧର୍ମଶାଳା ଅଞ୍ଚଳରେ ଜେଏମ୍‌ଏଫ୍‌ସି କୋର୍ଟ ଖୋଲିବା ପାଇଁ ଦୀର୍ଘ ବର୍ଷ ହେଲା ଦାବି ହୋଇ ଆସୁଥିଲା। ତେବେ ଲୋକଙ୍କ ଦାବି ପୂରଣ ହୋଇଥିବାରୁ ସ୍ଥାନୀୟ ଆଇନଜୀବୀ ସନ୍ତୋଷ ତରାଇ, ଧ୍ରୁବଚରଣ ବେହେରା, କ୍ଷୀରୋଦ ଚନ୍ଦ୍ର ମୁଦୁଲି, କେଦାରେଶ୍ୱର ଦାଶ, ସୋମନାଥ ସାହୁ ଓ ଅର୍ଜୁନ ନାୟକ ପ୍ରମୁଖ ଖୁସି ପ୍ରକଟ କରିଛନ୍ତି। ଅନ୍ୟପକ୍ଷରେ ଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଦାବି ହୋଇଛି।

## ନଗଡ଼ାର ୫ ଜୁଆଙ୍ଗ ଛାତ୍ରୀଛାତ୍ର କୃତକାର୍ଯ୍ୟ

କାଳିଆପାଣି,୬।୭(ଡି.ଏନ.ଏ.)

ଚଳିତ ମାଟ୍ରିକ ପରୀକ୍ଷାରେ ନଗଡ଼ା ଅଞ୍ଚଳରୁ ପରୀକ୍ଷା ଦେଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ କାଳିଆ ପଧାନ, ମିଟୁ ପଧାନ, ନିଧିଆ ପଧାନ, ବାଉରିଆ ପଧାନ ଓ ସାଇତା ପଧାନ। ଲଟିଆ ପଧାନ ଓ ରବି ପଧାନ ଅକୃତକାର୍ଯ୍ୟ ହୋଇଛନ୍ତି। ନିଶାକର ପଧାନ ପରୀକ୍ଷା ଦେଇ ନ ଥିଲେ। ଶିଶୁମୃତ୍ୟୁ ନେଇ ୨୦୧୬ରେ ନଗଡ଼ା ଚର୍ଚ୍ଚାକୁ ଆସିଥିଲା। ତେବେ ଶିକ୍ଷା ଅଭାବରୁ ଏଠାରେ ଶିଶୁ ମୃତ୍ୟୁ ହୋଇଥିବା ସେତେବେଳ ଅଭିଯୋଗ ହୋଇଥିଲା। ଏହାପରେ ନଗଡ଼ା ଅଞ୍ଚଳର ପିଲାମାନଙ୍କୁ ପାଠ ପଢ଼ାରେ ପ୍ରୋତ୍ସାହନ ଦିଆଯାଇଥିଲା। ତେବେ ପିଲାମାନେ ଭଲ ରେଜଲ୍ଟ କରିଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ଖୁସିବ୍ୟକ୍ତ କରିଛନ୍ତି।

## ଅର୍ଦ୍ଧେନ୍ଦୁଙ୍କୁ ଗିରଫ ପ୍ରତିବାଦରେ ଜିଲାପାଳଙ୍କୁ ଦାବିପତ୍ର


ଖବରଦାତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଯାଜପୁର ଟାଉନ,୬।୭(ଡି.ଏନ.ଏ.)

ଖବରଦାତା ଅର୍ଦ୍ଧେନ୍ଦୁ ଦାସଙ୍କ ଗିରଫ ପ୍ରତିବାଦରେ ଯାଜପୁର ଜିଲାର କାର୍ଯ୍ୟରତ ଖବରଦାତା ବୁଧବାର ଜିଲାପାଳଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଖବରଦାତାମାନେ ସହର ପରିକ୍ରମା କରି ବିକ୍ଷୋଭ ପ୍ରଦାନ କରିବା ପରେ ଭାରପ୍ରାପ୍ତ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାସଙ୍କୁ ଅମୂଳକ ଅଭିଯୋଗରେ ଗିରଫ କରାଯାଇଛି। ତେଣୁ ତାଙ୍କୁ ଜାମିନ ପ୍ରଦାନ କରିବା ସହ ତାଙ୍କ ବିରୋଧରେ ଲଗାଯାଇଥିବା ମିଥ୍ୟା ମାମଲାକୁ ଖାରଜ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲାର ବହୁ କାର୍ଯ୍ୟରତ ଖବରଦାତା ଉପସ୍ଥିତ ଥିଲେ।

## ଆର୍‌ଆଇଙ୍କୁ ଅପହରଣରେ ବ୍ୟବହୃତ ଗାଡ଼ି ଜବତ

ଚଣ୍ଡିଖୋଲ,୬।୭(ଡି.ଏନ.ଏ.)

ଦର୍ପଣ ତହସିଲ ଅନ୍ତର୍ଗତ ବନ୍ଦରେଶ୍ୱର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ସୋମନାଥ ସାମଲଙ୍କୁ ମେ' ୧୯ରେ ଅପହରଣ କରାଯାଇ ମାଡ଼ ମରାଯାଇଥିଲା। ତେବେ ଏହି ଅପହରଣରେ ବ୍ୟବହୃତ ଫର୍ଚ୍ଚୁନର ଗାଡି (ଓଡି-୦୨-ଏଜେଡ୍-୫୨୨୬)କୁ ବାଲିଚନ୍ଦ୍ରପୁର ପୋଲିସ ମଙ୍ଗଳବାର ରାତିରେ ବରଦା ଗ୍ରାମରେ ଚଢ଼ାଉ କରି ଜବତ କରିଛି। ଅପହରଣର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଅନନ୍ତ ନାରାୟଣ ଧଳଙ୍କ ଘରେ ଗାଡ଼ିଟି ରହିଥିଲା। ସୂଚନା ମୁତାବକ, ବନ୍ଦରେଶ୍ୱର ରାଜସ୍ୱ ନିରୀକ୍ଷକ ସୋମନାଥ ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ସମୟରେ ଅନନ୍ତ ନାରାୟଣଙ୍କ ନେତୃତ୍ୱରେ ୫ଜଣ ଯୁବକ ହଠାତ ପହଞ୍ଚି ଲିଗାଲ ହେୟାର ସାର୍ଟିଫିକେଟରେ ତଦନ୍ତ ରିପୋର୍ଟ ହେରଫେର ପାଇଁ ଧମକ ଦେଇଥିଲେ। ସୋମନାଥ ରାଜି ନ ହେବାରୁ ସେମାନେ ତାଙ୍କୁ ଜୋର ଜବରଦସ୍ତ ଅପହରଣ କରିନେଇଥିଲେ। ଏନେଇ ସୋମନାଥଙ୍କ ଏତଲା କ୍ରମେ ପୋଲିସ ନଂ.୧୯୫/୨୨ରେ ମାମଲା ରୁଜୁ କରିବା ସହ ବିକ୍ରମତିରଣରେ ଗ୍ରାମରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ଅନନ୍ତ ନାରାୟଣଙ୍କୁ ଅଟକ ରଖିଥିଲା। ତେବେ ସ୍ୱାସ୍ଥ୍ୟଗତ କାରଣରୁ ପୋଲିସ ନୋଟିସ ଦେଇ ଅଭିଯୁକ୍ତଙ୍କୁ ଛାଡ଼ି ଦେଇଥିଲା। ଅପରପକ୍ଷରେ ଏହି ଘଟଣାରେ ଅନ୍ୟ ଅଭିଯୁକ୍ତ ହାଇକୋର୍ଟରୁ ଆଗୁଆ ଜାମିନ ପାଇଥିବା ପୋଲିସ ସୂଚନା ଦେଇଛି।

## ଡେଙ୍ଗୁରୁ ଦୂରେଇ ରହିବା ପାଇଁ ସତର୍କତା ଜରୁରୀ



ଡେଙ୍ଗୁ ରୋଗ ନିୟନ୍ତ୍ରଣକୁ ନେଇ ଅନୁଷ୍ଠିତ ବୈଠକରେ ଭାରପ୍ରାପ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ।

ଯାଜପୁର ଟାଉନ,୬।୭(ଡି.ଏନ.ଏ.)

ଡେଙ୍ଗୁକୁ ଏକ ସାଧାରଣ ଜ୍ୱର ଭାବେ ବିବେଚନା କରିବା ଠିକ ନୁହେଁ। ଏହି ରୋଗ ପାଇଁ ଏଯାଏ କୌଣସି ନିର୍ଦ୍ଦିଷ୍ଟ ଟିକା ବା ଔଷଧ ଉପଲବ୍ଧ ହେଉନାହିଁ। ତେଣୁ ପ୍ରତିରୋଧ ହେଉଛି ସର୍ବୋତ୍ତମ ପଦ୍ଧତି। ସତର୍କ ରହିଲେ ଡେଙ୍ଗୁ ପାଖ ମାଡ଼ିବ ନାହିଁ। ସମ୍ପ୍ରତି ବ୍ୟାପକ ସହରୀକରଣ, ଖଣି ଖନନ, ଶିଳ୍ପାନୁଷ୍ଠାନ ଗଢ଼ିଉଠିବା ଯୋଗୁ ଡେଙ୍ଗୁ ହେବାର ଆଶଙ୍କା ବଢ଼ିଛି। ଏହିସବୁ ଦିଗ ପାଇଁ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ହେଉ ନ ଥିବାରୁ ଡେଙ୍ଗୁ ରୋଗ ଆରମ୍ଭ ମାତ୍ରେ ବଢ଼ିଯାଉଛି। ଡେଙ୍ଗୁ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ମଶାରୁ ସୃଷ୍ଟି ହୋଇଥାଏ। ଏଡିଶ କୁହାଯାଉଥିବା ଏହି ମଶା ଦିନରେ ହିଁ କାମୁଡି ଥାଏ। ଆଖପାଖରେ ଛୋଟ ବଡ଼ ସ୍ଥାନରେ ଏପରି କି ଫୁଲକୁଣ୍ଡ, ବାହାରେ ଫିଙ୍ଗା ଯାଉଥିବା ଡବା, ଅବ୍ୟବହୃତ ଟାୟାର ଆଦିରେ ରହିଥିବା ପାଣିରେ ଏଡିଶ ମଶା ବଂଶ ବୃଦ୍ଧି କରିଥାଏ। ଏପରିସ୍ଥଳେ ଡେଙ୍ଗୁରୁ ଦୂରେଇ ରହିବା ପାଇଁ ବ୍ୟାପକ ସଚେତନତା ସାଙ୍ଗକୁ ସତର୍କତା ଜରୁରୀ ବୋଲି ଡେଙ୍ଗୁ ରୋଗ ଓ ଏହାର ନିୟନ୍ତ୍ରଣକୁ ନେଇ ଏକ ଆନ୍ତକ୍ଷେତ୍ରୀୟ ବୈଠକରେ ଭାରପ୍ରାପ୍ତ ଜିଲାପାଳ ଅକ୍ଷୟ କୁମାର ମଲ୍ଲିକ ଅଧକ୍ଷତା କରି ଏକଥା କହିଛନ୍ତି।

ଜିଲା ସ୍ୱାସ୍ଥ୍ୟ ସମିତି ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ଏଡିଶ ମଶା ପ୍ରଯୋଜନ ବିଲୋପ ପାଇଁ ଅଧିକାରୀ ମତ ରଖିଥିଲେ। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ତାଙ୍କ ବକ୍ତବ୍ୟରେ ଜୁନରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଡେଙ୍ଗୁ ସଂକ୍ରମଣର ଅଧିକ ଭୟଥିବାରୁ ଏହି ସମୟରେ ବେଶ୍ ସତର୍କତା ଅବଲମ୍ବନ କରିବାକୁ ହେବ। ଏପରି କି ଡିସେମ୍ବର ପର୍ଯ୍ୟନ୍ତ ମଧ ସଂକ୍ରମଣର ଭୟ ରହିଥାଏ। ଏଥିପାଇଁ ଶିଳ୍ପ, ଖଣି ଓ ସାଧାରଣରେ ପରିସ୍ଥିତିକୁ ମୁକାବିଲା ପାଇଁ ବିଭିନ୍ନ ଅଞ୍ଚଳରୁ ଆସିଥିବା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଡା. ବଳ ବିଭିନ୍ନ ପରାମର୍ଶ ଦେବା ସହିତ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ପାଇଁ କହିଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏଣ୍ଟୋମୋଲୋଜିଷ୍ଟ ଡା. ଦୀପ୍ତିରଞ୍ଜନ ମହାପାତ୍ର ଏହି ଅବସରରେ ପାୱାରପଏଣ୍ଟ ମାଧ୍ୟମରେ ଯାଜପୁର ଜିଲାରେ ଡେଙ୍ଗୁର ସ୍ଥିତି, ଏହାର ନିୟନ୍ତ୍ରଣ ଓ ନିରାକରଣ ଦିଗରେ ଉପସ୍ଥିତ ଅଧିକାରୀମାନଙ୍କୁ ସୂଚନା ଦେବା ସହିତ ଡେଙ୍ଗୁ ଜନିତ ମୃତ୍ୟୁହାର ଯେପରି ଶୂନ ପ୍ରତିଶତ ରହିବ ସେ ଦିଗରେ ସମସ୍ତେ ଯତ୍ନବାନ ହେବା ପାଇଁ କହିଥିଲେ। ଡା. ପି.କେ. ସାହୁ ଡେଙ୍ଗୁ ଲାଗି ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ରକମ ଚଲପତି କାଶୀନଗର ସେବା ସମବାୟ ସଭାପତି

**କାଶୀନଗର,୬।୭:** କାଶୀନଗର ଏନ୍ଏସିର ଏକମାତ୍ର ସେବା ସମବାୟ ସମିତିର ସଭାପତି ରୂପେ ରକମ ଚଲପତି ରାଓ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ୧୫ ଜଣ ସମିତିର ଡାଇରେକ୍ଟର ନିର୍ବାଚିତ ହୋଇଥିଲେ। ସମସ୍ତ ନିର୍ବାଚିତ ଡାଇରେକ୍ଟର ବିଜେଡି ସମର୍ଥକ ରକମ ଚଲପତି ନିକଟରେ ବିଜେଡିରେ ଯୋଗଦେଇ ସମବାୟ ସମିତିର ସଭାପତି ନିର୍ବାଚିତ ହୋଇଥିବା ଯୋଗୁ ତାଙ୍କୁ ଏନ୍ଏସି ଅଧକ୍ଷ ରକମ କୁର୍ମା ରାଓ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### କଲେଜରେ ରାଗିଂ ରୋକିବାକୁ ପ୍ରଶାସନର ତତ୍ପରତା

**ପାରଳାଖେମୁଣ୍ଡି,୬।୭(ଡି.ଏନ୍.ଏ.):** ରାଜ୍ୟରେ ବିଭିନ୍ନ କଲେଜରେ ଘଟୁଥିବା ରାଗିଂ ଭଳି ଅଘଟଣକୁ ରୋକିବାକୁ ସରକାର ପଦକ୍ଷେପ ନେଇଛନ୍ତି। ସରକାର ଏଥିପ୍ରତି ସମସ୍ତ ଜିଲାପାଳଙ୍କୁ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗଜପତି ଜିଲାରେ ମଧ ବିଭିନ୍ନ କଲେଜରେ ଯେପରି ଛାତ୍ରୀଛାତ୍ରଙ୍କ ପ୍ରତି କିଛି ଅଘଟଣ ନ ଘଟେ ସେଥିପାଇଁ ତତ୍ପରତା ପ୍ରକାଶ ପାଇଛି। ପ୍ରଶାସନିକ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ବୁଧବାର ଜିଲାର ବିଭିନ୍ନ କଲେଜ ପରିଦର୍ଶନ କରିବା ସହ ସ୍ଥିତିର ଅନୁଧାନ କରାଯାଇଛି। କଲେଜର ବିଭିନ୍ନ ସମସ୍ୟା ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଉପରେ ସ୍ଥିତି କ'ଣ ରହିଛି ସେ ନେଇ କଲେଜ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଓ ସେଞ୍ଚୁରିୟାନ ୟୁନିଭର୍ସିଟିରେ ଛାତ୍ରଛାତ୍ରୀ ଓ କଲେଜ କର୍ମଚାରୀଙ୍କୁ ଏ ସମ୍ପର୍କରେ ସଜାଗ ରହିବାକୁ ଜିଲା ପ୍ରଶାସନର ଏହି ଟିମ ସଚେତନ କରିଛି । ଉପଜିଲାପାଳ ଆଲୋକ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ ଅନୁଧାନ କରିଥିବା ବେଳେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ସେଞ୍ଚୁରୟାନ ୟୁନିଭର୍ସିଟି ପରିଦର୍ଶନ କରିଛନ୍ତି, ଏଥିସହିତ ପିଏଆଇଟିଡିଏଙ୍କ ନେତୃତ୍ୱରେ ଏକ ଟିମ ମହିଳା ମହାବିଦ୍ୟାଳୟ ଅନୁଧାନ କରିଥିବା ଅତିରିକ୍ତ ଜିଲାପାଳ କହିଛନ୍ତି। କିନ୍ତୁ ସମସ୍ତ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ ସ୍କ୍ୱାର୍ଡ ରହିଛି କି ନାହିଁ ଏବଂ ତାହା ଠିକ ରୂପେ କାର୍ଯ୍ୟକାରୀ ହେଉଛି କି ସେ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।

### ବୃକ୍ଷମହୋତ୍ସବ, ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ

**ଗଞ୍ଜାମ,୬।୭(ଡି.ଏନ.ଏ.):** ଗଞ୍ଜାମ ସହରସ୍ଥିତ ଗ୍ରାସୀମ କମ୍ପାନୀ ମୁଖ୍ୟ ଫାଟକ ସମୁଖରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବୃକ୍ଷ ମହୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ବୁଧବାର ଆରମ୍ଭ ହୋଇଛି। ଗଞ୍ଜାମ ଏନଏସି ୱାର୍ଡ ନଂ ୮ ପୁଇଁତୋଳା ସଂକୀର୍ତନ ମଣ୍ଡଳୀ ଯୋଗ ଦେଇ ରାମନାମ କରୁଛନ୍ତି। ମଙ୍ଗଳବାର ଅଧିବାସ କଳସ ଯାତ୍ରାରେ ଋଷିକୁଲ୍ୟା ନଦୀରୁ ପାଣି ଅଣାଯିବା ପରେ ପ୍ରାତଃ ସକାଳରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ଆସନ୍ତା ୭ରେ ପୂର୍ଣ୍ଣାହୁତି ଓ ନାମଯଜ୍ଞ ସମାପ୍ତ ହେବ ବୋଲି ଆୟୋଜକ ବିକ୍ରମ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପୁଇଁତୋଳା ଗ୍ରାମର ସୁଦର୍ଶନ ରାଉଳ, ବିଦେଶୀ ବିଶ୍ୱାଳ, ଚରଣ ସାହୁ, କାଶୀନାଥ ତରାଇ, ସୁବାଷ ମହାରଣା, ତ୍ରିନାଥ ରାଉଳ, ସୁବାଷ ତରାଇ ପ୍ରମୁଖ ସଂକୀର୍ତ୍ତନ କରୁଛନ୍ତି।

# 'ଗଛ ବଞ୍ଚିଲେ ଆମେ ବଞ୍ଚିବା'

**ଖଣ୍ଡପଡ଼ା, ୬।୭ (ସ୍ୱ.ପ୍ର.)**



ଛାତ୍ରୀଛାତ୍ରମାନେ ଚାରା ରୋପଣ କରୁଛନ୍ତି ।

ମାନବ ସମାଜ ସହିତ ସମଗ୍ର ଜୀବ ଜଗତର ସ୍ଥିତି ରକ୍ଷା ନିମନ୍ତେ ପରିବେଶ ସୁରକ୍ଷା ଜରୁରୀ ଅଟେ । ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷ, ଜଙ୍ଗଲ ତଥା ପରିବେଶର ଦ୍ରୁତ ଅବକ୍ଷୟ ମାନବ ସମାଜ ସହିତ ପଶୁପକ୍ଷୀ, କୀଟପତଙ୍ଗ ପାଇଁ ବିନାଶର ସୂଚନା ଦେଲାଣି । ଏହାର ନିରାକରଣ ପାଇଁ ସମାଜର ପ୍ରତ୍ୟେକ ସ୍ତରରେ ଉଦ୍ୟମ ହେବା ଜରୁରୀ ହୋଇ ପଡିଛି ବୋଲି ଖଣ୍ଡପଡା ଚନ୍ଦ୍ର ଶେଖର ଆଶ୍ରମ ବିଦ୍ୟାଳୟରେ ଆୟୋଜିତ ୭୩ତମ ବନମହୋତ୍ସବ ସପ୍ତାହ ପାଳନ ସଭାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

ଏହି ଅବସରରେ ବୁଧବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡ଼ା ତାଲୁକ ଆଇନ ସେବା କମିଟି ଓ ବନ ବିଭାଗ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପକ କୁମାର ସାଥୁଆ ମୁଖ୍ୟଅତିଥି ରୁପେ ଯୋଗ ଦେଇଥିଲେ । ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ବନପାଳ ଶ୍ରୀନିବାସ ଦାଶ ଓ ବରିଷ୍ଠ ଅଇନଜୀବୀ ଗିରିଜା ଶଙ୍କର ତରାସିଆ ଯୋଗଦେଇ ଚାରା ରୋପଣରେ ସମସ୍ତଙ୍କ ସହଯୋଗ କାମନା କରିବା ସହ ଗଛ ବଞ୍ଚିଲେ ଆମେ ବଞ୍ଚିବା ବୋଲି କହିଥିଲେ । ଅନୁଷ୍ଠାନର ପ୍ରଧାନ ସେବକ ବିଶ୍ୱନାଥ ମିଶ୍ର, ସହକାରୀ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଅତିଥିମାନଙ୍କ ଗହଣରେ ମିଳିତ ହୋଇ ବିଭିନ୍ନ କିସମର ଚାରା ରୋପଣ କରିଥିଲେ । ପରିବେଶ ସୁରକ୍ଷା, ଜୀବନ ରକ୍ଷା ସମ୍ପର୍କରେ ବନାଞ୍ଚଳ ଅଧିକାରୀ ଆଲୋକପାତ କରିଥିଲେ ।

# ଗଞ୍ଜାମ ଜିଲାରେ ଖୋଲିବ ୫ ନୂତନ କୋର୍ଟ

## ପୁରୁଷୋତ୍ତମପୁରରେ ସିଭିଲଜଜ୍ କୋର୍ଟ

**ପୁରୁଷୋତ୍ତମପୁର,୬।୭(ଡି.ଏନ.ଏ.)**

ପୁରୁଷୋତ୍ତମପୁରରେ ସିଭିଲଜଜ୍ (ସିନିୟର ଡିଭିଜନ) ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ପ୍ରତିଷ୍ଠା ଲାଗି ଦୀର୍ଘ ଦିନ ହେଲା ଓକିଲ ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଥିଲା। ଏପରିକି ତଳଦିନେ ଓକିଲମାନେ ଦୀର୍ଘ ଛଅ ମାସ ଧରି କୋର୍ଟରେ ଚାବି ପକାଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ। ଏଥିରେ ଅଞ୍ଚଳବାସୀ ସାମିଲ ହୋଇ ଆନ୍ଦୋଳନକୁ ତିବ୍ର କରିଥିଲେ। ସରକାର ଏହି ଆନ୍ଦୋଳନର ଜଥାର୍ଥକୁ ହୃଦୟଙ୍ଗମ କରିବା ସହ ଦାବିକୁ ଗୁରୁତର ସହ ନେଇ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ କୋର୍ଟ ପ୍ରତିଷ୍ଠା ଲାଗି ଚିଠି ନଂ ୭୫୦୮/୦୫/୦୭/୨୦୨୨ ପ୍ରକାରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ପୁରୁଷୋତ୍ତମପୁର ସହ ହିଞ୍ଜିଳିକାଟୁରେ ମଧ ସିଭିଲ୍ ଜଜ୍(ସିନିୟର ଡିଭିଜନ) ତଥା ଆସିଷ୍ଟାଣ୍ଟ ସେସନ୍ସ ଜଜ୍ କୋର୍ଟ ପ୍ରତିଷ୍ଠା ହେବ। ଏହାସହ ଧରାକୋଟ, କୁକୁଡ଼ାଖଣ୍ଡି ଓ ଗଞ୍ଜାମରେ ମଧ ଜେଏମ୍ଏଫ୍ସି କୋର୍ଟ ପ୍ରତିଷ୍ଠା ଲାଗି ମଧ ଚିଠି ନଂ ୭୫୦୨/୦୫/୦୭/୨୦୨୨ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଯାହା ଦ୍ୱାରା ଶୀଘ୍ର ନୂତନ କୋର୍ଟ ମାନ ଖୋଲାଯିବାର ସ୍ପଷ୍ଟ ହୋଇପଡିଛି। ପୁରୁଷୋତ୍ତମପୁର ଜେଏମ୍ଏଫ୍ସି କୋର୍ଟ ଉପର ମହଲାରେ କୋର୍ଟ ହଲ, ବିଚାରପତିଙ୍କ ଚାମ୍ବର, ଅଫିସ ଆଦି ନିର୍ମାଣ ହୋଇ ପଡି ରହିଛି। କେବଳ ବିଚାରପତି ଓ କର୍ମଚାରୀମାନେ ଯୋଗଦେଲେ କୋର୍ଟ କାର୍ଯ୍ୟ ଆରମ୍ଭ ହେବ। ବିଚାରପତିଙ୍କ ରହିବା ଲାଗି ଗୃହ ସକାଶେ ଓକିଲମାନେ ଲାଗିପଡି ଗୃହର ସୁବିଧା ମଧ କରିସାରିଥିବାରୁ ଅତିକମ ଦିନରେ କୋର୍ଟ ଖୋଲିବା ନିଶ୍ଚିତ ହୋଇପଡିଛି। ଏହାକୁ ନେଇ ଓକିଲ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ମିଠା ଖୁଆଇ ଓକିଲମାନେ ବୁଧବାର ସଂଘ କାର୍ଯ୍ୟାଳୟରେ ଖୁସି ମନାଇଛନ୍ତି।

# ଗୋଟିଏ ରାସ୍ତା ପାଇଁ ୨୧ ଥର ବିଲ ଅଭିଯୋଗ

**ଭାପୁର, ୬।୭ (ଡି.ଏନ.ଏ.)**

### ପୁଣି ଥରେ ବିଡିଓଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ

ଭାପୁର ବ୍ଲକ ଅଧୀନ ବଡସହରା ପଞ୍ଚାୟତରେ ଗୋଟିଏ ରାସ୍ତାକୁ ୨୧ଥର ବିଲ ନେଇ ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ବାସିନ୍ଦା ବିଡିଓଙ୍କୁ ଲିଖିତ ଅଭିଯୋଗ କରିବା ସହିତ ଘଟଣାର ତଦନ୍ତ ଦାବି କରିଛନ୍ତି । ପ୍ରାୟ ବର୍ଷକ ତଳେ ସମାନ ଅଭିଯୋଗ ହୋଇଥିଲେ ମଧ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଇ ନ ଥିଲା। ।ସେତେବେଳେ ଏହି ଘଟଣା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା ।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନା(ଏମ୍ଜିଏନ୍ଆରଇଜିଏସ୍)ରେ ୨୦୧୮-୧୯, ୨୦୧୯-୨୦ ଏବଂ ୨୦୨୦-୨୧ ଆର୍ଥିକ ବର୍ଷରେ ରାସ୍ତା ନିର୍ମାଣ ସକାଶେ ପ୍ରାୟ ୧.୫୦ କୋଟି ଟଙ୍କା ସରକାର ମଞ୍ଜୁର କରିଥିଲେ । ତେବେ ପଞ୍ଚାୟତର ଜଣେ ପ୍ରଭାବଶାଳୀ ନେତା ଅତ୍ୟନ୍ତ ଚତୁରତାର ସହ ଗୋଟିଏ ରାସ୍ତାକୁ ଭିନ୍ନ ଭିନ୍ନ ନାମକରଣ କରି ବିନା କାମରେ ବିଲ କରାଇ ନେଇଥିଲେ । ଏପରି କି କୋଭିଡ ମହାମାରୀ ସମୟରେ ପ୍ରବାସୀଙ୍କୁ କାମ ଯୋଗାଇଦେବା ନେଇ ସରକାର ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ମଧ ବାଟବଣା ହୋଇଥିବା ଅଭିଯୋଗ ହୋଇଛି । ମାତ୍ର ୯୦୦ମିଟର ରାସ୍ତାକୁ ୨୧ଥର ନିର୍ମାଣ କରାଯାଇଥିବା ଏବଂ ଅର୍ଥ ଆତ୍ମସାତ୍ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡିଥିଲା। ଖାଲିସେତିକି ନୁହେଁ ପଡୋଶୀ ବାଇଗୁଣିଆ ପଞ୍ଚାୟତରେ ଏବଂ ଖଣ୍ଡପଡା ବ୍ଲକ ଅଧୀନ ବନମାଳୀପୁର ପଞ୍ଚାୟତର ବସନ୍ତପୁର ମୌଜାରେ ଏଭଳି ରାସ୍ତା ନିର୍ମାଣ ହୋଇଥିବା ଦର୍ଶାଯାଇଛି, ଯାହା ସ୍ଥାନୀୟ ବାସିନ୍ଦାଙ୍କୁ ଚକିତ କରିଛି । ଏଥିପାଇଁ ସରକାରୀ କଳର ଦୁରୁପଯୋଗ ସହିତ ରାଜ୍ୟ ସରକାରଙ୍କ ଯୋଜନାକୁ ବାଟବଣା କରାଯାଇଛି । ଏ ସମ୍ପର୍କରେ ଭାପୁର ବିଡ଼ିଓ ଡ.ଜନ୍ମେଜୟ ଅଭିଯୋଗ ଉପରେ ନିଜର ମତ ରଖି କହିଛନ୍ତି ଯେ, ଏହି ଅଭିଯୋଗ ସଂକ୍ରାନ୍ତରେ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଚୋରି ଲାପ୍ଟପ ଓ କ୍ୟାମେରା ଜବତ, ୨ ଗିରଫ

**ବ୍ରହ୍ମପୁର ଅଫିସ,୬।୭**

ବ୍ରହ୍ମପୁର ଟାଉନ ଥାନା ପୋଲିସ ୨ ଲୁଟିଆଙ୍କୁ କାବୁ କରିଛି । ସେମାନେ ହେଲେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବାବାଜିତୋଟା ସାହିର ଜଗନ୍ନାଥ ବେହେରା(୩୦) ଓ ଆଙ୍କୁଲି ଅଞ୍ଚଳର ହାଡୁ ଦାସ(୨୯)। ପୋଲିସ ସେମାନଙ୍କ ନିକଟରୁ ଏକ ଲାପ୍ଟପ୍ ଓ କ୍ୟାମେରା ଜବତ କରିଛି। ମାମଲା ନମ୍ବର ୧୭୪/୨୨ ରେ ଅଭିଯୁକ୍ତ ଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ରାକେଶ ପଣ୍ଡା ନାମକ ଜଣେ ଫଟୋଗ୍ରାଫର ଦୁଇଦିନ ତଳେ ଏକ ବାହାଘର ଭୋଜିରେ ଯୋଗ ଦେଇ ଘରକୁ ଫେରୁଥିଲେ। ପୁରୁଣା ବସ୍ଷ୍ଟାଣ୍ଡ ନିକଟରେ ସେ ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ନିକଟରେ ଥିବା ଏକ ବହି ଦୋକାନ ପିଣ୍ଡାରେ ସେ ବିଶ୍ରାମ ନେଇଥିଲେ। କିଛି ସମୟ ପରେ ସେ ଉଠି ଦେଖିବା ବେଳେ ପାଖରେ ରଖିଥିବା ତାଙ୍କ ଲାପ୍ଟପ୍ ଓ କ୍ୟାମେରା ନ ଥିଲା। ଏନେଇ ରାକେଶ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଜଗନ୍ନାଥ ଓ ହାଡୁଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଉଦ୍ଧାର କରିଥିଲା।

# ଜଳଶକ୍ତି ଅଭିଯାନ ଉପରେ କେନ୍ଦ୍ରୀୟ ଦଳର ସମୀକ୍ଷା




ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହ କେନ୍ଦ୍ରୀୟ ଟିମ୍ ସଦସ୍ୟ ।

**ନୟାଗଡ଼ ଅଫିସ,୬।୭**

ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରାଳୟର ନିର୍ଦ୍ଦେଶକ ବିନୟ କୁମାର ପ୍ରଜାପତି, ବରିଷ୍ଠ ବୈଜ୍ଞାନିକ ତଥା ବୈଷୟିକ ଅଧିକାରୀ(ହାଇଡ୍ରୋ ଜିଓଲୋଜି) ସୁଦର୍ଶନ ସାହୁଙ୍କ ସହ ଏକ କେନ୍ଦ୍ରୀୟ ଦଳ ବୁଧବାର ନୟାଗଡ଼ ଜିଲା ଗସ୍ତ କରିଛନ୍ତି। ଏହି ଦୁଇ ପଦଧିକାରୀ ଜିଲାରେ ଚାଲୁଥିବା ବିଭିନ୍ନ ଜଳଶକ୍ତି ଅଭିଯାନ ଉପରେ ସମୀକ୍ଷା କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲାପାଳ ପୋମା ଟୁଡୁଙ୍କ ଅଧକ୍ଷତାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସୃଜନ ସଭାଗୃହରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ନଗର ଉନ୍ନୟନ ବିଭାଗ,ଜଙ୍ଗଲ ବିଭାଗ,କୃଷି ବିଜ୍ଞାନ କେନ୍ଦ୍ର,ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ,କ୍ଷୁଦ୍ର ଜଳସେଚନ ବିଭାଗ, ଉଠା ଜଳସେଚନ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ,ପଞ୍ଚାୟତିରାଜ୍ ଓ ପାନୀୟ ଜଳ ବିଭାଗ ଦ୍ୱାରା କରାଯାଇଥିବା ପ୍ରକଳ୍ପ ଗୁଡ଼ିକର ତଥ୍ୟ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା । ଜଲାପାଳ ସମସ୍ତ ପ୍ରକଳ୍ପ ଉପରେ ବିସ୍ତୃତଭାବେ କେନ୍ଦ୍ରୀୟ ଦଳକୁ ବୁଝାଇଥିଲେ ।

# ୨୯ ବର୍ଷରେ ବେଲଜିୟମ୍ରୁ ଜନ୍ମମାଟିକୁ ଫେରିଲେ ମାମିନା

**ଜି.ଉଦୟଗିରି,୬।୭(ଡି.ଏନ.ଏ.)**

### ନିଜ ପରିବାରକୁ ପାଇ ଖୁସିରେ ବିଭୋର



ପରିବାର ସହ ମାମିନା।

କନ୍ଧମାଳ ଜିଲା ରାଇକିଆ ବ୍ଲକ ଅନ୍ତର୍ଗତ ଗୁଜାପାଙ୍ଗା ଗ୍ରାମର କୃଷ୍ଣଚନ୍ଦ୍ର ରଣା ୧୯୯୩ରେ ନିଜ ସ୍ତ୍ରୀଙ୍କ ମୃତ୍ୟୁପରେ ୩ ମାସର ଶିଶୁକନ୍ୟାକୁ ଜି.ଉଦୟଗିରି ସୁଭଦ୍ରା ମହତାବ ଆଶ୍ରମଠାରେ ଛାଡ଼ିଥିଲେ। ସେହି ୩ ମାସର ଝିଅ ମାମିନା ଆଜି ୨୯ ବର୍ଷ ବୟସରେ ନିଜ ମାତୃଭୂମିକୁ ଫେରିଛି। କିଛି ବର୍ଷ ପୂର୍ବେ ୟୁକେ ବେଲଜିୟମର ନିଃସନ୍ତାନ ଦମ୍ପତି ଏହି ଝିଅକୁ ପୋଷ୍ୟା କନ୍ୟା ରୂପେ ସରକାରୀ ନିୟମ ଅନୁସାରେ ଗ୍ରହଣ କରିଥିଲେ। କିନ୍ତୁ କିଛି ବର୍ଷ ପରେ ସେହି ଝିଅ କମ୍ବୋଡିଆ ବୁଲିଯାଇଥିବା ବେଳେ ସେଠାକାର ଅଂଗ୍ଲୋ ଇଣ୍ଡିଆନମାନେ ମାମିନାଙ୍କୁ ପ୍ରଶ୍ନ କରିଥିଲେ କି ତୁମେ କ'ଣ ଅଂଗ୍ଲୋ ଇଣ୍ଡିଆନ? ଏହା ଶୁଣି ପାଳିତ ବାପା ମା'ଙ୍କୁ ନିଜ ବିଷୟରେ ପଚାରିଥିଲେ ଓ ଜାଣିବାକୁ ପାଇଲେ ସେ ଜଣେ ଭାରତୀୟ ତାକୁ ପୋଷ୍ୟା କନ୍ୟା ରୂପେ ଗ୍ରହଣ କରି ବେଲଜିୟମର ପରିବାର ଲାଳନ ପାଳନ କରିଛନ୍ତି। ବର୍ତ୍ତମାନ ସେ ଜଣେ ଉଚ୍ଚ ଶିକ୍ଷିତ ଓ ବିବାହିତା ମଧ। ନିଜ ପ୍ରକୃତ ପରିଚୟ ଓ ପରିବାର ଠିକଣା ପାଇବା ପାଇଁ ମାମିନା ପୁନେ ଉଚ୍ଚ ନ୍ୟାୟାଳୟର ମହିଳା ଓକିଲ ଅଞ୍ଜ ପାୱାରଙ୍କ ମାଧମରେ ଭାରତ ଆସିବା ପରେ ଓଡ଼ିଶା ଆସି ପହଞ୍ଚି ପାରିଥିଲେ। ପରିବାରକୁ ପାଖରେ ପାଇ ମାମିନା ବହୁ ଖୁସି ଅନୁଭବ କରୁଥିବା ପ୍ରକାଶ କରିବା ସହ ଏହି ଅଞ୍ଚଳ ମୋ ଜନ୍ମଭୂମି ଓ ଭାରତ ମୋ ଦେଶ ବୋଲି କହିବା ବେଳେ ଭାବବିହ୍ୱଳ ହୋଇଥିବା ଦେଖିବାକୁ ମିଳିଥିଲା। ଜି. ଉଦୟଗିରି ପହଞ୍ଚି ପରିବାର ସହିତ ସୁଭଦ୍ରା ମହତାବ ଯାଇ ସୌଜନ୍ୟ ମୂଳକ ସାକ୍ଷାତ କରିଛନ୍ତି।

# ଖଇରପୁଟି ମଣ୍ଡଳ କର୍ମକର୍ତ୍ତା ଚୟନ

## ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ

**ଭଞ୍ଜନଗର,୬।୭(ଡି.ଏନ୍.ଏ.)**

ବେଲଗୁଣ୍ଠା ବ୍ଲକ ବୁଢାକେନ୍ଦୁ ମନ୍ଦିର ପ୍ରାଙ୍ଗଣରେ ବନ୍ଥପଲ୍ଲୀ ଅଞ୍ଚଳ ଖଇରପୁଟି ମଣ୍ଡଳପାଇଁଓଡ୍ରଖଣ୍ଡାୟତକାଳଞ୍ଜିସମାଜର ନୂତନ କର୍ମକର୍ତ୍ତା ଚୟନ ହୋଇଛନ୍ତି। ବନ୍ଥପଲ୍ଲୀ ଅଞ୍ଚଳ ପରିଷଦର ସଭାପତି ସୀତାରାମ ଜେନାଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ହୋଇଥିବା ବେଳେ ରମେଶ ରାଉତ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଉତ୍କଳ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜ ବନ୍ଥପଲ୍ଲୀ ଅଞ୍ଚଳ ପରିଷଦର ସାମନ୍ତ ଦିଲ୍ଲୀ ରଣସିଂହା ସାମନ୍ତ, ଝାଡ଼ଭୂମି ମଣ୍ଡଳ ସଭାପତି ସୋମନାଥ ନନ୍ଦ, ବିଷ୍ଣୁଚକ୍ର ମଣ୍ଡଳ ସଭାପତି କାଳୀ ଚରଣ ନାୟକ, ଜିଳିବା ମଣ୍ଡଳ ସଭାପତି ଅଭିରାମ ସାଇଁ, ଲାଠିପଡ଼ା ମଣ୍ଡଳ ସଭାପତି,ସମ୍ପାଦକ ରାଜ କୁମାର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସର୍ବସମ୍ମତି କ୍ରମେ ଖଇରପୁଟି ମଣ୍ଡଳ ପାଇଁ ସଭାପତି ଭାବେ କେଦାର ଚନ୍ଦ୍ର ବିଷୋୟୀ, ଉପସଭାପତି ସୁରେନ୍ଦ୍ର କୁମାର ଜେନା, ସମ୍ପାଦକ ଦିଗାମ୍ବର ଜେନା, କୋଷାଧକ୍ଷ ଭାବେ ନାଇନା ବିଷୋୟୀ ଏବଂ ସଂଗଠନ ସମ୍ପାଦକ ଭାବେ ବାଇଚାନ୍ଦ ସ୍ୱାଇଁ ମନୋନୀତ ହୋଇଥିଲେ । ଏଥିରେ ବଡ଼ପଡ଼ା କ୍ଷତ୍ରୀୟବରପୁର, ଗାଙ୍ଗପୁର, ଖଇରପଟି, ନିମିନା, କେନ୍ଦୁପଦର, ମୁନିଗାଡ଼ି ବେଣାପାଟ ପଞ୍ଚାୟତର କାଳଞ୍ଜି ସମାଜ ସଭାପତି, ଉପସଭାପତି ଏବଂ ସମ୍ପାଦକ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସମ୍ପାଦକ ଦିଗାମ୍ବର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

# ପୋଲସରାରେ କେନ୍ଦ୍ର ବୟନ ଶିଳ୍ପମନ୍ତ୍ରୀ



ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିର ପରିଦର୍ଶନ କରୁଛନ୍ତି କେନ୍ଦ୍ର ରେଳପଥ ଓ ବୟନ ଶିଳ୍ପମନ୍ତ୍ରୀ।

**ପୋଲସରା,୬।୭(ଡି.ଏନ.ଏ.)**

କେନ୍ଦ୍ର ବୟନ ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜୋରଦାସ ପୋଲସରା ଗସ୍ତରେ ଆସି ପ୍ରଥମେ ଶରଣ ଶ୍ରୀକ୍ଷେତ୍ର ମାରଦା ମନ୍ଦିରକୁ ପରିଦର୍ଶନ କରି ସେଠାରେ ଚାରା ରୋପଣ କରିଥିଲେ। ଏହି ଅବସରରେ ମଥୁରାର କିଛି ହସ୍ତଶିଳ୍ପୀଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ମନ୍ତ୍ରୀ ପୋଲସରା ସ୍ଥିତ ଜିଲା କାର୍ଯ୍ୟାଳୟରେ ପହଞ୍ଚି ନିର୍ବାଚନ ମଣ୍ଡଳୀର ସମସ୍ତ ଦଳୀୟ ନେତା ଓ ବିଭିନ୍ନ ମୋର୍ଚ୍ଚାର କର୍ମକର୍ତ୍ତାଙ୍କ ସହ ସାଙ୍ଗଠନିକ ଆଲୋଚନା କରିଥିଲେ। ଶେଷରେ ଏକ ଲାଭର୍ଥୀ ବୈଠକରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅନୁଦାନ ଥିବା ଯୋଜନା ଗୁଡିକ ବିଷୟରେ ଆଲୋଚନା କରି ଲୋକଙ୍କୁ ବୁଝାଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତ ସିଂହାର, ପ୍ରଭାରୀ ରମା ରଞ୍ଜନ ବଳିୟାର ସିଂ, ରାଜ୍ୟ ଉପ ସଭାପତି ଅନିତା ଶୁଭ ଦର୍ଶନୀ, ଜିଲା ଉପ ସଭାପତି ପ୍ରଭାକର ପଣ୍ଡା, ପୋଲସରା ନିର୍ବାଚନ ମଣ୍ଡଳୀର ପ୍ରତ୍ୟକ ମଣ୍ଡଳ ସଭାପତି ଓ ସମସ୍ତ ନେତୃବୃନ୍ଦ, ନିର୍ବାଚନ ମଣ୍ଡଳୀର ସମସ୍ତ ସରପଞ୍ଚ, ସମିତି ସଭ୍ୟ ତଥା ନଗର ପରିଷଦ ପ୍ରାର୍ଥି ଓ ସମସ୍ତ ମୋର୍ଚ୍ଚାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବନମହୋତ୍ସବ କାର୍ଯ୍ୟକ୍ରମ

### ବିଦ୍ୟାଳୟ ପରିସରରେ ଚାରାରୋପଣ

**ଆର୍. ଉଦୟଗିରି,୬।୭(ଡି.ଏନ.ଏ.)**

ଆର. ଉଦୟଗିରି ବ୍ଲକ କେ.ଏମ. ଭାଲିଆ ସାହି ବିଦ୍ୟାଳୟ ଠାରେ ଫ୍ରିଡମ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ତ୍ରିନାଥ ବିଷୋଇରତ୍ନଙ୍କ ଆନୁକୁଲ୍ୟରେ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ଓ ବନ ବିଭାଗ ତରଫରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାମଗିରି ବନାଧିକାରୀ ପ୍ରଦୀପ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, ରାମଗିରି ଫରେଷ୍ଟର କେ.ଡି. ପ୍ରସାଦ, ଛେଳିଗଡ଼ ଫରେଷ୍ଟର ପୂର୍ଣ୍ଣଚନ୍ଦ୍ର ଗୌଡ଼, ଫରେଷ୍ଟଗାର୍ଡ ପୂର୍ଣ୍ଣିମା ବେହେରା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଫ୍ରିଡମ ଅନୁଷ୍ଠାନ ସଭାପତି ଚାରାରୋପଣର ଉପକାର ଓ ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ଫରେଷ୍ଟର ପୂର୍ଣ୍ଣ ଚନ୍ଦ୍ର ଗୌଡ଼, ଫରେଷ୍ଟ ଗାର୍ଡ ପୂର୍ଣ୍ଣିମା ବେହେରାଙ୍କ ସହଯୋଗରେ ସମସ୍ତ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ବିଦ୍ୟାଳୟ ପରିସରରେ ପିଜୁଳି, ଲେମ୍ବୁ, ଅଁଳା, କଦମ୍ବ ଆଦି ଚାରା ରୋପଣ କରିଥିଲେ।

# ଆର.ଉଦୟଗିରିରେ ମାଣ୍ଡିଆ ସଚେତନତା ରଥ ଶୁଭାରମ୍ଭ

**ଆର.ଉଦୟଗିରି,୬।୭(ଡି.ଏନ.ଏ.)**



ସଚେତନ ରଥ ଶୁଭାରମ୍ଭ।

ବୁଧବାର ମାଣ୍ଡିଆ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ସରକାରଙ୍କ ଓଡ଼ିଶା ମିଲେଟ ମିଶନ ସହାୟତାରେ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି କରିବା ସହିତ ଲୋକମାଙ୍କର ଦୈନିକ ଖାଦ୍ୟ ସାରଣୀରେ ଏହି ଖାଦ୍ୟକୁ ଅନ୍ତର୍ଭୁକ୍ତ କରିବା ଓ ବଳକା ଉତ୍ପାଦନକୁ ସରକାରଙ୍କ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ କରିବା ଉଦ୍ଦେଶ୍ୟରେ ଚାଷୀ ମାନଙ୍କୁ ସଚେତନ କରିବାପାଇଁ ଏକ ସଚେତନା ରଥର ପରିକ୍ରମାର ରାମଗିରି ହାଟପଦାଠାରେ ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଏହା ଆର.ଉଦୟଗିରି ବ୍ଲକରେ ୬ ରୁ ୨୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମ ପରିକ୍ରମା କରି ଚାଷୀଙ୍କୁ ସଚେତନ କରାଯିବ ବୋଲି ପ୍ରକାଶ କରିଛନ୍ତି। ଆର୍.ଉଦୟଗିରି ବ୍ଲକ ସରକାରୀ କୃଷି ଅଧିକାରୀ ବିଷ୍ଣୁପ୍ରିୟା ଗୌଡ଼ ଓ ତତସହିତ ଯେଉଁ ଚାଷୀମାନେ ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷ କଲେ ହେକ୍ଟର ପ୍ରତି ପ୍ରଥମ ବର୍ଷ ମିଳିବ ୬୫୦୦ ଟଙ୍କା, ଦ୍ୱିତୀୟ ବର୍ଷ ମିଳିବ ୪୫୦୦ ଟଙ୍କା ଓ ତୃତୀୟ ବର୍ଷ ମିଳିବ ୩୫୦୦ଟଙ୍କା, ଧାଡିରେ ରୋପଣ ଓ ଲାଇନରେ ବୁଣିଲେ ହେକ୍ଟର ପ୍ରତି ପ୍ରଥମ ବର୍ଷ ମିଳିବ ୩୨୫୦, ଦ୍ୱିତୀୟ ବର୍ଷ ମିଳିବ ୨୨୫୦ ଓ ତୃତୀୟ ବର୍ଷ ମିଳିବ ୧୭୫୦ ଟଙ୍କା ତାହାସହିତ ଚଳିତ ଖରିଫ ଋତୁରେ ସରକାର ଟିଡ଼ିସିସି ମାଧମରେ କୁଇଣ୍ଟାଲ ପ୍ରତି ୩୫୭୮ ଟଙ୍କାରେ ମଣ୍ଡିରେ ମାଣ୍ଡିଆ କିଣିବେ ବୋଲି କହିଥିଲେ ଓଡ଼ିଶା ମିଲେଟ ମିଶନର ସ୍କିମ ଅଫିସର ସଂଘମିତ୍ରା ପ୍ରଧାନ। ଚାଷୀଭାଇ ଓ ଭଉଣୀମାନେ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଫସଲ କରି ସରକାରଙ୍କ ଯୋଜନାର ଲାଭ ଉଠାଇ ଚାଷୀଙ୍କୁ ସଚେତନା କରିଥିଲେ ଓଡ଼ିଶା ମିଲେଟ ମିଶନର ଜିଲର ସଂଯୋଜିକା ସାକ୍ଷୀ ଯାମିନୀ ଓ ସୁରକ୍ଷା ସଙ୍ଗଠନର ସମ୍ପାଦକ ଏସ୍ .ଭାର୍ଗବ ରେଡ୍ଡୀ। ଏହି ଯୋଜନାରେ ଭାଗ ନେବାପାଇଁ ନିକଟସ୍ଥ ବ୍ଲକ କୃଷି ଅଧିକାରୀ ଓ ସହଯୋଗୀ ଅନୁଷ୍ଠାନ ସୁରକ୍ଷା କର୍ମୀ ଓ ରାମଗିରି ସ୍ଥିତ ମା କୁରେଇଶୁଣୀ ପ୍ରଡ୍ୟୁସର କମ୍ପାନୀର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ କରି ଚାଷ ଜମିପଟା, ବ୍ୟାଙ୍କ ଖାତା, ଆଧାର କାର୍ଡ, ଡିବିଟି ନମ୍ବର ଓ ଭୋଟର କାର୍ଡ ନକଲ ପ୍ରଦାନ କରି ମାଣ୍ଡିଆ ଚାଷ ଆରମ୍ଭ କରିବାକୁ କହିଥିଲେ ସୁରକ୍ଷା ସଂଗଠନର ବ୍ଲକ ସଂଯୋଜକ ଘନଶ୍ୟାମ ଜେନା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସୁରକ୍ଷା ସଙ୍ଗଠନ ସଂଯୋଜିକା ସସ୍ମିତା ସ୍ୱାଇଁ ଓ ମା କୁରେଇଶୁଣୀ ପ୍ରଡ୍ୟୁସର କମ୍ପନୀର କାର୍ଯ୍ୟ ନିର୍ବାହୀ ଅଧିକାରୀ ପଣ୍ଡିତ କୁମାର ପାଣିଗ୍ରାହୀ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ଜୁଲାଇ, ୨୦୨୨



## ସଂକ୍ଷେପରେ

### ମାଟ୍ରିକ ପରୀକ୍ଷା ଫଳ, ନୟାଗଡ଼ ଜିଲାରେ ପାସ ହାର ୯୨.୦୫

**ନୟାଗଡ଼ ଅଫିସ,୬।୭:** ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୨ର ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଜିଲାରେ ୯୨.୦୫ ପ୍ରତିଶତ ପାସ ହାର ରହିଛି । ଜିଲାର ୨୩୧ ସ୍କୁଲର ୧୨ ହଜାର ୬୮୬ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ । ଏଥିରୁ ୭୫୫ ଜଣ ଅନୁପସ୍ଥିତ ଥିବାବେଳେ ୧୧ ହଜାର ୯୩୧ ଜଣ ପରୀକ୍ଷା ଦେଇଥିଲେ । ୧୧ ହଜାର ୯୩୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨ ଜଣ ମାଲ ପ୍ରାକ୍ଟିସ୍ ହୋଇଥିବାବେଳେ ୨୪୨ ଫେଲ୍ ହୋଇଛନ୍ତି । ପାସ କରିଥିବା ୧୧ ହଜାର ୬୭୭ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଏ-୧ ଗ୍ରେଡରେ ୨୨୪ଜଣ, ଏ-୨ ଗ୍ରେଡରେ ୧୨୩୩, ବି-୧ଗ୍ରେଡରେ ୨୬୦୬, ବି -୨ ଗ୍ରେଡରେ ୩୩୨୬, ସି-ଗ୍ରେଡରେ ୨୬୨୦, ଡି-ଗ୍ରେଡରେ ୧୨୯୧, ଇ-ଗ୍ରେଡରେ ୩୭୭ ପାସ୍ କରିଛନ୍ତି ।

### ବି.ଜିତେନ୍ଦ୍ରୀୟ ଖଣ୍ଡପଡ଼ା ବ୍ଲକରେ ପ୍ରଥମ

**ଖଣ୍ଡପଡ଼ା,୬।୭(ସ୍ୱ.ପ୍ର.):** ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ପ୍ରକାଶିତ ଫଳାଫଳ ଅନୁଯାୟୀ ଖଣ୍ଡପଡ଼ା



ବ୍ଲକ ଅଧୀନ ଶାନ୍ତିପ୍ରିୟା ଉଚ୍ଚ ବିଦ୍ୟାଳୟ ମର୍ଦ୍ଦରାଜପୁର ଛାତ୍ର ବି. ଜିତେନ୍ଦ୍ରୀୟ ଦାଶ ସର୍ବାଧିକ ୫୮୦ ନମ୍ବର ରଖି ଖଣ୍ଡପଡ଼ା ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଉକ୍ତ ଅନୁଷ୍ଠାନର ଛାତ୍ର ଆର୍ଯ୍ୟ ଅମ୍ଳାନ ସୁବୁଦ୍ଧି ୫୭୯ ନମ୍ବର ରଖି ଖଣ୍ଡପଡା ବ୍ଲକସ୍ତରରେ ୨ୟ ସ୍ଥାନ ଅଧିକାର କରିଛନ୍ତି ବୋଲି ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଯୋଦ୍ଧା ନାଥ ନାୟକ ସୂଚନା ଦେଇଛନ୍ତି ।

### ଅଭିଯୁକ୍ତ କୁନାଙ୍କ ଆତ୍ମସମର୍ପଣ ସୂଚନା ପାଇ ପୋଲିସର ପଇଁତରା

**ଗୋପାଳପୁର,୬।୭(ଡି.ଏନ.ଏ.):** ବ୍ରହ୍ମପୁର ପୋଲିସ ଜିଲାର ମୋଷ୍ଟ ୱାଣ୍ଟେଡ ଅପରାଧି କୁନା ବେହେରାଙ୍କୁ ଧରିବାକୁ ପୋଲିସ ପାଇଁ ଚାଲେଞ୍ଜ ହୋଇଛି। ବିଭିନ୍ନ ସମୟରେ ପୋଲିସ କୁନାଙ୍କ ଆଡ୍ଡା ଉପରେ ଚଢ଼ାଉ କରୁଥିଲେ ମଧ୍ୟ ଫାଙ୍କା ଗୁଳି ଚଳାଇ ସେ ଖସିଯିବାରେ ସକ୍ଷମ ହେଉଛନ୍ତି। ଦିଗପହଣ୍ଡି, ଗୋଳନ୍ଥରା, ସଦର ଓ ଗୋଷାଣୀନୂଆଗାଁ ଥାନାରେ ତାଙ୍କ ନାମରେ ହତ୍ୟା ଉଦ୍ୟମ, ଡକାୟତି, ରାହାଜାନି ଓ ଅନ୍ୟାନ୍ୟ ୨୭ ସଙ୍ଗୀନ ମାମଲା ରହିଛି। ବର୍ତ୍ତମାନ ୧୨ ବିଚାରାଧୀନ ମାମଲାରେ କୋର୍ଟ ଜାମିନ ବିହିନ ଗିରଫ ପରୱାନା ଜାରି କରିଛନ୍ତି। ପୋଲିସ କୁନାଙ୍କୁ ଧରିବା ପାଇଁ ଜାଲ ବିଛାଇଥିବା ଜାଣିବା ପରେ ନିଜେ କୋର୍ଟରେ ଆତ୍ମସମର୍ପଣ କରିବାକୁ ପ୍ରସ୍ତୁତ ଥିବା ଖବର ପାଇ ପୋଲିସ ତିନୋଟି ଟିମ୍ ଗଠନ କରି ବ୍ରହ୍ମପୁର କୋର୍ଟ, ବ୍ରହ୍ମପୁର ଟାଉନ ଓ ଟାମଣା ଅଞ୍ଚଳରେ ସାଦା ପୋଷାକରେ ପଇଁତରା ମାରୁଥିବା ଦେଖିବାକୁ ମିଳିଥିଲା।





ଆଣ୍ଟି ରାଗିଂ ବୈଠକରେ ଜିଲାପାଳଙ୍କ ସହ ବିଭିନ୍ନ କଲେଜର ଅଧ୍ୟକ୍ଷ ।

# ରାଗିଂକୁ ନେଇ ଚିନ୍ତା ବଢ଼ିଲା

**ନୟାଗଡ଼ ଅଫିସ,୬।୭**

- ୨ କମିଟି ତୁରନ୍ତ ଗଠନ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ
- ପଟ୍ଟା ନ ଥିଲେ କଲେଜ ନାମରେ ଜମି କରିବାକୁ ଆବେଦନ ଜରୁରୀ
- ଆରଟିଆଇ ତଥ୍ୟ ଦିଅ, ଜନସୂଚନା ଅଧିକାରୀ ନିଯୁକ୍ତି ଦିଅ

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଆଣ୍ଟି ରାଗିଂ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାର ବିଭିନ୍ନ କଲେଜ ଅଧ୍ୟକ୍ଷଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ଏହି ସଭା ହୋଇଥିଲା । ଏଥିରେ ଜିଲାପାଳ ପୋମା ଟୁଡୁ ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଜିଲାପାଳ ବିଧାନଚନ୍ଦ୍ର ରାୟ ଓ ଉପଜିଲାପାଳ ଲଗ୍ନଜିତ୍ ରାଉତ୍ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଜିଲାପାଳ ଅଧ୍ୟକ୍ଷମାନଙ୍କୁ କହିଥିଲେ, ପ୍ରତି କଲେଜରେ ସେକ୍ସୁଆଲ ହାରାସମେଣ୍ଟ କମିଟି ଓ ଆଣ୍ଟିଂ ରାଗିଂ କମିଟି ଯୁଦ୍ଧକାଳୀନ ଭିତ୍ତିରେ ଗଠନ କର । ଯେଉଁ କଲେଜରେ ଏହି ଦୁଇ କମିଟି ଅଛି ତାକୁ ଠିକ୍‌ରେ ପରିଚାଳନା କର । ସଭାର ଟିକିନିଖି ତଥ୍ୟ ଓ ସଭା କରିବା ସମୟର ରେକର୍ଡ ରଖ। ସୂଚନା ଅଧିକାରରେ ତଥ୍ୟ ମାଗିଲେ ଅଣଦେଖା କର ନାହିଁ । ପ୍ରତି କଲେଜରେ ଜନସୂଚନା ଅଧିକାରୀ(ପିଆଇଓ) ନିଯୁକ୍ତି କର। ଯେଉଁ କଲେଜର ଜମି ପଟ୍ଟା ନାହିଁ ତାହାକୁ କଲେଜ ନାମରେ କରିବାକୁ ତହସିଲଦାରଙ୍କୁ ଆବେଦଦନ କରନ୍ତୁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ନିଜ ନାମରେ ଜମି ହେବା ପରେ ଯୁକ୍ତ ୨ କଲେଜ ସେହି ଜମିକୁ ଗଣଶିକ୍ଷା ବିଭାଗ ନାମରେ ପଞ୍ଜିକୃତ କରିବାକୁ ପରାମର୍ଶ ଦେଇଛନ୍ତି । ଅତିରିକ୍ତ ଜିଲାପାଳ କହିଥିଲେ ପ୍ରାଇମେରୀ ଓ ହାଇସ୍କୁଲ ପରେ କଲେଜ ନାମରେ ଜମି ରେକର୍ଡ ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି । ଯୁକ୍ତ ୨ କଲେଜ ତୁରନ୍ତ ପଟ୍ଟା ପାଇବାକୁ ତହସିଲରେ ଆବେଦନ କରନ୍ତୁ । ଯୁକ୍ତ ୩ କଲେଜ ପକ୍ଷରୁ ନିଜ ନାମରେ ପଟ୍ଟା ପାଇବାକୁ ମଧ୍ୟ ଆବେଦନ କରନ୍ତୁ ବୋଲି କହିଥିଲେ। ଉପଜିଲାପାଳ ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ । ବୈଠକରେ ଓଡ଼ଗାଁ କଲେଜ ଅଧ୍ୟକ୍ଷ କହିଥିଲେ ୪୫ ବର୍ଷର କଲେଜ ହୋଇଥିଲେ ହେଁ ପଟ୍ଟା ନାହିଁ । ତହସିଲଦାରଙ୍କୁ ପଚାରିଲେ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲାପାଳଙ୍କ ପାଖରେ ଫାଇଲ ଅଟକିଛି ବୋଲି କହୁଛନ୍ତି। ରଣପୁର ବ୍ଲକର ଡିମିରିଆ କଲେଜ ଅଧ୍ୟକ୍ଷ କହିଥିଲେ କଲେଜ ସରକାରୀ ମଞ୍ଜୁରୀ ପାଇ ନ ଥିବାରୁ କଲେଜ ନାମରେ ଜମି ହୋଇ ପାରୁ ନାହିଁ।

ସୂଚନା ଅନୁଯାୟୀ, ଜିଲାରେ ରହିଛି ୫୧କଲେଜ । ସେଥିରୁ କେତେକ କଲେଜ କେବଳ ଯୁକ୍ତ ୩ ରହିଛି । ଆଉ କେତେକ କଲେଜରେ ଯୁକ୍ତ ୨ ସହ ଯୁକ୍ତ ୩ ମିଶି କରି ରହିଛି ।ଯେଉଁ ଠାରେ ଯୁକ୍ତ ୨ ଓ ଯୁକ୍ତ ୩ କଲେଜ ଏକାଠି ଅଛି ସେଠାରେ ଜମି ଅଲଗା ଅଲଗା ରେକର୍ଡ କରିବାରେ ଅସୁବିଧା ହେଉଛି। ସେହିପରି କେତେକ କଲେଜର ଜମି ଗୋଚର, ଦେବୋତ୍ତର, ଜଙ୍ଗଲ ଜମିରେ ରହିଛି । ପୁଣି କେତେଜଣ ବ୍ୟକ୍ତି ଓ ସରକାରଙ୍କ ନାମରେ କଲେଜ ଜମି ରହିଛି । ଏଭଳି କାରଣରୁ ଜମି କଲେଜ ନାମରେ ରେକର୍ଡ କରାଯାଇ ପାରୁନାହିଁ। ଜିଲାର ବିଭିନ୍ନ କଲେଜର ଜମି କଲେଜ ନାମରେ ନ ଥିବାରୁ କେନ୍ଦ୍ରୀୟ ଅନୁଦାନ ପାଇବାରେ ଅସୁବିଧା ହେଉଛି । ଅଧିକାଂଶ କଲେଜକୁ ଅନୁଦାନ ଆସି ଫେରି ଯାଉଛି । ଏଣୁ କେନ୍ଦ୍ରୀୟ ଅନୁଦାନକୁ ହାତେଇବା ପାଇଁ ସରକାର କଲେଜ ନାମରେ ରେକର୍ଡ କରିବାକୁ ୧୯୮୯ରୁ ପ୍ରଚେଷ୍ଟା କରି ଆସୁଛନ୍ତି। ହେଲେ ଏଥିରେ ଥିବା ଅସୁବିଧା ଦୂର ହୋଇ ପାରୁ ନ ଥିବାରୁ କଲେଜ ନାମରେ ଜମି ହୋଇ ପାରୁ ନାହିଁ ।

### ୫୩ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ

**ବ୍ରହ୍ମପୁର ଅଫିସ,୬।୭**

ଗଞ୍ଜେଇ ଚୋରାଚାଲାଣକାରୀ ଏବେ ବ୍ରହ୍ମପୁରକୁ ହବ୍ ବନେଇଛନ୍ତି। ଗଜପତି ଓ କନ୍ଧମାଳରୁ ଗଞ୍ଜେଇ ଆଣି ବ୍ରହ୍ମପୁର ଦେଇ ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ଏହି ରାକେଟକୁ ଟ୍ରାକ କରୁଥିବା ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ପୁଣିଥରେ ଦୁଇ ଜଣ ଚାଲାଣକାରୀଙ୍କୁ ଗିରଫ କରିଛି। ଟାଉନ ଥାନା ଅନ୍ତର୍ଗତ ସିଟି ହସ୍ପିଟାଲ ଛକରେ ବୁଧବାର ଚଢ଼ାଉ କରି ୫୩ କେଜି ଗଞ୍ଜାଇ ଜବତ କରିଛି। ଗଜପତି ଜିଲାରୁ ବ୍ରହ୍ମପୁର ଦେଇ କଟକକୁ ଏହା ଚାଲାଣ ହେଉଥିବା ନେଇ ଅବକାରୀ ଗୋଇନ୍ଦା ବିଭାଗକୁ ଖବର ମିଳିଥିଲା। ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ୍ ସିଟି ହସ୍ପିଟାଲ ଛକରେ ଛକି ରହିଥିଲା। ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିବା ଯୁବକ ଦ୍ୱୟଙ୍କୁ ପଚରାଉଚରା କରିବା ସହ ସେମାନଙ୍କ ବ୍ୟାଗ ଯାଞ୍ଚ କରାଯାଇଥିଲା। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ରାଇସିଂ ଗ୍ରାମର ଆଶିଷ କୁମାର ନାୟକ ଧରିଥିବା ବ୍ୟାଗରୁ ୨୮କେଜି ଗଞ୍ଜେଇ ଓ ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟର ଜମିର ପାଇକଙ୍କ ବ୍ୟାଗରୁ ୨୫ କେଜି ଗଞ୍ଜେଇ ଅବକାରୀ ପୋଲିସ ଜବତ କରିଥିଲା। ବିଭାଗ ପକ୍ଷରୁ ଏନେଇ ପୃଥକ ଭାବେ ନଂ.୩୫୧/୨୨-୨୩ ଓ ୩୫୨/୨୨-୨୩ ରେ ଦୁଇଟି ମାମଲା ରୁଜୁ ହୋଇଛି। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ଟଙ୍କା ହେବ ବୋଲି ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଡେପୁଟି କମିଶନର ଅଶୋକ କୁମାର ଶତପଥୀ ସୂଚନା ଦେଇଛନ୍ତି।

## ରଣପୁରରେ ୩ ରଥ ଦକ୍ଷିଣ ମୋଡ଼ ହେଲା



ଛାତ୍ରୀଛାତ୍ରମାନେ ରଥକୁ ଦକ୍ଷିଣ ମୋଡ଼ କରୁଛନ୍ତି ।

**ରଣପୁର,୬।୭ (ସ୍ୱ.ପ୍ର.)**

ହେରା ପଞ୍ଚମୀ ତିଥିରେ ମା' ଲକ୍ଷ୍ମୀ ଏକ ସୁସଜ୍ଜିତ ଦୋଳ ବିମାନରେ ବଡଦାଣ୍ଡ ଦେଇ ଘଣ୍ଟଘଣ୍ଟା ପଟୁଆର ସହିତ ଶୋଭାଯାତ୍ରାରେ ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ନନ୍ଦିଘୋଷ ରଥ ନିକଟରେ ପହଞ୍ଚି ଥିଲେ । ସେଠାରେ ମନ୍ଦିରର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସମାପନ ପରେ ମା' ଲକ୍ଷ୍ମୀ ରାଗରେ ନନ୍ଦିଘୋଷ ରଥକୁ ଭାଙ୍ଗି ଶ୍ରୀ ମନ୍ଦିରକୁ ବାହୁଡି ଆସିଥିଲେ । ମହାଲକ୍ଷ୍ମୀଙ୍କର ରାଗ ଦେଖି ମହାପ୍ରଭୁ ତିନି ରଥକୁ ଦକ୍ଷିଣ ମୋଡ କରିବାକୁ ଆଜ୍ଞା ପ୍ରଦାନ କରିଥିଲେ । ସେହି ଅନୁଯାୟୀ ବୁଧବାର ରଣପୁର ବି.ସି ହାଇସ୍କୁଲ ଛାତ୍ରୀଛାତ୍ରମାନେ ତିନି ରଥକୁ ଦକ୍ଷିଣ ମୋଡ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବାହୁଡ଼ା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି ।

## ବଡ଼ବାପାଙ୍କୁ ୨୦ ବର୍ଷ, ବଡ଼ ମା'ଙ୍କୁ ୩ ବର୍ଷ ଜେଲ

**ନାବାଳିକା ଝିଆରୀଙ୍କୁ ବଳାତ୍କାର ମାମଲା**

**ନୟାଗଡ଼ ଅଫିସ,୬।୭**

ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ୨୦୧୯ରେ ଘଟିଥିବା ନାବାଳିକା ଝିଆରୀ(୧୫)ଙ୍କୁ ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି । ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟର ବିଚାରପତି ବିରଞ୍ଚି କୁମାର ରଥ ଏହି ମାମଲାର ବିଚାର କରି ଅଭିଯୁକ୍ତ ସମ୍ପର୍କୀୟ ବଡ଼ବାପା ଭିକାରୀ ଜେନା(୪୩)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୪୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଇପିସି ଦଫା ୩୭୬ (୨)(ଏନ) ଦଫାରେ ୨୦ ବର୍ଷ ସଶ୍ରମ ଜେଲ ଦଣ୍ଡ ଓ ୨୦ହଜାର ଟଙ୍କା ଜରିମାନା ଏବଂ ୩୭୬(୨)(ଏଫ)ରେ ୨୦ ବର୍ଷ ସଶ୍ରମ ଜେଲ ଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ହୋଇଛି । ଦୁଇଟି ଯାକ ଦଫାରେ ଅଲଗା ଅଲଗା ଦଣ୍ଡାଦେଶ ଘୋଷଣା ହୋଇଥିଲେ ସୁଦ୍ଧା ଏକକାଳୀନ ଦଣ୍ଡ ଲାଗୁ କରିବାକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି । ବଳାତ୍କାରରେ ସହଯୋଗ କରିଥିବା ବଡମା' ପ୍ରମିଳା ଜେନା(୪୦)ଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

ସରକାରୀ ଓକିଲ ଅମୀୟ ପଟ୍ଟନାୟକଙ୍କ ସୂଚନା ଅନୁଯାୟୀ, ୨୦୧୯ ଏପ୍ରିଲରୁ ମେ ମାସ ମଧ୍ୟରେ ଇଟାମାଟି ଥାନା ଅଞ୍ଚଳର ଏକ ଗାଁରେ ଜଣେ ନାବାଳିକା ଝିଆରୀଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଓ ଭୟ ଦେଖାଇ ବଡ଼ ମା' ନେଇ ବଡ଼ ବାପାଙ୍କ ଦ୍ୱାରା ବଳାତ୍କାର କରାଇଥିଲେ। କିଛି ଦିନ ବ୍ୟବଧାନ ରଖି ବଡବାପା ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ଥର ବଳାତ୍କାର କରିଥିଲେ । ପୀଡ଼ିତାଙ୍କ ବାପାଙ୍କ ପରଲୋକ ହୋଇଥିବା ବେଳେ ତାଙ୍କ ମାଆ ଏକ ସ୍କୁଲରେ ରୋଷେଇ କରନ୍ତି। ନାବାଳିକାଙ୍କ ଋତୁସ୍ରାବ ନ ହେବାରୁ ଏ ସଂକ୍ରାନ୍ତରେ ସେ ନିଜ ମାଆଙ୍କୁ କହିଥିଲେ। ଏହା ପରେ ସମ୍ପୂର୍ଣ୍ଣ ଘଟଣା ଜଣାପଡିଥିଲା। ଏହି ଘଟଣାକୁ ରଫାଦଫା କରିବାକୁ ଭଦ୍ରଲୋକଙ୍କ ମାଧ୍ୟମରେ ଅଭିଯୁକ୍ତ ଚେଷ୍ଟା କରି ସୁଫଳ ପାଇ ନ ଥିଲେ । ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୫୨/୧୯) ରୁଜୁ କରି ତଦନ୍ତ କରିଥିଲା । ବଡ଼ବାପା ୩ ବର୍ଷ ହେଲା ଜେଲରେ ଥିବାବେଳେ ବଡ଼ମା' ଜାମିନ ପାଇଥିଲେ।

### ଖଣ୍ଡପଡ଼ାରେ ପୁସ୍ତକ ଉନ୍ମୋଚନ



**ଖଣ୍ଡପଡ଼ା,୬।୭ (ସ୍ୱ.ପ୍ର.)**

ଅବସରପ୍ରାପ୍ତ ଶିକ୍ଷକ ଗୋପୀନାଥ ପ୍ରଧାନଙ୍କ ଦ୍ୱାରା ଲିଖିତ ୩ଟି ପୁସ୍ତକର ଉନ୍ମୋଚନ ଉତ୍ସବ ବୁଧବାର ଖଣ୍ଡପଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକତାରୁ ଅବସର ଗ୍ରହଣ କରିବାପରେ ଓଡିଆ ଭାଷାର ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ସେ ଏପରି ଉପାଦେୟ ପୁସ୍ତକ ରଚନା କରିଛନ୍ତି। ଲେଖକ ପ୍ରଧାନଙ୍କ ଘର ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ କେଶରସିଂ ଗ୍ରାମରେ । ତାଙ୍କ ଦ୍ୱାରା ପ୍ରକାଶିତ ପୁସ୍ତକଗୁଡିକୁ ସେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୁଲି ବୁଲି ପ୍ରଦାନ କରିଥାନ୍ତି। ତାଙ୍କ ପୁସ୍ତକ ପାଠିକା, ପାଠକଙ୍କ ଦ୍ୱାରା ବେଶ ଆଦୃତ ଲାଭ କରିଛି ।

## ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ: ଜିଲାପାଳ

**ଆଣ୍ଟି ରାଗିଂ ସଚେତନତା ବୈଠକ**

**ନୟାଗଡ ଅଫିସ,୬।୭**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସଭାକକ୍ଷରେ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଆଣ୍ଟି ରାଗିଂ ସଚେତନତା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲାପାଳ ଟୁଡୁ ବିଭିନ୍ନ ସ୍ଥାନରେ ଚାଲିଥିବା ରାଗିଂ ସମସ୍ୟା ଉପରେ ଗଭୀର ଦୁଃଖ ପ୍ରକାଶ କରି ଆମ ଜିଲାରେ କୌଣସି ସ୍ଥାନରେ ଏପରି ରାଗିଂ ନ ହେବା ପାଇଁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ । ଯଦି ଏପରି କିଛି ରାଗିଂର ସୁରାକ୍ ମିଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଆଣ୍ଟି ରାଗିଂ କମିଟିକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ, ଅଣ ରାଗିଂ କମିଟିର କର୍ମକର୍ତ୍ତାଙ୍କ ସମେତ ଅଭିଯୋଗ ପ୍ରକୋଷ୍ଠର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକଙ୍କ ସମସ୍ୟା ଜଣାଇଲେ ନାଗରିକ ଫୋରମ କର୍ମକର୍ତ୍ତା

**ଖଣ୍ଡପଡ଼ା, ୫।୭ (ସ୍ୱ.ପ୍ର.)**

ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ର ଶେଖର ବରିଷ୍ଠ ନାଗରିକ ଫୋରମ କର୍ମକର୍ତ୍ତା ବୁଧବାର ଖଣ୍ଡପଡ଼ା ଥାନାର ନୂତନ ଆଇଆଇସି ରମେଶ ଚନ୍ଦ୍ର ଦେବତାଙ୍କୁ ଭେଟି ବରିଷ୍ଠ ନାଗରିକମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି । ଏହାଛଡା ନୂତନ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ପରିଚୟପତ୍ର ପ୍ରଦାନ ପାଇଁ ଆଇଆଇସିଙ୍କ ମାଧ୍ୟମରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅନୁରୋଧ କରାଯାଇଥିଲା । ପଞ୍ଚାୟତରେ ଆମ ପୋଲିସ କାର୍ଯ୍ୟକ୍ରମ ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ସଚେତନତା ସୃଷ୍ଟି କରିବା ପାଇଁ ପୋଲିସ ଅଧିକାରୀଙ୍କ ଅନୁଷ୍ଠାନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଏହି ଆଲୋଚନାରେ ଅନୁଷ୍ଠାନର ସଭାପତି ଅଖିଳ କୁମାର ମହାରଣା, ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସିଂହ,ଉପସଭାପତି ଦୁର୍ଗା ମାଧବ ଦାଶ, ସମ୍ପାଦକ ଭାଗିରଥି ନାୟକଙ୍କ ସମେତ ସଦସ୍ୟ ଭିକାରୀ ଖଣ୍ଡାୟତ ପ୍ରମୁଖ ଉପସ୍ଥିତ ଥିଲେ ।



ବରିଷ୍ଠ ନାଗରିକ ଫୋରମର କର୍ମକର୍ତ୍ତାମାନେ ଖଣ୍ଡପଡ଼ା ଆଇଆଇସିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ବିଦ୍ୟୁତ୍ ଠିକା କର୍ମଚାରୀ ସଂଘ ପକ୍ଷରୁ ଧାରଣା

**ଖଣ୍ଡପଡ଼ା, ୬।୭ (ସ୍ୱ.ପ୍ର.)**

ଟାଟା ସ୍ୱସ୍ତିକ ଇଞ୍ଜିନିୟରିଂ ଇଲେକଟ୍ରିକାଲ ଡ଼ିଭିଜନ ନୟାଗଡ଼ ଅଧୀନରେ କାର୍ଯ୍ୟରତ ଠିକା ବିଦ୍ୟୁତ କର୍ମଚାରୀମାନେ ୬ଦଫା ଦାବି ନେଇ ଗତ ୩ ଦିନ ହେବ ଧାରଣା ଦେଇଛନ୍ତି। ମା'ଦକ୍ଷିଣ କାଳୀ ବିଦ୍ୟୁତ୍ ଠିକା କର୍ମଚାରୀ ସଂଘର ଦାବି ମୁତାବକ କର୍ମଚାରୀମାନେ ବର୍ଷ ବର୍ଷ ଧରି ସ୍ୱଳ୍ପ ବେତନ ପାଉଥିଲେ ମଧ୍ୟ ଆବଶ୍ୟକତାଠାରୁ ଅଧିକ ଶ୍ରମଦାନ କରୁଛନ୍ତ । ୨୦୨୦ ଜୁଲାଇ୧ରୁ ୨୦୨୨ ଜୁନ ୧୬ ପର୍ଯ୍ୟନ୍ତ ଦୀର୍ଘ ୨ବର୍ଷ ହେବ କମ୍ପାନୀ ପକ୍ଷରୁ କୌଣସି ସୁବିଧା ସୁଯୋଗ ମିଳୁ ନ ଥିବା ବେଳେ ଓଭର ଡିଉଟି କରୁଥିଲେ ମଧ୍ୟ କୌଣସି ପ୍ରୋତ୍ସାହନ ରାଶି ମିଳୁନାହିଁ। ଏପରି କି ମେଣ୍ଟାନାନ୍ସ କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀଙ୍କୁ ରାଜସ୍ୱ ଆଦାୟ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଫ୍ୟୁଉଜ୍ କଲ ସେଣ୍ଟର ପାଇଁ ନିଆଯାଇଥିବା ଘରଭଡ଼ା ରାଶି ପ୍ରଦାନ କରାଯାଉ ନ ଥିବା ବେଳେ ପାଟ୍ରୋଲିଂ ପାଇଁ ତେଲ ଖର୍ଚ୍ଚ ଦିଆଯାଉନାହିଁ । କର୍ମଚାରୀମାନଙ୍କୁ ଇଏସ୍ଆଇ ବାବଦ ଅର୍ଥ ମଧ୍ୟ ପ୍ରଦାନ କରାଯାଉ ନାହିଁ। ମେଣ୍ଟେନାନ୍ସ ପାଇଁ ଷ୍ଟାଫ୍ ନିଯୁକ୍ତି ହୋଇଥିବା ବେଳେ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବିଭିନ୍ନ ସମୟରେ କାର୍ଯ୍ୟ ସମ୍ପାଦନ ପାଇଁ ଏଜେନ୍ସି ପକ୍ଷରୁ କର୍ମଚାରୀମାନଙ୍କୁ ବାଧ୍ୟ କରାଯାଉଛି । ଏପରି ୬ ଦଫା ବିଭିନ୍ନ ଦାବି ନେଇ ଗତ ସୋମବାରଠାରୁ ଖଣ୍ଡପଡ଼ା ବିଦ୍ୟୁତ ଉପଖଣ୍ଡ ଅଧୀନ କାର୍ଯ୍ୟରତ କଣ୍ଟିଲୋ ସେକ୍ସନର ୧୭, ଖଣ୍ଡପଡ଼ାର ୧୫ ଓ ଭାପୁର ସେକ୍ସନ ଅଧୀନରେ କାର୍ଯ୍ୟରତ ୧୪ ଜଣ ଏପରି ୪୬ ଜଣ ବିଦ୍ୟୁତ କର୍ମଚାରୀ ବିଦ୍ୟୁତ ସେକ୍ସନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

ସୂଚନାଯୋଗ୍ୟ, ମାଆ ଦକ୍ଷିଣ କାଳୀ ବିଦ୍ୟୁତ ଠିକା କର୍ମଚାରୀ ସଂଘ ପକ୍ଷରୁ ଉକ୍ତ ଦାବିଗୁଡିକ ଗତ ଜୁନ ୧୬ ତାରିଖରୁ ଜୁନ ୨୪ ତାରିଖ ସୁଦ୍ଧା ପୂରଣ କରା ନ ଗଲେ ସଂପୃକ୍ତ କର୍ମଚାରୀ ମାନେ ଜୁନ୍ ୨୫ରୁ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ପୋଲିସକୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଏହି ଆନ୍ଦୋଳନକୁ ଗତ ୪ ତାରିଖଠାରୁ ଆରମ୍ଭ କରାଯାଇଥିବା ସଂଘର ସମ୍ପାଦକ ସଞ୍ଜୟ କୁମାର ପଟ୍ଟନାୟକଙ୍କଠାରୁ ସୂଚନା ମିଳିଛି ।



ଆନ୍ଦୋଳନରେ ସାମିଲ ହୋଇଥିବା ଠିକା ବିଦ୍ୟୁତ୍ କର୍ମଚାରୀ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୭ ଜୁଲାଇ,୨୦୨୨



## ଏନି ଶଙ୍କର ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ପାରଳାଖେମୁଣ୍ଡି,୬।୭(ଡି.ଏନ୍.ଏ.)- ପାରଳାଖେମୁଣ୍ଡି ଠାରେ ଥିବା ସମବାୟ ସହରାଞ୍ଚଳ ବ୍ୟାଙ୍କ ଲିଃ. ସଭାପତି ପଦବୀ ନିମନ୍ତେ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମବାୟ ସହରାଞ୍ଚଳ ବ୍ୟାଙ୍କ ଲିଃ. ପାରଳାଖେମୁଣ୍ଡିର ଜୋନ ନଂ ୧୦ର ନିର୍ଦ୍ଦେଶକ ଏନି ଶଙ୍କର ରାଓ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବାର ନିର୍ବାଚନ ଅଧିକାରୀ ନାରାୟଣ ସେଠୀ ସୂଚନା ପ୍ରଦାନ କରିଛନ୍ତି। ସମବାୟ ସହରାଞ୍ଚଳ ବ୍ୟାଙ୍କ ଲିଃ ପାରଳାଖେମୁଣ୍ଡିର ସଭାପତି ପଦବି ନିମନ୍ତେ ମଙ୍ଗଳବାର ୧୧ ଘଣ୍ଟାଠାରୁ ମଧାହ୍ନ ୧୨ଟାପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ କରିବା ସମୟ ଧାର୍ଯ୍ୟ ହୋଇଥିଲା । ସଭାପତି ପଦବୀ ସକାଶେ ରାଓ ଏକ ମାତ୍ର ପ୍ରାର୍ଥୀ ଭାବେ ନିଜର ନାମାଙ୍କନ ପତ୍ର ବ୍ୟାଙ୍କ ପରିସରରେ ଥିବା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଫଳରେ ରାଓ ସମବାୟ ସହରାଞ୍ଚଳ ବ୍ୟାଙ୍କ ଲିଃ ପାରଳାଖେମୁଣ୍ଡିର ୧୮ତମ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସୂଚନାଯୋଗ୍ୟ, ରାଓଙ୍କୁ ମିଶାଇ ୭ଜଣ ସଭାପତି ନିର୍ବାଚିତ ହୋଇଥିବା ବେଳେ ୨ଜଣ ସରକାରଙ୍କ ଦ୍ୱାରା ମନୋନୀତ, ୯ଜଣ ପ୍ରଶାସନିକ ଅଧିକାରୀ ଓ ଏଆର୍‌ସିଏସ୍‌ମାନେ ବ୍ୟାଙ୍କର ସଭାପତି ଦାଇତ୍ୱରେ ରହିଥିଲେ। ସମବାୟ ସହରାଞ୍ଚଳ ବ୍ୟାଙ୍କ ପାରଳାଖେମୁଣ୍ଡି ନାମାଙ୍କନ ପତ୍ର ଦାଖଲ ବେଳେ ବ୍ୟାଙ୍କର ପୂର୍ବତନ ସଭାପତି ତଥା ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ନାୟକଙ୍କ ଅଧିକାଂଶ ନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ବିଜେଡି ନେତା ବସନ୍ତ ଦାସ ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ। ଏହି ସମସ୍ତ ନିର୍ବାଚନ ପ୍ରକ୍ରିୟାକୁ ଅଶୋକ କୁମାର ନାୟକ ପରିଚାଳନା କରିଥିବା ବେଳେ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ।

### ସମର୍ଥ ସମ୍ପାଦକ ଶାରୀରିକ ନିର୍ଯାତନା ଦେଉଥିବା ଅଭିଯୋଗ

# ଦୁଇ ମହିଳା କର୍ମଚାରୀଙ୍କ ବୟାନ ରେକର୍ଡ

ଛତ୍ରପୁର,୬।୭ (ଡି.ଏନ.ଏ.)

ଗଞ୍ଜାମ ଜିଲା ଛତ୍ରପୁର ସମର୍ଥ ଆବାସିକ ଦିବ୍ୟାଙ୍ଗ ସ୍ୱତନ୍ତ୍ର ବିଦ୍ୟାଳୟର ସମ୍ପାଦକ କେ.ଆନନ୍ଦ ରାଓ ଶାରୀରିକ ନିର୍ଯାତନା ଦେଉଥିବା ୨ଜଣ ମହିଳା କର୍ମଚାରୀ ଅଭିଯୋଗ ଆଣିଥିଲେ । ଏ ନେଇ ଛତ୍ରପୁର ଥାନାରେ ନଂ.୩୭୨/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ପୋଲିସ। ବୁଧବାର ଛତ୍ରପୁର ଜେଏମଏଫସି କୋର୍ଟରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨ ମହିଳା କର୍ମଚାରୀଙ୍କ ୧୬୪ ଧାରାରେ ବୟାନ ରେକର୍ଡ କରାଯାଇଛି । ତଦନ୍ତ ରିପୋର୍ଟକୁ ନେଇ ମକଦ୍ଦମା ପରିଚାଳନା କରାଯିବ ବୋଲି ପୋଲିସ କହିଛି । ଗୋଟିଏ ପଟେ ଏହି ଘଟଣାକୁ ନେଇ ପୋଲିସ ତଦନ୍ତ ଜାରି ରଖିଥିବା ବେଳେ ଅନ୍ୟପଟେ ଜିଲା ପ୍ରଶାସନ ମଧ ଘଟଣାକୁ ଗୁରୁତ୍ୱର ସହ ନେଇଛି। ଜିଲାପାଳ ଦିବ୍ୟାଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶକ୍ରମେ ଏକ ତଦନ୍ତ କମିଟି ଗଠନ ହୋଇଛି। ଏହି ଟିମରେ ଛତ୍ରପୁର ତହସିଲଦାର, ପ୍ରୋଟେକ୍ସନ ଅଫିସର ଓ ଛତ୍ରପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରହିଛନ୍ତି । ଏହି କମିଟି ସମର୍ଥ ଅନୁଷ୍ଠାନର ସମ୍ପାଦକ ନାମରେ ଆସିଥିବା ସମସ୍ତ ଅଭିଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ତୁରନ୍ତ ଏହାର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ରହିଛି । ଏଥିସହ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମ , ପିଲା ସଂଖ୍ୟା, ସେମାନଙ୍କୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିଭାଗ ପକ୍ଷରୁ କେବେଠାରୁ ଅନୁଦାନ ଆସୁଥିଲା, ଶିକ୍ଷକଙ୍କ ସଂଖ୍ୟା ଏବଂ ତାଙ୍କ ଦରମା ଏବଂ ପିଲାଙ୍କୁ କେଉଁ ପ୍ରକାର ଖାଦ୍ୟ ଦିଆଯାଉଥିଲା, କେତେ କର୍ମଚାରୀ କାର୍ଯ୍ୟ କରୁଥିଲେ, ପିଲାଙ୍କ ନାମରେ ଖୋଲା ଯାଇଥିବା ବ୍ୟାଙ୍କ ଜମାଖାତା ଆଦି ସମସ୍ତ ବିଷୟକୁ ନେଇ ଏହି କମିଟି ଖୋଳତାଡ କରିବ । ଅନ୍ୟପଟେ ବୁଧବାର ସମର୍ଥ ଅନୁଷ୍ଠାନରର ପୂର୍ବତନ କର୍ମଚାରୀମାନେ ଜିଲାପାଳଙ୍କୁ ଭେଟି ଅନୁଷ୍ଠାନ ମ୍ୟାନଜମେଣ୍ଟ କମିଟି ପରିବର୍ତ୍ତନ କରିବା ନିମନ୍ତେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସୂଚନାମୁତାବକ, ସମର୍ଥ ଆବାସିକ ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ ସହ ଶାରିରୀକ ସମ୍ପର୍କ ରଖିବାକୁ ବାଧ କରାଯିବା ସହ ପିଲାଙ୍କ ପାଇଁ ଆସୁଥିବା ଟଙ୍କା ଆତ୍ମସାତ୍ ହେଉଥିଲା । କମ ପିଲା ରଖି ତାଙ୍କ ନାମରେ ଆସୁଥିବା ଅନୁଦାନକୁ ହରିଲୁଟ କରୁଥିବା ଅଭିଯୋଗ ନେଇ ଗତ ସୋମବାର ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ କର୍ମଚାରୀମାନେ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟି ଅନୁଷ୍ଠାନର ସମ୍ପାଦକ କେ.ଆନନ୍ଦ ରାଓଙ୍କ ନାମରେ ଅଭିଯୋଗ କରିଥିଲେ ।

## ଗଞ୍ଜାମ ଜିଲା ଦୌରାଜଜ୍‌ଙ୍କ ଦିଗପହଣ୍ଡି କୋର୍ଟ ପରିଦର୍ଶନ


ନୂତନ କୋର୍ଟ ପାଇଁ ଚିହ୍ନଟ ଜମି ଦେଖୁଛନ୍ତି ଜିଲା ଜଜ ଏବଂ ରେଜିଷ୍ଟ୍ରାର।

ଦିଗପହଣ୍ଡି,୬।୭(ଡି.ଏନ.ଏ.)–ଗଞ୍ଜାମ ଜିଲା ଦୌରାଜଜ୍ ଆନନ୍ଦ ଚନ୍ଦ୍ର ବେହେରା ବୁଧବାର ଦିଗପହଣ୍ଡି କୋର୍ଟ ପରିଦର୍ଶନ କରିଛନ୍ତି। ପ୍ରଥମେ କୋର୍ଟ ପରିସରରେ ପହଞ୍ଚି ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀଙ୍କ ସହ ବିଭିନ୍ନ ମାମଲାର ତ୍ୱରିତ ଫୈସଲା ଓ କୋର୍ଟ କାର୍ଯ୍ୟ ପରିଚାଳନା ନେଇ ସବିଶେଷ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଖେମୁଣ୍ଡି ଓକିଲ ସଂଘ ସଦସ୍ୟମାନଙ୍କ ସହ ମଧ ଆଲୋଚନା କରି ବିଭିନ୍ନ ମାମଲାର ଆଶୁ ବିଚାରଣା ଦିଗରେ ଆଇନଜୀବୀ ଓ ସରକାରୀ ଓକିଲଙ୍କ ଭୂମିକା ଉପରେ ସକାରାତ୍ମକ ପରାମର୍ଶ ପ୍ରଦାନ କରିଥିଲେ। ଏହାପରେ ସେ ଦିଗପହଣ୍ଡି–ତପ୍ତପାଣି ମୁଖ୍ୟରାସ୍ତା କଡ଼ରେ ପ୍ରସ୍ତାବିତ କୋର୍ଟର ନୂତନ କୋଠା ନିମନ୍ତେ ଚିହ୍ନଟ ଜମି ପରିଦର୍ଶନ କରିବା ସହ ତାହାର ଚୌହଦୀ ଚିହ୍ନଟ ଓ ଅନ୍ୟ ଆନୁସଙ୍ଗିକ କାମ ଶୀଘ୍ର ଆରମ୍ଭ କରିବାକୁ ଉପସ୍ଥିତ ଥିବା କୋର୍ଟ ନାଜିରଙ୍କୁ ଆଦେଶ ଦେଇଥିଲେ। ଜିଲା ଜଜ୍‌ଙ୍କ ଏହି ପରିଦର୍ଶନ ସମୟରେ ବ୍ରହ୍ମପୁର ଜିଲା ଜଜ୍ କୋର୍ଟର ରେଜିଷ୍ଟ୍ରାର ଏସ୍.କେ.ମିଶ୍ର, ଖେମୁଣ୍ଡି ଓକିଲ ସଂଘ ସଭାପତି ଏ. ସୋମେଶ୍ୱର ରାଓ, ସମ୍ପାଦକ ପ୍ରହଲ୍ଲାଦ ପ୍ରଧାନ, ଉପସଭାପତି ସଞ୍ଜୟ କୁମାର ପଣ୍ଡା, ପ୍ରାକ୍ତନ ସମ୍ପାଦକ ହରପ୍ରସାଦ ରଥଙ୍କ ସମେତ ଆଇନଜୀବୀ ପ୍ରଭାକର ରାଉତ, ସନ୍ତୋଷ କୁମାର ସାହୁ ଓ ବିଚାର ବିଭାଗୀୟ କର୍ମଚାରୀ ଭିକାରୀ ବେହେରା, ସତ୍ୟ ନାରାୟଣ ପାଢୀ, ସଂଗ୍ରାମ କେଶରୀ ପଣ୍ଡା, କାଳିଆ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ର ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀଙ୍କ ଆସିକା ଗସ୍ତ

ଆସିକା,୬।୭(ଡି.ଏନ.ଏ.)


ଟାଉନ ହଲ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରେଳପଥ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଦର୍ଶନା ଜର୍‌ଦୋସ ବୁଧବାର ଆସିକା ଗସ୍ତରେ ଆସିଥିଲେ । ସ୍ଥାନୀୟ ଟାଉନହଲ ଠାରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଆୟୋଜିତ ଯୁବ ଓ ନୂତନ ମତଦାତା ବୈଠକରେ ସେ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ଉପସଭାପତି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ, ପୂର୍ବତନ ବିଧାୟକ ତଥା ଭାଜପା ନେତା ଦେବରାଜ ମହାନ୍ତି, ଘୁମୁସର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ପୂର୍ବତନ ଏନଏସି ଅଧ୍ୟକ୍ଷା ମଧୁସ୍ମିତା ପୋଲାଇ, ରାମରଞ୍ଜନ ବଳିୟାରସିଂ, ଅରୁଣ କୁମାର ପଣ୍ଡା, ମହେଶ ମହାନ୍ତି, ଜୟନ୍ତୀ ପଡିଆରୀ, ସୂର୍ଯ୍ୟନାରାୟଣ ଦାଶ, ନାରାୟଣ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ମୋଦୀ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିବା ସହ ଏହା ଯେପରି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ସେଥି ଲାଗି ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସେ ଆସିକା ଏନଏସିର ଲଛମନପଲ୍ଲୀ ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ୱଳା ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ପଚାରି ବୁଝିଥିଲେ । ପରେ ସ୍ଥାନୀୟ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟାଳୟରେ ସ୍ୱୟଂସେବକ ମାନଙ୍କ ସହ ଏକ ବୈଠକ କରିଥିଲେ ।

## ଶିକ୍ଷା ସଚେତନତା ରାଲି

ଶେରଗଡ,୬।୭(ଡି.ଏନ୍.ଏ.)– ଶେରଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ବୁଧବାରଶିକ୍ଷା ସଚେତନ ରାଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୫୦ ଜଣ ଶିକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇ ନୀଳ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଇଓ ଭାସ୍କର ଲେଙ୍କା, ଏବିଇଓ ସୌରିଶଙ୍କର ବେହେରା ଯୋଗ ଦେଇଥିଲେ। ଏହାପରେ ଉକ୍ତ ରାଲିରେ ବିଭିନ୍ନ ଶିକ୍ଷା ସମ୍ପର୍କରେ ସ୍ଲୋଗାନ ଦେଇ ଶିକ୍ଷକମାନେ ଶେରଗଡ ଚାରି ଛକରେ ପହଞ୍ଚିଥିଲେ। ସେଠାରେ ବିଇଓ ଏକ ଷ୍ଟଲକୁ ଶୁଭାରମ୍ଭ କରିଥିଲେ। ପ୍ରତ୍ୟେକ ଗ୍ରାମରେ ପାଠ ପଢା ଛାଡି ଦେଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବାକୁ ଏହି ସଚେତନତା କରାଯାଇଥିଲା।

# ବନ ମହୋତ୍ସବ

ଆସିକା,୬।୭(ଡି.ଏନ.ଏ.)– ଚାରିମଇଲିସ୍ଥିତ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବନ ମହୋତ୍ସବ ପାଳନ କରାଯାଇଛି। ଏଥିରେ ବନ ଉନ୍ନୟନ ନିଗମର ଖଣ୍ଡ ପରିଚାଳକ ଶଙ୍କର୍ଷଣ ବେହେରା ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଆସିକା ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ପୂର୍ବତନ ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁ, ମୟୂର ସୁରକ୍ଷା ସମିତିର ସଭାପତି ସମୀର ପ୍ରଧାନ, ବ୍ଲକ ବିଜେଡି ସଭାପତି ରାଜେଶ ପଟ୍ଟନାୟକ, ଜି. ଉଦୟଗିରି ବନରକ୍ଷୀ ତାଲିମ କେନ୍ଦ୍ରର ପ୍ରଶିକ୍ଷକ ନିଳମାଧବ ସାହୁ ପ୍ରମୁଖ ଯୋଗଦେଇଥିଲେ । ପରିବେଶର ସୁରକ୍ଷା ଲାଗି ସୁବଜ ବନାନି ସୃଷ୍ଟି ଏକାନ୍ତଜରୁରୀ ବୋଲି କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଥିଲା । ଜନସାଧାରଣଙ୍କ ଆର୍ଥିକ ପରିସ୍ଥିତିର ଉନ୍ନତି ଲାଗି ବିଭିନ୍ନ ଫଳ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଦୃଷ୍ଟିହୀନ, ବଧିର ବିଦ୍ୟାଳୟରେ ବନ ମହୋତ୍ସବ


ଅତିଥି ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଚାରାରୋପଣ କରାଯାଉଛି।

ଆର.ଉଦୟଗିରି,୬।୭(ଡି.ଏନ.ଏ.)– ମୋହନାସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦୃଷ୍ଟିହୀନ, ବଧିର ସ୍ୱତନ୍ତ୍ର ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମୋହନା ଜେଏମ୍‌ଏଫସି ବିରାଜ ପ୍ରସାଦ ପଣ୍ଡା, ରେଞ୍ଜର କଳ୍ପନା ନାୟକ, ଫରେଷ୍ଟର ଦେବାଶିଷ ଶତପଥୀ, ଫରେଷ୍ଟଗାର୍ଡ ସନ୍ତୋଷ ବିଶୋଇରତ୍ନ, ସରକାରୀ ଓକିଲ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ବୈଦ୍ୟନାଥ ସିଂ, ଓକିଲ ସଂଘ ଉପସଭାପତି ଜନଧନ ଲିମା, ସମ୍ପାଦକ ଦୁର୍ଯ୍ୟୋଧନ କରାଡ, ବରିଷ୍ଠ ଓକିଲ ସନ୍ତୋଷ ପାଢୀ, ବିଲାଶ ନାୟକ, ଅକ୍ଷୟ ଶତପଥୀ, ଲିପିକ ଏନଜିଓ ପରିଚାଳନା କମିଟିର ଉପସଭାପତି ଶରତ ମଲିକ, ସମ୍ପାଦକ ଦଣ୍ଡାସି ସାହୁ, ଅନୁଷ୍ଠାନର ଅଧ୍ୟକ୍ଷ ଅଖିଳ କୁମାର ସାହୁ, ପରିଚାଳନା କମିଟି ବୃନ୍ଦ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଚାରାରୋପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ମଧୁ ସୁଦନ ପାଢୀ ଯୋଗଦେଇଥିଲେ। ଏହି ଅବସରରେ ଜେଏମଏଫସି ପିଲାମାନଙ୍କୁ ବୃକ୍ଷର ଉପକାରିତା ସମ୍ବନ୍ଧରେ ବୁଝାଇଥିଲେ। ପରିଶେଷରେ ସେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ନିଜକୁ ହୀନମନ୍ୟତାରୁ ଦୁରେଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ସେ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ।

## ବଳାତ୍କାର ମାମଲା ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବାଲିଗୁଡା,୬।୭(ଡି.ଏନ.ଏ.)

କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ବ୍ରାହ୍ମଣୀ ଗାଁ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବ୍ରାହ୍ମଣୀ ଗାଁ ପୋଲିସ ନଂ.୨୨/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଦାରିଙ୍ଗବାଡ଼ି କୋର୍ଟକୁ ପଠାଇଥିଲା। ଏ ନେଇ ସମ୍ପୃକ୍ତ ମହିଳାଙ୍କ ସମେତ ୧୩ଜଣ ସାକ୍ଷୀ ଅଭିଯୁକ୍ତ ଜହନ ମୁଠା ମାଝୀଙ୍କ ବିରୋଧରେ କୋର୍ଟରେ ଜମାନ ବନ୍ଦୀ ଦେଇଥିଲେ। କିନ୍ତୁ ପ୍ରମାଣ ଅଭାବରୁ ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ବୁଧବାର ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ମାମଲାକୁ ବାଲିଗୁଡାର ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର କୁମାର ପାତ୍ର ପରିଚାଳନା କରୁଥିଲେ।

## ପୋଲିସ, ସର୍ବସାଧାରଣ ଜନସମାବେଶ

ଚିକିଟି,୬।୭(ଡି.ଏନ.ଏ.)–ବ୍ରହ୍ମପୁର ପୋଲିସ ଜିଲା କେ.ନୂଆଗାଁ ଥାନା ନୂଆପଡା ଫାଣ୍ଡି ପରିସରରେ ବୁଧବାର ନୂଆପଡା ଫାଣ୍ଡି ପକ୍ଷରୁ ପୋଲିସ ଓ ସର୍ବସାଧାରଣ ଜନସମାବେଶ ଅନୁଷ୍ଠିତ ହୋଇଥିଲା। ଉକ୍ତ ସମାବେଶରେ କେ.ନୂଆଗାଁ ଏସଆଇ ଶିଶିରକାନ୍ତ ଶାହାଣି ଓ ନୂଆପଡା ଫାଣ୍ଡି ଅଧିକାରୀ ରାମ ଶଙ୍କର ବେହେରା ଯୋଗଦେଇ ଉପସ୍ଥିତ ଥିବା ୯ଟି ପଞ୍ଚାୟତର ଜନପ୍ରତିନିଧି, ଭଦ୍ରବ୍ୟକ୍ତି, ମହିଳାମାନଙ୍କୁ ଗ୍ରାମାଞ୍ଚଳଗୁଡ଼ିକରେ ମଦବିକ୍ରିକୁ କିପରି ରୋକାଯାଇପାରିବ, ଚୋରି, ଲୁଟ୍ ଓ ଡକାୟତିକୁ କିପରି ରୋକାଯାଇପାରିବ, ଜନସାଧାରଣ ସମସ୍ତେ ସଠିକ୍ ନ୍ୟାୟ ପାଇପାରିବେ ସମେତ ଶିଶୁ ନିର୍ଯାତନା ଓ ନାରୀ ନିର୍ଯ୍ୟାତନା, ଛୋଟ ବଡ ଜାତିଆଣ ବାସନ୍ଦ ମାମଲା ଗ୍ରାମାଞ୍ଚଳରେ କପରି ଶାନ୍ତିଶୃଙ୍ଖଳା ରହିପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ଆୟୋଜିତ ଏହି ସମାବେଶରେ ଉକ୍ତ ଫାଣ୍ଡି ଅଧିନରେ ଥିବା ୯ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଗ୍ରାମମୁଖିଆ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ପଲ୍ଲି ବିଦ୍ୟାଳୟ ପରିସରରେ ଚାରାରୋପଣ

ସୋରଡ଼ା,୬।୭(ଡି.ଏନ୍.ଏ.)– ସୋରଡ଼ା ପଲ୍ଲି ବିଦ୍ୟାଳୟ ପରିସରରେ ବୁଧବାର ସାମୁହିକ ଚାରାରୋପଣ କରାଯାଇଛି । ଅଧକ୍ଷ ସୁଧୀର କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ସମେତ ଆର୍‌କେ ଉଚ୍ଚମାଧମିକ ବିଦ୍ୟାଳୟ ଅଧାପକ ରାମଚନ୍ଦ୍ର ବିଶୋଇ ଯୋଗଦେଇଥିଲେ। ଚାରାରୋପଣ ମାନବ ସମାଜ ପାଇଁ ଆବଶ୍ୟକତା ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଯାଇଥିଲା। ପିଲାଟିଏ ଗଛଟିଏ ସ୍ଲୋଗାନ ଦିଆଯାଇଥିଲା। ବିଭିନ୍ନ କିସମର ଚାରା ରୋପଣ କରଯାଇଥିଲା ।

# ମର୍ଦ୍ଦରାଜ ହାଇସ୍କୁଲ ପରିସରରେ ଚାରାରୋପଣ

ଖଲ୍ଲିକୋଟ,୬।୭ (ଡି.ଏନ.ଏ.)

ଖଲ୍ଲିକୋଟ ସହରସ୍ଥିତ ମର୍ଦ୍ଦରାଜ ହାଇସ୍କୁଲ ପରିସରରେ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଖଲିକୋଟ ଏନ୍‌ଏସି ଅଧକ୍ଷ ନିରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତହସିଲଦାର ତଥା ଖଲ୍ଲିକୋଟ ଏନ୍‌ଏସି ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ରାଜ କିଶୋର ପଟ୍ଟନାୟକ ଉପସ୍ଥିତ ରହି ଚାରାରୋପଣର ଉପକାରିତା ଏବଂ ଗଛ ଚାରାଗୁଡ଼ିକୁ କିପରି ବଞ୍ଚାଇ ରଖିପାରିବେ ଛାତ୍ରମାନଙ୍କୁ ବୁଝାଇଥିଲେ। ଏଠାରେ ପ୍ରତ୍ୟେକ ଛାତ୍ରଙ୍କୁ ନିଜ ବାଡ଼ିରେ ଚାରା ରୋପଣ କରିବାକୁ ଚାରା ପ୍ରଦାନ କରାଯାଇଥିଲା। ସେହିପରି ହାଇସ୍କୁଲ ପରିସରରେ ଅଁଳା, ନିମ୍ବ, ବାଦାମ ଆଦି ଚାରା ରୋପଣ ହୋଇଥିଲା। ସେହିପରି ମର୍ଦ୍ଦରାଜ ହାଇସ୍କୁଲ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ପ୍ରକୃତି ମିତ୍ର ପୁରସ୍କାର ଲାଭ କରିଥିବାରୁ ଏହି ବନ ମହୋତ୍ସବ ସପ୍ତାହ ଅବସରରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷୟିତ୍ରୀ ସୁଜାତା କୁମାରୀ ପଣ୍ଡା, କ୍ରୀଷ୍ଣାରାଣୀ ସାହୁ, ଟିକିନା ବେହେରା, ପିଇଟି ଶିକ୍ଷକ ଭଗବାନ ବେହେରା ଓ ସମସ୍ତ ଛାତ୍ର ଉପସ୍ଥିତ ଥିଲେ। ଖଲ୍ଲିକୋଟ ଏନଏସି କର୍ମଚାରୀ ଏହାକୁ ପରିଚାଳନା କରିଥିଲେ।



ଚାରା ରୋପଣ।


CLASSIFIED DISPLAY
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403341


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



ସ୍ୱ ବଟକୃଷ୍ଣ ପତି
ଶାନ୍ତି ନଗର, ଝାରପଡ଼ା
ଆବିର୍ଭାବ-୦୪।୦୩।୧୯୩୫
ତିରୋଧାନ- ୨୭।୦୬।୨୦୨୨
ସମସ୍ତଙ୍କ ପ୍ରିୟ ଜେଜେବାପା ଆମକୁ ବେସାହାରା କରି ଚାଲିଯିବେ ବୋଲି ବିଶ୍ୱାସ କରି ହେଉନି। ତୁମର ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯାଇଛି ସତ; କିନ୍ତୁ ତୁମର ସ୍ନେହ, ଶ୍ରଦ୍ଧା ଓ ଉପଦେଶ ପରିବାରକୁ ବାନ୍ଧି ରଖିବାର କ୍ଷମତା ସ୍ମୃତି ହୋଇ ରହିଗଲା। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଟୁଟୁ, ମଣ୍ଟୁ, ସ୍ୱ ବୁଟୁ, ଲିଟୁ, ସୁଷମା, କୁନି, ବୁଢ଼ିଆ, ଅଞ୍ଜଳି, ପପୁନ୍, କୁନ୍‌ମୁନ୍, ଡୁଡୁଲ୍, ଗୁଡି, ମାମା, ଗ୍ଲୋଡି, ଗୁଡୁଲୀ, ଛୋଟୁ, ଶ୍ରୀଷ୍ଟି, ସଞ୍ଜୁ, ସଂଗ୍ରାମ, ମିକି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୯୧୩

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ଅନ୍ନପୂର୍ଣ୍ଣା ମହାପାତ୍ର
ନବକଳେବର ରୋଡ୍, ନୂଆସାହି, ପୁରୀ
ଆବିର୍ଭାବ: ୧୪।୧୦।୧୯୪୦
ତିରୋଧାନ: ୨୯।୦୬।୨୦୨୨
ତୁମ ବିଦାୟୀ ଜନିତ ଦୁଃଖରେ ଆମେମାନେ ମର୍ମାହତ । ତୁମ ଶୂନ୍ୟତା ଅପୂରଣୀୟ। ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଭଲପାଇବାର ପ୍ରତିକ ରୂପେ ତୁମେ ସର୍ବଦା ଚିରସ୍ମରଣୀୟ ରହିବ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୯୨୧

**୩୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱ ନିନିରାଣୀ ଦାସ
ସ୍ୱାମୀ: ସ୍ୱ ଚିତ୍ତରଂଜନ ଦାସ
ପଟିଆଗଡ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୩.୧୯୩୮
ତିରୋଧାନ : ୧୮.୦୭.୧୯୯୧
ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।
-: ଶୋକ ସନ୍ତପ୍ତ :-
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ-୯୧୬

**ଦ୍ୱାଦଶାହ ଉପଲକ୍ଷେ**



ସ୍ୱ ବିଧୁ ଶେଖର ତ୍ରିପାଠୀ
Plot No.-230 Saheed Nagar, BBSR
ଆବିର୍ଭାବ: ୨୬।୦୮।୧୯୩୭
ତିରୋଧାନ: ୨୬।୦୬।୨୦୨୨
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ।
ଧ-୭୧୦୩୮